ବାହାର ଓ ଭିତର – ଏ ଦୁଇଟି ଅଲଗା ପୁଣି ଅଭିନ୍ନ। ଅଲଗା ଏଇଥିପାଇଁ ଯେ 'ବାହାର' ଆଖିକୁ ଦେଖାଯାଏ, 'ଭିତର'ଟି ନୁହେଁ। ଦେଖା ନ ଯାଉଛି ବୋଲି ତାହାକୁ ଆମେ ଅସ୍ୱୀକାର କରିବା ଠିକ୍ ନୁହେଁ। ମୋତେ ନିର୍ବାଚନରେ ଅଂଶଗ୍ରହଣ କରି ଜିତିବାକୁ ହେବ। ଏ ବାହାର କଥା– ଏହା ପ୍ରତ୍ୟକ୍ଷ। ସେଥିପାଇଁ ମୁଁ କେତେମନ୍ତେ ସକ୍ରିୟ, ସଜାଗ ଓ ସଶସ୍ତ୍ର। ସେହିପରି ମୋତେ ଏ ସଂସାରରେ 'ପରୀକ୍ଷିତ ଜୀବନ' ଧାରଣ କରିବାକୁ ହେବ। ତା' ନ ହେଲେ ମୋର ଏ ସଂସାର ସହ ଆତ୍ମୀୟତା ଆସିବ ନାହିଁ। କାରଣ ସଂସାରରେ ଥାଇ ମଧ୍ୟ ମୁଁ ସଂସାରର ହୋଇ ନ ଥିବି। ସଂସାରର ହେବାକୁ ମୁଁ ସଂସାରକୁ ଆସିଛି– ଏଇ ବିଶ୍ୱାସର ଚେର ମୋ ଭିତରେ ମାଡ଼ିଯିବ। ତାହା ଯେତେ



ଭିତରକୁ ଭେଦୁଥିବ ମୁଁ ସେତେ ସଂସାରର ପାରାୟଣ କରିବାକୁ ଉତ୍ସାହୀ ହୋଇଉଠୁଥିବି। ସେଥିପାଇଁ ମୋତେ ସଂସାର ପରାୟଣ ହେବାକୁ ପଡ଼ିବ। ଏଇ ଅବବୋଧକୁ ଗଣ୍ଠିଧନ କରି ମୁଁ ମୋ ଭିତର ସଂଗ୍ରାମ ଆରମ୍ଭ କରିବି। ଭିତର ସଂଗ୍ରାମ ଅର୍ଥ ମୋ ଭିତରେ ସଦା ପ୍ରସ୍ତୁତ ଏକ ସୀମାବଦ୍ଧ, ଅଶ୍ରଦ୍ଧାଳୁ ଏବଂ ଅବୈଷ୍ଣବ ଅପଶକ୍ତି ସହ ସତ୍ୟାଗ୍ରହ। ଏଠାରେ ସଂଗ୍ରାମ ସତ୍ୟାଗ୍ରହ କରାଯାଏନା, ତା' ସହ ପୁଣି ତା' ପାଇଁ ସଂଗ୍ରାମ କରାଯାଏ। ତା' ଭିତରେ ଉଦ୍ଦେଶ୍ୟ ଥାଏ ଅନ୍ୟାୟର, ଅସତ୍ୟର, ଦୁରାଗ୍ରହର ରୂପାନ୍ତର ଆଉ ଏ ରୂପାନ୍ତର ଅହଂର ଆକ୍ରୋଶରେ ନୁହେଁ ଆତ୍ମଶକ୍ତିରେ ସମ୍ଭବ। ଏହି ତତ୍ତ୍ୱ ଅଭ୍ରାନ୍ତ ଓ ବହୁବାର ପରୀକ୍ଷିତ। ଅଧ୍ୟାତ୍ମ ବିଜ୍ଞାନର ଏହା ପରମ ପ୍ରମାଣ।

ଯେଉଁ ବିକଳ ବାସନାଗୁଡ଼ା ବ୍ୟକ୍ତିକୁ ଭାରି ହନ୍ତସନ୍ତ କରନ୍ତି, ସେଇଗୁଡ଼ିକ ସହ ପ୍ରେମପୂର୍ଣ୍ଣ କଥାବାର୍ତ୍ତା କରି ସେଗୁଡ଼ିକୁ ଅକ୍ତିଆରକୁ ଆଣିବା। ଅଧିକାର କରିବାକୁ ଛଟପଟ ହେଉଥିବା ସେଇ ଅତୃପ୍ତ ବାସନା ଅଶନି ସହ ସ୍ନେହରେ କଥାବାର୍ତ୍ତା କରି, 'ଅଧିକାର' ଯେ ଅଳ୍ପ ଓ ଅଳୀକ, ତାହା ବୁଝାଇ ଦେବା କାହାକୁ ବା କିଛି 'ଅଧିକାର' କରିବାରେ ଅଧିକ ଅତୃପ୍ତି, ଅଧିକ ଅସନ୍ତୋଷ ଜନ୍ମ ନେଇଥାଏ – ଏ ତତ୍ତ୍ୱଟି ସହ ସେହି 'ଅଶାନ୍ତ' କୁ ପରିଚିତ କରାଇଦେବା। କେତେ କେତେ ପ୍ରକାରେ କେତେକେତେ ଲୋକ ରାଜ୍ୟ ଅଧିକାର କରିଛନ୍ତି, ସମ୍ପତ୍ତି ଅଧିକାର କରିଛନ୍ତି ହେଲେ ସେମାନେ ଅଧିକାରୀ ଅବା କ୍ଷମତାଶୀଳ ହୋଇ ଅଧିକ ଅତୃପ୍ତ ହୋଇ ଅଧିକ ବିଭ୍ରାନ୍ତ ଓ ବିଭ୍ରଷ୍ଟ ବି ହୋଇଛନ୍ତି। ସେମାନେ ନା ହୋଇପାରିଛନ୍ତି ସଂଘର, ନା ଧର୍ମର, ନା ହୋଇପାରିଛନ୍ତି ବୁଦ୍ଧର। ବୁଦ୍ଧ, ସଂଘ, ଧର୍ମ – ହେଉଛନ୍ତି ସୀମାହୀନତା ଆଉ ଶ୍ରଦ୍ଧାମୟତା। ଅଧିକାର ଲାଳସୀ ପ୍ରପଞ୍ଚ ସତ୍ତା ଅଧିକାର ଦ୍ୱାରା ଅନେକ ସଂଗ୍ରହ କରିପାରେ, ହେଲେ ତା' ଫଳରେ ସେ ସୀମାବଦ୍ଧ ହେବା ସଙ୍ଗେ ସଙ୍ଗେ ଶ୍ରଦ୍ଧାଶୂନ୍ୟ ହୋଇଥାଏ। ଅଧିକାର ଏକ ଅସ୍ୱାଭାବିକ ଓ ଅଶିଷ୍ଟ ପ୍ରାପ୍ତି। ଏପରି ପ୍ରାପ୍ତି ସଦା ଉତ୍ତେଜକ, ଉନ୍ମାଦକ ତେଣୁ ଭାରି ଉତ୍ପୀଡ଼କ ଓ ଉଚ୍ଛୃଙ୍ଖଳ। ବସ୍ତୁ 'ଅଧିକାର' କରି ବ୍ୟକ୍ତି ଆଗେଇ ପାରେନାହିଁ କି ସତରେ ଆଗକୁ ଦେଖେ ନାହିଁ କି ଆଗକୁ ମନ କରେ ନାହିଁ। ତା'ର ସକଳ ସଂକ୍ରାନ୍ତିର ଦ୍ୱାର ବନ୍ଦ ହୋଇଯାଏ। ଏହି 'ଅଧିକାର' ବାସନାକୁ ଆମେ ବିଭିନ୍ନ ରୂପରେ ଦେଖି ପାରିବା।

କିଛି ଅଧିକାର କରିବାକୁ ସଂସାର ବିରାଟ, ସୁନ୍ଦର ଏବଂ ଆନନ୍ଦମୟ ହୋଇନାହିଁ। ତା'ର ଏପରି ଆଧ୍ୟାତ୍ମିକ ଅଭିବ୍ୟକ୍ତି ମଧ୍ୟରେ ଯେଉଁ ସାତ୍ତ୍ୱିକ ସଂଦର୍ଭ ଫୁଟିଉଠେ ତାହା ହେଉଛି ଏକ ପୂର୍ଣ୍ଣପ୍ରାଣତା ଯାହା ସବୁ ସହ ଗୁନ୍ଥି ହୋଇଯିବାକୁ ଚାହେଁ। ପକ୍ଷାନ୍ତରେ ଆମେମାନେ ସଂସାରଯାକର ସବୁକୁ ଅଧିକାର କରିବାକୁ ଅନବରତ ଦୌଡ଼ୁଛୁ। ଏହି ଅବୁଝା ଅଧିକାରପ୍ରବଣତା ପାଖରେ ସଖାଟିଏ ପରି ବସି, ହସିହସି ଯୁକ୍ତିବାଢ଼ି ତା'ର ଆଣ୍ଠ ଭାଙ୍ଗିବା ହେଉଛି ଭିତର ସଂଗ୍ରାମର ଲକ୍ଷଣ। ତାହା ହିଁ ଜୀବନ ସଂଗ୍ରାମର ମୂଳ କଥା, ସାର କଥା ଓ ବଞ୍ଚିବାର ବର୍ଣ୍ଣବୋଧ। ଆମର ସର୍ବବିଧ ପ୍ରଗତି ତାରି ଉପରେ ନିର୍ଭର କରେ। ସଂସାରକୁ ଦିନ ଦିନ ଦେଖୁଥିଲେ ମଧ୍ୟ ତା'ର ଉଦାରତା, ନିର୍ବିକାରତା ଏବଂ ଅପରିଗ୍ରହତା ପ୍ରତି ଆମେ କାହିଁକି ଏତେ ଅମନଯୋଗୀ ? ସଂସାରକୁ ସତରେ ଆମେ ଦେଖୁଛୁ ତ ? ମନେ ହୁଏ, ଆମେ ସଂସାରରେ ଜୀବନ ସଂଗ୍ରାମ ନାଁରେ ନିଜ ପାଇଁ ଯେଉଁ ବନ୍ଧନ ସୃଷ୍ଟି କରୁଛୁ, ତାହା ଫଳରେ ସଂସାରକୁ ସତରେ ଦେଖି ପାରୁନାହୁଁ। ଆମର ଆଖି ସଂସାର ଯାକର ଦ୍ରବ୍ୟ ଉପରେ ନିବଦ୍ଧ ହୋଇ ବନ୍ଦୀ ହୋଇଯିବାରୁ ସଂସାରର ଆହ୍ୱାନ ଶୁଣିବାରେ ଏହା ଅସମର୍ଥ ହେଉଛି। ତା'ସତ୍ତ୍ୱେ ଅସାମର୍ଥ୍ୟ ବର୍ଜନ କରିବାର ସାମର୍ଥ୍ୟ ମଧ୍ୟ ଆମ ପାଖରେ ରହିଛି। ତାକୁ ଆଧ୍ୟାତ୍ମିକ ଭାଷାରେ 'ଆସ୍ପୃହା' ବୋଲି କୁହାଯାଇଛି। ଖୁବ୍ ପ୍ରସନ୍ନ ଭାବରେ, କୌଣସି ନୀଚ କି ନିମ୍ନକୁ ମନ ନ କରି ବିରାଟକୁ ବାଞ୍ଛିବା ଯେଉଁ ବିରାଟ ଏକାଧାରରେ ସୁନ୍ଦର ଓ ଆନନ୍ଦମୟ। ତାହା ହେଉଛି ଆସ୍ପୃହା। ହେଲେ ଭିତର ସଂଗ୍ରାମ ବ୍ୟତିରେକେ ଏହା କେବେ ସମ୍ଭବ ନୁହଁ। ଉପରଟା ତ ଖୁବ୍ ଅଳ୍ପରେ ସନ୍ତୁଷ୍ଟ ହୋଇଯାଏ। କିନ୍ତୁ ଭିତର, 'ଅଳ୍ପ'ର ସ୍ୱରୂପ ଜାଣିଥିବାରୁ ଏଥିରେ ଲାଖିଯାଏ ନାହିଁ। ଅଥଚ ତାହା ଅଗ୍ରଗାମୀ ହୋଇ 'ଅନନ୍ତର' ଆବାହନ କରେ। ତେଣୁ ଉପଦ୍ରବ କରେ ନାହିଁ କିମ୍ବା ଉପଦୃତ ହୁଏନାହିଁ।

ଅନେକ ପ୍ରକାରେ ବଞ୍ଚୁଥିବା ଆମ୍ଭେମାନେ ଭିତର ବଞ୍ଚିବା ଉପରେ ଭାରି ଜୋର୍ ଦେବା। ତେଣୁ ଭିତର ଆଡୁ ବଞ୍ଚିବା ଅବା ଭିତର ସହ ବଞ୍ଚିବା। ତା'ହେଲେ ସଂସାର ତତ୍ତ୍ୱ ସହ ଆମ ବଞ୍ଚିବା ଯୁକ୍ତ ହୋଇ ପାରିବ। ଫଳରେ ଆମ ଜୀବନ ଯାହା ଗଭୀର ଭାବରେ ଆବଶ୍ୟକ କରେ, ତାହା ଆମକୁ ଅବଶ୍ୟ ମିଳିବ। ଆମ ଜୀବନ ଗତିଶୀଳ ଏବଂ ଗରିମାମୟ ହୋଇଯିବ। ସଂସାରକୁ ଚାହିଁ ପୁଣି ନିଜ ଭିତରକୁ ଶୁଣି ଆମେ ଏଇ ବୈଜ୍ଞାନିକ ପରୀକ୍ଷଣ କରିବାକୁ ସମ୍ମତ ହେବା। ସେଇ ସ୍ଥିତିରେ ଆମେ ମଧ୍ୟ ସୁନ୍ଦର, ବିଶାଳ ଓ ଆନନ୍ଦମୟ ହୋଇପାରିବା। ଏହା ଆମର ନିର୍ଧାର୍ଯ୍ୟ ମାର୍ଗ ଓ ଲକ୍ଷ୍ୟ ହେଉ।

ଭଦ୍ରକ, ମୋ: ୮୦୧୮୦୮୭୮୩୧

# ବୁଝି ବିଚାରି ଖାଇବା



ବୃହସ୍ପତି ସାମଲ

ଭାରତୀୟ ପାରମ୍ପରିକ ଦୃଷ୍ଟିକୋଣରେ ଖାଦ୍ୟ କେବଳ ଶରୀର ପାଇଁ ଆବଶ୍ୟକ ଉର୍ଜା ନୁହେଁ, ବରଂ ଏହା ଏକ ପବିତ୍ର ଅନୁଭୂତି, ଏକ ଧାର୍ମିକ ଚିନ୍ତନ ଭାବରେ ଗ୍ରହଣ କରାଯାଇଥାଏ। ତୈତ୍ତିରୀୟ ଉପନିଷଦରେ ଉଲ୍ଲେଖ ଅଛି, 'ଅନ୍ନମ ବ୍ରହ୍ମ', ଅର୍ଥାତ ଖାଦ୍ୟ ହିଁ ବ୍ରହ୍ମ। ଏହି କଥା କେବଳ ଖାଦ୍ୟର ଆଧ୍ୟାତ୍ମିକତା ବ୍ୟକ୍ତ କରେନାହିଁ, ବରଂ ଏହାର ଶାରୀରିକ ଓ ମାନସିକ ପ୍ରାଧାନ୍ୟକୁ ବୁଝାଏ। କୁହାଯାଏ ଆହାରଶୁଦ୍ଧୌ ସତ୍ତ୍ୱଶୁଦ୍ଧିଃ, ସତ୍ତ୍ୱଶୁଦ୍ଧୌ ଧ୍ରୁବସ୍ମୃତିଃ। ଅର୍ଥାତ ଆହାରର ପବିତ୍ରତାରୁ ମନର ପବିତ୍ରତା ଆସେ ଏବଂ ମନର ପବିତ୍ରତାରୁ ନିରନ୍ତର ସ୍ମୃତି ଉଦ୍ଭବ ହୁଏ।

ପ୍ରାଚୀନ ଭାରତରେ ଖାଦ୍ୟ ସେବନର ଏକ ନିୟମିତ ଓ ଋତୁ ଅନୁଯାୟୀ ପ୍ରଣାଳୀ ଥିଲା। ଆୟୁର୍ବେଦ ଖାଦ୍ୟକୁ ତିନୋଟି ଶ୍ରେଣୀରେ ବିଭାଜିତ କରେ, ଯଥା ସାତ୍ତ୍ୱିକ (ପବିତ୍ର), ରାଜସିକ (ଉତ୍ତେଜନାକାରୀ) ଏବଂ ତାମସିକ (ବିକୃତ)। ଏଠାରେ ବିରୁଦ୍ଧ ଆହାର ବିଷୟରେ ମଧ୍ୟ ଉଲ୍ଲେଖ ଅଛି, ଯେପରିକି ଫଳ ଓ କ୍ଷୀର, ମାଂସ ଓ ଦହି ଏକାସାଥିରେ ଖାଇବା ମନା। ପ୍ରଭାତ ଭୋଜନ ସାଧାରଣତଃ ହାଲୁକା ଏବଂ ମିଷ୍ଟାନ୍ନ ଧରଣର, ଫଳ, କ୍ଷୀର ଓ ଅନ୍ନ ଆଧାରିତ ଥିଲା। ମଧ୍ୟାହ୍ନ ଭୋଜନ ସବୁଠାରୁ ଭାରି, ଯାହା ଅଗ୍ନି ତତ୍ତ୍ୱ (ପିତ୍ତ) ଶରୀରରେ ଅଧିକ ଥିବା ସମୟରେ ଗ୍ରହଣ କରାଯାଉଥିଲା। ସନ୍ଧ୍ୟା ଭୋଜନ ସବୁଠାରୁ ହାଲୁକା ଏବଂ ବିଶେଷତଃ ସୂର୍ଯ୍ୟାସ୍ତ ପୂର୍ବରୁ ସେବନ କରାଯାଉଥିଲା। ଏହି ନିୟମଗୁଡ଼ିକ କେବଳ ଆନୁଷ୍ଠାନିକ ନଥିଲା, ବରଂ ଆୟୁର୍ବେଦ ଓ ପୃଥିବୀର ଗତିବିଧିକୁ ଧ୍ୟାନରେ ରଖି ନିର୍ଦ୍ଧାରଣ କରାଯାଇଥିଲା। ଋତୁ ଅନୁସାରେ ଖାଦ୍ୟ ଯଥା– ଗ୍ରୀଷ୍ମରେ କଞ୍ଚା ଆମ୍ବ, ଶୀତରେ ତିଳ, ବସନ୍ତରେ ନିମ୍ବ ସବୁ ଶରୀରକୁ ରୋଗମୁକ୍ତ ଓ ସନ୍ତୁଳିତ ରଖିବା ପାଇଁ ଚୟନ କରାଯାଉଥିଲା। ସ୍ୱାମୀ ବିବେକାନନ୍ଦ କହିଥିଲେ, ଆପଣ ଯାହା ଖାଆନ୍ତି, ଆପଣ ସେହିଭଳି ହୋଇଯାନ୍ତି। ଆହାର ଆମର ମନ ଉପରେ ପ୍ରଭାବ ପକାଇଥାଏ। ଏହି କଥା ଅନେକ ସାଧୁସନ୍ଥଙ୍କ ଦ୍ୱାରା କୁହାଯାଇଥିଲେ ମଧ୍ୟ ବର୍ତ୍ତମାନ ବିଜ୍ଞାନ ଏହି ତଥ୍ୟକୁ ପ୍ରମାଣିତ କରିଛି। ଦୁଇଟି ନୋବେଲ ପୁରସ୍କାର ବିଜେତା ଲିନସ ପଲିଂ କହିଥିଲେ, ପ୍ରତ୍ୟେକ ରୋଗ, ପ୍ରତ୍ୟେକ ଅସୁସ୍ଥତା ଓ ଦୁର୍ବଳତାର ମୂଳ କାରଣ ହେଉଛି ଆହାରରେ ଖଣିଜ ତତ୍ତ୍ୱର ଅଭାବ। ଏହା ସ୍ୱଷ୍ଟ କରିଦିଏ ଯେ, ଆମ ଖାଦ୍ୟପାତ୍ରରେ ଥିବା ଖାଦ୍ୟପଦାର୍ଥ ବଞ୍ଚିବା ଏବଂ ସୁସ୍ଥ ରହିବାର ମୂଳ ଆଧାର। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟ ଅନୁଯାୟୀ ସମ୍ପ୍ରତି ଯେତେବେଳେ ପୃଥିବୀର ଅନ୍ୟୂନ ୧୬ କୋଟି ଲୋକ ଅସୁରକ୍ଷିତ ଖାଦ୍ୟ ଖାଇ ଦୈନିକ ରୋଗଗ୍ରସ୍ତ ହେଉଛନ୍ତି, ସେତେବେଳେ ସୁରକ୍ଷିତ ଖାଦ୍ୟ ଆହାର ଉପରେ ଧ୍ୟାନ କେନ୍ଦ୍ରିତ କରିବାର ଆବଶ୍ୟକତା ରହିଛି।

ଖାଦ୍ୟ ସୁରକ୍ଷା ପଛର ବିଜ୍ଞାନ ବହୁବିଧ। ଏହା କେବଳ ପରିଷ୍କାର ପରିଚ୍ଛନ୍ନ ଭାବେ ପନିପରିବା ସଫାସଫି ବା ସୁରକ୍ଷିତ ଭାବେ ରୋଷେଇ କରିବାକୁ ବୁଝେଇ ନଥାଏ, ବରଂ ସୂକ୍ଷ୍ମ–ଜୀବବିଜ୍ଞାନ ସମ୍ବନ୍ଧୀୟ ମାନକ, ରାସାୟନିକ ବିଶ୍ଳେଷଣ ଓ ଅବଶେଷ ତଥା ସ୍ୱାସ୍ଥ୍ୟକର ଅଭ୍ୟାସ ଏବଂ ପାଚନ ସମ୍ବନ୍ଧୀୟ ଆଇନ ପାଳନ ସହ ଜଡ଼ିତ। ଅସୁରକ୍ଷିତ ଖାଦ୍ୟରେ ବ୍ୟାକ୍ଟେରିଆ, ପାରାସାଇଟ, ଭାଇରସ ଏବଂ ବିଷାକ୍ତ ରସାୟନ ଥାଏ। ଏହି ଖାଦ୍ୟ ଖାଇବା ଦ୍ୱାରା ମଣିଷକୁ ଡାଇରିଆରୁ ଆରମ୍ଭ କରି କ୍ୟାନସର ପର୍ଯ୍ୟନ୍ତ ଅନେକ



ପ୍ରକାରର ରୋଗ ହୋଇଥାଏ। ଭାରତୀୟ ଚିକିତ୍ସା ଗବେଷଣା ପରିଷଦର ଏକ ଅଧ୍ୟୟନରୁ ଜଣାପଡ଼େ ଯେ ଭାରତରେ ବିକ୍ରି ହେଉଥିବା ପ୍ୟାକେଟ ଖାଦ୍ୟରେ ୬୦% ଅଧିକ ସୋଡ଼ିୟମ, ସୁଗାର ବା ଫ୍ୟାଟ ରହିଥାଏ। ଏହାର ଦୀର୍ଘକାଳୀନ କୁପରିଣାମ ହେଉଛି ରକ୍ତଚାପ, ହୃଦ୍ରୋଗ ଓ ଯକୃତ୍ ଅସୁସ୍ଥତା। ଏହା ସହିତ ରାସ୍ତାକଡର ଖାଦ୍ୟ (ଷ୍ଟ୍ରିଟ୍ ଫୁଡ୍), ପୋଡ଼ାତେଲ ଓ ବାସି ଭୋଜନ ଉପରେ ନିର୍ଭରଶୀଳ ଲୋକମାନେ ଅଧିକ ସଂଖ୍ୟାରେ ଗ୍ୟାସ ତଥା ପାକସ୍ଥଳୀ ଓ ଅନ୍ତନଳୀ ରୋଗର ଶିକାର ହେଉଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁସାରେ ପ୍ରତିବର୍ଷ ଭାରତରେ ଏକ ଲକ୍ଷରୁ ଅଧିକ ମୃତ୍ୟୁ ଖାଦ୍ୟ ସଂକ୍ରମଣ ହେତୁ ହୋଇଥାଏ। ପାଞ୍ଚ ବର୍ଷରୁ କମ୍ ବୟସର ଶିଶୁମାନଙ୍କ ଭିତରୁ ଅନେକେ ଖାଦ୍ୟ ଜନିତ ରୋଗରେ ପ୍ରାଣ ହରାଉଛନ୍ତି। ପ୍ରତିବର୍ଷ ଭାରତରେ ପ୍ରାୟ ୮୦,୦୦୦ ଶିଶୁ କେବଳ ଡାଇରିଆରେ ମୃତ୍ୟୁବରଣ କରନ୍ତି। ଗର୍ଭବତୀ ମହିଳାମାନେ କୁପୋଷଣ ଓ ଅନିୟମିତ ଆହାର ଦ୍ୱାରା ରକ୍ତହୀନତର ଶିକାର ହେଉଛନ୍ତି। ତେଣୁ ଖାଦ୍ୟ ସୁରକ୍ଷା କେବଳ ଏକ ଆହାର ଶୃଙ୍ଖଳା ନୁହେଁ, ଏହା ଏକ ମାନବିକ ଅଧିକାର।

ଭାରତରେ ରାସ୍ତାକଡ଼ରେ ବିକ୍ରି ହେଉଥିବା ଚାଟ୍, ଗୁପଚୁପ୍, ଦହିବରା, ଚାଓମିନ ଓ ଅନ୍ୟାନ୍ୟ ଖାଦ୍ୟପଦାର୍ଥ ସାଧାରଣତଃ ଖୋଲା ଆକାଶ ତଳେ ଏବଂ ଧୂଳିଧୂସର ପରିବେଶରେ ପ୍ରସ୍ତୁତ ଓ ବିକ୍ରି ହୁଏ। ଏହି ଖାଦ୍ୟଗୁଡ଼ିକ ଏପରି ଅସ୍ୱଚ୍ଛ ପରିବେଶରେ ରହିଥିବାରୁ ବିଭିନ୍ନ ବ୍ୟାକ୍ଟେରିଆ ଓ ଭାଇରସର ଆଶ୍ରୟସ୍ଥଳ ହୋଇଥାଏ, ଯାହା ଲୋକଙ୍କୁ ଗୁରୁତର ରୋଗରେ ପ୍ରଭାବିତ କରିପାରେ। ଭାରତର ଖାଦ୍ୟ ସୁରକ୍ଷା ଓ ମାନକ ସଂସ୍ଥାର ୨୦୨୩ ରିପୋର୍ଟ ଅନୁସାରେ, ଷ୍ଟ୍ରିଟ୍ ଫୁଡ୍ ବିକ୍ରେତାଙ୍କ ମଧ୍ୟରୁ ପ୍ରାୟ ୬୦% ବିକ୍ରେତା ହାତ ଧୋଇ ଖାଦ୍ୟ ପ୍ରସ୍ତୁତ କରନ୍ତିନାହିଁ, ଯାହାଫଳରେ ଖାଦ୍ୟ ପ୍ରଦୂଷିତ ହେବାର ସମ୍ଭାବନା ଅଧିକ ଥାଏ। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ ୨୦୨୨ ଅନୁଯାୟୀ ଭାରତରେ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଅନ୍ତ୍ରଜ୍ୱର ଆକ୍ରାନ୍ତ ଶିଶୁମାନଙ୍କ ମଧ୍ୟରୁ ୨୮% କ୍ଷେତ୍ରରେ ରୋଗର କାରଣ ଖାଦ୍ୟ ଓ ପାନୀୟ ଦ୍ୱାରା ହୋଇଥିବା ଦେଖାଯାଇଛି। ଏହାଛଡା ରାଷ୍ଟ୍ରୀୟ ସ୍ୱାସ୍ଥ୍ୟ ମିଶନ ୨୦୨୩ ଅନୁଯାୟୀ, ଭାରତରେ ପ୍ରତିବର୍ଷ ୧.୫ କୋଟି ଲୋକ ଖାଦ୍ୟଜନିତ ରୋଗରେ ପୀଡ଼ିତ ହୁଅନ୍ତି। ଓଡ଼ିଶା ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ୨୦୨୩ରେ କରାଯାଇଥିବା ଏକ ସର୍ବେକ୍ଷଣ ଅନୁଯାୟୀ, ଆନୁମାନିକ ୪୦% ବିକ୍ରେତାଙ୍କ ପାଖରେ ଖାଦ୍ୟ ସ୍ୱଚ୍ଛତା ଓ ପରିଶୁଦ୍ଧତା ନିମନ୍ତେ ଆବଶ୍ୟକ ପ୍ରମାଣପତ୍ର ନାହିଁ।

ଅସୁରକ୍ଷିତ ଖାଦ୍ୟରୁ ସୁରକ୍ଷିତ ଖାଦ୍ୟକୁ ଯାତ୍ରା କେବଳ ପ୍ରଯୁକ୍ତିଗତ ଉନ୍ନତି ନୁହେଁ, ବରଂ ଆମର ସାଂସ୍କୃତିକ ଓ ପାରମ୍ପରିକ ମୂଳପିଣ୍ଡକୁ ଫେରି ଋତୁକାଳୀନ ଓ ଭରପୂର ପୋଷଣ ଯୁକ୍ତ ଖାଦ୍ୟର ମୂଲ୍ୟ ବୁଝିବା ଓ ଆମେ ଯାହା ଖାଉଛୁ ତା'ର ଉତ୍ତରଦାୟୀ ଦାୟିତ୍ୱ ଗ୍ରହଣ କରିବା। ଭାରତୀୟ ଚିକିତ୍ସା ବିଜ୍ଞାନର ଜନକ ଆଚାର୍ଯ୍ୟ ଚରକ ଦୁଇ ହଜାର ବର୍ଷ ପୂର୍ବେ କହିଥିଲେ, ଯିଏ ଉଚିତ ସମୟରେ ଉଚିତ ଭାବରେ ଉତ୍ତମ ଖାଦ୍ୟ ଖାଏ, ସେ ଚିକିତ୍ସକ ଆବଶ୍ୟକ କରେନାହିଁ। ଏହି କଥାର ମହତ୍ତ୍ୱ ଆଜି ବି ପ୍ରାସଙ୍ଗିକ । ଆମେ ଯେଉଁ ଖାଦ୍ୟ ଆମ ଥାଳିରେ ରଖୁଛୁ, ସେଥିରୁ ନା କେବଳ ଆମର ସ୍ୱାସ୍ଥ୍ୟ ନିର୍ଣ୍ଣୟ ହୁଏ, ବରଂ ଆମର ଅର୍ଥନୈତିକ ବ୍ୟବସ୍ଥା, ଆଗାମୀ ପିଢ଼ି ଓ ଜାତିର ସ୍ଥିରତା ମଧ୍ୟ ନିର୍ଣ୍ଣୟ ହୁଏ। ଆସନ୍ତୁ ଆମେ ଏକ ଗମ୍ଭୀର ସଂକଳ୍ପ ନେବା, ବୁଝି ବିଚାରି ଖାଇବା, ସୁରକ୍ଷିତ ଭାବରେ ବଞ୍ଚିବା ଏବଂ ଖାଦ୍ୟ, ବିଜ୍ଞାନ ଓ ଆତ୍ମା ମଧ୍ୟରେ ଥିବା ପବିତ୍ର ବନ୍ଧନକୁ ସମ୍ମାନ ଦେବା। କାରଣ ଯେଉଁଠାରେ ଖାଦ୍ୟ ଶୁଦ୍ଧ, ସେଠି ଚିନ୍ତା ପବିତ୍ର ଏବଂ ଜୀବନ ସୁସ୍ଥ ଓ ସୁରକ୍ଷିତ।

ମୋ : ୯୪୩୭୦୨୨୬୬୯

## ଏଇ ଭାରତରେ

ବଡ଼ ଧୁମ୍ଧାମରେ ବାହାଘର ହେଲା, କିନ୍ତୁ ସେଠାରେ ବର୍ଜ୍ୟ ନ ଥିଲା। ଏଭଳି ଏକ ବାହାଘର ହୋଇଛି ଚେନ୍ନାଇରେ। ଉମା ରାମ ତାଙ୍କ ବାହାଘରରେ ବ୍ୟବହୃତ ଫୁଲ ଏବଂ ଭୋଜିରେ ଖାଇବା ପାଇଁ ବ୍ୟବହାର କରାଯାଇଥିବା କଦଳୀପତ୍ର ବର୍ଜ୍ୟକୁ ବାହାଘର ପରେ ଖତ ପ୍ରସ୍ତୁତ କରାଯାଉଥିବା କେନ୍ଦ୍ରକୁ ପଠାଇଦେଇଥିଲେ। ସେ ତାଙ୍କ ନିମନ୍ତ୍ରଣ ପତ୍ର ରିସାଇକ୍ଲିଂ ହୋଇଥିବା କାଗଜରେ ତିଆରି କରିବା ସହ ସେଥିରେ ଗଛ ମଞ୍ଜି ରଖାଯାଇଥିଲା। ଏମିତିକି ନିମନ୍ତ୍ରଣ ପତ୍ରକୁ ମାଟିରେ ପକାଇଲେ ଗଛ ହୋଇପାରିବ। ଉମା ୫ ବର୍ଷ ପୂର୍ବର ତାଙ୍କ ଆଇମା'ଙ୍କ ଶାଢ଼ି ମଧ୍ୟ ପିନ୍ଧିଥିଲେ। ବିବାହ କରିବା ଲାଗି ବର୍ଜ୍ୟ ପରିଚାଳନ କରୁଥିବା 'କନେକ୍ଟ ଟୁ ଭୂମି' ସଂସ୍ଥାର ସହଯୋଗ ନେଇଥିଲେ ଉମା। ଭାରତରେ ଗୋଟିଏ ବାହାଘରରେ ପ୍ରାୟ ୫୦୦ କେଜି ବର୍ଜ୍ୟ ବାହାରୁଛି। ୩.୭ ଲକ୍ଷ କୋଟି ଟଙ୍କାର ଭାରତର ବିବାହ ଶିଳ୍ପରୁ ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ଓ ଖାଦ୍ୟ ବର୍ଜ୍ୟ ଅଧିକ ବାହାରୁଛି। ଦେଖିବାକୁ ଗଲେ ପ୍ରତ୍ୟେକ ଉତ୍ସବରେ ପାଖାପାଖି ୪୦ ପ୍ରତିଶତ ଖାଦ୍ୟ ମଧ୍ୟ ନଷ୍ଟ ହେଉଛି। ଏଭଳି ସ୍ଥିତିରେ ଚେନ୍ନାଇର ଡିଜିଟାଲ ଫ୍ରିଲାନ୍ସର ଉମାଙ୍କ ବିବାହ ବର୍ଜ୍ୟ ପରିଚାଳନା କ୍ଷେତ୍ରରେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି।

## ୫୦ ବର୍ଷ ତଳର ଧରିତ୍ରୀ

୭ ଜୁନ୍ ୧୯୭୬

- ରେଲ୍ୱେର ପ୍ରାୟ ୨ ଲକ୍ଷ କର୍ମଚାରୀଙ୍କୁ ତାଙ୍କ ଦୈନନ୍ଦିନ କାର୍ଯ୍ୟ ହିନ୍ଦୀ ଭାଷାରେ ସମ୍ପାଦନ କରିବା ଲାଗି ତାଲିମ ଦେବା ନିମନ୍ତେ ଏକ ପାଞ୍ଚବର୍ଷିଆ ତାଲିମ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯାଇଛି।
- ଯୁକ୍ତରାଷ୍ଟ୍ର ଆମେରିକାର ଏକ ସହରରେ ନବନିର୍ମିତ ଗୋଟିଏ ବନ୍ଧ ଭୁଶୁଡ଼ି ପଡ଼ିବା ଫଳରେ ୧୫ ଫୁଟ ଉଚ୍ଚର ପାଣି ସହର ଭିତରକୁ ମାଡ଼ି ଆସିବା ସହ ୩୦ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତି ଗୃହଶୂନ୍ୟ।

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 8 | | 4 | |
| | | | 6 | 5 | | 7 | 1 | |
| 9 | 2 | | | 1 | | 3 | | |
| | | 6 | | | | | | 1 |
| | 8 | | 9 | | | | | 4 |
| | 4 | | | | 3 | 9 | | |
| | | 7 | | 3 | 5 | | | |
| | | | 4 | | | | | |
| | | | | 9 | | 6 | | 5 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 6 | 7 | 3 | 9 | 5 | 2 | 8 | 1 | 4 |
| 2 | 5 | 8 | 1 | 3 | 4 | 9 | 6 | 7 |
| 1 | 9 | 4 | 8 | 6 | 7 | 5 | 3 | 2 |
| 5 | 3 | 2 | 4 | 7 | 9 | 6 | 8 | 1 |
| 8 | 4 | 9 | 6 | 1 | 5 | 2 | 7 | 3 |
| 7 | 1 | 6 | 2 | 8 | 3 | 4 | 9 | 5 |
| 9 | 8 | 7 | 5 | 2 | 1 | 3 | 4 | 6 |
| 3 | 6 | 5 | 7 | 4 | 8 | 1 | 2 | 9 |
| 4 | 2 | 1 | 3 | 9 | 6 | 7 | 5 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କୋଟିଆ ସମସ୍ୟା ଛୋଟିଆ ନୁହେଁ

ମହାଶୟ,

ଓଡ଼ିଶା ସୀମାକୁ ଲାଗିଥିବା କୋଟିଆ ଅଞ୍ଚଳକୁ ନିଜର ବୋଲି ଆନ୍ଧ୍ର ସରକାର ଦୀର୍ଘ ଦିନ ହେଲା ଦାବି କରିଆସୁଛି। ତେଲୁଗୁ ଭାଷାରେ ସେହି ଅଞ୍ଚଳର ବିଭିନ୍ନ ସ୍ଥାନରେ ଆନ୍ଧ୍ର ସମ୍ପର୍କିତ ନାମଫଳକ ସବୁ ଲଗାଇବା ସହିତ ସେଠାରେ ଏକ ପଞ୍ଚାୟତ ଅଫିସ୍ ଖୋଲି ସାରିଲାଣି। ସ୍ଥାନୀୟ ଓଡ଼ିଆପ୍ରେମୀ ଏହାକୁ ତୀବ୍ର ବିରୋଧ କରୁଛନ୍ତି। ଏହାକୁ ଆନ୍ଧ୍ର ସରକାର ଆଦୌ ଖାତିର କରୁନାହାନ୍ତି। ଆନ୍ଧ୍ର ଯେଭଳି ଭାବେ ଦାବି କରୁଛି ଓଡ଼ିଶା ସରକାର ଠିକ୍ ଭାବେ ମୁକାବିଲା କରିପାରୁନାହାନ୍ତି। ଆନ୍ଧ୍ରପ୍ରଦେଶ ସରକାର ସ୍ଥାନୀୟ ଲୋକଙ୍କୁ ବିଭିନ୍ନ ପ୍ରକାର ଅର୍ଥ ପ୍ରଲୋଭନ ଦେଖାଇ ନିଜ ଆଡ଼କୁ ଟାଣୁଛନ୍ତି। କେତେକ ନ୍ୟସ୍ତସ୍ୱାର୍ଥ ଓଡ଼ିଆ ଏହାକୁ ମଧ୍ୟ ସମର୍ଥନ କରୁଛନ୍ତି। ଏହାର ଯଥାର୍ଥ ସମାଧାନ ଯଦି ନ ହୁଏ, ଭବିଷ୍ୟତରେ ଏହା ଉଗ୍ରରୂପ ଧାରଣ କରିବ।

–ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଆଜି ଏହି ଦେଉଳ ଗହ୍ୱରେ
ଶତ କଣ୍ଠ–ପ୍ରତିଧ୍ୱନି ଥରେ
ମିଶାଇ ତା' ସଙ୍ଗେ ଏ ମଳିର ଅଙ୍ଗେ
କଣ୍ଠ ସ୍ୱର ଉଠେ ମୋର।

–(ପୁରୀ–ମନ୍ଦିର)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ: ..................................
ଜନ୍ମ ତାରିଖ: ..................................



ଦୁର୍ଗା ପ୍ରସାଦ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଉଜ୍‌ବେକିସ୍ତାନ, ଜୋର୍ଡାନକୁ ପ୍ରଥମଥର ଯୋଗ୍ୟତା

**ଫିଫା ବିଶ୍ୱକପ୍-୨୦୨୬**

ସିଓଲ, ୬।୬(ଏପି)

ଫିଫା ପୁରୁଷ ଫୁଟ୍‌ବଲ ବିଶ୍ୱକପ୍-୨୦୨୬ ପାଇଁ ଏସିଆ ମହାଦେଶରୁ ପ୍ରଥମଥର ଉଜ୍‌ବେକିସ୍ତାନ ଓ ଜୋର୍ଡାନ ଯୋଗ୍ୟତା ହାସଲ କରିଥିବା ବେଳେ ଦକ୍ଷିଣ କୋରିଆ କ୍ରମାଗତ ୧୧ଥର ଏହି ମେଗା ଇଭେଣ୍ଟରେ ଅଂଶଗ୍ରହଣ କରିବାକୁ ଯାଉଛି। ଆବୁଧାବିଠାରେ ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ) ବିପକ୍ଷ ମ୍ୟାଚ୍ ଗୋଲ୍‌ଶୂନ୍ୟ ଡ୍ର ରଖିବା ପରେ ଆଉ ଗୋଟିଏ ମ୍ୟାଚ୍ ବାକିଥାଇ ଗ୍ରୁପ୍ 'ଏ'ରେ ଇରାନ ପଛକୁ ଦ୍ୱିତୀୟ ସ୍ଥାନରେ ରହି ଉଜବେକିସ୍ତାନ ଏହି ସଫଳତା ହାସଲ କରିଛି। ଗ୍ରୁପ୍ 'ବି'ରେ ଦକ୍ଷିଣ କୋରିଆ ବିଶ୍ୱକପ୍‌ରେ ଏହାର ସ୍ଥାନ ପକ୍କା କରିଛି। ଅନ୍ୟପକ୍ଷରେ ଜୋର୍ଡାନ ୩-୦ ଗୋଲ୍‌ରେ ଓମାନକୁ ପରାସ୍ତ କରି ଗ୍ରୁପ୍‌ରେ ପ୍ରଥମ ଦୁଇ ଦଳ ମଧ୍ୟରେ ସ୍ଥାନ ପାଇ ଯୋଗ୍ୟତା ହାସଲ କରିଛି। ସୂଚନାଯୋଗ୍ୟ, ଫିଫା ବିଶ୍ୱକପ୍-୨୦୨୬ର ମିଳିତ ଆୟୋଜକ ହୋଇଛନ୍ତି ଯୁକ୍ତରାଷ୍ଟ୍ର ଆମେରିକା, ମେକ୍ସିକୋ ଓ କାନାଡା। ଏହି ୩ଟି ଦେଶ ଆୟୋଜକ ହିସାବରେ ଆପେ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ଅନ୍ୟ ୪୩ଟି ଦଳକୁ ଏଥିପାଇଁ ଯୋଗ୍ୟତା ହାସଲ କରିବାକୁ ପଡ଼ିବ। ୟୁରୋପ ମହାଦେଶ ପାଇଁ ୧୬ଟି ସ୍ଥାନ ରହିଛି। ଇତିମଧ୍ୟରେ ଯୋଗ୍ୟତା ହାସଲ କରିସାରିଥିବା ଦେଶଗୁଡ଼ିକର ନାମ ନିମ୍ନରେ ପ୍ରଦାନ କରାଗଲା।

**ଆୟୋଜକ ଦେଶ:** ଯୁକ୍ତରାଷ୍ଟ୍ର ଆମେରିକା, ମେକ୍ସିକୋ ଓ କାନାଡା।
**ଏସିଆ:** ଜାପାନ (ମାର୍ଚ୍ଚ ୨୦ରେ ଯୋଗ୍ୟତା ଅର୍ଜନ), ଇରାନ (ମାର୍ଚ୍ଚ ୨୫), ଜୋର୍ଡାନ (ଜୁନ୍ ୫), ଦକ୍ଷିଣ କୋରିଆ (ଜୁନ୍ ୫) ଓ ଉଜ୍‌ବେକିସ୍ତାନ(ଜୁନ୍ ୫)।
**ଓସେନିଆ:** ନ୍ୟୁଜିଲାଣ୍ଡ(ମାର୍ଚ୍ଚ ୨୪)।
**ଦକ୍ଷିଣ ଆମେରିକା:** ଆର୍ଜେଣ୍ଟିନା (ମାର୍ଚ୍ଚ ୨୫)।

# ରାଜ୍ୟ ଓପନ ଚେସ୍: ଅବିନାଶ ଚାମ୍ପିୟନ

ଭୁବନେଶ୍ୱର, ୬।୬(ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ ଶୁକ୍ରବାର ଆୟୋଜିତ ଲଡ୍ଡୁ କିଶୋର ସ୍ମାରକୀ ରାଜ୍ୟ ଓପନ ଚେସ୍‌ରେ ଜଟଣୀର ଅବିନାଶ ବଳିୟାରସିଂ ଚାମ୍ପିୟନ ହୋଇଛନ୍ତି। ୫ ରାଉଣ୍ଡବିଶିଷ୍ଟ ପ୍ରତିଯୋଗିତାରେ ୬ ଖେଳାଳି ୪ ପଏଣ୍ଟ ଲେଖାଏ ପାଇଥିଲେ ହେଁ ଟାଇବ୍ରେକ୍‌ରେ ଅବିନାଶ ଆଗରେ ରହିଛନ୍ତି। ଅନ୍ୟ ୫ ଖେଳାଳି ହେଲେ ରବୀନ୍ଦ୍ର କୁମାର ଓଝା, ମହେଶ ପ୍ରସାଦ ସେଠୀ, ଲରେନ୍ସ ପ୍ରଧାନ, ସ୍ଥିତପ୍ରଜ୍ଞ ସାହୁ ଓ ଇହାନ ଚୌଧୁରୀ। ବିଭିନ୍ନ ବୟସ ଓ ବାଳିକା ବର୍ଗରେ ଶ୍ରେଷ୍ଠ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୮ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ସୁପ୍ରିୟା ନାୟକ ଶ୍ରେଷ୍ଠ ମହିଳା ଓ ପ୍ରଦୀପ ପାତ୍ର (୬୨ ବର୍ଷ) ଶ୍ରେଷ୍ଠ ଭେଟେରାନ୍ ଖେଳାଳି ବିବେଚିତ ହୋଇଛନ୍ତି। ରାଜ୍ୟ ଗୋଇନ୍ଦା ବିଭାଗ ଡିଏସ୍‌ପି ପ୍ରିୟଦର୍ଶୀ ନାୟକ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଆଇଆଇଏଫ୍‌ଏଲ ଫାଇନାନ୍ସର ଓଡ଼ିଶା ମୁଖ୍ୟ ନଳିନୀକାନ୍ତ ନାୟକ, ରୟାଲ ପବ୍ଲିକ୍ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ, ଆୟୋଜକ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ।



କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

# ଫାଇନାଲରେ ରାଇଜିଂ ଷ୍ଟୁଡେଣ୍ଟ

**ଅରବିନ୍ଦ ସ୍ମାରକୀ ପାରାମାଉଣ୍ଟ କପ୍**

ଭୁବନେଶ୍ୱର, ୬।୬(ତପନ ସ୍ୱାଇଁ)

ଅରବିନ୍ଦ ସ୍ମାରକୀ ସିନିୟର କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସମ୍ପୂର୍ଣ୍ଣ ଏକପାଖିଆ ଭାବେ ଶେଷ ହୋଇଥିବା ମ୍ୟାଚ୍‌ରେ ୟୁନିୟନ ସ୍ପୋର୍ଟିଂକୁ ୧୬୮ ରନ୍‌ରେ ହରାଇ ରାଇଜିଂ ଷ୍ଟୁଡେଣ୍ଟ ଫାଇନାଲରେ ପ୍ରବେଶ କରିଛି। ଶନିବାର ମୁକ୍ତେଶ୍ୱର କ୍ରିକେଟ କ୍ଲବ ଓ ସହିଦ ସ୍ପୋର୍ଟିଂ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ହେବ।

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ରାଇଜିଂ ଷ୍ଟୁଡେଣ୍ଟ ୪୦ ଓଭରରେ ୬ ଉଇକେଟ ହରାଇ ୩୨୭ ରନ୍‌ର ବୃହତ୍ ସ୍କୋର ଛିଡ଼ା କରିଥିଲା। ଦଳ ପକ୍ଷରୁ ଆଶୀର୍ବାଦ ସ୍ୱାଇଁ(୧୦୪ ରନ୍) ଶତକ ହାସଲ କରିଥିବାବେଳେ ଅମିନ ଖାଁ ୭୪ ଓ ବିକ୍ରମ ସାମଲ ୫୩* ରନ୍ ସ୍କୋର କରିଥିଲେ। ବିପକ୍ଷ ଦଳର ଶେଖର ମାଝି ଓ ବାଦଲ ବିଶ୍ୱାଳ ୨ଟି ଲେଖାଏ ଉଇକେଟ ନେଇଥିଲେ। ୩୨୮ ରନ୍ ବିଜୟ ଲକ୍ଷ୍ୟରେ ୟୁନିୟନ ସ୍ପୋର୍ଟିଂ ୩୩.୧ ଓଭରରେ ୧୫୯ ରନ୍‌କରି ଅଲ୍‌ଆଉଟ ହୋଇଯାଇଥିଲା। ରାଜୀବ ସାହୁ ସର୍ବାଧିକ ୫୧ ରନ୍ କରିଥିଲେ। ରାଇଜିଂ ବୋଲରଙ୍କ ମଧ୍ୟରେ ଅମିନ ଖାଁ ୩ଟି ଏବଂ ଅଭିଷେକ ଯାଦବ ୨ଟି ଉଇକେଟ ନେଇଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ପାଇଁ ଅମିନ ଖାଁ ପ୍ଲେୟର ଅଫ୍ ଦି ମ୍ୟାଚ୍ ହୋଇଥିଲେ।

# କରାଟେ ଅଫିସିଆଲଙ୍କ କର୍ମଶାଳା

ଭୁବନେଶ୍ୱର, ୬।୬(ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ କରାଟେ ଡୋ ସଂଘ ଆନୁକୂଲ୍ୟରେ ଅଫିସିଆଲମାନଙ୍କର ଏକ ୨ଦିନିଆ କର୍ମଶାଳା ଉତ୍କଳ କରାଟେ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇଛି। ରାଜ୍ୟର ବିଭିନ୍ନ ଜିଲାରୁ ୪୦ ଅଫିସିଆଲ ଏହି କର୍ମଶାଳାରେ ଯୋଗଦେଇଥିଲେ। ଚଳିତ ମାସ ୧୧ରୁ ୧୫ ପର୍ଯ୍ୟନ୍ତ ଡେରାଡୁନ୍‌ରେ ହେବାକୁଥିବା ଜାତୀୟ ସବ୍‌ଜୁନିୟର, ଜୁନିୟର ଓ କ୍ୟାଡେଟ୍ କରାଟେ ପ୍ରତିଯୋଗିତା ନିମନ୍ତେ ଗତ ୧୮ ତାରିଖରୁ ଚାଲିଥିବା ପ୍ରଶିକ୍ଷଣ ଶିବିର ଅବସରରେ ଏହି ଅଫିସିଆଲ ଟ୍ରେନିଂ ଅନୁଷ୍ଠିତ ହୋଇଛି। ରାଜ୍ୟର ଅଫିସିଆଲମାନେ ଉତ୍କୃଷ୍ଟ ଟ୍ରେନିଂ ପାଇଲେ ଉନ୍ନତମାନର ଖେଳାଳି ସୃଷ୍ଟି ହୋଇପାରିବେ। ଟ୍ରେନିଂ ଦ୍ୱାରା କରାଟେକାଙ୍କ ପ୍ରଦର୍ଶନରେ ମଧ୍ୟ ଉନ୍ନତି ଆସିପାରିବ। ଏହି ଉଦ୍ଦେଶ୍ୟ ନେଇ ଓଡ଼ିଶା ସଂଘ ନିୟମିତ ଭାବେ ପ୍ରଶିକ୍ଷଣ ଶିବିର, ଅଫିସିଆଲ ଟ୍ରେନିଂ, ବେଲ୍ଟ ଗ୍ରେଡିଂ ଓ ପ୍ରତିଯୋଗିତାମାନ ଆୟୋଜନ କରିଆସୁଛି। ଅଫିସିଆଲ କର୍ମଶାଳାରେ ଦୀପକ ସାମନ୍ତରା, ଖାରବେଳ ମଲିକ, ରମେଶ ଚନ୍ଦ୍ର ସାହୁ, ଆଶିଷ ରଞ୍ଜନ ମହନ୍ତ, ମନ୍ତୁ ଯୋଶୀ, ଭବାନୀ ଶଙ୍କର ପଣ୍ଡା, କ୍ରୀଷ୍ଣା ଶିକାରୀ, ଗୋପାଳ ଦୀପ, ଗୋପାଳ ଚନ୍ଦ୍ର ଦାସ, ଶୁଭାଶିଷ ମହାପାତ୍ର, ଅରବିନ୍ଦ ବାରିକ, ଅରବିନ୍ଦ ପଟ୍ଟନାୟକ, ଉମାକାନ୍ତ ବେହେରା, ଆଶୁତୋଷ ପଟ୍ଟନାୟକ, ସନକ ଦେଓ, ହୃଦୟ ଶବର, ଯୋଗେଶ ବେରିହା, ମହମ୍ମଦ ରେହେମତ, ରଶ୍ମିରଞ୍ଜନ ଦାସ, ଶୁଭଶ୍ରୀ ଲେଙ୍କା, ପର୍ନତାପ ଆଚାର୍ଯ୍ୟ, ପଞ୍ଚାନନ ନାୟକ, ସୁମନ୍ତ କୁମାର ପଣ୍ଡା, ଅନୁପମା ସ୍ୱାଇଁ, ରାଜେଶ ମହାପାତ୍ର, ମହେଶ ଡୋରା, କୃଷ୍ଣଚନ୍ଦ୍ର ନାୟକ, ଅନୁରାଧା ପାତ୍ର, ମୋନାଲି ସାହୁ, ବ୍ରତତି ପତି, ସୁସ୍ମିନ ପାଲ୍‌ଟାସିଂ, ଚନ୍ଦ୍ରଶେଖର ସେଠ୍, ବିଜନ ଦଳବେହେରା, ସନ୍ତୋଷ ମହାରଣା ଓ ଅବିନାଶ ପୁହିର ଅଂଶଗ୍ରହଣ କରିଥିଲେ।




କର୍ମଶାଳାରେ ଅଂଶଗ୍ରହଣ କରିଥିବା କରାଟେ ଅଫିସିଆଲ ଓ କର୍ମକର୍ତ୍ତା।

# କ୍ରିକେଟ୍‌ରୁ ପୀୟୂଷ ଚାଓ୍ୱଲାଙ୍କ ଅବସର

**ନୂଆଦିଲ୍ଲୀ, ୬।୬ (ପି.ଟି.):** ଭେଟେରାନ ଲେଗ୍ ସ୍ପିନର ପୀୟୂଷ ଚାଓ୍ୱଲା କ୍ରିକେଟ୍‌ର ସମସ୍ତ ଫର୍ମାଟ୍‌ରୁ ତାଙ୍କ ଅବସର ଘୋଷଣା କରିଛନ୍ତି। ଭାରତର ଦୁଇଟି ବିଶ୍ୱକପ୍ ବିଜୟ ଅଭିଯାନରେ ସେ ଦଳର ଅଂଶବିଶେଷ ଥିଲେ। ସେ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି କ୍ରିକେଟ୍ ସହ ସମ୍ପୃକ୍ତ ଥିଲେ। ଏହି ୩୬ ବର୍ଷୀୟ କ୍ରିକେଟର ଇନ୍‌ଷ୍ଟାଗ୍ରାମ୍



ଜରିଆରେ ତାଙ୍କ ଅବସର ନେଇ ଘୋଷଣା କରିଛନ୍ତି। ଚାଓ୍ୱଲା ଯଥାକ୍ରମେ ୨୦୦୭ ଓ ୨୦୧୧ରେ ଭାରତର ଟି୨୦ ଓ ଦିନିକିଆ ବିଶ୍ୱକପ୍ ବିଜୟୀ ଦଳର ଜଣେ ସଦସ୍ୟ ଥିଲେ। ସେ ଭାରତ ତରଫରୁ ୩ଟି ଟେଷ୍ଟ, ୨୫ ଅନ୍ତର୍ଜାତୀୟ ଦିନିକିଆ ଓ ୭ ଅନ୍ତର୍ଜାତୀୟ ଟି୨୦ ଖେଳି ତିନୋଟି ଫର୍ମାଟ୍‌ରେ ୪୩ଟି ଉଇକେଟ ଅକ୍ତିଆର କରିଥିଲେ। ଇଣ୍ଡିଆନ ପ୍ରିମିୟର ଲିଗ୍(ଆଇପିଏଲ୍)ରେ ସେ ପଞ୍ଜାବ କିଙ୍ଗ୍ସ, କୋଲକାତା ନାଇଟ ରାଇଡର୍ସ, ଚେନ୍ନାଇ ସୁପର କିଙ୍ଗ୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ଦଳ ତରଫରୁ ଖେଳିଛନ୍ତି। ଜଣେ ଦକ୍ଷ କ୍ରିକେଟର ଭାବେ ଗଢ଼ିତୋଳିବାରେ ବିଶେଷ ଭୂମିକା ପାଇଁ ସେ ତାଙ୍କ କୋଚ୍ କେ.କେ. ଗୌତମ ଓ ସ୍ୱର୍ଗତ ପଙ୍କଜ ସାରସ୍ୱତଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିଛନ୍ତି।


# Classified Everyday

0674-2580101, 9692975378



**REAL ESTATE SALE**

Gharabadiresidentialplot for sale- ଝାରପଡ଼ା-5000/-, ଲକ୍ଷ୍ମୀସାଗର-5,500/-, ଲିଙ୍ଗିପୁର-4060/-, ନୂଆଗାଁ-3360/-, KEC-2460/-, ଗୁଡ଼ିଆପୋଖରୀ- 1760-1560/-. 7978551614, 9439049194. D-76829

**Ready to move 1/2 BHK flat for sale @ 13/24 lakh at Sundarpada and Gudiapokhari, Bhubaneswar. Call-9861642492.** D-738

ଭୁବନେଶ୍ୱର, **Puri bypass** ପିପିଲି, ଉତ୍ତରାଛକ, ଝାରପଡ଼ା ଏବଂ ନଖରାଛକ ଠାରେ **Residential Plot, 2/3BHK Flat** ବିକ୍ରିହେବ। **8327785834.** D-76266




Newly open SPA positively health benefits (expert therapist). Contact- 7749034655. D-76919

Wellness relax body massage & joint pain treatment by trend therapist. 7327020180. D-76917

Newly open health benefits SPA by expert therapist. Contact- 8280961126. D-76920

Kerala Ayurveda Massage therapy Gents/ Ladies pain relief Bhubaneswar. 9337672475. D-854

**AFFIDAVIT**

ନୋଟାରୀ, କାକଟପୁରଙ୍କ ସମକ୍ଷରେ ତା।୦୨।୦୬।୨୦୨୫ରି ଖର ସତ୍ୟପାଠ ଅନୁଯାୟୀ, ମୁଁ ଆଦ୍ୟାଶା ପଣ୍ଡା, ସ୍ଥାନ- ମୁଦୁଗଲ, ପୋଷ୍ଟ- ନମାରୋ, ଥାନା- ଅସ୍ତରଙ୍ଗ, ଜିଲ୍ଲା- ପୁରୀ, ପିନ୍- ୭୫୨୧୦୯ ଘୋଷଣା କରୁଅଛି କି, ମୁଁ ମୋର ନାମକୁ ସ୍ମାଇଲ୍ ପଣ୍ଡାରୁ ଆଦ୍ୟାଶା ପଣ୍ଡାକୁ ପରିବର୍ତ୍ତନ କରିଛି। ଏତଦ୍‌ପଶ୍ଚାତ୍ ମୁଁ ସମସ୍ତ ଉଦ୍ଦେଶ୍ୟ ପାଇଁ ଆଦ୍ୟାଶା ପଣ୍ଡା ନାମରେ ପରିଚିତ ହେବି। ଡି-୮୬୬

By virtue of an affidavit sworn before the Executive Magistrate, Gania, dated 02.06.2025, I, Birakishor Sahoo father of Shishira Kumar Sahoo At/P.O.- Jagannathprasad, P.S.- Gania, Dist.- Nayagarh. Odisha, PIN- 752093 declare that I have changed my son's name from Sisira Sahoo to Shishira Kumar Sahoo. Henceforth, he shall be known as Shishira Kumar Sahoo for all future purpose.
Birakishor Sahoo
D-847

I, Pravajonita Soreng, aged about 35 years, D/o- Thomas, Soreng, resident of Vill- Tunmura (Ottomunda), P.O.- Tunmura, P.S.- Kutra, Dist.- Sundargarh, Odisha do hereby solemnly affirm and declare as under I have Aadhaar Card vide No.- xxxx xxxx 7869 in which my name has been wrongly mentioned as Prabha Soreng. That Pravajonita Soreng and Prabha Soreng denotes to one and same person i.e. myself.
Pravajonita Soreng
D-846

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Executive Magistrate, Angul, dated 15 May 2025, I, Sasmita Sahu, W/o- Dushasana Sahu, R/o Village- Champatimunda, P.S.- Bantala, Dist.- Angul declare that I wish to correction of my name from LIC Policy Rupabati Behera, W/o-Dushasana Sahu, Village- Champatimunda, P.S.- Bantala, Dist.- Angul to Sasmita Sahu, W/o- Dushasana Sahu, R/o Village- Champatimunda, P.S.- Bantala, Dist.- Angul. Both mame is one person. Henceforth, she shall be known as Sasmita Sahu for all purposes.
D-844

I, Kokilaben Patel, W/o- Suresh Kumar Patel, resident of Plot No.- 105, Shivansh Complex, Sarala Nagar, P.O.- Budheswari, P.S.- Laxmisagar, Bhubaneswar, Odisha-751006 declare by this affidavit No.- CF-21, dated 03.05.2025 that now onwards I shall be known as KOKILA PATEL for all future purposes.
D-75389

By virtue of an affidavit sworn before Executive Magistrate, Bhubaneswar, dated-04.06.2025, I, Janamohan Bastia, resident of Harachandi Sahi, Old Town, Bhubaneswar, Khordha, Odisha, PIN-751002 declare that I have changed my daughter's name from Rojalin Bastia to Puspanjali Bastia. Henceforth, she shall be known as Puspanjali Bastia for all purposes.
D-843

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

I, Kabita Agrawal, W/o- Bijay Agrawal resident of Ward No.-5, Masjid Gali, Bargarh, P.O./P.S./Tah/ Dist.- Bargarh, Odisha, PIN-768028 declare by this affidavit No.- 692, date- 03.06.2025 that now onwards I shall be known as Kavita Agrawal, W/o- Bijay Kumar Agrawal & mother's of Shreya Varda Agrawal for all future purposes.
Kavita Agrawal
D-851

I, Kabita Agrawal, W/o- Bijay Kumar Agrawal resident of Ward No.-5, Masjid Gali, Bargarh, P.O./P.S./Tah/Dist.- Bargarh,Odisha, PIN-768028 declare by this affidavit No.-691, dated- 03.06.2025 that now onwards I shall be known as Kavita Agrawal mother's of Gourav Krishna Agrawal for all future purposes.
Kavita Agrawal
D-852

By virtue of an affidavit sworn before 07.05.2025, I, Atul Lenka, At- Badaora, P.O.- Kalapadar, P.S.- Gadisagada, Dist.- Puri, PIN- 752017 declare that I have changed my son's name from Adarsh Lenka to Adarsha Kumar Lenka. Henceforth, he shall be known as Adarsha Kumar Lenka for all purposes.
Atul Lenka
D-849

By virtue of an affidavit sworn before the Executive Magistrate, Nimapara, dated-05.06.2025, I, Sisir Kumar Barik, Vill- Pataligram, P.O.- Nahantara, P.S.- Nimapara, Dist.- Puri, Odisha declare that I have change my daughter's name from Sai Simran Barik to Simran Barik. Henceforth, she shall be known as Simran Barik for all purposes.
Sisir Kumar Barik
D-842

By virute of an affidavit No.-1513, dated 29.5.2025 sworn before the Executive Magistrate, Balangir, I, Birendra Bagartti, R/o. Village- Uparudar, P.O.-Taliudar, P.S.- Balangir Sadar, Dist.- Balangir, PIN No.- 767065, Odisha declare that I have changed the name of my daughter Sarita Bagartti to Ashrita Bagartti. Henceforth, she shall be known as Ashrita Bagartti for all purpose.
Birendra Bagartti
D-850

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ **QR Code** ସ୍କାନ୍ କରି ଯେକୌଣସି **UPI App** ମାଧ୍ୟମରେ ସହଜରେ ପୈଠ କରନ୍ତୁ।
Q199723846@ybl | T&C Apply
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

**LEGAL NOTICE**

IN THE COURT OF 1ST. ADDITIONAL SENIOR CIVIL JUDGE, BHUBANESWAR.
I. A. No.- 1/2021
(Arising out of C.S. No.- 2913/2021)
Bijay Krushna Das & another
... Plaintiff/Petitioner.
Versus
Klassitech Infra Properties Pvt. Ltd. & others
...Defendants/Opp.parties.
Notice Under Order-V, Rule-20 of C.P.C.

To
Defendant No.-1/O.P.No. 1- Klassitech Infra Properties Pvt. Ltd. represented through its Managing Director, Narayan Moharana, aged about 38 yrs, S/o- Ganeswar Moharana. Defendant No. 2/O.P.No. 2- Narayan Moharana, aged about 38 yrs, S/o- Ganeswar Moharana. Both Office at Plot No.-99, Jagamohan Nagar, Jagamara, P.S.- Khandagiri, Dist.-Khordha.

Whereas the above named plaintiff/ petitioner have filed the above interim application against you for temporary injunction, you are hereby summoned to appear in this Court in person or by pleader duly instructed on 26.06.2025 at 10.30 A. M. and file your written statement/ show cause.

Take notice that in default of your appearance on the before mentioned the I.A. will be heard and determined in your absence.

Suit land
Dist.- Khordha, Mouza- Balianta, Khata No.- 450, Plot No.- 1670, Area Ac0.280 decs.

Given under my hand and the seal of this Court this day of 29.04.2025
Sd./- 1st Addl. Senior Civil Judge, Bhubaneswar
D-829

**ମନେ ପଡ଼ନ୍ତି**

**ଏକାଦଶାହ ଉପଲକ୍ଷେ**
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ. ଜ୍ୟୋତି ଶଙ୍କର ବେହେରା
ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ୧୯୯୬ ବ୍ୟାଚ୍
କେଦାର ଗୌରୀ, ଓଲଡ ଟାଉନ୍, ଭୁବନେଶ୍ୱର
ଆବିର୍ଭାବ: ୧୩.୦୩.୧୯୮୩
ତିରୋଧାନ: ୨୯.୦୫.୨୦୨୫
ତୁମର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମେ ଦେଇଥିବା ସ୍ନେହ, ଶ୍ରଦ୍ଧା ଓ ପ୍ରେରଣା ଆମପାଇଁ ଚିରସ୍ମରଣୀୟ ହୋଇ ରହିଥିବ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଜଗନ୍ନାଥଙ୍କ ଶ୍ରୀଚରଣରେ ପ୍ରାର୍ଥନା କରୁଅଛୁ।
-: ଶୋକ ସନ୍ତପ୍ତ :-
ପରିବାରବର୍ଗ ଓ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ବନ୍ଧୁ ବର୍ଗ
ଡି-୮୫୩

# ଅବ୍ୟବସ୍ଥା ମଧ୍ୟରେ ଚାଲିଛି ଧାନ ସଂଗ୍ରହ



ଚାଉଁରପୁର ଅଞ୍ଚଳରେ ରାସ୍ତା ଉପରେ ଶୁଖାଯାଇଥିବା ଧାନ।

■ଚାଷୀ ହେଉଛନ୍ତି ହଟହଟା

■ଅଧିକ ଧାନ ସଂଗ୍ରହ ପାଇଁ ଚାଉଁରପୁର ଚାଷୀଙ୍କ ଦାବି

**ସମ୍ବଲପୁର,୬।୬(ପ୍ରମୋଦ ବହିଦାର)**

ସମ୍ବଲପୁର ଜିଲାରେ ଅତ୍ୟନ୍ତ ଅବ୍ୟବସ୍ଥା ମଧ୍ୟରେ ଚାଲିଛି ଧାନ ସଂଗ୍ରହ। ଧାନ ସଂଗ୍ରହ ପାଇଁ ଜିଲାରେ ପ୍ରଥମ ପର୍ଯ୍ୟାୟରେ ଧାର୍ଯ୍ୟ ହୋଇଥିବା ଲକ୍ଷ୍ୟ ପୂରଣ ଦ୍ୱାର ଦେଶରେ। ଫଳରେ ବର୍ତ୍ତମାନ ଘୋର ଅଭାବି ବିକ୍ରିର ଶିକାର ଚାଷୀଙ୍କୁ ବ୍ୟାପକ ହଟହଟା ହେବାକୁ ପଡ଼ିଛି। ଜିଲାରେ ବର୍ତ୍ତମାନ ପ୍ରାଥମିକ ଲକ୍ଷ୍ୟର ପ୍ରାୟ ୯୯.୮ ପ୍ରତିଶତ ଧାନ ସଂଗ୍ରହ ହୋଇ ସାରିଛି। ତେଣୁ ଚାଉଁରପୁରର ଚାଷୀମାନେ ଏଠାରେ ଥିବା ପ୍ରାଥମିକ କୃଷି ସମବାୟ ସମିତି(ପିଏସିଏସ)ରେ ଧାନ ସଂଗ୍ରହ ଲକ୍ଷ୍ୟକୁ ଅତିରିକ୍ତ ୧୦କୁଇଣ୍ଟାଲକୁ ବୃଦ୍ଧି କରିବାକୁ ଲିଖିତ ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ, ସମ୍ବଲପୁର ଜିଲାରେ ମୋଟ ୧୬୩୪୮ ଜଣ ପଞ୍ଜୀକୃତ ଚାଷୀଙ୍କ ଠାରୁ ପ୍ରାଥମିକ ପର୍ଯ୍ୟାୟରେ ୮ ଲକ୍ଷ ୭୩ ହଜାର ୧୭୦ କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ସେଥିମଧ୍ୟରୁ ଶୁକ୍ରବାର ସର୍ବଶେଷ ତଥ୍ୟ ଅନୁସାରେ ଏପର୍ଯ୍ୟନ୍ତ ଜିଲାରେ ମୋଟ ୧୦୨୩୧ ଜଣ ଚାଷୀଙ୍କଠାରୁ ୮ ଲକ୍ଷ ୭୧ ହଜାର ୯୬୦.୨୮ କୁଇଣ୍ଟାଲ ଧାନ ସଂଗ୍ରହ ହୋଇ ସାରିଛି। ପ୍ରାଥମିକ ଲକ୍ଷ୍ୟ ପୂରଣ ହୋଇ ସାରିଥିଲେ ହେଁ ବର୍ତ୍ତମାନ ମଧ୍ୟ ଜିଲାରେ ୬୧୧୭ ଜଣ ଚାଷୀ ସେମାନଙ୍କ ଧାନ ବିକ୍ରୟ କରି ପାରି ନ ଥିବା ଜଣାପଡ଼ିଛି। ଏପରିକି ବିଭିନ୍ନ ଅଞ୍ଚଳରେ ବର୍ତ୍ତମାନ ମଧ୍ୟ ଚାଷୀମାନେ ନିଜ ଧାନକୁ ବିକ୍ରୀ ପାଇଁ ରାସ୍ତା ଉପରେ ଶୁଖାଉଥିବା ଦେଖିବାକୁ ମିଳିଛି।

ଧାନ ସଂଗ୍ରହ ଲକ୍ଷ୍ୟ ପୂରଣ ହେବାକୁ ବସିଥିବା ବେଳେ ଗତ ମଙ୍ଗଳବାର ସମ୍ବଲପୁର ଜିଲା ପାଇଁ ସରକାରଙ୍କ ପକ୍ଷରୁ ଅତିରିକ୍ତ ୨ ଲକ୍ଷ ୧୯ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଅନୁମତି ଦେଇଛନ୍ତି। ହେଲେ ଏହି ଲକ୍ଷ୍ୟ ଉପଯୁକ୍ତ ଭାବେ ବିଭିନ୍ନ ପିଏସିଏସ୍‌କୁ ବଣ୍ଟନ ହୋଇନାହିଁ। ଫଳରେ ବିକ୍ରୟ ପାଇଁ ଧାନ ଧରି କ୍ରୟ କେନ୍ଦ୍ରକୁ ଆସିଥିବା ଚାଷୀମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି ବୋଲି ଚାଷୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି।

ଅପରପକ୍ଷରେ ଚାଉଁରପୁର ପିଏସିଏସ୍‌ରେ ମୋଟ ୭୯୦ ଜଣ ଚାଷୀ ପଞ୍ଜୀକୃତ ହୋଇଥିବା ବେଳେ ଏଠାରେ ଏପର୍ଯ୍ୟନ୍ତ ୫୨୧ ଜଣ ଚାଷୀଙ୍କଠାରୁ ମୋଟ୍ ୪୯ ହଜାର ୨୫୭.୩୮ କୁଇଣ୍ଟାଲ ଧାନ ସଂଗୃହିତ ହୋଇସାରିଛି। ସେଥିମଧ୍ୟରେ ଚାଉଁରପୁର କ୍ରୟକେନ୍ଦ୍ରରେ ପ୍ରକୃତରେ ୩୩ ହଜାର ୨୧୧.୧୯ କୁଇଣ୍ଟାଲ ଓ ସେନାପାଲିରେ ୨୬ ହଜାର ୦୨୬.୬୬ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ଏଠାରେ ଉଭୟ କେନ୍ଦ୍ର ପାଇଁ ଯଥାକ୍ରମେ ୩୪ ହଜାର ୯୫୦ ଓ ୨୭ ହଜାର ୩୪୦ କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା। ମାତ୍ର ଏଠାରେ ପ୍ରକୃତ ସଂଗ୍ରହ ଠାରୁ ସରକାରୀ ପୋର୍ଟାଲରେ ସଂଗୃହିତ ଧାନର ପରିମାଣ କମ୍ ପ୍ରଦର୍ଶିତ କରୁଥିବାରୁ ଲକ୍ଷ୍ୟ ପୂରଣ ନ ହେବା ପର୍ଯ୍ୟନ୍ତ ପୁନଃ ଅଧିକ ଲକ୍ଷ୍ୟ ପ୍ରଦାନ କରାଯାଉନାହିଁ। ତେଣୁ ଏଠାରେ ଚାଷୀଙ୍କ ଧାନ ସଂଗ୍ରହରେ ଅବ୍ୟବସ୍ଥା ହେଉଥିବା ଦେଖିବାକୁ ମିଳିଛି।

ଏହାକୁ ନେଇ ନିଜ ପ୍ରତିକ୍ରିୟାରେ ଅତିରିକ୍ତ ଯୋଗାଣ ଅଧିକାରୀ ବୀରେନ୍ଦ୍ର ସୋରେଙ୍ଗ କହିଛନ୍ତି, ଦ୍ୱିତୀୟ ପର୍ଯ୍ୟାୟରେ ଆସିଥିବା ୨ ଲକ୍ଷ ୧୯ ହଜାର କୁଇଣ୍ଟାଲର ଲକ୍ଷ୍ୟକୁ ୫୮ଟି କ୍ରୟକେନ୍ଦ୍ରକୁ ଆବଶ୍ୟକତା ଭିତ୍ତିରେ ବଣ୍ଟନ କରାଯାଇଛି। ମାତ୍ର ସମ୍ବଲପୁର ଜିଲାରେ ଆବଶ୍ୟକତା ଅନୁସାରେ ଆହୁରି ଅଧିକ ଧାନ ସଂଗ୍ରହ ଲକ୍ଷ୍ୟ ପ୍ରଦାନ ପାଇଁ ସରକାରଙ୍କୁ ପତ୍ର ମାଧ୍ୟମରେ ଜଣାଇ ଦିଆଯାଇଛି। ଖୁବଶୀଘ୍ର ନୂତନ ଲକ୍ଷ୍ୟ ଆସିବା ପରେ ଧାନ ସଂଗ୍ରହରେ ରହିଥିବା ସବୁ ଅସୁବିଧା ଦୂର ହୋଇଯିବ ବୋଲି ଅତିରିକ୍ତ ଯୋଗାଣ ଅଧିକାରୀ ସୋରେଙ୍ଗ କହିଛନ୍ତି।

# ଆଜି ସୁବର୍ଣ୍ଣପୁର ଆସୁଛନ୍ତି ମୁଖ୍ୟମନ୍ତ୍ରୀ



ରାମେଶ୍ୱର ଷ୍ଟାଡିୟମରେ ଜନ ସମାବେଶ ପାଇଁ ପ୍ରସ୍ତୁତ ହୋଇଥିବା ସଭାମଞ୍ଚ।

**୮୫୧ କୋଟିର ୬୩ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ**

**ସୋନପୁର,୬।୬(ମୃତ୍ୟୁଞ୍ଜୟ ଶତପଥୀ)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶନିବାର ସୁବର୍ଣ୍ଣପୁର ଆସୁଛନ୍ତି। ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଏହା ତାଙ୍କର ପ୍ରଥମ ସୁବର୍ଣ୍ଣପୁର ଜିଲା ଗସ୍ତ। ସରକାରଙ୍କ ବର୍ଷ ପୂର୍ତ୍ତିର ଅବ୍ୟବହିତ ପୂର୍ବରୁ ମୁଖ୍ୟମନ୍ତ୍ରୀ ଏହି ଜିଲାର ପ୍ରାୟ ୮୫୧ କୋଟି ଟଙ୍କାର ମୋଟ ୬୩ଟି ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ୧୫ କୋଟି ବ୍ୟୟରେ ସର୍କିଟ୍ ହାଉସର ନୂତନ କୋଠା, ଅର୍ଜୁନପୁର ନିକଟରେ ୫୦ ହେକ୍ଟର ପରିମିତ ଅଞ୍ଚଳରେ ନଗର ବନ ପ୍ରକଳ୍ପ ଉଦ୍‌ଘାଟନ ସହିତ, ଏକାଧିକ ରାସ୍ତା, ପୋଲ, ସ୍ୱାସ୍ଥ୍ୟକେନ୍ଦ୍ର କୋଠା, ମାର୍କେଟ୍ ୟାର୍ଡ ଓ ଜଳସେଚନ ବିଭାଗର ଆଡିବନ୍ଧ ପ୍ରକଳ୍ପ ଆଦି ରହିଥିବା ଜଣାପଡିଛି। ମୁଖ୍ୟମନ୍ତ୍ରୀ ଏକ ସ୍ୱତନ୍ତ୍ର ହେଲିକେପ୍ଟର ଯୋଗେ ଭୁବନେଶ୍ୱରରୁ ଆସି ଅପରାହ୍ନ ୩ଟାରେ ସୁବର୍ଣ୍ଣମେରୁ ମନ୍ଦିର ନିକଟସ୍ଥ ଅସ୍ଥାୟୀ ହେଲିପ୍ୟାଡରେ ଅବତରଣ କରିବେ। ସେଠାରୁ ରାମେଶ୍ୱର ଷ୍ଟାଡିୟମ ପରିସରକୁ ଯାଇ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ। ପରେ ସଭାସ୍ଥଳକୁ ଯାଇ ଏକ ବିଶାଳ ଜନସମାବେଶକୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି। ୪ଟା ୩୦ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଅଛି। ଏହି ଦେଢ ଘଣ୍ଟିଆ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ପ୍ରାୟ ୧୫ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ପାଇଁ ପ୍ରଶାସନ ଲକ୍ଷ୍ୟ ରଖିଛି। ଏଥିପାଇଁ ସଭା ସ୍ଥଳ ଓ ହେଲିପ୍ୟାଡ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। କାର୍ଯ୍ୟକ୍ରମ ସାରି ମୁଖ୍ୟମନ୍ତ୍ରୀ ପୁଣି ଭୁବନେଶ୍ୱର ଫେରିଯିବାର କାର୍ଯ୍ୟକ୍ରମ ରହିଛି। ଜିଲା ପ୍ରଶାସନ ଓ ଭାଜପା ଶିବିର ଏଥିପାଇଁ ଚଳଚଞ୍ଚଳ ହୋଇଉଠିଛି। ଜିଲାପାଳ ଅନ୍ୟା ଦାସ, ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ, ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲା ପରିଷଦ ନିର୍ବାହୀ ଅଧିକାରୀ ଅଶ୍ୱିନୀ କୁମାର ମେହେରଙ୍କ ସମେତ ଜିଲାର ସମସ୍ତ ଅଧିକାରୀ ଏହି କାର୍ଯ୍ୟକ୍ରମକୁ ସଫଳ କରିବାକୁ ଲାଗିଛନ୍ତି। ଅନ୍ୟପକ୍ଷେ ନୂଆ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଜିଲାବାସୀ ମଧ ବେଶ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି।

## ପୋଲିସ ସୁରକ୍ଷା ବ୍ୟବସ୍ଥାର ଅନୁଧ୍ୟାନକଲେ ଆଇଜି

**୧୦ ପ୍ଲାଟୁନ୍ ପୋଲିସ ମୁତୟନ ହେବେ**

ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ପୋଲିସ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଏଥିପାଇଁ ଏସ୍‌ପି ନାରାୟଣ ନାୟକଙ୍କ ନେତୃତ୍ୱରେ ୨ଜଣ ଅତିରିକ୍ତ ଏସପି, ୮ଜଣ ଡିଏସ୍‌ପି, ୧୪ ଇନିସପେକ୍ଟର ନିୟୋଜିତ ରହିବେ। ସଭାସ୍ଥଳ, ସହରର ଟ୍ରାଫିକ୍ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପ୍ରାୟ ୧୦ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହେବେ। ସନ୍ଧ୍ୟାରେ ସମ୍ବଲପୁର ଉତ୍ତରାଞ୍ଚଳ ଆଇଜି ହିମାଂଶୁ କୁମାର ଲାଲ ସଭାସ୍ଥଳ ଅନୁଧ୍ୟାନ କରିବା ସହ ସୁରକ୍ଷା ଦାୟିତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀଙ୍କ ସହ ବ୍ରିଫିଂ କରିଛନ୍ତି।

୮

# ରାଜ୍ୟସ୍ତରୀୟ ଇକୋ ମଡେଲ ପ୍ରଦର୍ଶନୀରେ ବଲାଙ୍ଗୀରର ସ୍ୱପ୍ନେନ୍ଦୁ ପାଢ଼ୀ

**ବଲାଙ୍ଗୀର,୬।୬ (ବୀରେନ୍ଦ୍ର କୁମାର ଝାଙ୍କର)**



କୃତୀ ଛାତ୍ର ସ୍ୱପ୍ନେନ୍ଦୁ ପାଢ଼ୀ।

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଡୁଡୁକା ଆଦର୍ଶ ବିଦ୍ୟାଳୟର ଛାତ୍ର ସ୍ୱପ୍ନେନ୍ଦୁ ପାଢ଼ୀ ଭୁବନେଶ୍ୱରଠାରେ ଆୟୋଜିତ ଇକୋ ମଡେଲ ପ୍ରଦର୍ଶନୀରେ ଅଂଶଗ୍ରହଣ କରିଛନ୍ତି। ଗୁରୁବାର ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ଓଡିଶା ସରକାରଙ୍କ ଜଙ୍ଗଲ, ପରିବେଶ, ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ (ଓୟୁଏଟି) ପରିସରରେ ଥିବା କୃଷି ଶିକ୍ଷା ସଦନ, ଶିରିପୁରଠାରେ ରାଜ୍ୟସ୍ତରୀୟ ଇକୋ ମଡେଲ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଉକ୍ତ ପ୍ରଦର୍ଶନୀରେ ଇକୋ କ୍ଲବ ମାଷ୍ଟର ଟ୍ରେନର ଦିଲିପ କୁମାର ଧଳଙ୍କ ମାର୍ଗଦର୍ଶନରେ ପ୍ରସ୍ତୁତ 'ଦେଶୀୟ ଜ୍ଞାନ କୌଶଳର ପୁନଃରୁଦ୍ଧାର ହିଁ ପ୍ଲାଷ୍ଟିକ ଉତ୍ପାଦର ସଫଳ ବିକଳ୍ପ' ବିଷୟ ପ୍ରକଳ୍ପ ବଲାଙ୍ଗୀର ଜିଲାରୁ ମନୋନୀତ ହୋଇଥିଲା। ଆଗଲପୁର ବ୍ଲକ ଡୁଡୁକାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ର ସ୍ୱପ୍ନେନ୍ଦୁ ଏହି ପ୍ରକଳ୍ପ ନେଇ ସେଠାରେ ପ୍ରଦର୍ଶିତ କରିଛନ୍ତି। ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ ପ୍ରକଳ୍ପ ପ୍ରସ୍ତୁତକାରୀଙ୍କ ସହ ଭାବ ବିନିମୟ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ, ଜଙ୍ଗଲ ,ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ମନ୍ତ୍ରୀଙ୍କ ସହ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସିଇଏସ ନିର୍ଦ୍ଦେଶକ ଡ. ମୁର୍ଗାସେନ ଅତିଥି ଭାବେ ମଞ୍ଚାସୀନ ଥିଲେ। ପ୍ରୋଗ୍ରାମ ଅଫିସର ପ୍ରଭାତ ମୋହନ ଦାଶ, ପ୍ରୋଜେକ୍ଟ ଅଫିସର ପ୍ରଶାନ୍ତ ନାୟକ, ଭରତ ଜେନା ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଛାତ୍ର ସ୍ୱପ୍ନେନ୍ଦୁଙ୍କୁ ଡୁଡୁକାସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ପ୍ରବୀଣ କୁମାର ସାହୁ, ଅନ୍ୟ ଶିକ୍ଷକ ଓ ଛାତ୍ର ଅଭିନନ୍ଦନ ଜଣାଇଛନ୍ତି।

# ସରକାରୀ ଯୋଜନାର ଲାଭ ଜନସାଧାରଣଙ୍କ ପାଖରେ ପହଞ୍ଚାଅ




ରାଉରକେଲା ଭାଜପାର ଜିଲା ସ୍ତରୀୟ କର୍ମଶାଳାରେ ଭାଜପା କର୍ମକର୍ତ୍ତାବୃନ୍ଦ।

**ଲହୁଣୀପଡ଼ା,୬।୬(ଦାଶରଥି ପଣ୍ଡା)**

**ରାଉରକେଲା ଭାଜପାର ଜିଲା ସ୍ତରୀୟ କର୍ମଶାଳା**

ଲହୁଣୀପଡା ବ୍ଲକ ଦର୍ଜୀଂ ଜାତୀୟ ରାଜପଥ ଡାକ ବଙ୍ଗଳାଠାରେ ଶୁକ୍ରବାର ରାଉରକେଲା ଭାଜପାର ଜିଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଭାଜପା ସରକାର କେନ୍ଦ୍ରରେ ୧୧ ବର୍ଷ ଏବଂ ରାଜ୍ୟରେ ୧ ବର୍ଷର ଗୌରବଶାଳୀ ଅବଧି ପୂରଣ କରିଛି। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସମସ୍ତ ଉଲ୍ଲେଖନୀୟ ସଫଳତା ତଥା ଗରିବ କଲ୍ୟାଣ ଯୋଜନା ଗୁଡିକୁ ଲୋକଙ୍କ ପାଖରେ ପହଞ୍ଚାଇବାକୁ ପ୍ରାଥମିକତା ଦିଆଯାଉଛି। କର୍ମଶାଳାରେ ଭାଜପା ରାଜ୍ୟ ଉପ ସଭାପତି ସୁଶ୍ରୀ ସୁକେଶୀ ଓରାମ, ଜିଲା ସଭାପତି ପୂର୍ଣ୍ଣିମା କେରକେଟା, ରାଜ୍ୟ ପ୍ରବକ୍ତା ଧିରେନ ସଭାପତି, ରଘୁନାଥପଲ୍ଲୀ ବିଧାୟକ ଦୁର୍ଗା ତନ୍ତୀ, ପାନପୋଷ ଜିଲା ପ୍ରାକ୍ତନ ସଭାପତି ଲତିକା ପଟ୍ଟନାୟକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରାହାସ ବିହାରୀ ପ୍ରଧାନ, ଜଗବନ୍ଧୁ ବେହେରା, ସହ ସଂଯୋଜକ ଅମରେନ୍ଦ୍ର ନାଥ ଶର୍ମା, ଲହୁଣୀପଡ଼ା ମଣ୍ଡଳ ସଭାପତି ପୂର୍ଣ୍ଣଚନ୍ଦ୍ର ଓରାମ, ଦର୍ଜୀଂ ବୁଥ୍ ସଭାପତି ପ୍ରଦୀପ ପାତ୍ର ପ୍ରମୁଖ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରି କାର୍ମଶାଳାକୁ ଉଦ୍‌ଘାଟନ କରିଥିଲେ। ଉପସ୍ଥିତ ନେତୃମଣ୍ଡଳୀ ସରକାରୀ ଯୋଜନାର ଲାଭ ତୃଣମୂଳ ସ୍ତରରେ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ଗୁରୁତ୍ୱାରୋପ କରିବା ସହ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ସୁନ୍ଦରଗଡ଼ ଏମ୍‌ପି ଜୁଏଲ ଓରାମ ଡିଜିଟାଲ ପ୍ଲାଟଫର୍ମ ମାଧ୍ୟମରେ ଦିଲ୍ଲୀରୁ ଯୋଡ଼ି ହୋଇ କାର୍ଯ୍ୟକର୍ତ୍ତାଙ୍କୁ ସମ୍ବୋଧିତ କରିବା ସହ ଗୁରୁମନ୍ତ୍ର ଦେଇଥିଲେ। କାର୍ଯ୍ୟ କ୍ରମରେ ରାଉରକେଲା ସାଙ୍ଗଠନିକ ଜିଲାର ଜିଲା ପଦାଧିକାରୀ, ମଣ୍ଡଳ ସଭାପତି, ପ୍ରାକ୍ତନ ମଣ୍ଡଳ ସଭାପତି, ଜିଲା ମୋର୍ଚ୍ଚା ସଭାପତି ତଥା ଜିଲାର ୨୯ ଟି ମଣ୍ଡଳର ଟୋଲି ସଦସ୍ୟ ତଥା ପ୍ରମୁଖ କାର୍ଯ୍ୟକର୍ତ୍ତାମାନେ ଯୋଗଦେଇଥିଲେ। ଆଗାମୀ ଦିନରେ ମଣ୍ଡଳ ତଥା ବୁଥ ସ୍ତରରେ ଏହି କାର୍ଯ୍ୟକ୍ରମକୁ ବ୍ୟାପକ ଭାବେ ଅୟୋଜନ କରି ସରକାରୀ ଯୋଜନାର ଲାଭ ସଧାରଣ ଲୋକଙ୍କ ପାଖରେ ପହଞ୍ଚାଇବାକୁ କାର୍ଯ୍ୟକର୍ତ୍ତାମାନେ ମୁଖ୍ୟ ଭୂମିକା ନିର୍ବାହ କରିବାକୁ ମଞ୍ଚାସୀନ ନେତୃମଣ୍ଡଳୀ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ନେତୃମଣ୍ଡଳୀ "ମା ପାଇଁ ଗଛ ଟିଏ" ଆହ୍ୱାନରେ ବୃକ୍ଷ ରୋପଣ କରିଥିଲେ। କାର୍ଯ୍ୟକ୍ରମକୁ ଭାଜପା ରାଉରକେଲାର ଜିଲା ସଂଯୋଜକ ଅଭିରାମ ମହାକୁଡ ସଂଯୋଜନା କରିଥିଲେ।




Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ

# ଧରିତ୍ରୀ DHARITRI

ପୃଷ୍ଠା–୮+୮

ଭୁବନେଶ୍ୱର, ଶନିବାର, ଜୁନ୍ ୭/୨୦୨୫ (୮+୮=୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, June 7/2025 Page 16 ₹ 7.00 | SAMBALPUR

www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul

୫୧ଶ ଭାଗ ୧୯୨ ସଂଖ୍ୟା VOLUME 51 ISSUE 192 ମୂଲ୍ୟ ₹୭/-




ଚେନାବ ନଦୀ ଉପରେ ବିଶ୍ୱର ସର୍ବୋଚ୍ଚ ବର୍ତ୍ତୁଳାକାର ରେଲୱେ ବ୍ରିଜ୍‌କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି। ନିକଟରେ ଅଛନ୍ତି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଜମ୍ମୁ–କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା, ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା, କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ।

**ଆଜିର ସମ୍ପାଦକୀୟ**

**ପୁନଶ୍ଚ ଜାଲିଆତି**







# ଚେନାବ ରେଳ ବ୍ରିଜ୍ ଲୋକାର୍ପିତ

ଭାରତୀୟ ଇଞ୍ଜିନିୟରିଂର ଚମତ୍କାରିତା ଭାବେ ଚେନାବ ନଦୀ ଉପରେ ନିର୍ମିତ ଆର୍ଚ୍ଚ ରେଳ ବ୍ରିଜ୍ । ଫ୍ରାନ୍ସର ଆଇଫେଲ୍ ଟାୱାରଠାରୁ ଉଚ୍ଚ ୩୫୯ ମିଟର ଉପରେ ଭାରତୀୟ ରେଳପଥ ଦ୍ୱାରା କରାଯାଇଥିବା ଏହି ବ୍ରିଜ୍ ବିଶ୍ୱର ସର୍ବୋଚ୍ଚ ବର୍ତ୍ତୁଳାକାର ବ୍ରିଜ୍ ଭାବେ ପରିଗଣିତ ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଏହାକୁ ଉଦ୍‌ଘାଟନ କରିବା ପରେ ଜମ୍ମୁ–କଶ୍ମୀର ସହ ଜାତୀୟ ରେଳ ନେଟ୍‌ୱର୍କ ସମ୍ପୂର୍ଣ୍ଣ ସ୍ଥାପନ ସମ୍ଭବ ହୋଇପାରିଛି। ଏଥିସହିତ କଶ୍ମୀରରୁ କନ୍ୟାକୁମାରୀକୁ ଯୋଡ଼ିବାରେ ଚେନାବ ଓ ଅଞ୍ଜି ବ୍ରିଜ୍ ଯାନ୍ତ୍ରିକ କୌଶଳର ନୂଆ ଇତିହାସ ରଚିଛି।

**ରେଆସି,୬।୬**

ଜମ୍ମୁ–କଶ୍ମୀରର ରିଆସି ଜିଲାରେ ଚେନାବ ନଦୀ ଉପରେ ବିଶ୍ୱର ସର୍ବୋଚ୍ଚ ବର୍ତ୍ତୁଳାକାର ରେଲୱେ ବ୍ରିଜ୍‌କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଉଦ୍‌ଘାଟନ କରିଛନ୍ତି। ଫଳରେ ଦେଶର ଅନ୍ୟ ଭାଗ ସହ ଏହି ପାର୍ବତ୍ୟାଞ୍ଚଳକୁ ରେଳ ନେଟ୍‌ୱର୍କରେ ସଂଯୋଗ କରିବା ପାଇଁ ରହିଥିବା ଶତାଧିକ ବର୍ଷର ସ୍ୱପ୍ନ ସାକାର ହୋଇଛି। କଶ୍ମୀରକୁ ଟ୍ରେନ୍ ଚଳାଚଳ ଭାରତର ଇଞ୍ଜିନିୟରିଂ ଏବଂ ଯୋଗାଯୋଗରେ ଏକ ଐତିହାସିକ ସଫଳତା। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଓ ☞ପୃଷ୍ଠା–୪









# ବୋଉର ମୁଦି

## ଗଳ୍ପ

**ଦୀପକ କୁମାର ମହାନ୍ତି**

ବୋଉ ଶଯ୍ୟାଶାୟୀ। ଏ ପଟେ ସ୍ତ୍ରୀ ସୁନନ୍ଦାର ଏକା ଜିଦ୍ ଏଥର ଆମ ବିବାହ ବାର୍ଷିକୀ ଉତ୍ସବରେ ପୁରୀ ଯିବା।

ସୁନନ୍ଦା ତୁମର ବୁଦ୍ଧି ବିବେକ ବୋଲି କିଛି ନାହିଁ। କୋଉ ପୁଅ ଚାହିଁବ ବୋଉର ଅସୁସ୍ଥତା ଭିତରେ ମଉଜ ମଜଲିସ କରିବାକୁ! ଯଦି ଆଜି ସିଏ ତୁମ ବୋଉ ହୋଇଥାନ୍ତା ତା'ହେଲେ...!

ହଠାତ୍ ସୁନନ୍ଦା ଚା କପ୍‌ଟି ଧରି ଆସିଲାବେଳେ ସୁଧା ବାବୁ ପ୍ରକୃତିସ୍ଥ ହେଲେ।

ଚା କପ୍‌ଟିକୁ ସ୍ୱାମୀଙ୍କ ହାତକୁ ବଢ଼ାଇ ଦେଇ ପଚାରିଲେ, ସକାଳୁ ସକାଳୁ ପୂରାପୂରି ଚୁପ୍‌ଚାପ୍, ଗୁମ୍‌ସୁମ୍। କ'ଣ ହୋଇଚି ? କୋଉ କଥା ଭାବୁଚ ?

ଗାଁରୁ ଭାଇ ଫୋନ୍ କରିଥିଲେ, ବୋଉ ଦେହ ଭଲ ନାହିଁ। ବେଡ୍‌ରୁ ଉଠୁନାହିଁ। ତା' ଦେହ କ୍ରମଶଃ ଖରାପ ଆଡ଼କୁ ଗତିକରୁଚି। ଏତେ ଟଙ୍କା ଖର୍ଚ୍ଚ ହେଲାଣି ଅଥଚ ସେ ଟିକିଏ ଭଲ ଆଡ଼କୁ ଗତିକରୁନାହିଁ। ଭାବୁଚି ଏ ବର୍ଷ ଆମ ଆନିଭର୍ସାରିଟିକୁ ଘରେ ରହି ନିରାଡ଼ମ୍ବର ଭାବେ ପାଳନ କରିବା। କୁଆଡ଼େ ଯିବାନାହିଁ।

ଆନିଭର୍ସାରି କ'ଣ ସବୁଦିନେ ପାଳନ ହେଉଚି, ବର୍ଷକୁ ଥରେ। ସେ ସକାଶେ ତୁମର ଏତେ ଫର୍ମାଇସ୍। ତା'ଛଡ଼ା ବୋଉଙ୍କ ବୟସ ହେଲାଣି, ପାଚିଲା ଫଳ ସେ। ତାଙ୍କ ପାଇଁ ଏତେ ବ୍ୟସ୍ତ ହେଲେ ହେବ! ଗାଁରେ ଅନ୍ୟ ଭାଇମାନେ ଅଛନ୍ତି, ବୁଝୁ ନାହାନ୍ତି। ଗାଁ ଭାଇ ଜମିବାଡ଼ିର ଫସଲ ଖାଇବେ, ଖର୍ଚ୍ଚ କଲାବେଳକୁ ମଝିଆଁ ଭାଇ। ଆମ ପାଖରେ ତ ମହୁ ଝରୁଚି। ସାନଭାଇ ପାଖକୁ ତ ବୋଉ ପାଇଁ ଔଷଧ, ଘର ଖର୍ଚ୍ଚ ପାଇଁ ଟଙ୍କା ମାସକୁ ମାସ ପଠାଉଚ, ତାକୁ କହୁନ ବୁଝିବାକୁ। କେହି କରିବେ ନାହିଁ। ଆମେ ଠିକା ନେଇଚୁ ସବୁ କାମ କରିବାକୁ। ମୁଁ ଭଲ ଭାବେ ଜାଣିଛି ଫି ବର୍ଷ ବିବାହ ବାର୍ଷିକୀ ଆସିଲେ ତୁମର କିଛି ନା କିଛି ପେଖନା ଥିବ। ବାହାଘର ୫ ପୂରି ୬ ବର୍ଷ ଚାଲିବ, କିନ୍ତୁ ଆଜିଯାଏଁ ପୁରୀ ଟିକେ ବି ଯାଇପାରିଲି ନାହିଁ। ଛାଡ଼ ସେ ସବୁ ମୋ' ଭାଗ୍ୟ କହି ରୋଷେଇ ଘରକୁ ଚାଲିଗଲେ ସୁନନ୍ଦା। ସୁଧା ବାବୁ ଏକଲୟରେ ଚାହିଁ ରହିଥିଲେ ତାଙ୍କ ଯିବା ବାଟକୁ।

ନିତ୍ୟକର୍ମ ସାରି ସ୍ୱାମୀଙ୍କୁ ଖାଇବାକୁ ଦେଇ ସୁନନ୍ଦା ଠାକୁର ପୂଜାରେ ଲାଗିପଡ଼ିଲେ। ପୂଜା ସରିଲା। ମଧ୍ୟାହ୍ନଭୋଜନରେ ମନ ଲାଗିଲା ନାହିଁ ତାଙ୍କର। କ'ଣ ଦୁଇଟା ଖାଇ ଦେଇ ଖଟ ଉପରକୁ ଚାଲିଗଲେ ସୁନନ୍ଦା। ଶୋଇ ରହି କେତେ କଥା ମନକୁ ତାଙ୍କର ଆସୁଥିଲା। ମା'ବାପା, ଭଲ ଘର, ଭଲ ବର ଦେଖି ବିବାହ ଦେଇଥିଲେ। କିନ୍ତୁ କିଏ ଜାଣିଥିଲା ଘରର ଭିତିରି କଥା! ଚାକିରିଆ ପୁଅ ବୋଲି ଭାଇ ଭଉଣୀଠାରୁ ଆରମ୍ଭ କରି ବନ୍ଧୁବାନ୍ଧବ ଯାଏଁ ସମସ୍ତଙ୍କର ତାଙ୍କ ଠାରେ ଆଖି। ଦରମା ଗଣ୍ଡାକ ଯାହା ମିଳୁଛି ଶାଗ ମୁଗ ହିସାବରେ ସମସ୍ତଙ୍କୁ ବାଣ୍ଟିଦେଉଛନ୍ତି ସେ। ଭଣଜା ଭାଣିଜୀ, ପୁତୁରା ଝିଆରୀଙ୍କ ପ୍ରେମ ତ ଛାଡୁ ନାହାନ୍ତି, ସିଏ ସ୍ତ୍ରୀଙ୍କୁ ଖୁସିରେ ରଖିବେ କେଉଁଠି ?

ଏତିକିବେଳେ କଲିଂବେଲ୍ ବାଜିଉଠିଲା। ସୁଧା ବାବୁ କବାଟ ଖୋଲି ଆସିଲା ବେଳେ ସୁନନ୍ଦା ପଚାରିଲେ, ଆଜି କ'ଣ ଏତେ ଶୀଘ୍ର ଅଫିସରୁ ପଳାଇ ଆସିଲ ?

ମାର୍କେଟିଂ କରିବାର ଅଛି। ଜିନିଷପତ୍ର ସବୁ ପ୍ୟାକ୍ କରିଦିଅ, କାଲିଭୋରୁ ପୁରୀ ଯିବା। ଆନିଭର୍ସାରି ପାଇଁ ଛୁଟି ଆଣିଛି। ଟ୍ରାଭେଲ୍ସରେ ଗାଡ଼ି ବୁକ୍ କରିଦେଇଛି, ଗାଡ଼ି ୬ଟା ବେଳେ ଆସି ପହଞ୍ଚିବ।

ସୁନନ୍ଦାଙ୍କ ଖୁସି କହିଲେ ନ ସରେ। ମାର୍କେଟିଂ ସାରି ସଅଳ ଖାଇ ପିଇ ଦୁହେଁ ଶୋଇପଡ଼ିଲେ। ଭୋରୁ ଭୋରୁ ନିତ୍ୟକର୍ମ ସାରି ସୁନନ୍ଦା ଦେବୀ ଓ ସୁଧା ବାବୁ ବାହାରି ପଡ଼ିଲେ ପୁରୀ ଅଭିମୁଖେ।

ବଡ଼ଦାଣ୍ଡରେ ଭକ୍ତଙ୍କ ଭିଡ଼ କମ୍ ଥିଲା। ଶୃଙ୍ଖଳିତ ଧାଡ଼ି ବ୍ୟବସ୍ଥାରେ ମହାପ୍ରଭୁଙ୍କୁ ଦର୍ଶନ ଭଲରେ ହେଲା। ଦର୍ଶନ ସାରି ଆନନ୍ଦବଜାରରେ ଅବଢ଼ା ଖାଇ ଲଜ୍‌କୁ ଫେରିଲେ ସ୍ୱାମୀ ସ୍ତ୍ରୀ ଦୁହେଁ। ଲଜ୍‌ରୁ ସମୁଦ୍ରକୂଳ।

ସୂର୍ଯ୍ୟ ଅସ୍ତଗାମୀ। ସମୁଦ୍ରକୂଳରେ ଅସ୍ତଗାମୀ ସୂର୍ଯ୍ୟଙ୍କୁ ଉଭୟେ ମନଭରି ଉପଭୋଗ କରୁଥିଲେ। ଦୀର୍ଘ ଦିନ ପରେ ସୁନନ୍ଦା ପୁରୀ ଆସିଥିବାରୁ ଖୁସିରେ ଆତ୍ମହରା ହୋଇ ପଡୁଥିଲେ। କେତେବେଳେ ସ୍ୱାମୀଙ୍କ ହାତ ଧରି ସମୁଦ୍ର ଭିତରକୁ ଯାଇ ଲହଡ଼ି ଭାଙ୍ଗୁଥିଲେ ତ କେତେବେଳେ ଦୁଇ ଜଣ ଯୁଗଳବନ୍ଦୀ ଠାଣିରେ ନିଜକୁ ସଜାଉଥିଲେ। ମଝିରେ ମଝିରେ ସୁନନ୍ଦା କୂଳକୁ ଆସି ବାଲିରେ ବନ୍ଧ କରି ଲହଡ଼ିକୁ ଅଟକାଉଥିଲେ। ହଠାତ୍ ସୁଧା ବାବୁ ପ୍ରକୃତିସ୍ଥ ହୋଇ ଦେଖିଲେ ସୁନନ୍ଦାଙ୍କ ଆଙ୍ଗୁଠିରେ ମୁଦିଟି ନାହିଁ।

ସୁନନ୍ଦା! ତୁମ ହାତରୁ ମୁଦିଟା ଗଲା କୁଆଡ଼େ ? ଘରୁ ପିନ୍ଧି ଆସିଥିଲ ?

ହଁ, ଏଠାକୁ ଆସିଲାବେଳେ ତ ମୋ' ଆଙ୍ଗୁଠିରେ ଥିଲା। ସୁନନ୍ଦା ବ୍ୟସ୍ତ ହୋଇପଡ଼ିଲେ।

କୂଳରେ ଖୋଜାଖୋଜି କଲେ, ପାଇଲେ ନାହିଁ। କୂଳର ଉପରିଭାଗକୁ ଯାଇ ବି ଖୋଜାଖୋଜି କଲେ, ପାଇଲେ ନାହିଁ। ଜଲ୍‌ଦି ଫେରି ଆସି ଲଜ୍‌ରେ ଖୋଜିଲେ, ନିରାଶ ହେଲେ।

ବୋଉର ଅସୁସ୍ଥତା ଓ ମୁଦି ହଜିବା ଘଟଣା ସୁଧା ବାବୁଙ୍କ ମନକୁ ବିଚଳିତ କରୁଥିଲ।

ସୁନନ୍ଦା, ବାହାଘର ବେଳେ ବୋଉ ତୁମକୁ ସେ ମୁଦି ପିନ୍ଧାଇ ଦେଇଥିଲା ନା। କହିଥିଲା, ସେଇଟା ତା'ର ସନ୍ତକ। ତାକୁ ଯତ୍ନସହକାରେ ରଖିବ।

ଅବେଳାରେ ମୁଦି ହଜିବା ଘଟଣା ଭଲ ନୁହଁ କହିଲାବେଳେ ତାଙ୍କ ଆଖି ଲୁହରେ ଜକେଇ ଆସିଲା।

ସୁନନ୍ଦା ଲୁହକୁ ନିଜ କାନିରେ ପୋଛି ଦେଇ କହିଲେ- ଛିଃ, ମନଦୁଃଖ କରନାହିଁ। ଆଜି ଭଳି ଦିନରେ କାନ୍ଦନ୍ତି ନାହିଁ। ଠାକୁରଙ୍କୁ ଡାକ, ଆସ୍ତେ ଆସ୍ତେ ସବୁ ଠିକ୍ ହୋଇଯିବ। ସୁନନ୍ଦା ଯେତେ ବୁଝାଇଲେ ବି ମୋ' ମନ ଜମା ବୁଝୁନାହିଁ। ଆଜି ଭାରି ବୋଉ କଥା ମନେପଡୁଛି।

ସେ କିଛି ନୁହଁ। ତୁମେ ଗୋଡ଼ ହାତ ଧୋଇ ଫ୍ରେଶ୍ ହୋଇ ଆସ। ରାତି ପାହିଲେ ଯାହା ଚିନ୍ତା କରିବା। ରାତି ପାହି ସକାଳ ହେଲା। ସୁଧା ବାବୁ ମୋବାଇଲ ଫୋନ୍ ଆଣି ଦେଖିଲେ, ଗାଁରୁ ଭାଇଙ୍କ ୫ଟା ମିସ୍‌କଲ୍। ଭାଇ, କ'ଣ ହେଲା ? ବୋଉ ଦେହ କେମିତି ଅଛି ?

ସେ ପଟୁ କୋହଭରା କଣ୍ଠରେ ଭାଇ କହୁଥିଲେ, ବୋଉ ଆଉ ନାହିଁରେ ସୁଧା। ଭୋରୁ ଚାଲିଗଲା। କାଲି ରାତିରେ ତୋତେ ବହୁତ ଖୋଜିଲା। ସୁଧା ଆସି ନାହିଁ! ମୋ' ସୁଧାକୁ ଡାକ, ମୁଁ ତାକୁ ଟିକେ ଦେଖିବି କହିଲାବେଳେ ଫୋନ୍‌ରେ କାନ୍ଦବୋବାଳିର ଶବ୍ଦ ତୁହାକୁ ତୁହା ବର୍ଷୁଥିଲା।

ସୁଧା ବାବୁ ଜଡ଼ ପାଲଟିଗଲେ। ତାଙ୍କ ହାତରୁ ଫୋନ୍‌ଟି ଅଚାନକ ଖସିପଡ଼ିଲା।

ସୁନନ୍ଦା ଦଉଡ଼ି ଆସି ପଚାରିଲେ, କ'ଣ ହେଲା ? କିଏ ଫୋନ୍ କରିଥିଲେ ?

ସୁଧା ବାବୁ କାନ୍ଦି କାନ୍ଦି କହୁଥିଲେ, ସୁନନ୍ଦା କି ବେଳାରେ ଆମେ ଘରୁ ଗୋଡ଼ କାଢ଼ିଥିଲେ ଯେ, ମୁଦି ହଜିଗଲା, ମୁଦି ପଛେ ପଛେ ବୋଉ ବି ଚାଲିଗଲା। ତାଙ୍କ ହୃଦୟରୁ ଭାସି ଆସୁଥିଲା ଏକ କରୁଣ ସ୍ୱର, 'ମୋ ବୋଉ, ବୋଉର ମୁଦି... ମୋ ବୋଉ, ବୋଉର ମୁଦି।'

ମୋ: ୯୪୩୮୩୨୯୦୫୯





## ପୁସ୍ତକ ପରିଚୟ

### ଅସରନ୍ତି ଅନୁରାଗ



**କବି:** ମନୋଜ ମେହେର
**ପ୍ରକାଶକ:** ଜଗନ୍ନାଥ ରଥ, ବିନୋଦ ବିହାରୀ, କଟକ-୨
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୧୫୦/-

ମୋଟ ୩୨ଟି କବିତା ଆଲୋଚ୍ୟ କବିତାଗ୍ରନ୍ଥରେ ସ୍ଥାନିତ। କିନ୍ତୁ କବିତାଗୁଡ଼ିକ ମଧ୍ୟରୁ ବେଶ୍ କିଛି କବିତା ଚିରାଚରିତ ଛାଞ୍ଚ ଦୃଷ୍ଟିରୁ କବିତା ପରି ନ ଦିଶି ଗଦ୍ୟ ପରି ଦିଶନ୍ତି। ଯଥା: 'ହାତ', 'ବାପା: ସରଳ ସତ୍ୟର ବିଦ୍ୟାଳୟ', 'ଶ୍ରବଣ କୁମାର', 'କ୍ୟାନ୍‌ସରର ବଡ଼ଭାଇ', 'ସବୁକିଛିର ଊର୍ଦ୍ଧ୍ୱରେ ଏକ ଉଚ୍ଛ୍ୱସିତ ଉଡ଼ାଣ', 'ପତ୍ନୀ: ଏକାଧିକ ଆରମ୍ଭ', 'ଦୁଃଖର ଝୋଟିଚିତା', 'ଅନ୍ତରଙ୍ଗ ଲୁହ', 'ପିଆଜୀୟ ପ୍ରଶ୍ନବାଚୀ', 'ଝୋଟିଅଙ୍କା କାନ୍ଥ', 'ଇଚ୍ଛାଶକ୍ତିର ପୃଥିବୀ', 'ପ୍ରେମର ଗୁଡ଼ିଉଡ଼ା', 'ଊର୍ଦ୍ଧ୍ୱ ଉଡ଼ାଣ', 'ଶୂନ୍ୟ ଦର୍ପଣର ଛବି', 'ଅବଶିଷ୍ଟ ଜୀବନ' ଓ 'ଅସରନ୍ତି ଅନୁରାଗ'। ପୁଣି 'ସାକ୍ଷାତ୍‌କାର' କବିତାଟି କବିତା ନା 'ସାକ୍ଷାତ୍‌କାର' ? ଏ ସବୁକୁ ବାଦ୍ ଦେଲେ ଅନ୍ୟ କବିତାଗୁଡ଼ିକ କବିତାର ପ୍ରତ୍ୟାଶିତ ଢଙ୍ଗରେ ଉପସ୍ଥାପିତ। କିନ୍ତୁ ଗଦ୍ୟପ୍ରତିମ କବିତାରେ ମନୋଜ ଅନୁଭବର ମଞ୍ଜି ଭିତରକୁ ପଶିବାର ଦକ୍ଷତା ରଖନ୍ତି। ଗ୍ରଥିତ ଶବ୍ଦମାନଙ୍କ ଭିତରେ ନୀରବରେ ଦର୍ଶନର ଛୋଟ ଛୋଟ ଝରଣା କେଉଁଠି ନା କେଉଁଠି ବହୁଥାଏ। ଯଥା: ''ବାପା! ତମେ ପାହାଡ଼ୀ ଝରଣା ପରି ବହିଯାଉଥିବା ଅସରନ୍ତି ଭଲପାଇବା। ତମେ ଦମ୍ଭ, ବିଶ୍ୱାସ ଓ ପ୍ରେରଣାର କୁହୁକ ଗଛ। ତମେ ମୋ' ପାଇଁ ବନିଛ ଆକାଶ କିମ୍ବା ତା'ଠୁ ବଡ଼। କେଉଁଠି ବି ଠିଆ ହେଉଛ ଦର୍ପଣ ହୋଇ। ତମକୁ କଳିବାର ଶକ୍ତି ନାହିଁ ମୋର।'' (ବାପା: ସରଳ ସତ୍ୟର ବିଦ୍ୟାଳୟ, ପୃ:୧୨)। ସାନ ସାନ ପଂକ୍ତିରେ କବି ଅନୁରାଗର ବିରଳ ଆୟତନ ଗଢ଼ିତୋଳନ୍ତି। ଯଥା: ''ଗୋଟିଏ ନୀଳକଇଁ ହିଁ ଯଥେଷ୍ଟ/ ମୋର ଲୁହବତୁରା ବଗିଚାର ଶୋଭା ବଢ଼ାଇବା ପାଇଁ।/ ଏକୁଟିଆ ଚାଲୁଛି/ ନିଜକୁ ଅତିକ୍ରମ କରିବା ଦାୟରେ/ ଏବେ ଜହ୍ନ ସାଙ୍ଗ ହେବା ପାଇଁ ଡାକୁଛି।'' (ଶିଶିର ବିଧୁର ପୃଥିବୀ, ପୃ:୭୨)। କବିତା ଗଦ୍ୟରେ ଲେଖାଯାଉ କି ପଦ୍ୟରେ, କବି ତହିଁରେ ଜୀବନକୁ ଗରିମାମୟ କରି ଓ କେତେ ଗଭୀରରେ ସମ୍ପାଦି ପାରୁଛି, ତାହା ଉପରେ କବିତାର ସଫଳତା ନିର୍ଭର କରେ। ଏହି ମାନଦଣ୍ଡରେ ଆଲୋଚ୍ୟ କବିତା ବହିଟି ଉତ୍ତୀର୍ଣ୍ଣ ମନେହୁଏ।

### ଆମ ପାଲା ଆମ ସଂସ୍କୃତି



**ଲେଖକ:** ଡ. ଦୀନବନ୍ଧୁ ଦାଶ
**ପ୍ରକାଶକ:** ଅପୂର୍ବା, ଖାରବେଳ ନଗର, ଭୁବନେଶ୍ୱର-୧
**ପ୍ରଥମ ପ୍ରକାଶ:** ୨୦୨୫, **ମୂଲ୍ୟ:** ଟ.୨୫୦/-

ଆଲୋଚ୍ୟ ପ୍ରବନ୍ଧ ସଂକଳନରେ ରହିଛି ୨୭ଟି ଉପଶୀର୍ଷକ, ଯାହା ତତ୍‌ନିହିତ ବକ୍ତବ୍ୟର ସୂଚନା ଦିଏ। 'ନିଜକଥା'ରେ ପ୍ରାବନ୍ଧିକ କହନ୍ତି: ''ମୋ' ବିଚାରରେ ସତ୍ୟପୀର ପାଲାରୁ ଠିଆପାଲାର ବିକାଶ ହୋଇଛି ଓ ଏହା ଊନବିଂଶ ଶତାବ୍ଦୀର ଘଟଣା। ସତ୍ୟପୀର ପାଲାକୁ ହିନ୍ଦୁ-ମୁସଲମାନ ଧର୍ମ ସମନ୍ୱୟର ଅମୃତ ଫଳ ବୋଲି କରାଯାଇଥିବା ବିବେଚନାରେ ମୋର ଆପତ୍ତି ଅଛି। ଏହା ସମନ୍ୱୟର ସାଧନ ନୁହେଁ, ବରଂ ଅତ୍ୟାଚାର ଓ ଧର୍ମାନ୍ତରୀକରଣ ପରିପ୍ରେକ୍ଷୀରେ ଏହା ହିନ୍ଦୁର ଆତ୍ମରକ୍ଷାର କୌଶଳ ବୋଲି ମୋର ଧାରଣା।'' ଏପରି ଉଲ୍ଲେଖରୁ ସ୍ପଷ୍ଟ ହୋଇଯାଏ ଯେ ଆଲୋଚ୍ୟ ନିବନ୍ଧଗ୍ରନ୍ଥଟି ପାଲାକୁ ନେଇ ମୌଳିକ ବିଚାରବୋଧର ଏକ ବିଶ୍ୱସ୍ତ ଦଲିଲ। ଗ୍ରନ୍ଥରେ ପାଲାର ବିକାଶ ଓଡ଼ିଶାରେ କିପରି ହୋଇଛି, ତା'ର ବିଶ୍ଳେଷଣ କରାଯିବା ସହ ପାଲା ମଧ୍ୟରେ ଥିବା ପ୍ରଭେଦ ବା ସାମ୍ୟ, ଠିଆପାଲାର ଉଦ୍ଭବ ଓ ବିକାଶ, କବିର ଗାନ ଓ ଠିଆପାଲାର ତୁଳନାତ୍ମକ ବିଚାର, ପାଲା କଳାକାରଙ୍କ ପୋଷାକ ଓ ଆଭୂଷଣ, ଠିଆପାଲାରେ କାବ୍ୟାଲୋଚନା, ପାଲାର ଭାଷା, ସଂଗୀତ ଓ ଲୋକ ଉପାଦାନ ଆଦି ଚର୍ଚ୍ଚା ସହିତ ବାଦୀପାଲା ସମ୍ପର୍କରେ ଆଲୋଚନା କରାଯାଇଛି। ପାଲା କିପରି ଏକ ବୌଦ୍ଧିକ ପ୍ରଦର୍ଶନ ତାହାର ତର୍ଜମା କରାଯାଇ ପାଲାର ବିପର୍ଯ୍ୟୟ ସମ୍ବନ୍ଧରେ ମଧ୍ୟ ଆଲୋକପାତ କରାଯାଇଛି। ଗ୍ରନ୍ଥରେ କତିପୟ ପ୍ରମୁଖ ପାଲାଗାୟକଙ୍କ ସମ୍ପର୍କରେ ଦିଆଯାଇଥିବା ସୂଚନା ତାତ୍ପର୍ଯ୍ୟପୂର୍ଣ୍ଣ।

## କବିତା

### କୁରୁକ୍ଷେତ୍ର

**ଡ. ଗୌରୀଶଙ୍କର ସାହୁ**

ଲୋଭ ଓ ଲାଳସାର ନଗ୍ନ ନାଚ
ଆଜି ଭାଙ୍ଗିଦେଇଛି ଜାନୁ
ଅସୂୟା, ପ୍ରତିହିଂସା, କାମନା,
ପରଶ୍ରୀକାତରତାରେ ଗଢ଼ା ରଥ
ଭାଙ୍ଗିରୁଜି ପଡ଼ିଛି ଆଜି
ଧୂଳିଧୂସରିତ ହୋଇ
ସରିଯାଇଛି କୁରୁକ୍ଷେତ୍ର
ଲଢ଼େଇ।

ମତ୍ତ ହୋଇ ମଣିଷ କରିପାରେ
ଅପମାନିତ ସ୍ୱୟଂ ଠାକୁରଙ୍କୁ
ଫେରାଇ ଦେଇପାରେ
ରିକ୍ତ ହସ୍ତେ ଯାଚକମାନଙ୍କୁ
ଧର୍ମର ଧ୍ୱଜାଧାରୀମାନେ
ବାଜି ଲଗାଇ ପାରନ୍ତି
ଜୁଆଖେଳରେ
ଅର୍ଦ୍ଧାଙ୍ଗିନୀ, ଗୃହଲକ୍ଷ୍ମୀ
ସତ୍ୟସନ୍ଧ ବି ମିଛ କହିପାରନ୍ତି
ସତ୍ୟର ମୁଖା ତଳୁ
ଶର ବି କାହାପାଇଁ
ହୋଇପାରେ ଶେଯ
ଏ ସବୁର ସାକ୍ଷୀ ଓ ସନ୍ତକ
ବିଛେଇ ହୋଇ ପଡ଼ିଛି କୁରୁକ୍ଷେତ୍ରେ
ହେଇ ଦେଖ!

ଆମେ ଯାହା ଦେଖିଲେ
କେତେ ସତ କେତେ ମିଛ
ବେଲାଳସେନକୁ ପଚାରି ଦେଖ
ପୂଜା-ପାଠ, ଜପ-ତପରୁ
ମିଳିନଥିଲା ଯାହା କାଳକାଳ
ସେଇ ମହାର୍ଘ ଗୀତାଜ୍ଞାନ
ବିସରିଗଲା ଧରାରେ ସେଦିନ
ଯୋଚିବା ପାଇଁ ଯୁଦ୍ଧଟିଏ
ବିଭୁଙ୍କ ବିଶ୍ୱରୂପ
ବିଜେ ହୋଇଥିଲେ
କେବଳ ସେଇଠି
ସବୁ ଆଜି ବିସ୍ମରଣ
ଡାକବାଜିରେ ମୁଖର
ପ୍ରବଞ୍ଚକର ପ୍ରବଚନ
ସକାଳୁ ପାହାନ୍ତାଯାଏ ସେଇ ସେଇ
ଧରାବନ୍ଧାର ଜୀବନ।

ମୋ: ୭୯୭୮୪୨୧୮୩୫

### ଜୀବନର ଚିତ୍ରକଳ୍ପ

**ସନ୍ୟାସୀ ନାୟକ**

ଦୁଃଖ ଅଛି ବୋଲି ତ
ମୁଁ କବିତା ଲେଖେ,
ତୁମ ଭଲପାଇବା
ମୋତେ ବଞ୍ଚାଇ ରଖେ,
ପର ଭିତରେ
ଆପଣା ପଣ ଖୋଜେ...

ପ୍ରେମ ହେଲେ ବି
କହିପାରେନି କାହା ଆଗେ,
କେବଳ ଦୁଃଖ ପାଇଁ
ଜୀବନ ଜିଇଲା ପରି ଲାଗେ...

ସୁଖ ଦୁଃଖ
ପଇସାର ଦୁଇପାଖ,
କେବେ ଆସିବ
କେବେ ଯିବ
କ'ଣ କହିହେବ ?

ସୁଖ ଦୁଃଖର
ଲୁଚାଛପା ଖେଳରେ,
ଏ ମଣିଷ
ବଞ୍ଚିବା ପାଇଁ ବିକଳ,
ଯିଏ ସବୁବେଳେ
ପାଖରେ ଥାଏ...
ସେ ଦୁଃଖ ହିଁ କେବଳ...

ସୁଖ ତ ପଦ୍ମଫୁଲ ପରି
ପବନରେ ଢଳଢଳ,
ଦୁଃଖ ପଙ୍କ ଭର୍ତ୍ତି ଥଳକୂଳ,
ପ୍ରତ୍ୟେକ ଦୁଃଖ
ସୁଖର ଜନ୍ମସ୍ଥଳ,

ସବୁ ଅଭାବ ଭିତରେ
ଦୁଃଖଟିଏ ଥାଏ,
ନୂତନ ସମ୍ଭାବନା ଜନ୍ମ ନେଉଥାଏ,
ବଡ଼ଭାଇ ପରି ଦୁଃଖ
ସାନଭାଇ ସୁଖକୁ
ମା' ପେଟରୁ ବୋହି ଆଣୁଥାଏ...

ମୋ: ୯୪୩୭୩୫୨୫୬୦

### ପାରେକି ଲିଭାଇ

ଗୀତି-କବିତା

**ଲକ୍ଷ୍ମୀପ୍ରିୟା ପୃଷ୍ଟି**

ଶୀତଳ ସମୀର ପାରେକି ଲିଭାଇ
ଦହନର ଜ୍ୱାଳା କାର
ସିକତାର ଶେଯ ପାରେନି ଝରେଇ
ତଟିନୀ ବୁକୁର ଝର।
ପ୍ରତିମା ବୁଝେନି ପ୍ରେମର ମହକ
ଅବା ତା'ର ଭାଷାନ୍ତର
ପଲ୍ଲବିତ ପ୍ରାଣ ଦୋହଲି ଉଠଇ
ପ୍ରତାରଣା ପାଏ କାର।
ସାଗର ବୁକୁରେ ଅନେକ ଶାମୁକା
ରିକ୍ତ କିଏ ମୁକ୍ତା ବିନା
ସହଜରେ ସୁଖ ମିଳେନା ଭାଗ୍ୟରେ
କାହା ପାଇଁ ବିଡ଼ମ୍ବନା।
ସବୁ ଶ୍ରାବଣ ତ ପାରେନି ଭିଜେଇ
ମନ ଅଙ୍ଗନ କାର
ଚିପୁଡ଼ା ଲୁହରେ ଭାଜେ କା ସପନ
ଭୁଲି ସବୁ ଅଙ୍ଗୀକାର।
ସବୁ ତିଥି ନୁହେଁ ପୂନେଇଁର ତିଥି
ବରଷିବ ମଧୁ ଧାର
ଶୀତଳ ସମୀର ପାରେକି ଲିଭାଇ
ଦହନର ଜ୍ୱାଳା କାର।

ମୋ: ୭୩୭୭୩୧୮୭୮୯

## କାଳକାଳକୁ



''ଲେଖକ ସେଇ ଜଣକ,
ଯିଏ ନିଜ ଦ୍ୱିତୀୟ ସତ୍ତାର
ଆବିଷ୍କାର ପାଇଁ ଧୈର୍ଯ୍ୟର ସହ
ବହୁ ବର୍ଷ ବ୍ୟୟ କରେ।''
-ଓରହାନ୍ ପାମୁକ୍

**ଓରହାନ୍ ପାମୁକ୍‌ଙ୍କ** ଜନ୍ମ ତୁର୍କୀର ଇସ୍ତାନବୁଲ୍‌ରେ ୭ ଜୁନ୍ ୧୯୫୨ରେ। ବୃତ୍ତି ଅଧ୍ୟାପନା। ତାଙ୍କର ପ୍ରସିଦ୍ଧ ଉପନ୍ୟାସଗୁଡ଼ିକ ମଧ୍ୟରୁ କେତୋଟି ହେଲା- 'ସାଇଲେଣ୍ଟ ହାଉସ୍', 'ଦ ହ୍ୱାଇଟ୍ କେସଲ', 'ଦ ବ୍ଲାକ୍ ବୁକ୍', 'ଦ ନ୍ୟୁ ଲାଇଫ୍', 'ମାଇଁ ନେମ୍ ଇଜ୍ ରେଡ୍' ଓ 'ସ୍ନୋ'। ପାମୁକ୍ ହେଉଛନ୍ତି ତୁର୍କୀର ପ୍ରଥମ ନୋବେଲ ବିଜେତା, ଯାହାଙ୍କୁ ୨୦୦୬ରେ ସାହିତ୍ୟ ପାଇଁ ନୋବେଲ ପୁରସ୍କାର ମିଳିଥିଲା। ନୋବେଲ ବ୍ୟତୀତ ସେ ତାଙ୍କର ଉଲ୍ଲେଖନୀୟ ସାହିତ୍ୟକୃତି ପାଇଁ ଅନ୍ୟ ବହୁ ବିଶିଷ୍ଟ ପୁରସ୍କାରରେ ପୁରସ୍କୃତ ହୋଇଛନ୍ତି, ଯହିଁରୁ ଅନ୍ୟତମ ୨୦୦୩ରେ ସେ ପାଇଥିବା ଅନ୍ତର୍ଜାତୀୟ ଡବ୍‌ଲିନ୍ ସାହିତ୍ୟ ପୁରସ୍କାର। ପାମୁକ୍ କହନ୍ତି: ''ଜୀବନ ସଂକ୍ଷିପ୍ତ, ତେଣୁ ଏହାର ପ୍ରତ୍ୟେକଟି ମୁହୂର୍ତ୍ତକୁ ସମ୍ମାନ ଦିଅ।''

# ତୁଟାତାରା

## ଲଘୁଗଳ୍ପ

**ସୁନନ୍ଦା ମହାନ୍ତି**

ସ୍ୱପ୍ନଦୀପ ଜୀବନରୁ ଲିଜା ଚାଲିଗଲା ସିନା ହେଲେ ଭଲପାଇ ଭୁଲିଯିବା ଧର୍ମ ନ ଥିଲା ସ୍ୱପ୍ନଦୀପର। ଏବେ ସେ ବୁଝିସାରିଥିଲା ଯେ ତା' ମାତା ପିତାଙ୍କର ଘର, ଗାଡ଼ି, ବ୍ୟାଙ୍କ ବାଲାନ୍ସ ସହ ତା'ର ମୋଟା ଅଙ୍କର କମ୍ପାନୀ ଚାକିରି ଦେଖି ହିଁ ଲିଜା ତାକୁ ଭଲପାଇଥିଲା। ଯେମିତି ସ୍ୱପ୍ନଦୀପର ଲେ ଅଫ୍ ଖବର ଆସିଲା, ଲିଜା ଠିକ୍ ସେହି ସମୟରେ ବିଦେଶ ଯିବାକୁ କାହିଁକି ଯେ ବାହାରିଲା ବୁଝି ନ ପାରିଲେ ମଧ୍ୟ ସ୍ୱପ୍ନଦୀପ କୋଉଠିନା କୋଉଠି ଧୋକା ଖାଉଥିଲା। ମାଆ ବାପାଙ୍କ କଥାରେ ଯେ ଲିଜାର ବାହାଘର ଭାଙ୍ଗି ବିଦେଶ ଯିବାର କାରଣ କେବଳ ତା'ର କମ୍ପାନୀରୁ ବହିଷ୍କୃତ ହେବାର ଖବର ବୋଧେ। ଏ କଥାକୁ ସ୍ୱପ୍ନରେ ସୁଦ୍ଧା ବିଶ୍ୱାସ କରୁ ନ ଥିବା ସ୍ୱପ୍ନଦୀପକୁ କଥାଟା ଖଟ୍‌କା ଲାଗିଥିଲା। ଯେବେ ତା' ସହ ଦେଖାକରିବା ଦୂରେଥାଉ, ଲିଜା ଫ୍ଲାଇଟ୍‌ରେ ବସିବା ଆଗରୁ ଅନ୍ତତଃ ଫୋନ୍‌ଟିଏ ମଧ୍ୟ କରି ନ ଥିଲା, ଯଦିଓ ସି ଅଫ୍ କରିବାକୁ ଚାତକ ପରି ଅପେକ୍ଷା କରି ରହିଥିଲା ସ୍ୱପ୍ନଦୀପ।

ସେହିଦିନ ରାତିରେ ତା' ଆଖିକୁ ନିଦ ନ ଥିଲା। ପାଖରେ ଥିବା କାଠଯୋଡ଼ି ନଦୀର କଳକଳ ଛଳଛଳ ଶବ୍ଦ ଯେମିତି ହାତଠାରି ତାକୁ ନିମନ୍ତ୍ରଣ କରି ଡାକୁଥିଲେ କାଠଯୋଡ଼ି କୂଳକୁ। ସ୍ୱପ୍ନଦୀପ କିନ୍ତୁ ଆକାଶକୁ ଚାହିଁ ଦେଖୁଥିଲା ଉଲ୍‌କାପାତକୁ ଓ ଭାବୁଥିଲା ଲିଜାର ପ୍ରତ୍ୟାଖ୍ୟାନ ସବୁକୁ। ଠିକ୍ ସେତିକିବେଳେ ତା'ର ସାଙ୍ଗ ଦୀନେଶ କଥା ମନେପଡୁଥିଲା। ଗୋଟେ ଝିଅର ପ୍ରେମରେ ପଡ଼ି ସେ କେମିତି ଘରୁ ଟଙ୍କା ସୁନା ରୁପା ସବୁ ଚୋରି କରିନେଇ ବିଶ୍ୱାସରେ ପ୍ରେମିକା ଲିଲି ହାତକୁ ଦେବା ପରେ ଦିନ ଦୁଇଟା ଯାଇଛି କି ନାହିଁ ଲିଲି ଦୀନେଶକୁ ଧୋକା ଦେଇ ଆଉଜଣଙ୍କ ସଙ୍ଗେ ସେସବୁ ନେଇ ଚାଲିଯାଇଥିଲା ବହୁ ଦୂରକୁ। କଥାଟାକୁ ସେତେବେଳେ ହାଲୁକା ମନେକରୁଥିବା ସେଦିନର ସ୍ୱପ୍ନଦୀପ ଆଜି ଭାବୁଥିଲା ପ୍ରେମରେ ସତରେ କ'ଣ ପ୍ରତାରଣା ଥାଏ, ନା ଏହା କେବଳ ସାହିତ୍ୟର ଗୋଟେ ଅସମାହିତ ଶବ୍ଦ ? ଆଜି କିନ୍ତୁ କାହିଁକି ତାକୁ ସେସବୁ ସତ ଓ ବାସ୍ତବ ମନେହେଉଥିଲା କେଜାଣି! ଏତିକିବେଳେ ପୁଣି ଉଲ୍‌କାପାତ ତା' ମନରେ ନୂତନ ସମ୍ଭାବନାର ସ୍ୱପ୍ନ ବୁଣିଦେଲା। ଶୁଭ ହେବ ବୋଲି ଭାବି କାଠଯୋଡ଼ି କୂଳ ନୁହେଁ ବରଂ ଶୋଇବାକୁ ଗଲା ଶାନ୍ତିରେ। ସ୍ୱପ୍ନ ଦେଖିଲା ହାତୀ ପିଠିରେ ବାଘ ବସିଛି, ବାଘ ପିଠିରେ ହଳଦୀବସନ୍ତ ଚଢ଼େଇ। କହୁଛି ଯା' ଉଡ଼ି ଉଡ଼ି। ଜୀବନରେ ତ ଆସିବ ଅନେକ ନଈବଢ଼ି। ନିଦ ଭାଙ୍ଗିଗଲା ଯେବେ ଫୋନ୍ ବାଜୁଥିଲା, ତତେ କିଏ ଖୋଜୁଛି କହୁଥିଲା ମାଆ ତ ଦଉଡ଼ି ଯାଇ ଫୋନ୍ ଧରିଲା ସ୍ୱପ୍ନଦୀପ। ଭାବୁଥିଲା ନିଶ୍ଚୟ ଲିଜା ପହଞ୍ଚି ଫୋନ୍ କରୁଛି। କେତେ କଥା ତାକୁ କହିବ ଓ ସେ ମଧ୍ୟ ତାକୁ କେତେ କଥା ଜଣେଇବ। ଜଣେଇବ କାଲି ଉଲ୍‌କାପାତ ଦେଖିଥିଲା ବୋଲି ଆଜି ସକାଳୁ ସକାଳୁ ଲିଜା ତୁମର ଫୋନ୍ ଆସିଛି ନିଶ୍ଚୟ। ହେଲେ ଲିଜା ନ ଥିଲା ବରଂ ସେ ଆପ୍ଲାଇ କରିଥିବା ପୋଷ୍ଟରେ ତା'ର ବିଦେଶରେ ଚାକିରି ହୋଇଯିବା ଖବର ଥିଲା।

ସ୍ୱପ୍ନଦୀପ ବେଡ଼ିଂ ସଜାଡୁଥିଲା ବିଦେଶ ଯିବାକୁ। ମାଆ କହୁଥିଲା ଲିଜା ତ ମୁହଁ ମୋଡ଼ି ଚାଲିଗଲା। ତୁ ତା' ପଛରେ ପଡ଼ି ବେଙ୍ଗାଲୁରୁ ଯିବା କ'ଣ ଦରକାର ପୁଅ ? ଇଟାର ଜବାବ ପଥରରେ ନ ଦେଲେ ନାହିଁ କି କୁକୁର ଆମକୁ କାମୁଡ଼ିଲେ ଆମେ କୁକୁରକୁ ନ କାମୁଡ଼ିବା ଉଚିତ।



କିନ୍ତୁ ଛାଡ଼ିଯାଇଥିବା ବନ୍ଧୁ ଓ ପ୍ରତ୍ୟାଖ୍ୟାନ କରିଥିବା ପ୍ରେମିକାକୁ ପୁଣି ବିଶ୍ୱାସ କରିବା କ'ଣ ଉଚିତ! ଉତ୍ତର ନ ଦେଇ ଘର ଛାଡ଼ିବାବେଳେ ସ୍ୱପ୍ନଦୀପ କହିଥିଲା ନିଜ ଭୁଲ୍‌କୁ ସଂଶୋଧନ କରିବାକୁ ଯାଉଛି ମାଆ। ବାପା ଆଗେ ଆଗେ ସ୍ୱପ୍ନଦୀପର ବେଡ଼ିଂ ଧରି ଏୟାରପୋର୍ଟ ବାହାରୁଥିଲେ। ଫ୍ଲାଇଟ୍‌ରୁ ଓହ୍ଲାଇବା ବେଳକୁ ନୂଆ ଏମ୍‌ଡିଙ୍କୁ ସ୍ୱାଗତ କରିବାକୁ ବଡ଼ କମ୍ପାନୀର ଷ୍ଟାଫ୍‌ମାନେ ଆସିଯାଇଥିଲେ ୱେଲ୍‌କମ୍ କରିବାକୁ ତ ଆଗରେ ଥିଲା ଲିଜା। ତା' ହାତରୁ ଫୁଲତୋଡ଼ା ଗ୍ରହଣ ନ କରି ଆଗକୁ ଆଗେଇ ଯାଉଥିଲା ସ୍ୱପ୍ନଦୀପ, ହସି ହସି ହାଲୋ ହାଏ ହାଏ କରି କରି। ଖୁବ୍ ଶୀଘ୍ର ମାଆବାପାଙ୍କ ପସନ୍ଦର ଝିଅକୁ ବିବାହ କରିଥିଲା ସ୍ୱପ୍ନଦୀପ। ଓଢ଼ଣା ଉଠାଇ ପ୍ରଥମ ରାତିରେ ନବବଧୂର ମୁହଁ ଦେଖି ଚମକି ପଡ଼ିଥିଲା ସ୍ୱପ୍ନଦୀପ। କାରଣ ସେ ଲିଜା ହିଁ ଥିଲା। ଲିଜା ତା'ର ପାଦ ଛୁଇଁ ପ୍ରଣାମ କରି କ୍ଷମା କରିଦେବାକୁ ଅନୁରୋଧ କରିବା ସ୍ୱପ୍ନଦୀପକୁ ଲାଗୁଥିଲା ଆକାଶରୁ ଉଲ୍‌କାପାତ ହେଉଛି।

ମୋ: ୯୦୪୦୯୭୭୩୨୭




# ସ୍ନାତକୋତ୍ତରରେ ୮୬.୪୬, ସ୍ନାତକରେ ୪୯.୪୭ ପ୍ରତିଶତ ପାସ୍

**ବଲାଙ୍ଗୀର,୬।୬(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ୨୦୨୫ ଶିକ୍ଷାବର୍ଷ ପରୀକ୍ଷା ଫଳ ଗୁରୁବାର ପ୍ରକାଶ ପାଇଛି। ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଶ୍ରେଣୀର ସମୁଦାୟ ପାସ୍ ହାର ୮୬.୪୬ ପ୍ରତିଶତ ରହିଛି। ସ୍ନାତକୋତ୍ତର ଶ୍ରେଣୀ କଳା ବିଭାଗର ପାସ୍ ହାର ୮୯.୨୪ ପ୍ରତିଶତ, ବିଜ୍ଞାନ ବିଭାଗ ପାସ୍ ହାର ୮୫.୭୧ ଓ ବାଣିଜ୍ୟ ବିଭାଗ ପାସ୍ ହାର ୬୭.୫୦ ପ୍ରତିଶତ ରହିଛି। ସ୍ନାତକ ଶ୍ରେଣୀର ସମୁଦାୟ ପାସ୍ ହାର ୪୯.୪୭ ପ୍ରତିଶତ ରହିଛି। ସ୍ନାତକ ଶ୍ରେଣୀ କଳା ବିଭାଗରେ ୫୨.୨୦ ପ୍ରତିଶତ, ବିଜ୍ଞାନ ବିଭାଗରେ ୪୩.୦୮ ଏବଂ ବାଣିଜ୍ୟ ବିଭାଗରେ ୩୮.୯୮ ପ୍ରତିଶତ ପାସ୍ ହାର ରହିଛି। ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଅଧୀନ ଯୁବୋଦୟ କଲେଜ ଅଫ୍ ଆଡଭାନ୍ସ ଟେକ୍ନୋଲଜିର ଜୀବବିଜ୍ଞାନ ଛାତ୍ରୀ ଆଞ୍ଜେଲିନା ପାଣିଗ୍ରାହୀ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସେ ୯.୩୬ ସିଜିପିଏ ମାର୍କ ରଖି ଏହି କୃତିତ୍ୱ ହାସଲ କରିଛନ୍ତି। ସେହିପରି ସ୍ନାତକୋତ୍ତର ଶ୍ରେଣୀରେ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟର ବିଜ୍ଞାନ ବିଭାଗ କମ୍ପ୍ୟୁଟର ସାଇନ୍ସ ଛାତ୍ରୀ ନିକିତାରାଣୀ ସାହୁ, ପଦାର୍ଥ ବିଜ୍ଞାନ ଛାତ୍ର ଆଶୁତୋଷ ମିଶ୍ର ଏବଂ ଜୀବ ବିଜ୍ଞାନ ଛାତ୍ରୀ ଶୁଭଶ୍ରୀ ପାତ୍ର ୯.୬୧ ସିଜିପିଏ ମାର୍କ ରଖି ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଥିବା ଜଣାପଡିଛି। ଗୁରୁବାର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଉମାବଲ୍ଲଭ ମହାପାତ୍ର ୨୦୨୫ ଶିକ୍ଷାବର୍ଷର ପରୀକ୍ଷା ଫଳ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ। ଏହି ଅବସରରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ରାଜକିଶୋର ପାତ୍ର, କୁଳ ସଚିବ ହରପ୍ରସାଦ ଭୋଇ, ପରୀକ୍ଷା ନିୟନ୍ତ୍ରକ ଡ. ନରେନ୍ଦ୍ର କୁମାର ରାଉତ, ଉପ-ପରୀକ୍ଷା ନିୟନ୍ତ୍ରକ ଡ ସୁଶାନ୍ତ କୁମାର ପଣ୍ଡା, ବିତ୍ତୀୟ ନିର୍ଦ୍ଦେଶକ ଚନ୍ଦ୍ରମଣି ମିର୍ଦ୍ଧା, ଶିକ୍ଷକ ଓ ଶିକ୍ଷା ବିଭାଗ ସଂଯୋଜକ ଡ. ମନୋଜ କୁମାର ନାଗ, ବରିଷ୍ଠ ସହାୟକ ମନୋରଞ୍ଜନ ପଟେଲ ଓ ନୀଳାଦ୍ରୀ ଶତପଥୀ ଉପସ୍ଥିତ ଥିଲେ।



ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଉମାବଲ୍ଲଭ ମହାପାତ୍ର ଓ ଅନ୍ୟ ଷ୍ଟାଫ୍ ୨୦୨୫ ଶିକ୍ଷାବର୍ଷ ପରୀକ୍ଷା ଫଳ ପ୍ରକାଶ କରୁଛନ୍ତି।

**ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ପରୀକ୍ଷା ଫଳାଫଳ**

- ସ୍ନାତକୋତ୍ତର କଳାରେ ୮୯.୨୪, ବିଜ୍ଞାନରେ ୮୫.୭୧, ବାଣିଜ୍ୟରେ ୬୭.୫୦ ପ୍ରତିଶତ ପାସ୍ ହାର
- ସ୍ନାତକ କଳାରେ ୫୨.୨୦, ବିଜ୍ଞାନରେ ୪୩.୦୮, ବାଣିଜ୍ୟରେ ୩୮.୯୮ ପ୍ରତିଶତ ପାସ୍ ହାର
- ଯୁବୋଦୟ କଲେଜର ଆଞ୍ଜେଲିନା ପାଣିଗ୍ରାହୀ ବିଶ୍ୱବିଦ୍ୟାଳୟ ଟପ୍ପର
- ସ୍ନାତକ କଳାରେ ସୋନପୁର କଲେଜର ପାଦୁକା ଜାଲା ଟପ୍ପର
- ବାଣିଜ୍ୟରେ ଜେଏସ୍ଏମ୍ କଲେଜର ଆର୍ଚ୍ଚିସ୍ମାନ ମିଶ୍ର ଟପ୍ପର

ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତରରେ ସମୁଦାୟ ୫୧୭ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେଥିରୁ ୪୪୭ ଜଣ (୮୬.୪୬ ପ୍ରତିଶତ) ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ସ୍ନାତକୋତ୍ତର କଳା ବିଭାଗରେ ୩୧୬ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୨୮୨ (୮୯.୨୪ ପ୍ରତିଶତ) ଛାତ୍ରୀଛାତ୍ର ପାସ୍ କରିଛନ୍ତି। ବିଜ୍ଞାନ ବିଭାଗରେ ପରୀକ୍ଷା ଦେଇଥିବା ୧୬୧ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୧୩୮ ଜଣ (୮୫.୭୧ ପ୍ରତିଶତ) ପାସ୍ କରିଛନ୍ତି। ବାଣିଜ୍ୟ ବିଭାଗରେ ୪୦ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୭ ଜଣ (୬୭.୫୦ ପ୍ରତିଶତ) ପାସ୍ କରିଛନ୍ତି। କଳା ବିଭାଗରେ ହିନ୍ଦୀ ବିଭାଗ ଛାତ୍ରୀ ଶ୍ରଦ୍ଧାଞ୍ଜଳି ସରଫ ଟପ୍ପର ହୋଇଛନ୍ତି। ବାଣିଜ୍ୟ ବିଭାଗରେ ଛାତ୍ରୀ ବର୍ଷାରାଣୀ ବେହେରା ଟପ୍ପର ହୋଇଛନ୍ତି। ଏହାସହିତ ବିଜ୍ଞାନ ବିଭାଗରେ ତିନିଜଣ ଛାତ୍ରୀଛାତ୍ର ନିକିରାରାଣୀ ସାହୁ, ଆଶୁତୋଷ ମିଶ୍ର ଓ ଶୁଭଶ୍ରୀ ପାତ୍ର ୯.୬୧ ସିଜିପିଏ ମାର୍କ ରଖି ବିଶ୍ୱବିଦ୍ୟାଳୟ ବିଜ୍ଞାନ ବିଭାଗ ସହ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଥିବା ସୂଚନା ଦିଆଯାଇଛି। ସ୍ନାତକ କଳା ବିଭାଗରେ ସମୁଦାୟ ୬୨୦୯ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୩୨୪୧ (୪୯.୪୭ ପ୍ରତିଶତ) ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ସୋନପୁର ଡିଗ୍ରୀ କଲେଜର ସଂସ୍କୃତ ସମ୍ମାନର ପାଦୁକା ଜାଲା କଳା ବିଭାଗରେ ଟପ୍ପର ହୋଇଛନ୍ତି। କଳାରେ ୧୧୯ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୫ ଜଣ (୨୧.୦୧ ପ୍ରତିଶତ) ପାସ୍ କରିଛନ୍ତି। ସ୍ନାତକ ବିଜ୍ଞାନ ବିଭାଗରେ ୧୨୮୬ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୫୪ ପରୀକ୍ଷାର୍ଥୀ (୪୩.୦୮ ପ୍ରତିଶତ) ପାସ୍ କରିଛନ୍ତି। ଯୁବୋଦୟ କଲେଜର ପ୍ରାଣୀ ବିଜ୍ଞାନ ଛାତ୍ରୀ ଆଞ୍ଜେଲିନା ପାଣିଗ୍ରାହୀ ବିଜ୍ଞାନ ବିଭାଗ ଏବଂ ବିଶ୍ୱ ବିଦ୍ୟାଳୟ ଟପ୍ପର ହୋଇଛନ୍ତି । ସ୍ନାତକ ବାଣିଜ୍ୟ ବିଭାଗରେ ୫୦୮ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୧୯୮ (୩୮.୯୮ ପ୍ରତିଶତ) ପାସ୍ କରିଛନ୍ତି। ବଲାଙ୍ଗୀର ଜେଏସ୍ଏମ୍ ବାଣିଜ୍ୟ କଲେଜ ଛାତ୍ର ଆର୍ଚ୍ଚିସ୍ମାନ ମିଶ୍ର ବାଣିଜ୍ୟରେ ଟପ୍ପର ହୋଇଛନ୍ତି ।

ଏହାସହିତ ତିନିବର୍ଷିଆ ଇଣ୍ଟିଗ୍ରେଟେଡ୍ ବିଇଡି-ଏମ୍ଇଡିରେ ଶତପ୍ରତିଶତ ପରୀକ୍ଷାର୍ଥୀ ସଫଳତା ଅର୍ଜନ କରିଛନ୍ତି। ସମସ୍ତ ୪୨ ଜଣରୁ ୪୨ ଜଣ ପାସ୍ କରିଛନ୍ତି। ଏଥିରେ ଶିକ୍ଷା ବିଭାଗ ଛାତ୍ର ସଚ୍ଚିଦାନନ୍ଦ ମିଶ୍ର ଟପ୍ପର ହୋଇଛନ୍ତି। ଦୁଇବର୍ଷିଆ ବିଇଡି କୋର୍ସରେ ମଧ୍ୟ ଶତ ପ୍ରତିଶତ ସଫଳତା ଲାଭ କରି ସମସ୍ତ ୧୨୮ ଜଣ ପରୀକ୍ଷାର୍ଥୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ୪ ବର୍ଷିଆ ବିଏସ୍‌ସି ନର୍ସିଂ ଫାଇନାଲ ଡିଗ୍ରୀ ପରୀକ୍ଷାରେ ସମସ୍ତ ୫୦ ଜଣ ପରୀକ୍ଷାର୍ଥୀ ପାସ୍ କରି ଶତପ୍ରତିଶତ ସଫଳତା ଲାଭ କରିଛନ୍ତି। ଭଗବତୀ କୌଶଲ୍ୟା ନର୍ସିଂ ସ୍କୁଲ ଛାତ୍ରୀ ଅଲିଶା ପଧାନ ବିଏସ୍‌ସି ନର୍ସିଂରେ ଟପ୍ପର ହୋଇଛନ୍ତି। ଚଳିତବର୍ଷ ସ୍ନାତକ ଶ୍ରେଣୀର ପରୀକ୍ଷା ଫଳ ଆଶାନୁରୂପକ ହୋଇ ନ ଥିବା ଚର୍ଚ୍ଚାର ବିଷୟ ହୋଇଛି।

# ଆୟୁର୍ବେଦିକ କଲେଜ ପକ୍ଷରୁ ପ୍ଲାଷ୍ଟିକ ମୁକ୍ତ ଅଭିଯାନ




ବଲାଙ୍ଗୀର ଆୟୁର୍ବେଦ କଲେଜ ପକ୍ଷରୁ ବସ୍‌ଷ୍ଟାଣ୍ଡରୁ ପ୍ଲାଷ୍ଟିକ୍ ସଂଗ୍ରହ କରାଯାଉଛି।

**ବଲାଙ୍ଗୀର,୬।୬(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ସରକାରୀ ଆୟୁର୍ବେଦିକ ମହାବିଦ୍ୟାଳୟ ଏବଂ ହସ୍ପିଟାଲ ପକ୍ଷରୁ ସ୍ଥାନୀୟ ସରକାରୀ ବସଷ୍ଟାଣ୍ଡ ପରିସରରେ ଗୁରୁବାର ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଜରିଆରେ ସଫେଇ କାର୍ଯ୍ୟକ୍ରମ କରାଯାଇଥିଲା। ବଲାଙ୍ଗୀର ସହରକୁ ପ୍ଲାଷ୍ଟିକ ମୁକ୍ତ ସହର କରିବା ଲକ୍ଷ୍ୟ ନେଇ ବିଶ୍ୱ ପରିବେଶ ଦିବସ ପାଳନ କରାଯାଇଥିଲା। ଛାତ୍ରୀଛାତ୍ରମାନେ ଏଣେତେଣେ ପଡିଥିବା ପ୍ଲାଷ୍ଟିକ ସଂଗ୍ରହ କରିଥିଲେ। ପ୍ଲାଷ୍ଟିକ ଓ ପଲିଥିନ୍ କିପରି ଆମ ପରିବେଶକୁ ପ୍ରଦୂଷିତ କରୁଛି ଏବଂ ଏହା କିଭଳି ଆମ ସ୍ୱାସ୍ଥ୍ୟ ଓ ଜୀବନକୁ ପ୍ରଭାବିତ କରୁଛି ସେ ଉପରେ ଲୋକଙ୍କୁ ସଚେତନ କରାଯାଇଥିଲା। ସମସ୍ତଙ୍କ ସହଯୋଗରେ ଏହି ଅଭିଯାନ ସଫଳ ହୋଇପାରିବ ବୋଲି ଲୋକଙ୍କୁ ସଚେତନ କରାଯାଇଥିଲା। ପ୍ଲାଷ୍ଟିକ ଓ ପଲିଥିନ୍‌କୁ ଏଣେ ତେଣେ ନ ପକାଇବାକୁ ଅନୁରୋଧ କରାଯାଇଥିଲା। କଲେଜର ଅଧ୍ୟାପକ ତଥା ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମର ଅଧିକାରୀ ଡା. ବୁଦ୍ଧଦେବ ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠାନ ଛାତ୍ରୀଛାତ୍ରମାନେ ଏକତ୍ରିତ ଭାବେ ପ୍ଲାଷ୍ଟିକ ମୁକ୍ତ ଅଭିଯାନ ଆରମ୍ଭ କରିଥିଲେ। ଏହି ସଫେଇ କାର୍ଯ୍ୟକ୍ରମରେ ଡା, ମନମୋହନ ବାଗ, ଜଙ୍ଗଲ ଜୀବନ ସୁରକ୍ଷା ଅଭିଯାନର ଆବାହକ ସୁନିଲ ମହାନ୍ତି, ସଞ୍ଜୀବ ବେହେରା, ପ୍ରଦୀପ ସିଂଦେଓ, ଟୁନା ସାହୁ, ମୁନୁ ମିଶ୍ର, ସନ୍ତୋଷ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଢେଙ୍ଗ ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ପ୍ରକୃତି ମିତ୍ର ପୁରସ୍କାର



ମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ଢେଙ୍ଗ ବିଦ୍ୟାଳୟର ଶିକ୍ଷକ ।

**ସଇଁତଲା,୬।୬(ରାଖାଲ ପ୍ରସାଦ ଶତପଥି)**

ସଇଁତଲା ବ୍ଲକ ଶିକ୍ଷା ବିଭାଗ ଅନ୍ତର୍ଗତ ଢେଙ୍ଗ ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ଚଳିତବର୍ଷ ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗ ତରଫରୁ ପ୍ରକୃତି ସଂରକ୍ଷଣ ଓ ପରିବେଶ ସୁରକ୍ଷା ଦିଗରେ ଉଲ୍ଲେଖନୀୟ ସେବା ପାଇଁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି । ଭୁବନେଶ୍ୱରସ୍ଥିତ କୃଷି ଓ ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର, ମୁଖ୍ୟ ବନ ସଂରକ୍ଷକ ସୁରେଶ ପନ୍ଥ, ରାଜ୍ୟ ପ୍ରଦୂଷଣ ବୋର୍ଡ଼ ସଚିବ ଉମା ନନ୍ଦୁରୀ ଉପସ୍ଥିତ ଥିଲେ। ଢେଙ୍ଗ ବିଦ୍ୟାଳୟର ଇକୋ କ୍ଲବର ଇନଚାର୍ଜ ତଥା ପ୍ରକୃତି ବନ୍ଧୁ ରାମନାରାୟଣ ଦାଶ ଓ ସହକାରୀ ଶିକ୍ଷକ ସୁଦର୍ଶନ ଦାଶ ଜଙ୍ଗଲ ଓ ପରିବେଶ ମନ୍ତ୍ରୀଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।

# ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ବୃକ୍ଷରୋପଣ

**ଦେଓଗାଁ,୬।୬(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ବନାଞ୍ଚଳ ତରଫରୁ ଗଡଦ୍ୱାର ଗ୍ରାମଠାରେ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଦେଓଗାଁ ବନାଞ୍ଚଳ ଅଧିକାରୀ ଯୁଧିଷ୍ଠିର ଜାଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଗାଇବାହାଲ ସରପଞ୍ଚ ତ୍ରିଲୋଚନ ନାଗ, ସମ୍ମାନିତ ଅତିଥି ଭାବେ ଗୌନ୍ତିଆ ଭକ୍ତରାମ ସାମଲ, ୱାର୍ଡ ସଭ୍ୟ ଗଚ୍ଛୁ ଜୁଆଡ ଯୋଗ ଦେଇଥିଲେ। ଏହି ଅବସରରେ ଅଞ୍ଚଳକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଗ୍ରାମରେ ଏକ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ଗ୍ରାମରେ ୫୦ ଗୋଟି ବୃକ୍ଷରୋପଣ କରାଯିବା ସହ ଗ୍ରାମବାସୀଙ୍କୁ ବିଭିନ୍ନ ପ୍ରକାରର ଚାରା ବଣ୍ଟନ କରାଯାଇଥିଲା। ଏହି ଅବସରରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ କୈଳାଶ ତାଣ୍ଡି, ଏଫଇଏସର ବ୍ଲକ ମାଷ୍ଟର ଟ୍ରେନର କୃଷ୍ଣପ୍ରସାଦ ପାଣିଗ୍ରାହୀ, ରାମଚନ୍ଦ୍ର ଶତପଥୀ ପ୍ରମୁଖ ଯୋଗଦେଇ ଦେଓଗାଁ ଏଆର ପ୍ଲାଣ୍ଟେସନ ଠାରେ ୨୦ ଗୋଟି ବୃକ୍ଷରୋପଣ କରିଥିଲେ। କାର୍ଯ୍ୟକ୍ରମରେ ଫରେଷ୍ଟର ବ୍ୟାସଦେବ ସାହୁ, ଭବାନୀ ସ୍ୱାଇଁ, ଚନ୍ଦ୍ରଶେଖର ଦାସ, ଫରେଷ୍ଟଗାର୍ଡ ଅଭିମନ୍ୟୁ ଭୋଇ, ପ୍ରଶାନ୍ତ ବେହେରା, ସୁକାନ୍ତି ସରାପ, ଯୁକ୍ତା ସାହାଣୀ, ପୁଷ୍ପାଞ୍ଜଳି କୁମ୍ଭାର, ଟିଏନଜିଓ ର ଶ୍ରୀନିବାସ କ୍ଷେତୀ, ଡିଇଓ ରଜନୀ କାନ୍ତ ମହାନ୍ତି, ନରେନ୍ଦ୍ର ବିଶ୍ୱାଳ ତଥା ବନକର୍ମଚାରୀ ପାରା ସ୍କ୍ୱାର୍ଡ ଉପସ୍ଥିତ ଥିଲେ। ଓଡିଶା ସରକାରଙ୍କ ଦ୍ୱାରା ପ୍ରକୃତି ମିତ୍ର ଭାବେ ଗଡଦ୍ୱାର ଓ ଧନପୁର ବନସୁରକ୍ଷା ସମିତି ତଥା ପ୍ରକୃତି ବନ୍ଧୁ ଭାବେ ଜରାସିଂହାର ଗୋବିନ୍ଦ ମେହେର ଏବଂ ତୁଷୁରାର ଅଭିଲାଷ ବାଗଙ୍କୁ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲାପାଳଙ୍କ ଦ୍ୱାରା ପୁରସ୍କୃତ କରାଯାଇଛି । ଏଣୁ ଏହି ଅବସରରେ ପ୍ରକୃତି ବନ୍ଧୁ ମେହେର ଓ ବାଗଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଥିଲା।

# ବୈଠକ ବର୍ଜନ କଲେ ଜନ ପ୍ରତିନିଧି

**ଲୋଇସିଂହା,୬।୬(ସୁଶାନ୍ତ ବାରିକ)**

ଶୁକ୍ରବାର ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ପ୍ରଶାସନ ପକ୍ଷରୁ ପଞ୍ଚାୟତ ସମିତି ବୈଠକ ତଥା ବିକଶିତ ଗାଁ ,ବିକଶିତ ଓଡିଶା କାର୍ଯ୍ୟକ୍ରମ ପାଇଁ ଦିନ ଧାର୍ଯ୍ୟ ହୋଇଥିଲା । ହେଲେ ଧାର୍ଯ୍ୟ ସମୟରୁ ଗୋଟିଏ ଘଣ୍ଟା ବିତି ଯାଇଥିଲେ ସୁଦ୍ଧା ବିଡିଓ ଏବଂ କେତେଜଣ ଅଧିକାରୀ ସଭାଗୃହକୁ ଆସିନଥିଲେ । ଉପସ୍ଥିତ ଜନ ପ୍ରତିନିଧି ବ୍ଲକ ପ୍ରଶାସନର ମନମୁଖୀ କାର୍ଯ୍ୟର ପ୍ରତିବାଦ ସ୍ୱରୂପ ସଭାଗୃହରୁ ବାହାରି ଆସି ସମିତି ବୈଠକକୁ ବର୍ଜନ କରିଥିଲେ । ପରେ ବ୍ଲକ ଅଧ୍ୟକ୍ଷ ଯତୀନ୍ଦ୍ର ପଟେଲ ଓ ବିଡିଓ ଅକ୍ଷୟ ପାଣି ଉଦୁ ଜନପ୍ରତିନିଧିଙ୍କ ନିକଟକୁ ଆସି ବୁଝାଶୁଝା କରି ଆଲୋଚନା କରିଥିଲେ । ହେଲେ ସମିତି ବୈଠକକୁ ଯିବାକୁ ସଭ୍ୟାସଭ୍ୟ ମନା କରିବା ସହିତ ବୈଠକ ପାଇଁ ଅନ୍ୟ ଏକ ତାରିଖ ଧାର୍ଯ୍ୟ କରିବାକୁ କହିଥିଲେ ।

ସୂଚନା ଅନୁଯାୟୀ, ବ୍ଲକ ପ୍ରଶାସନ ପକ୍ଷରୁ ପୂର୍ବାହ୍ନ ସାଢେ ୧୦ଟାରେ ବୈଠକ ପାଇଁ ସମୟ ଧାର୍ଯ୍ୟ ହୋଇଥିଲା। ବୈଠକ ପାଇଁ ନିର୍ଦ୍ଧାରିତ ସମୟରେ ବ୍ଲକ ସଭାଗୃହରେ ଉପସ୍ଥିତ ରହିଥିଲେ ବ୍ଲକର ୨୦ଟି ଯାକ ପଞ୍ଚାୟତର ସରପଞ୍ଚ,ସମିତି ସଭ୍ୟାସଭ୍ୟ। ହେଲେ ପୂର୍ବାହ୍ନ ସାଢେ ୧୧ଟା ହୋଇଥିଲେ ସୁଦ୍ଧା ବ୍ଲକ ଅଧ୍ୟକ୍ଷ ପଟେଲଙ୍କ ସମେତ ବିଡିଓ ଉଦୁ ,ବ୍ଲକର ଅନ୍ୟ କେତେଜଣ ଅଧିକାରୀ ବୈଠକ ସଭାଗୃହକୁ ଆସି ନ ଥିଲେ। ଏଥିରେ ଜନପ୍ରତିନିଧି ଅସନ୍ତୋଷ ବ୍ୟକ୍ତ କରି ସଭାଗୃହ ଛାଡି ଦେଇଥିଲେ। ପୂର୍ବାହ୍ନ ସାଢେ ୧୧ଟାରେ ବ୍ଲକ ଅଧ୍ୟକ୍ଷ ପଟେଲ ସଭାଗୃହକୁ ଆସିଲା ପରେ ବିଡିଓ ଉଦୁ ଏବଂ ଅନ୍ୟ ଅଧିକାରୀ ସଭାଗୃହକୁ ପଶିଥିଲେ। କିନ୍ତୁ ସଭାଗୃହ ଛାଡିଥିବା ଜନପ୍ରତିନିଧି ସଭାଗୃହକୁ ଆଉ ଯାଇ ନ ଥିଲେ। ଶୁକ୍ରବାର ବୈଠକକୁ ସେମାନେ ବର୍ଜନ କରିଥିବା କହିଥିଲେ। ଯଦି ଅଧ୍ୟକ୍ଷ କୌଣସି କାରଣବଶତଃ ଆସିବାରେ ବିଳମ୍ବ ହେଲା ତେବେ ଅଧିକାରୀମାନେ ଆସି ଆଲୋଚନା କରିପାରିଥାନ୍ତେ ବୋଲି ସଭ୍ୟାସଭ୍ୟମାନେ କହିଥିଲେ। ପ୍ରତିକ୍ରିୟାରେ ବିଡିଓ ଉଦୁ କହିଥିଲେ, ସଭାର ଅଧ୍ୟକ୍ଷ ହେଉଛନ୍ତି ବ୍ଲକ ଅଧ୍ୟକ୍ଷ। ସଭାରେ ଅଧ୍ୟକ୍ଷ ଉପସ୍ଥିତ ନ ରହି ସେ କିପରି ସଭାକୁ ଆସିବେ ବୋଲି ଜନପ୍ରତିନିଧିଙ୍କୁ କହିଥିଲେ। ସରପଞ୍ଚ ସଂଘ ସଭାପତି ସଞ୍ଜୟ ଗଡତ୍ୟା କହିଛନ୍ତି, ସମିତି ବୈଠକରେ ସଭ୍ୟାସଭ୍ୟଙ୍କ ପ୍ରସ୍ତାବଗୁଡିକ କାର୍ଯ୍ୟକାରୀ ହେଉନାହିଁ। ଦିନକୁ ଦିନ ବ୍ଲକ ପ୍ରଶାସନର ମନମୁଖୀ ବଢି ଚାଲିଛି। ଏ ସମ୍ପର୍କରେ ବ୍ଲକ ଅଧ୍ୟକ୍ଷ ପଟେଲ କହିଛନ୍ତି, ବୈଠକକୁ ଆସିବାରେ ବିଳମ୍ବ ହୋଇଥିଲା । ଯେହେତୁ ବୈଠକରେ ଉପାଧ୍ୟକ୍ଷ ଉପସ୍ଥିତ ଥିଲେ ଆଲୋଚନା ହୋଇ ପାରିଥାନ୍ତା ବୋଲି ସେ କହିଛନ୍ତି।



ବୈଠକ ବର୍ଜନ କରି ବାହାରେ ଛିଡା ହୋଇଛନ୍ତି ଜନପ୍ରତିନିଧି ।

**ଲୋଇସିଂହା ବ୍ଲକ**

# କେଶାଇପାଲି ବନ ସୁରକ୍ଷା ସମିତିକୁ ପ୍ରକୃତି ମିତ୍ର ପୁରସ୍କାର

**ଲୋଇସିଂହା,୬।୬(ସୁଶାନ୍ତ ବାରିକ)**

ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ସମାରୋହରେ ପ୍ରକୃତି ସଂରକ୍ଷଣ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ କେଶାଇପାଲି ଗ୍ରାମର ବନ ସୁରକ୍ଷା ସମିତିକୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି । ଭୁବନେଶ୍ୱର ଓୟୁଏଟି ଶିକ୍ଷା ସଦନଠାରେ ଆୟୋଜିତ ଉତ୍ସବରେ ବନ ସୁରକ୍ଷା ସମିତିର ସଭାପତି ଦୁଷ୍ମନ୍ତ ପଟେଲ ଓ ସଦସ୍ୟ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ଖୁଣ୍ଟିଆଙ୍କ ଠାରୁ ବନ ସୁରକ୍ଷା ସମିତି ସଭାପତି ପଟେଲ ମାନପତ୍ର ଓ ୨୦ ହଜାର ଟଙ୍କା ଅନୁକମ୍ପା ରାଶିର ଚେକ୍ ଗ୍ରହଣ କରିଥିଲେ । ଏହି ପୁରସ୍କାର ବନ ସୁରକ୍ଷା ସମିତି ସଦସ୍ୟଙ୍କୁ ଉତ୍ସାହିତ କରିବା ସହିତ ଆହୁରି ଭଲ କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଇବ ବୋଲି ପୁରସ୍କାର ଗ୍ରହଣ କରିଥିବା ସଭାପତି ପଟେଲ କହିଛନ୍ତି ।

# ଯୁବୋଦୟ କଲେଜର ଆଞ୍ଜେଲିନା ପାଣିଗ୍ରାହୀ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଟପ୍ପର

**ବଲାଙ୍ଗୀର,୬।୬(ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଅଧୀନ ସ୍ନାତକ ପରୀକ୍ଷାରେ ସଦର ବ୍ଲକ ସକମାସ୍ଥିତ ଯୁବୋଦୟ ମହାବିଦ୍ୟାଳୟ ଓ ଯୁବୋଦୟ କଲେଜ ଅଫ ଆଡଭାନ୍ସଡ ଟେକ୍ନୋଲୋଜିର ଛାତ୍ରୀଛାତ୍ରମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଗୁରୁବାର ପରୀକ୍ଷା ଫଳ ପ୍ରକାଶ ପରେ ଯୁବୋଦୟ କଲେଜର ସଫଳତାକୁ ନେଇ ଖୁସିର ଲହରି ଖେଳିଯାଇଛି। ଏହି କଲେଜର ଛାତ୍ରୀ ଆଞ୍ଜେଲିନା ପାଣିଗ୍ରାହୀ ୯.୩୬ ସିଜିପିଏ ମାର୍କ ରଖି ପ୍ରାଣୀ ବିଜ୍ଞାନ ବିଭାଗରେ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସେହିପରି ମନୀଷା କଠାର ୮.୮୭ ସିଜିପିଏ ମାର୍କ ରଖି ବିଜ୍ଞାନ ବିଭାଗରେ ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଥିବା ଜଣାପଡିଛି। ବିଶ୍ୱବିଦ୍ୟାଳୟ ଟପ୍ପର ହୋଇଥିବା ଆଞ୍ଜେଲିନା ପାଣିଗ୍ରାହୀ ପାଟଣାଗଡ ବ୍ଲକର ପ୍ରତାପ ବଲ୍ଲଵ ପାଣିଗ୍ରାହୀ ଓ ବାସନ୍ତୀ ମିଶ୍ରଙ୍କ ଝିଅ। ତାଙ୍କର ଏଭଳି କୃତିତ୍ୱ ପାଇଁ କଲେଜ ତରଫରୁ ତାଙ୍କୁ ଅଭିନନ୍ଦନ ଜଣାଯାଇଛି। ଏହାସହିତ ପଦାର୍ଥ ବିଜ୍ଞାନରେ ହିମାନୀ ସାହୁ ୮.୪୯ ସିଜିପିଏ ମାର୍କ ରଖି ତୃତୀୟ ସ୍ଥାନ ହାସଲ କରିଛନ୍ତି। ସେ ଚଳିତବର୍ଷର ଆଇଆଇଟି ପରୀକ୍ଷାରେ ମଧ୍ୟ ଉତ୍ତୀର୍ଣ୍ଣ ହୋଇଥିବା ସୂଚନା ଦିଆଯାଇଛି। ନିକିତା ପଟେଲ ୮.୬୯ ସିଜିପିଏ ମାର୍କ, ଶୃତିମୟୀ ଗଡତ୍ୟା ୮.୬୦ ସିଜିପିଏ ମାର୍କ ରଖି କ୍ରମାଗତ ଭାବେ ଉଦ୍ଭିଦ ବିଜ୍ଞାନରେ ଚତୁର୍ଥ ଏବଂ ସପ୍ତମ ସ୍ଥାନରେ ରହିଛନ୍ତି। ଗଣିତ ବିଭାଗରେ ସମୀର ସା ସପ୍ତମ ସ୍ଥାନରେ ରହିଛନ୍ତି। ସମସ୍ତ ଛାତ୍ରୀଛାତ୍ରଙ୍କୁ ଏଭଳି ସଫଳତା ପାଇଁ ଶିକ୍ଷାନୁଷ୍ଠାନର ନିର୍ଦ୍ଦେଶକ ଅମ୍ବରୀଶ ଦାଶ ଅଭିନନ୍ଦନ ଜଣାଇଛନ୍ତି। ଯୁବୋଦୟ କଲେଜ ଅଫ ଆଡଭାନ୍ସଡ ଟେକ୍ନୋଲୋଜିକୁ ପଶ୍ଚିମ ଓଡ଼ିଶାର ଜବ୍ ଫ୍ୟାକ୍ଟ୍ରି ବା ରୋଜଗାର କାରଖାନା ରୂପେ ଗଢ଼ିବା ପାଇଁ ସେ ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି।



ଯୁବୋଦୟର କୃତି ଛାତ୍ରୀ ଆଞ୍ଜେଲିନା (ବାମ), ମନୀଷା।

# ଗୁଡ଼ଭେଲା ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର



ସଂଘ ପକ୍ଷରୁ ଏବିଇଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଗୁଡଭେଲା,୬।୬(ମନୋଜ କୁମାର ଜୈନ)**

ଓଡିଶା ପ୍ରାଥମିକ ଶିକ୍ଷକ ସଂଘ (ନୂତନ ପେନ୍‌ସନଭୁକ୍ତ)ର ଆହ୍ୱାନ କ୍ରମେ ଗୁରୁବାର ଗୁଡଭେଲା ବ୍ଲକ ଶିକ୍ଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ଗଣଶିକ୍ଷାମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏବିଇଓ ରମେଶ ଚନ୍ଦ୍ର ସାମର୍ଥଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ ରହିଛି ୨୦୨୨ ପରଠାରୁ ଶିକ୍ଷକ ପଦୋନ୍ନତି ବାଧାପ୍ରାପ୍ତ ହୋଇଛି। ଫଳରେ ହଜାର ହଜାର ଶିକ୍ଷକ ନିଜର ଅଧିକାର ପାଇବାରୁ ବଞ୍ଚିତ ହୋଇ ଚାକିରିରୁ ଅବସର ଗ୍ରହଣ କରି ସାରିଛନ୍ତି। ଆଉ କିଛି ଅବସର ଗ୍ରହଣ ଅପେକ୍ଷାରେ ଅଛନ୍ତି। ତଥାପି ଶିକ୍ଷକ ପଦୋନ୍ନତି ହୋଇ ପାରୁନାହିଁ। ଏଣୁ ୨୦୧୯ କ୍ୟାଡର ରୁଲ ଅନୁଯାୟୀ ତୁରନ୍ତ ପଦୋନ୍ନତି କରିବାକୁ ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ଶିକ୍ଷକ ହେମନ୍ତ କୁମାର ଦାଶ, ବବିତା ନାୟକ, ଶକୁନ୍ତଳା ମେହେର, ସଞ୍ଜୟ ସାହୁ, ଭକ୍ତ ବନ୍ଧୁ ସାହୁ, ସୁରେଶ ଚନ୍ଦ୍ର ସାହୁ, ଜୟ ଶିବ ଶଙ୍କର ଲାଲ ଭଣ୍ଡା ଓ ପ୍ରଶାନ୍ତ କୁମାର ସୁନା ପ୍ରମୁଖ ଉପସ୍ଥିତ ଥିଲେ।




# କ୍ଷୟକ୍ଷତି ଦାବିରେ ଚାଷୀଙ୍କ ରାସ୍ତାରୋକୋ

**ଡୁଙ୍ଗୁରିପାଲି,୬।୬(ଦୀନବନ୍ଧୁ ସୁନା)**

■ବର୍ଷାରେ ଧାନ ଫସଲ ନଷ୍ଟ

■ପ୍ରଶାସନର ପ୍ରତିଶ୍ରୁତି ପରେ ଆନ୍ଦୋଳନ ହଟିଲା



ଆନ୍ଦୋଳନରେ ସାମିଲ ଥିବା ଚାଷୀଙ୍କ ସହ ଆଲୋଚନା କରୁଛନ୍ତି ଅଧିକାରୀମାନେ।

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକସ୍ଥିତ ରାମପୁର ପାକ୍ସର ଶତାଧିକ ଚାଷୀ ଅଦିନିଆ ଲଗାଣ ବର୍ଷା ଯୋଗୁ ଧାନ ଫସଲ ନଷ୍ଟ ହେବାରୁ ତାର କ୍ଷୟକ୍ଷତି ମିଳିବା ଦାବିକରି ଶୁକ୍ରବାର ରାମପୁର କେନାଲ ଛକ ରାସ୍ତାରେ ଆନ୍ଦୋଳନ କରିଥିଲେ। ବହୁ ସଂଖ୍ୟାରେ ଚାଷୀ ସକାଳ ୮ଟାରେ ରାସ୍ତାରେ ବସିରହିଥିଲେ। ପ୍ରକାଶ ଥାଉକି ଅଦିନିଆ ଲଗାଣ ବର୍ଷାରେ ବହୁ ଚାଷୀଙ୍କ ଧାନ ଫସଲ ନଷ୍ଟ ହେବା ସହ ଅମଳ ଧାନ ସବୁ ଗଜା ହୋଇଛି। ଏନେଇ ଗତ ୨ ତାରିଖ ସୋମବାର ଶତାଧିକ ଚାଷୀ ରାମପୁର ତହସିଲଦାର ବିମଳ କିଶୋର ପାତ୍ରଙ୍କୁ ଧାନ ଫସଲ ନଷ୍ଟ ହେବା ବାବଦରେ ଓ ଶସ୍ୟ ବୀମା ସଂସ୍ଥା ଆକଳନ କରି ଚାଷୀଙ୍କୁ ବୀମାଭୁକ୍ତ କରିବା ପାଇଁ ଲିଖିତ ଜଣାଇଥିଲେ। ହେଲେ ଅଭିଯୋଗ କରିବାର ୫ ଦିନ ବିତିଯାଇଥିଲେ ମଧ୍ୟ ରାଜସ୍ୱ ବିଭାଗୀୟ ଅଧିକାରୀ କିମ୍ବା ଶସ୍ୟ ବୀମା ସଂସ୍ଥା ଚାଷୀଙ୍କ କ୍ଷୟକ୍ଷତି ବାବଦରେ କୌଣସି ପଦକ୍ଷେପ ନେଇ ନ ଥିବାରୁ ଏହି ରାସ୍ତାରୋକୋ ଆନ୍ଦୋଳନ କରିଥିଲେ। ଦିନ ୧୧ଟାରେ ଆନ୍ଦୋଳନ ସ୍ଥଳକୁ ରାମପୁର ତହସିଲଦାର ବିମଳ କିଶୋର ପାତ୍ର, ସୁବର୍ଣ୍ଣପୁର ଜିଲା ମୁଖ୍ୟ କୃଷି ଅଧିକାରୀ ରୁଦ୍ରଦେବ ରାଉତ ପହଞ୍ଚିଥିଲେ। ଅଧିକାରୀମାନେ ଚାଷୀଙ୍କ ୫ ଗୋଟି ଦାବି ଯଥା: କୃଷି ଓ ରାଜସ୍ୱ ବିଭାଗର ମିଳିତରେ ଧାନ କ୍ଷତିର ଆକଳନ କରାଯିବ, ଶସ୍ୟ ବୀମା କମ୍ପାନୀର ଅଧିକାରୀ ଓ କୃଷି ବିଭାଗର ଅଧିକାରୀ ମିଶି ରାମପୁର ଗ୍ରାମରେ ଆସନ୍ତା ୮ ତାରିଖ ରବିବାର ଏକ ବୈଠକ କରି ଚାଷୀଙ୍କ ସହ ଆଲୋଚନା କରିବେ,ଏଫଏକ୍ୟୁ ମାନର ଦାବି ଉପରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଇବା, ଟୋକନ ଅବଧିକୁ ୭ ଦିନ ବୃଦ୍ଧି କରିବାକୁ ଜିଲାପାଳଙ୍କୁ ଅବଗତ କରାଇବା ଜିଲା ମୁଖ୍ୟ କୃଷି ଅଧିକାରୀ ରାଉତ ପ୍ରତିଶ୍ରୁତି ଦେବାରୁ ଚାଷୀମାନେ ରାସ୍ତାରୋକୋରୁ ଓହରି ଥିଲେ। ରାସ୍ତାରୋକୋ ଆନ୍ଦୋଳନ ବେଳେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ରାମପୁର ଥାନା ଅଧିକାରୀ ପଦ୍ମାସିନି ମେହେର ଓ ପୋଲିସ ଟିମ୍ ଉପସ୍ଥିତ ଥିଲେ। ରାସ୍ତାରୋକୋ ଆନ୍ଦୋଳନରେ ଚାଷୀ ଉମେଶ କୁମାର ପୂଜାରୀ, ସରୋଜ ମେହେର, ଉଦୟନାଥ ଭୋଇ, ପ୍ରଦୀପ ରଣା, ପ୍ରଦୀପ କୁମାର ନାଇକ, ବନମାଳୀ ନାଇକ, କରୁଣାକର ଭୋଇ, ଦୀନବନ୍ଧୁ ନାଏକ ପ୍ରମୁଖ ବହୁ ସଂଖ୍ୟାରେ ପାକ୍ସର ଚାଷୀ ଉପସ୍ଥିତ ଥିଲେ।

# ବଜ୍ରପାତରେ ଜଣେ ମୃତ, ୨ ଆହତ

**ବଘିଆପଡ଼ା,୬।୬(ଶ୍ରୀକାନ୍ତ ସାହୁ)**

ବୌଦ୍ଧ ବ୍ଲକ ମୁଣ୍ଡିପଦର ପଞ୍ଚାୟତ କଂକଳା ଗ୍ରାମରେ ଶୁକ୍ରବାର ସନ୍ଧ୍ୟାରେ ବଜ୍ରପାତ ହେବାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଦୁଇଜଣ ମହିଳା ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣକ ହେଲେ କଂକଳା ଗ୍ରାମର ପିଙ୍କି ମହାକୁଡ଼ (୩୫)। ବିଳ ଗୁରୁ (୪୫), ଲିପସା ବସ୍ତିଆ (୨୨)ଙ୍କୁ ବୌଦ୍ଧ ଡାକ୍ତରଖାନା ଭର୍ତ୍ତି କରାଯାଇଛି। କଂକଳା ଗ୍ରାମର ତିନି ଜଣ ମହିଳା ନଦୀକୁ ଗାଧୋଇବାକୁ ଯାଇଥିଲେ। ବଜ୍ରପାତ ହେବାରୁ ନଦୀ ଘାଟରେ ପିଙ୍କିଙ୍କ ମୃତ୍ୟୁ ଘଟିଥିଲା । ବିଳ ଗୁରୁ, ଲିପସା ବସ୍ତିଆ ଗୁରୁତର ହେବାରୁ ସ୍ଥାନୀୟ ଲୋକେ ଉଭୟ ମହିଳାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିବା ଜଣାପଡ଼ିଛି । ସମସ୍ତେ ଗରିବ ଶ୍ରମିକ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି ।

# ଆରମ୍ଭ ହେବ ନବୀକରଣ ଯୋଗ୍ୟଶକ୍ତି ଅନୁସନ୍ଧାନ ପ୍ରତିଷ୍ଠାନ

**ବୀରମହାରାଜପୁର,୬।୬(ଯୁଗଳ କିଶୋର ମିଶ୍ର)**

ଓଡ଼ିଶାରେ ଖୁବଶୀଘ୍ର ନବୀକରଣ ଯୋଗ୍ୟ ଶକ୍ତି ଅନୁସନ୍ଧାନ ପ୍ରତିଷ୍ଠାନ ଆରମ୍ଭ ହେବାକୁ ଯାଉଛି ବୋଲି ବୈଜ୍ଞାନିକ ଡ. ସଞ୍ଜିବ କୁମାର କର୍ମୀ କହିଛନ୍ତି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଟେଭାପଦର ଗ୍ରାମର ଡ. କର୍ମୀ ଏବେ ଗୁଜୁରାଟର ସର୍ଦ୍ଦାର ପଟେଲ ରିନ୍ୟୁବଲ ଏନର୍ଜି ରିସର୍ଚ୍ଚ ଅନୁଷ୍ଠାନର ବିଭାଗୀୟ ମୁଖ୍ୟ ଭାବରେ କାର୍ଯ୍ୟ କରୁଛନ୍ତି। ତେଣୁ ସେ ନିଜ ରାଜ୍ୟ ଓ ଜନ୍ମମାଟିରେ କିଛି ନୂତନ କାର୍ଯ୍ୟ କରିବାକୁ ମନ ବଳାଇଛନ୍ତି। ଏଥିପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଯୋଗର ମଧ୍ୟ ଆଶା ରଖିଛନ୍ତି। ଏବେ ଡ. କର୍ମୀ ଓ ତାଙ୍କ ଦଳର ଅକ୍ଷୟ ଶକ୍ତି ଉତ୍ସ କ୍ଷେତ୍ରରେ ଗବେଷଣା ଏବଂ ପ୍ରଯୁକ୍ତିବିଦ୍ୟା ବିକାଶ ପାଇଁ ଓଡିଶାରେ ଖୁବଶୀଘ୍ର ଏକ ବିଶ୍ୱସ୍ତରୀୟ ନବୀକରଣଯୋଗ୍ୟ ଶକ୍ତି ଅନୁସନ୍ଧାନ ପ୍ରତିଷ୍ଠାନ ସ୍ଥାପନ ପ୍ରତିଷ୍ଠା ହେବାକୁ ଯାଉଛି ବୋଲି କହିଛନ୍ତି। ଏହି ପ୍ରତିଷ୍ଠାନ ଓରେରି ଭାବରେ ପରିଚିତ ହେବ । ଏହା ଅକ୍ଷୟ ଶକ୍ତି, ପରିବେଶ ବିଜ୍ଞାନ, ସସଷ୍ଟେନେବିଲିଟି, ସରକୁଲର ଇକୋନମି, ବର୍ଜ୍ୟବସ୍ତୁ ପରିଚାଳନା, ବାୟୋରିଫାଇନେରି, ଜୈବ ଆଧାରିତ ଉତ୍ପାଦ, ସମ୍ବଳ ପୁନରୁଦ୍ଧାର ଏବଂ ଜଳବାୟୁ ପରିବର୍ତ୍ତନ ଭଳି ବିଭିନ୍ନ କ୍ଷେତ୍ର ଉପରେ ଗବେଷଣା କରିବ। ଏହି ଗବେଷଣା ପ୍ରତିଷ୍ଠାନ ସୁବର୍ଣ୍ଣପୁର ଜିଲାରେ ବୀରମହାରାଜପୁର ଅଞ୍ଚଳରେ ପ୍ରତିଷ୍ଠା ହେବ ବୋଲି ସେ ସୂଚନା ଦେଇଛନ୍ତି। ଅକ୍ଷୟ ଶକ୍ତି ଉତ୍ସରେ ଅତ୍ୟାଧୁନିକ ଅନୁସନ୍ଧାନ ଏବଂ ପ୍ରଯୁକ୍ତି ବିଦ୍ୟାର ବିକାଶ କରି ଏକ ସ୍ୱଚ୍ଛ ଶକ୍ତି ଭବିଷ୍ୟତର ସ୍ୱପ୍ନକୁ ବାସ୍ତବତାରେ ପରିଣତ କରିବାକୁ ଓରେରି ଲକ୍ଷ୍ୟରଖିଛି। ଏହାର ମୂଳ ଲକ୍ଷ୍ୟ ହେଉଛି ଭବିଷ୍ୟତର ବିଶେଷଜ୍ଞମାନଙ୍କୁ ତାଲିମ ଦେବା ଏବଂ ଶିଳ୍ପକ୍ଷେତ୍ରକୁ ଆବଶ୍ୟକ ଅନୁସାରେ ଅନୁଷ୍ଠାନର ବିଶେଷଜ୍ଞଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ଜ୍ଞାନକୌଶଳ ଯୋଗାଇବ ଯାହା ସମାଜର ବିକାଶରେ ସହାୟକ ହେବ। ଭାରତ ୨୦୭୦ ସୁଦ୍ଧା ନିଟ ଶୂନ ଗ୍ରିନହାଉସ ଗ୍ୟାସ ନିର୍ଗମନରେ ପହଞ୍ଚିବା ପାଇଁ ଯୋଜନା ଘୋଷଣା କରିଛି। ଯାହା ଜଳବାୟୁ ପରିବର୍ତ୍ତନ ରୋକିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ। ଏହି ପରିପ୍ରେକ୍ଷୀରେ ନବୀକରଣଯୋଗ୍ୟ ଶକ୍ତି ପ୍ରଯୁକ୍ତିବିଦ୍ୟାର ବିକାଶ ଏବଂ ଜଳବାୟୁ ପରିବର୍ତ୍ତନକୁ ହ୍ରାସ କରିବା ପାଇଁ ଓରେରି ଅତ୍ୟାଧୁନିକ ଅନୁସନ୍ଧାନ କରିବ ଏହି ଅନୁଷ୍ଠାନ ପାଇଲଟ ପ୍ରୋଜେକ୍ଟ ଡେମୋନଷ୍ଟ୍ରେସନ କରିବା ସହ ଷ୍ଟାର୍ଟଅପ, ଉଦୀୟମାନ ବ୍ୟବସାୟ ଏବଂ ଉଦ୍ୟୋଗୀମାନଙ୍କ ପାଇଁ ଏକ ଅଗ୍ରଣୀ ଇନକ୍ୟୁବେସନ କେନ୍ଦ୍ରରେ ପରିଣତ ହେବ ବୋଲି ଆଶା କରାଯାଉଛି। ଓରେରିର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଡ. କର୍ମୀ ବିଶ୍ୱାସ କରନ୍ତି ଯେ, ଏହି ଅନୁଷ୍ଠାନ ଭାରତକୁ ୨୦୭୦ ସୁଦ୍ଧା ନିଟ ଶୂନ ଗ୍ରୀନହାଉସ ଗ୍ୟାସ ନିର୍ଗମନ ଲକ୍ଷ୍ୟ ହାସଲ କରିବାରେ ସାହାଯ୍ୟ କରିବ ଏବଂ ଅକ୍ଷୟ ଶକ୍ତି କ୍ଷେତ୍ରରେ ଓଡ଼ିଶାକୁ ଅଗ୍ରଣୀ କରାଇବ। ଅକ୍ଷୟ ଶକ୍ତି ଉତ୍ସରେ ଅତ୍ୟାଧୁନିକ ଅନୁସନ୍ଧାନ ଏବଂ ପ୍ରଯୁକ୍ତିବିଦ୍ୟାର ବିକାଶ କରି ଏକ ସ୍ୱଚ୍ଛ ଶକ୍ତି ଭବିଷ୍ୟତର ଏହି ଅନୁଷ୍ଠାନର ବୋର୍ଡଅଫ ମ୍ୟାନେଜମେଣ୍ଟରେ ପ୍ରଫେସର ମୁକେଶ ରାବଲ, ପ୍ରଫେସର ଅଜୟ ବେହେରା, ଡ. ଦିଲ୍ଲୀପ ବିଶି, ଡ. ଭରତ ସାହୁ, ପ୍ରଫେସର ଭୋଳାନାଥ କର୍ମୀ, ଆଜିଙ୍କ୍ୟ ହାବଲେ, ବିଶ୍ୱନାଥ କର୍ମୀ, ଥବିର ନାଗ ଓ କମଳିନୀ କର୍ମୀ ଅଛନ୍ତି ବୋଲି ବୈଜ୍ଞାନିକ ଡ ସଞ୍ଜିବ କର୍ମୀ କହିଛନ୍ତି।

# ନିଶା ନିବାରଣ ସଚେତନତା ରଥର ଶୁଭାରମ୍ଭ

**ବୌଦ୍ଧ,୬।୬(ଅଜିତ କୁମାର ବାରିକ)**

ନିଶାଦ୍ରବ୍ୟ ସଚେତନତା ରଥ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଶୁଭାରମ୍ଭ ହୋଇଯାଇଛି। ଏକ ସୁସ୍ଥ ସୁନ୍ଦର ସମାଜ ଗଠନ କରିବା ଦିଗରେ ନିଶା ପ୍ରତିବନ୍ଧକ ସୃଷ୍ଟି କରିଥାଏ। ଏହାଠାରୁ ଯୁବ ପିଢି ପୁରେଇ ରହିବା ଲକ୍ଷ୍ୟରେ ଏହି ସଚେତନତା ରଥର ଶୁଭାରମ୍ଭ ହୋଇଥିବା ଅତିଥିମାନେ କହିଥିଲେ। ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, ଜିଲାପାଳ ସୁବ୍ରତ କୁମାର ପଣ୍ଡା, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ, ଜିଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଭାସଚନ୍ଦ୍ର ଦଣ୍ଡସନା, ଉପଜିଲାପାଳ ପ୍ରବୀଣ କୁମାର ବାଣୁଆ ଯୋଗ ଦେଇ ଏହି ସଚେତନତା ରଥକୁ ଶୁଭାରମ୍ଭ କରିଥିଲେ। ଉକ୍ତ ରଥ ଜିଲାର ସମସ୍ତ ବ୍ଲକ, ଏନ୍ଏସି ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି। ଶୁଭାରମ୍ଭ ସମୟରେ ଜିଲାର ସମସ୍ତ ଅବକାରୀ କର୍ମଚାରୀ ସାମିଲ ଥିଲେ।



ରଥର ଶୁଭାରମ୍ଭ ସମୟରେ ଅବକାରୀ କର୍ମଚାରୀ।

# ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ସଫଳ ପାଇଁ ପ୍ରସ୍ତୁତି ବୈଠକ



ମୁଖ୍ୟମନ୍ତ୍ରୀଙ୍କ ସୋନପୁର ଗସ୍ତକୁ ନେଇ ବୀରମହାରାଜପୁର ବ୍ଲକ ସଭାଗୃହଠାରେ ପ୍ରସ୍ତୁତି ବୈଠକ।

**ବୀରମହାରାଜପୁର,୬।୬(ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଭାଗୃହଠାରେ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ବିଡ଼ିଓ ରାଜୀବ ହାଁସଦାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାଂସଦ ପ୍ରତିନିଧି ନଳିନୀ ପଣ୍ଡା, ବିଧାୟକଙ୍କ ପ୍ରତିନିଧି ପଦାର୍ଥ ଜଗଦଲା, ଏବିଡ଼ିଓ ପୁରୁଷୋତ୍ତମ ଧାରୁଆ, ଭାଜପା ମଣ୍ଡଳ ସଭାପତି ସୁମନ୍ତ୍ର ଜଗଦଲା ପ୍ରମୁଖ ମଞ୍ଚାସିନ ଥିଲେ। ଶନିବାର ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ସୁବର୍ଣ୍ଣପୁର ଜିଲା ଗସ୍ତ କାର୍ଯ୍ୟକ୍ରମ ଥିବାବେଳେ କିପରି କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳା ସହିତ ସଫଳ କରାଯିବ ଏବଂ ଲୋକମାନେ ଯେମିତି ଠିକ ସମୟରେ ସୋନପୁରରେ ପହଞ୍ଚି ପାରିବେ ସେନେଇ ଆଲୋଚନା ହୋଇଥିଲା। ବୀରମହାରାଜପୁର ବିଡ଼ିଓ ରାଜିବ କୁମାର ହାଁସଦା ସମସ୍ତଙ୍କର ସହଯୋଗ କାମନା କରିଥିଲେ। ବୈଠକରେ ଭାଜପାର ବହୁ ବରିଷ୍ଠ କର୍ମକର୍ତ୍ତା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମିଳିଥିବା ସୂଚନା ଅନୁସାରେ ବୀରମହାରାଜପୁର ବ୍ଲକରୁ ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଅନ୍ୟାନ୍ୟ ବିଭାଗ ତରଫରୁ ବହୁ ସଂଖ୍ୟାରେ ମହିଳା ଓ ପୁରୁଷ ମୁଖ୍ୟମନ୍ତ୍ରୀ ସଭାରେ ଯୋଗଦାନ କରିବେ ବୋଲି ଜଣାଯାଇଛି।

# ରୋଗୀ କଲ୍ୟାଣ ସମିତି ବୈଠକ

**ଡୁଙ୍ଗୁରିପାଲି, ୬।୬(ଦୀନବନ୍ଧୁ ସୁନା)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହ ଠାରେ ରୋଗୀ କଲ୍ୟାଣ ସମିତି ପରିଚାଳନା କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ରୋଗୀ କଲ୍ୟାଣ ସମିତିର ଅଧ୍ୟକ୍ଷ ତଥା ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ ବୈଠକରେ ଅଧ୍ୟକ୍ଷତା କରିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷକ ତଥା ସମିତିର ସମ୍ପାଦକ ଡା ରବିନ୍ଦ୍ରନାଥ ପଣ୍ଡା ଉପସ୍ଥିତ ସଭ୍ୟାସଭ୍ୟଙ୍କୁ ସ୍ୱାଗତ କରିଥିଲେ। ସେ ସୂଚନା ଦେଇଥିଲେ, ଖୁବ କମ ଦିନ ମଧ୍ୟରେ ନୂଆ ଆନାଲାଇଜର ମେସିନ ରୋଗୀଙ୍କ ପାଇଁ ଲୋକାର୍ପଣ ହେବ। ବିପିଏମ ନାରାୟଣ ମେହେର ପୂର୍ବ ବୈଠକରେ ନିଆଯାଇଥିବା ବିଭିନ୍ନ ପ୍ରସ୍ତାବ, ୨୦୨୪-୨୫ ଆର୍ଥିକ ବର୍ଷର ଖର୍ଚ୍ଚ ଉପସ୍ଥାପନା ଏବଂ ୨୦୨୫-୨୬ ପାଇଁ ପ୍ରସ୍ତାବିତ ବାର୍ଷିକ ଯୋଜନା ଆଗତ କରିଥିଲେ। ସମିତିର ଅଧ୍ୟକ୍ଷ ବିଧାୟକ ନିରଞ୍ଜନ ପୂଜାରୀ କୌଣସି ରୋଗୀ ଯେମିତି ପରୀକ୍ଷା ନିରୀକ୍ଷା କିମ୍ବା ଔଷଧ ପାଇଁ ଖର୍ଚ୍ଚାନ୍ତ ନ ହେବେ କିମ୍ବା ହଇରାଣ ନ ହେବେ ସେଥିପ୍ରତି ଦୃଷ୍ଟି ଦେବାକୁ ପରାମର୍ଶ ଦେଇଥିଲେ। ଏହାସହ ନୂଆଁ ଏକ୍ସରେ ମେସିନ ମଧ୍ୟ ଖୁବଶିଘ୍ର ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରଦାନ କରାଯିବ ବୋଲି କହିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସଭାଗୃହକୁ ସୁବ୍ୟବସ୍ଥିତ କରିବାକୁ ମଧ୍ୟ ବିଧାୟକ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ଅଧୀକ୍ଷକ ଡ଼ା ପଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ପାଣି ସମସ୍ୟା ବିଷୟରେ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଧାୟକ ପୂଜାରୀ ବିଭାଗୀୟ ଯନ୍ତ୍ରୀଙ୍କ ସହ ଆଲୋଚନା କରି ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ, ସରପଞ୍ଚ, ସମିତି ସଭ୍ୟ, ଜିଲା ପରିଷଦ ସଭ୍ୟଙ୍କ ମିଳିତ ସମନ୍ୱୟରେ ଡାକ୍ତରଖାନା ପରିସର ଓ ଚତୁଃପାର୍ଶ୍ୱରେ ସ୍ୱଚ୍ଛତା କାର୍ଯ୍ୟକ୍ରମ ଜାରି ରଖିବାକୁ ମଧ୍ୟ ବିଧାୟକ କହିଥିଲେ। ଡ଼ାକ୍ତରଖାନାର ପରିମଳ ବ୍ୟବସ୍ଥା ପ୍ରତି ସେ ଗୁରୁତ୍ୱାରୋପ କରିଥିଲେ। ଆହୁରି ମଧ୍ୟ କାର୍ଯ୍ୟରେ ଅବହେଳା କରୁଥିବା ସଫେଇ କର୍ମଚାରୀଙ୍କ ବିରୋଧରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅଧୀକ୍ଷକ ପଣ୍ଡାଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ରୋଗୀଙ୍କ ପାଇଁ ପିଇବା ପାଣି ବ୍ୟବସ୍ଥା, ସ୍ୱାସ୍ଥ୍ୟ ସୂଚନା, ଜରୁରୀକାଳୀନ ଔଷଧ ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା। ବୈଠକରେ ବରିଷ୍ଠ ଭେଷଜରୋଗ ବିଶେଷଜ୍ଞ ଡା. ସଞ୍ଜୟ କୁମାର ପଧାନ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡା. ସରୋଜ କୁମାର ସେଠ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ମକରଧ୍ୱଜ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲ୍ଲୀପ କୁମାର ବା , ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ହିମାଂଶୁଶେଖର ବିଶାଳ, ପୂର୍ଣ୍ଣିମା ପାଣ୍ଡିଆ, ଫାର୍ମାସୀ ଅଧିକାରୀ ରବୀନ୍ଦ୍ର ମହାନ୍ତି, ବିତ୍ତ ପରିଚାଳକ ପ୍ରଦୀପ କୁମାର ସାହୁ, ସ୍ୱାସ୍ଥ୍ୟକର୍ମୀ ବିଜୟ କୁମାର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଶେଷଦେବ ଥନାପତି ଧନ୍ୟବାଦ ଅର୍ପଣ କରିଥିଲେ।




ରୋଗୀ କଲ୍ୟାଣ ସମିତି ବୈଠକରେ ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ ଓ ଅନ୍ୟ ଅଧିକାରୀ ମଞ୍ଚାସୀନ।

# ବିଜୟ ଫାଇଟର, ଟିମ୍ ଡୋମିନେଶନ ବିଜୟୀ

**ସୋନପୁର,୬।୬(ମୃତ୍ୟୁଞ୍ଜୟ ଶତପଥୀ)**




ଫାଇଟର ଦଳର ଶୁଭମ ବିଷ୍ଟଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି।

**ସୋନପୁର ପ୍ରିମିୟର ଲିଗ୍**

ସୋନପୁର ପ୍ରିମିୟର୍ ଲିଗ ତୃତୀୟ ସଂସ୍କରଣ ଷଷ୍ଠ ଦିବସରେ ଶୁକ୍ରବାର ୨ଟି ମ୍ୟାଚ ଅନୁଷ୍ଠିତ ହୋଇଥିଲା । ଗାନ୍ଧି ଷ୍ଟାଡିୟମ ଠାରେ ଅନୁଷ୍ଠିତ ପ୍ରଥମ ମ୍ୟାଚ ବିଜୟ ଫାଇଟର ଓ ସୁପର୍ ଜାଏଣ୍ଟସ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବରେ ବୌଦ୍ଧ ଜିଲା ଗୁନ୍ଦୁଲିଆ ସରପଞ୍ଚ ଧବଳେଶ୍ୱର ସିଂହ, ଶିକ୍ଷାବିତ ରମେଶ ପ୍ରଧାନ ଓ କାଉନସିଲର ପି. ରାଜ କିଶୋର ରାଓ ଯୋଗଦେଇ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ଟସ୍ ଜିଣି ବିଜୟ ଫାଇଟର ଦଳ ପ୍ରଥମେ ଫିଲଡିଂ ନିଷ୍ପତ୍ତି ନେଇଥିଲା । ୨୦ ଓଭର ବିଶିଷ୍ଟ ମ୍ୟାଚରେ ସୁପର୍ ଜାଏଣ୍ଟସ ଦଳ ୧୮.୨ ଓଭରରେ ୧୨୪ ରନ କରି ଅଲ ଆଉଟ ହୋଇଥିଲା । ଦଳ ପକ୍ଷରୁ ଗୌରାଙ୍ଗ ମହାନନ୍ଦିଆ ୩୮ ରନ ଓ କାଳୀଚରଣ ଦାସ ୩୪ ରନ କରିଥିବା ବେଳେ ବିଜୟ ଫାଇଟର ଦଳ ପକ୍ଷରୁ ଶଙ୍କର ଘଡ଼ିଆ ୩ଟି, ରୋହିତ ବାଗ ୨ଟ ଉଇକେଟ ଅକ୍ତିଆର କରିଥିଲେ । ଜବାବରେ ବିଜୟ ଫାଇଟର ଦଳ ୧୫ ଓଭରରେ ମାତ୍ର ୩ ଉଇକେଟ ବିନିମୟରେ ୧୨୭ ରନ କରିଥିଲେ। ଦଳ ପକ୍ଷରୁ ଶୁଭମ ବିଷ୍ଟ ୪୨ ବଲରେ ଅପରାଜିତ ୭୯ ରନ, ଆକାଶ ଦୁବେ ୨୦ ରନ ଓ ବିଶାଳ ତରିଆ ୧୧ ରନ କରିଥିଲେ। ସୁପର୍ ଜାଏଣ୍ଟସ ଦଳ ପକ୍ଷରୁ ଧ୍ରୁବ ପାହାରୀ ଓ ସୁବାସ ମେହେର ଗୋଟାଏ ଲେଖାଏଁ ଉଇକେଟ ହାସଲ କରିଥିଲେ। ଏହି ମ୍ୟାଚରେ ବିଜୟ ଫାଇଟର ଦଳ ୭ ଉଇକେଟରେ ବିଜୟୀ ହୋଇଛି। ଫାଇଟର ଦଳର ଶୁଭମ ବିଷ୍ଟଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ବି.ଏସ.ରାଓ ଧାରାବିବରଣୀ ପ୍ରଦାନ କରିଥିଲେ। ଶ୍ରୀବନ୍ତ ନାୟକ ଓ ସୁରେଶ ବିଶି ମ୍ୟାଚ ପରିଚାଳନା କରିଥିଲେ। ଦିନେଶ ଘିବିଲା ଓ ବିଶ୍ୱନାଥ ନାୟକ ସ୍କୋରର ଭାବେ ଦାୟିତ୍ୱ ତୁଲାଇଥିଲେ।

ଦ୍ୱିତୀୟ ମ୍ୟାଚ ମା’ ମାହେଶରୀ ଷ୍ଟୋର୍ଟିଂ ଓ ଟିମ୍ ଡୋମିନେଶନ ତରଭା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟିମ ଡୋମିନେଶନ ଦଳ ଟସ୍ ଜିଣି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ମା’ ମାହେଶ୍ୱରୀ ଦଳ ୨୦ ଓଭରରେ ୧୬.୨ ବଲରେ ଅଲଆଉଟ ହୋଇ ୮୨ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ବିକି କହଁର ୧୯ ରନ, ରାଜନ ବେହେରା ୧୪ ରନ, ବିକାଶ ଜଗଦଲା ୧୧ ରନ କରିଥିଲେ। ଟିମ୍ ଡୋମିନେଶନ ଦଳ ପକ୍ଷରୁ ପ୍ରତାପ ସାହୁ ୪ଟି ଓ ତବରେଜ ଖାନ ୨ଟି ଉଇକେଟ ହାସଲ କରିଥିଲେ। ନବାବ ଖାନ, ରାକେଶ, ରାଜେଶ ସାହୁ, ମହମ୍ମଦ ଦିଲାଲ ଓ ବିଶ୍ୱରଞ୍ଜନ ସାଗର ଗୋଟାଏ ଲେଖାଏଁ ଉଇକେଟ ନେଇଥିଲେ। ଜବାବରେ ଟିମ୍ ଡୋମିନେଶନ ଦଳ ୧୫.୨ ବଲରେ ୫ ଉଇକେଟ ବିନିମୟରେ ୮୭ ରନ କରିଥିଲେ। ଦଳ ପକ୍ଷରୁ ମହମ୍ମଦ ବିଲାଲ ଅପରାଜିତ ୪୨ ରନ, ରାକେଶ ସାହୁ ଅପରାଜିତ ୧୫ ରନ, ପ୍ରଶାନ୍ତ ବିଶି ୧୩ ରନ କରିଥିଲେ । ମା’ ମାହେଶରୀ ଦଳ ପକ୍ଷରୁ ରାଜନ ବେହେରା ଓ ସ୍ମୃତି ରଞ୍ଜନ ୨ ଟି ଲେଖାଏଁ ଉଇକେଟ, ସତ୍ୟମ ସୁନା ଗୋଟାଏ ଉଇକେଟ ହାସଲ କରିଥିଲେ। ଏହି ମ୍ୟାଚ ଟିମ ଡୋମିନେଶନ ୫ ଉଇକେଟରେ ବିଜୟୀ ହୋଇଛି । ଟିମ ଡୋମିନେଶନ ଦଳର ମହମ୍ମଦ ବିଲାଲ ମ୍ୟାନ ଅଫ ଦି ମ୍ୟାଚ ଭାବେ ଅତିଥିଙ୍କ ଦାରା ପୁରସ୍କୃତ ହୋଇଥିଲେ। ଅତିଥି ଭାବରେ ମା’ ଜଗଦମ୍ବା ଏନ ଏକ୍ସର ପ୍ରୋପାଇଟର ଠାକୁର ମେହେର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସୁବାସ ଭୋଇନା ଓ ସୁରେଶ ବିଶି ଖେଳ ପରିଚାଳନା କରିଥିଲେ।

Government of India
Viksit Bharat ka Amrit Kaal
Seva, Sushasan, Garib Kalyan ke
11 SAAL

ଛୋଟ ଚାଷ ଖର୍ଚ୍ଚ ଆଉ ଚିନ୍ତାର ବିଷୟ ନୁହେଁ
ପିଏମ୍-କିଷାନ ଅଧୀନରେ ସିଧାସଳଖ କୃଷକମାନଙ୍କ ଆକାଉଣ୍ଟକୁ 3.7 ଲକ୍ଷ କୋଟି ଟଙ୍କା ସ୍ଥାନାନ୍ତର

CBC 01101/13/0010/2526

# ସଚେତନତା ବାର୍ତ୍ତା ଦୈନନ୍ଦିନ ଜୀବନରେ ଅଭ୍ୟାସ ହେଉ

## ଆର୍‌ଏସ୍‌ପିରେ ବିଶ୍ୱ ପରିବେଶ ଦିବସ ପାଳିତ

ରାଉରକେଲା,୬।୬(ବିପ୍ଳବ ରଞ୍ଜନ ଦାଶ)

ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ଆର୍‌ଏସ୍‌ପିର ଜ୍ଞାନାର୍ଜନ ଓ ବିକାଶ ବିଭାଗରେ ଗୁରୁବାର ଏକ ପୁରସ୍କାର ପ୍ରଦାନ ସମାରୋହ ଆୟୋଜିତ ହୋଇଯାଇଛି। ଏହି ସମାରୋହରେ ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ଏବଂ ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏମ୍. ପି. ସିଂହ ମଞ୍ଚାସୀନ ଥିଲେ। ଏହି ଅବସରରେ କାରଖାନାର ବହୁ ସିଜିଏମ୍ ଏବଂ ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସମାରୋହରେ ସମବେତ ସମାବେଶକୁ ସମ୍ବୋଧିତ କରି ମାନବ ସମ୍ବଳ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ମିଶ୍ର କହିଥିଲେ, ସହରାଞ୍ଚଳରେ ଏକକ-ବ୍ୟବହୃତ ପ୍ଲାଷ୍ଟିକ ନିଷେଧ ପାଇଁ କଡା ନିୟମ ଲାଗୁ କରିବାକୁ ପ୍ରୟାସ ଚାଲିଛି। ଏହାସହ ଏକ ଦାୟିତ୍ୱପୂର୍ଣ୍ଣ ବିକଳ୍ପ ଭାବେ


କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

କପଡା ବ୍ୟାଗ୍ ବ୍ୟବହାରକୁ ସେ ଉତ୍ସାହିତ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ପ୍ରତିଯୋଗିତାରେ କର୍ମଚାରୀମାନଙ୍କ ପ୍ରଦତ୍ତ ସ୍ଲୋଗାନର ସୃଜନଶୀଳତା ଏବଂ ପ୍ରାସଙ୍ଗିକତାକୁ ସେ ପ୍ରଶଂସା କରିଥିଲେ। ଏପରି ବାର୍ତ୍ତା କେବଳ କାର୍ଯ୍ୟକ୍ରମ ମଧ୍ୟରେ ସୀମିତ ନ ରହି ଦୈନନ୍ଦିନ ଜୀବନରେ ଅଭ୍ୟାସ କରାଯିବା ଉଚିତ। ଯେ ପର୍ଯ୍ୟନ୍ତ ଆମେ ପ୍ଲାଷ୍ଟିକ ବ୍ୟାଗ୍ ଗ୍ରହଣ କରିବା ବନ୍ଦ କରିନାହୁଁ, ଦୋକାନୀମାନେ ସେଗୁଡିକୁ ପ୍ରଦାନ କରିଚାଲିବେ। ତେଣୁ ସ୍ଥାୟୀ ଅଭ୍ୟାସ ଗ୍ରହଣ କରିବାକୁ ମିଶ୍ର ଆହ୍ୱାନ ଦେଇଥିଲେ। ଏହି ଅବସରରେ କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ପଲାଇ ଚଳିତ ବର୍ଷର ବିଷୟବସ୍ତୁ ପ୍ଲାଷ୍ଟିକ ପ୍ରଦୂଷଣକୁ ପରାସ୍ତ କରନ୍ତୁ ଉପରେ ଗୁରୁତ୍ୱାରୋପ କରି କହିଥିଲେ, ଏହି ବିଷୟବସ୍ତୁକୁ ପୁଣି ଥରେ ଗ୍ରହଣ କରାଯାଇଛି ତାହା ଦର୍ଶାଉଛି ଯେ ପ୍ଲାଷ୍ଟିକ ପ୍ରଦୂଷଣ ବିରୁଦ୍ଧ ଲଢେଇରେ ଆମକୁ ଅନେକ କିଛି ହାସଲ କରିବା ବାକି ରହିଛି। ସେ ଆହୁରି କହିଥିଲେ, ପରିବେଶ ଦିବସ ପାଳନ ଆମ ଜୀବନରେ ପ୍ଲାଷ୍ଟିକ ବ୍ୟବହାର ହ୍ରାସ କରିବା ପାଇଁ ସତର୍କ ଏବଂ ପ୍ରତିବଦ୍ଧ ରହିବା ପାଇଁ ଏକ ପ୍ରତିଦିନ ସ୍ମରଣକାରୀ ଭାବେ କାର୍ଯ୍ୟ କରିବା ଉଚିତ। ସେହିପରି ଖଣି ଅଞ୍ଚଳରେ ପ୍ରଦୂଷଣ ହ୍ରାସ କରିବା ଓ ପରିବେଶ ଅନୁକୂଳ ଅଭ୍ୟାସ ବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ କରାଯାଉଥିବା ବିଭିନ୍ନ ପ୍ରୟାସ ଉପରେ ଖଣି ବିଭାଗ ନିର୍ବାହୀ ନିର୍ଦ୍ଦେଶକ ସିଂହ ଆଲୋକପାତ କରିଥିଲେ। ଯଦି ପୁନଃବ୍ୟବହାର, ହ୍ରାସ କିମ୍ବା ପୁନଃଚକ୍ରଣ ସମ୍ଭବ ନୁହେଁ, ତେବେ ପ୍ରତିରୋପଣ ଆମର ମୂଳମନ୍ତ୍ର ହେବା ଉଚିତ ବୋଲି ସେ କହିଥିଲେ। ଦୀର୍ଘକାଳୀନ ପରିବେଶ ସନ୍ତୁଳନ ସୁନିଶ୍ଚିତ କରିବାକୁ ସ୍ଥାୟୀ ଉତ୍ପାଦନ ପାଇଁ ଅଭିନବ ସମାଧାନ ଅନୁସନ୍ଧାନ କରିବା ଆବଶ୍ୟକତା ଉପରେ ମଧ୍ୟ ସିଂହ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଆର୍‌ଏସ୍‌ପି କର୍ମଚାରୀମାନଙ୍କ ପାଇଁ ଆୟୋଜିତ ପ୍ରବନ୍ଧ ଏବଂ ସ୍ଲୋଗାନ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ୨୦୨୪-୨୫ ବର୍ଷରେ ଲୌହ ଏବଂ ଇସ୍ପାତ ଜୋନ୍, ରୋଲିଙ୍ଗ ମିଲ୍ସ ଜୋନ୍ ଏବଂ ସେବା ଜୋନ୍‌ରେ ପରିବେଶ ଚାମ୍ପିୟନ ଭାବେ ଯଥାକ୍ରମେ ସିଣ୍ଟର ପ୍ଲାଣ୍ଟ-୧, ସିଲିକନ ଷ୍ଟିଲ ମିଲ୍ ଏବଂ ସିଭିଲ ଇଞ୍ଜିନିୟରିଂ ସର୍ଭିସେସ ପୁରସ୍କୃତ ହୋଇଥିଲେ। ପ୍ରାରମ୍ଭରେ ପରିବେଶ ଇଞ୍ଜିନିୟରିଂ ବିଭାଗର ଜିଏମ୍ ଇନ୍‌ଚାର୍ଜ ପି. ସି. ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଚଳିତ ବର୍ଷର ବିଷୟବସ୍ତୁ ଉପରେ ଏକ ବିସ୍ତୃତ ଉପସ୍ଥାପନା ପ୍ରଦାନ କରିଥିଲେ। ଇଭେଡି ବିଭାଗର ଜିଏମ୍ ଭି. ଭି. ଆର୍. ମୂର୍ତ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ପରିବେଶ ଇଞ୍ଜିନିୟରିଂ ବିଭାଗର ମ୍ୟାନେଜର ସୁଶ୍ରୀ ରଜନୀ ପ୍ରଗତୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉଲ୍ଲେଖନୀୟ, ଆର୍‌ଏସ୍‌ପି ପରିବେଶ ସୁରକ୍ଷା, ସଂରକ୍ଷଣ ଏବଂ ପ୍ରକୃତି ସହ ସମନ୍ୱୟ ରଖି ଇସ୍ପାତ ଉତ୍ପାଦନ କରିବା ପାଇଁ ନିରନ୍ତର ପ୍ରୟାସ ଜାରି ରଖିଛି। ପରିବେଶ ଅନୁକୂଳ ନୂତନ ପ୍ରଯୁକ୍ତିବିଦ୍ୟାର ପ୍ରଗତିଶୀଳ ଗ୍ରହଣ, ପରିବେଶଗତ ତଦାରଖ ଏବଂ ପରିବେଶ ସଚେତନତା ପ୍ରସାର ସର୍ବଦା ଇସ୍ପାତ କାରଖାନାର ତିନୋଟି ମୁଖ୍ୟ କ୍ଷେତ୍ର ରହିଛି।

# ଲାଗୁ ହେଉନି ବଦଳି ନିୟମ

ରାଉରକେଲା,୬।୬(ବିପ୍ଳବ ରଞ୍ଜନ ଦାଶ)

## ପାନପୋଷ ଉପଖଣ୍ଡ

ରାଉରକେଲା ପାନପୋଷ ଉପଖଣ୍ଡରେ ଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ୩ବର୍ଷିଆ ବଦଳି ନିୟମ ଠିକ୍ ଭାବେ ଲାଗୁ ହେଉନାହିଁ। ସରକାରୀ ବାବୁମାନେ ଗୋଟିଏ ଗୋଟିଏ ଅଫିସରେ ଦୀର୍ଘବର୍ଷ ଧରି ରହିଆସୁଛନ୍ତି। ଫଳରେ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାଉରକେଲା ପାନପୋଷ ଉପଖଣ୍ଡ ଅଧୀନରେ ବିଶ୍ରା, ଲାଠିକଟା, କୁଆଁରମୁଣ୍ଡା ଓ ଲାଠିକଟା ବ୍ଲକ ଏବଂ ୪ଟି ତହସିଲ ରହିଛି। ଏଥିସହ ଉପଜିଲାପାଳ ଓ ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଉଦ୍ୟାନ, ପ୍ରାଣୀଧନ, ମତ୍ସ୍ୟ, ପରିବହନ ଓ ବନ ବିଭାଗ ଭଳି ଅନେକ ସରକାରୀ କାର୍ଯ୍ୟାଳୟ ରହିଛି। ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ପାଇଁ ପ୍ରତି ୩ବର୍ଷ ବ୍ୟବଧାନରେ ଦ୍ୱିତୀୟ ଓ ତୃତୀୟ ଶ୍ରେଣୀ ଅଧିକାରୀ ଓ କର୍ମଚାରୀଙ୍କ ଅନ୍ୟତ୍ର ବଦଳି ହେବା କଥା। ମାତ୍ର ପାନପୋଷ ଉପଖଣ୍ଡର ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ୩ବର୍ଷ ପରିବର୍ତ୍ତେ ଦୀର୍ଘବର୍ଷ ପରେ ମଧ୍ୟ ବହୁ ସରକାରୀ ବାବୁ ଚୌକି ଛାଡୁନାହାନ୍ତି। ପାନପୋଷ ଉପଖଣ୍ଡ ଅଧୀନ ୪ଟି ବ୍ଲକ, ତହସିଲ ଏବଂ ରାଉରକେଲା ମହାନଗର ନିଗମ ଅଞ୍ଚଳରେ ଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଦୀର୍ଘବର୍ଷ ହେଲା କାର୍ଯ୍ୟରତ ୫୦ରୁ ଊର୍ଦ୍ଧ୍ୱ କିରାଣୀଙ୍କ ବଦଳି ଏପର୍ଯ୍ୟନ୍ତ ହୋଇନାହିଁ। ସେହିପରି ରାଉରକେଲା ପ୍ରାଣୀଧନ ବିଭାଗ, ତହସିଲ, ପାନପୋଷ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ଉଦ୍ୟାନ ବିଭାଗ, ଉଠା ଜଳସେଚନ ବିଭାଗ, କୃଷି, ବିଶ୍ରା ଶିକ୍ଷା ବିଭାଗ, ଯୋଗାଣ ବିଭାଗ କାର୍ଯ୍ୟାଳୟରେ ମଧ୍ୟ ଏଭଳି ଦୀର୍ଘବର୍ଷ ଧରି ଅଧିକାଂଶ କର୍ମଚାରୀ ରହିଛନ୍ତି। ଏମାନଙ୍କ ପାଇଁ ୩ବର୍ଷ ଅନ୍ତରରେ ବଦଳି ନିୟମ ଲାଗୁ ହେଉନାହିଁ। ଫଳରେ ସରକାରୀ କାର୍ଯ୍ୟରେ ସ୍ୱଚ୍ଛତା ନେଇ ସନ୍ଦେହ ସୃଷ୍ଟି ହେଉଛି ବୋଲି ରାଉରକେଲାର ବରିଷ୍ଠ ରାଜନେତା ବିରେନ ସେନାପତି, ସମାଜସେବୀ ପ୍ରଶାନ୍ତ ସେଠୀ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ନେଇ ରାଉରକେଲା ଅତିରିକ୍ତ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚାରିବାରୁ ଏ ବାବଦରେ ସରକାରଙ୍କୁ ଅବଗତ କରାଯିବ। ପରେ ସରକାରଙ୍କ ଆଦେଶ ମୁତାବକ ବଦଳି ପ୍ରକ୍ରିୟା ଆରମ୍ଭ ହେବ ବୋଲି ସେ କହିଥିଲେ।

# ୮ରେ କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ ଜୟନ୍ତୀ

ରାଉରକେଲା,୬।୬(ବିପ୍ଳବ ରଞ୍ଜନ ଦାଶ): ଆଦର୍ଶ ପାଠାଗାର ଓ ଭଞ୍ଜ ସାଂସ୍କୃତିକ ନ୍ୟାସର ମିଳିତ ଆନୁକୂଲ୍ୟରେ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଜୟନ୍ତୀ ଆସନ୍ତା ୮ ତାରିଖ ରବିବାର ପୂର୍ବାହ୍ନ ୧୦ଟାରେ ଆଦର୍ଶ ସାହିତ୍ୟ ଘରଠାରେ ପାଳନ କରାଯିବ। ଏହି କାର୍ଯ୍ୟକ୍ରମରେ ଇସ୍ପାତ ସ୍ୱୟଂ ଶାସିତ ମହାବିଦ୍ୟାଳୟର ସେବା ନିବୃତ୍ତ ଅଧ୍ୟକ୍ଷ ପ୍ରାଧ୍ୟାପକ ଶଙ୍କର ପ୍ରସାଦ ତ୍ରିପାଠୀ ମୁଖ୍ୟଅତିଥି ଓ ବିଶିଷ୍ଟ ଭଞ୍ଜ ସାହିତ୍ୟ ପ୍ରବକ୍ତା ଓ ଗବେଷକ ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ ମୁଖ୍ୟବକ୍ତା ଭାବେ ଯୋଗଦେବେ ବୋଲି ସ୍ୱୀକୃତି ପ୍ରଦାନ କରିଛନ୍ତି ବୋଲି ଆଦର୍ଶ ପାଠାଗାର ସଭାପତି ତଥା ଭଞ୍ଜ ସାଂସ୍କୃତିକ ନ୍ୟାସର ସମ୍ପାଦକ ଚନ୍ଦ୍ରଶେଖର ଶତପଥୀ ଓ ଆଦର୍ଶ ପାଠାଗାର ସାଧାରଣ ସମ୍ପାଦକ ସୁକାନ୍ତ ଚନ୍ଦ୍ର ଖୁଣ୍ଟିଆ ଜଣାଇଛନ୍ତି।

# ଯୁବ ହଷ୍ଟେଲରେ ବିଶ୍ୱ ପରିବେଶ ଦିବସ

ରାଉରକେଲା,୬।୬(ବିପ୍ଳବ ରଞ୍ଜନ ଦାଶ)

ସେକ୍ଟର-୩ସ୍ଥିତ ଭାରତୀୟ ଯୁବ ହଷ୍ଟେଲ ରାଉରକେଲା ଶାଖା ପକ୍ଷରୁ ଶୁକ୍ରବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ପ୍ରତାପ କୁମାର ସ୍ୱାଇଁ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ନିରଞ୍ଜନ ବେହେରାଙ୍କ ଆବାହକତ୍ୱ ଏବଂ ଆଶିଷ ବିର୍ସା ହେମ୍ବ୍ରମଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ହୀରାଲାଲ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅନୁଷ୍ଠାନ ପ୍ରାୟ ୨୫ ବର୍ଷ ଧରି। ସମାଜରେ ସଚେତନତା ବାର୍ତ୍ତା ବାଣ୍ଟୁଥିବାରୁ ସାଧୁବାଦ ଜଣାଇଥିଲେ। ପ୍ରଦୂଷଣ ପ୍ରତିରୋଧ କମିଟିର ଅଧ୍ୟକ୍ଷ ଡ. ଶକ୍ତିପ୍ରସାଦ ସାମନ୍ତରାୟ ଅନୁଷ୍ଠାନର କାର୍ଯ୍ୟକ୍ରମ ଓ ପରିବେଶ ସୁରକ୍ଷା ଉପରେ ନିଆଯାଇଥିବା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ଉପରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ଚିତ୍ରାଙ୍କନ ଓ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମରେ ଗୋରଖନାଥ ଶ୍ରୀବାସ୍ତବ, ଏସ୍. ଏନ୍. ଲେଙ୍କା, ସରୋଜ କୁମାର ପଟ୍ଟନାୟକ, ପ୍ରଫେସର ସିଂହମ ଜୟନ୍ତୁ, ବିଜୟ ପଣ୍ଡା, ସମରକାନ୍ତ ମଲ୍ଲିକ, ଦେବାଶିଷ ମହାନ୍ତି, ରଞ୍ଜନ କୁମାର ବାରିକ, ସୁଚିତ୍ରା ମଲ୍ଲିକ, ଲୁସି ଦାଶ, ମୀନାକ୍ଷୀ ପାଢ଼ୀ, ନାରାୟଣ ପ୍ରସାଦ ମହନ୍ତ, କାମିନୀ ମହନ୍ତ, ଅର୍ଚ୍ଚନା ସାହୁ, ସୁଶୀଳ ଅଧିକାରୀ, କେ. ସିଂ. ପାଢ଼ୀ, ବିଶ୍ୱନାଥ ପରିଡା, ସରୋଜ ପାତ୍ର, ସନ୍ତୋଷ ରଥ, ପ୍ରଦୀପ ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଉପସଭାପତି ଉପସଭାପତି ଅମିତାଭ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ।

# ହାପି ମୁମେଣ୍ଟ୍ସ ଇଣ୍ଡିଆ ବୈଠକ

ରାଉରକେଲା,୬।୬(ଦିନେଶ ମିଶ୍ର)

ହାପି ମୁମେଣ୍ଟ୍ସ ଇଣ୍ଡିଆର ମାସିକ ବୈଠକ ରାଉରକେଲା କ୍ଲବରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ରାଜେନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଅନୁଷ୍ଠାନର ଆର୍ଥିକ ଅଭିବୃଦ୍ଧି, ସାମାଜିକ ଦାୟିତ୍ୱବୋଧ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ଲକ୍ଷ୍ମୀନୃସିଂହ ପଟ୍ଟନାୟକ ଓ ଦେବାଶିଷ ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ଆସନ୍ତା ଦିନରେ ହେବାକୁ ଥିବା ସାମାଜିକ କାର୍ଯ୍ୟ, ବୃକ୍ଷରୋପଣ, ପରିବେଶ ସୁରକ୍ଷା ଦିଗରେ କାର୍ଯ୍ୟ କରିବା ପାଇଁ ସମୟ ସ୍ଥିର କରାଯାଇଥିଲା। ଗ୍ରେସି ଡେଭିଡ୍, ସସ୍ମିତା ପ୍ରଧାନ, ସୌମ୍ୟରଞ୍ଜନ ରାଉତ, ମନୀଷା ଭଞ୍ଜ, ଜିତେନ୍ଦ୍ର ପ୍ରସାଦ ପଣ୍ଡା, ତାପସ ବାରିକ ପ୍ରମୁଖ ସହଯୋଗ କରିଥିଲେ।

# ଜେଇଇ ଆଡ୍‌ଭାନ୍ସ ପରୀକ୍ଷାରେ ପ୍ରତୀତଙ୍କ ସଫଳତା


ମା' ବାପାଙ୍କ ଗହଣରେ ପ୍ରତୀତ।

ରାଉରକେଲା,୬।୬(ବିପ୍ଳବ ରଞ୍ଜନ ଦାଶ)

ଆର୍‌ଏସ୍‌ପିର ଚିକିତ୍ସା ଓ ସ୍ୱାସ୍ଥ୍ୟସେବା ବିଭାଗର ସିଏମ୍‌ଓ ଡାକ୍ତର ପ୍ରତିଭା ଷଡଙ୍ଗୀ ଏବଂ ଅତିରିକ୍ତ ସିଏମ୍‌ଓ ତଥା ଇସ୍ପାତ ଜେନେରାଲ ହସ୍ପିଟାଲର ଶିଶୁ ରୋଗ ବିଭାଗ ମୁଖ୍ୟ ଡାକ୍ତର ପି. ରଥଙ୍କ ପୁତ୍ର ପ୍ରତୀତ ନାରାୟଣ ରଥ ଜେଇଇ ଆଡଭାନ୍ସ ପରୀକ୍ଷା-୨୦୨୫ରେ ସର୍ବଭାରତୀୟ ୪୮୨ ସ୍ଥାନ ହାସଲ କରି ଇସ୍ପାତ ସହର ପାଇଁ ଗୌରବ ଆଣିଛନ୍ତି। ସେ ଦିଲ୍ଲୀ ପବ୍ଲିକ ସ୍କୁଲରୁ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୯୬.୮ ପ୍ରତିଶତ ମାର୍କ ସହ ସ୍କୁଲଶିକ୍ଷା ସମାପ୍ତ କରିଥିଲେ। ପରେ ସେ ଚଣ୍ଡିଗଡର ନାରାୟଣ ଇ-ଟେକ୍ନୋ ସ୍କୁଲରେ ପଢିଥିଲେ। ସେ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷାରେ ୯୩.୨ ସହିତ ପାସ୍ କରିଥିଲେ। ପ୍ରତୀତ ଜେଇଇ ଆଡଭାନ୍ସ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବା ପୂର୍ବରୁ ଜେଇଇ-ମୁଖ୍ୟ ପରୀକ୍ଷାରେ ଉଲ୍ଲେଖନୀୟ ୯୯.୯୫ ଶତକଡା ନମ୍ବର ପାଇଥିଲେ। ଟେକ୍ ଆଇକନ୍ ସୁନ୍ଦର ପିଚାଇଙ୍କୁ ପ୍ରେରଣାର ଭାବେ ଗ୍ରହଣ କରିଥିବା ପ୍ରତୀତ ଜଣେ ସଫଳ ଇଞ୍ଜିନିୟର ହେବା ସହ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ସମାଜରେ ଅର୍ଥପୂର୍ଣ୍ଣ ଯୋଗଦେବାକୁ ଲକ୍ଷ୍ୟ ରଖିଛନ୍ତି।

# ଆମ ପୋଲିସର ଶାନ୍ତି କମିଟି ବୈଠକ

ରାଉରକେଲା,୬।୬ (ବିପ୍ଳବ ରଞ୍ଜନ ଦାଶ)


ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀ।

ରାଉରକେଲା ସେକ୍ଟର-୧୯ ଥାନା ଆମ ପୋଲିସ ପକ୍ଷରୁ ଆଗାମୀ ଇଦୁଲଜୁହା ଓ ରଥଯାତ୍ରା ପାଇଁ ଏକ ଶାନ୍ତି କମିଟି ବୈଠକ ଥାନା ପରିସରରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଥାନା ପ୍ରଭାରୀ ରଞ୍ଜନ କୁମାର ନାୟକଙ୍କ ସଭାପତିତ୍ୱ ଏବଂ ଏସ୍‌ଆଇ ରାଜେଶ ବେହେରାଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ଆମ ପୋଲିସର କର୍ମକର୍ତ୍ତା, ବିଭିନ୍ନ ଅଞ୍ଚଳବାସୀ ଯୋଗଦେଇ ନିଜ ନିଜ ମଧ୍ୟରେ ଭାଇଚାରା ଓ ଐକ୍ୟବଦ୍ଧତା ବଜାୟ ରଖିବା ସହ ଉଭୟ କାର୍ଯ୍ୟକ୍ରମକୁ ଶୃଙ୍ଖଳାର ସହ ସମାପନ କରିବା ପାଇଁ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଆମ ପୋଲିସ ପକ୍ଷରୁ ନିହାର ରଞ୍ଜନ ଦାସ, ସନ୍ତୋଷ ସ୍ୱାଇଁ, ଶ୍ୟାମସୁନ୍ଦର ସ୍ୱାଇଁ, ଗଣେଶ ଜୟସିଂହ, ସୁଶାନ୍ତ ସ୍ୱାଇଁ, ତାରକେଶ୍ୱର ରାୟ, ପଞ୍ଚଦେବ ଯାଦବ, ଓମ୍ ପ୍ରକାଶ, ରମଣୀ ଯାଦବ, ଏମ୍‌ଡି ଫାରୁକ, ଏମ୍‌ଡି ଅଲ୍ଲୁମୁଦିନ, ମୋଗଲା ଖାନ, ବାସୁଦେବ ସ୍ୱାଇଁ, ଶରତ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ନିହାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏଏସ୍‌ଆଇ ମନୋରଞ୍ଜନ ପରିଡ଼ା, କ୍ଷେତ୍ରବାସୀ ଜୟପୁରିଆ, ସେବତୀ ସେଠୀ ପ୍ରମୁଖ ସହଯୋଗ କରିଥିଲେ।

# ଯୁବକଙ୍କୁ ସନ୍ତରଣ, ଜୀବନ ରକ୍ଷା କୌଶଳ ପ୍ରଶିକ୍ଷଣ

ରାଉରକେଲା,୬।୬(ଦିନେଶ ମିଶ୍ର)

ଓଡ଼ିଶା ରାଜ୍ୟ ପରିଚାଳନା କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ବିର୍ସାମୁଣ୍ଡା ଆଥ୍‌ଲେଟିକ ଷ୍ଟାଡିୟମରେ ହାଇସ୍କୁଲ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ସନ୍ତରଣ ଓ ଜୀବନ ରକ୍ଷା କୌଶଳ ଶିକ୍ଷା ପ୍ରଦାନ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାନପୋଷ ଅତିରିକ୍ତ ଜିଲାପାଳ ତଥା ଆରଏମ୍‌ସି କମିଶନର ଆଶୁତୋଷ କୁଲକର୍ଣ୍ଣ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ରାଉରକେଲା ସହର ଦେଇ ବହିଯାଇଥିବା ନଦୀରେ କିଶୋର ଓ ଯୁବକମାନେ ଗାଧୋଇବା ସମୟରେ ଦୁର୍ଘଟଣା ଶିକାର ହୋଇ ମୃତ୍ୟୁମୁଖରେ ପଡୁଥିବାବେଳେ ଏହି ପ୍ରଶିକ୍ଷଣ ଶିବିର ସେମାନଙ୍କ ପାଇଁ ବେଶ୍ ଲାଭଦାୟକ ହେବ ବୋଲି ଏଡିଏମ୍ କୁଲକର୍ଣ୍ଣ ତାଙ୍କ ବକ୍ତବ୍ୟରେ କହିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ପ୍ରତି ବ୍ୟାଚ୍‌ରେ ୩୦ ଜଣ ଯୁବକ ଅଂଶଗ୍ରହଣ କରିବେ। ପ୍ରତି ବ୍ୟାଚ୍‌କୁ ଓଡ୍ରାଫ୍‌ର ୨୦ ସଦସ୍ୟ ବିଶିଷ୍ଟ ଟିମ୍ ୬ ଦିନ ପ୍ରଶିକ୍ଷଣ ପ୍ରଦାନ କରିବେ। ପାଖାପାଖି ୧୦ଟି ବ୍ୟାଚ୍‌ର ୩ଶହ ଯୁବକଙ୍କୁ ପ୍ରଶିକ୍ଷଣ ଦେବା ଲକ୍ଷ୍ୟ ରହିଛି। ଶିବିରରେ କ୍ରୀଡ଼ା ବିଭାଗର ଉପ ନିର୍ଦ୍ଦେଶକ ସସ୍ମିତା ଦତ୍ତ, ଡେପୁଟି କଲେକ୍ଟର ଅର୍ପିତା ମହାନ୍ତି, ସାଲମା ମାଝି, ସୁଜାତା ତିର୍କୀ ଓ ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ସୀମାଫତିମା ଏକ୍କା ପ୍ରମୁଖ ଉପସ୍ଥିତ ଥିଲେ।


ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅତିଥି ଏବଂ ଯୁବକଗଣ।

# ତୃଣମୂଳସ୍ତରରୁ ସଙ୍ଗଠନ ସଜାଡ଼ିବାକୁ ଆହ୍ୱାନ

ରାଉରକେଲା ୬।୬(ବିପ୍ଳବ ରଞ୍ଜନ ଦାଶ)

## ରାଉରକେଲା ସାଙ୍ଗଠନିକ ଜିଲା କଂଗ୍ରେସ କମିଟି ବୈଠକ

ରାଉରକେଲା ସାଙ୍ଗଠନିକ ଜିଲା କଂଗ୍ରେସ କମିଟି ପକ୍ଷରୁ ସେକ୍ଟର-୨୧ସ୍ଥିତ କଂଗ୍ରେସ ଭବନରେ ଗୁରୁବାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା କଂଗ୍ରେସ ସଭାପତି ରବି ରାୟଙ୍କ ନେତୃତ୍ୱରେ ଆୟୋଜିତ ଏହି ବୈଠକରେ ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ତଥା ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା ଯୋଗଦେଇ ଆଗାମୀ ଦିନରେ ରାଉରକେଲା ଓ ରଘୁନାଥପାଲ୍ଲୀ ନିର୍ବାଚନ ମଣ୍ଡଳୀର କଂଗ୍ରେସ ସଙ୍ଗଠନ କିପରି ତୃଣମୂଳସ୍ତରରୁ ସୁଦୃଢ କରାଯାଇପାରିବ ସେ ନେଇ ପରାମର୍ଶ ଦେଇଥିଲେ। ରାଜଗାଙ୍ଗପୁର ବିଧାୟକ ଡ. ସି. ଏସ୍. ରାଜନ ଏକ୍କା, ବିଧାୟକ ପବିତ୍ର ସାଉତା, ରାଜକିଶୋର ଷଡ଼ଙ୍ଗୀ, ଲକ୍ଷ୍ମୀଧର ସିଂ, ଅନୀମା ମିଞ୍ଜ୍ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ବୈଠକରେ ଦେବବ୍ରତ ବିହାରୀ, ରଶ୍ମୀ ପାଢୀ, ସାବୀର ହୁସେନ, ଜ୍ଞାନେନ୍ଦ୍ର ଦାସ, ୱାଇ ଉନ୍ ସିଂ, ଗଣେଶ ପ୍ରଧାନ, ବି. ଏନ୍. ପଟ୍ଟନାୟକ, ଗୋପାଳ ଦାସ, ସନ୍ତୋଷ ବିଶ୍ୱାଳ, ଆଶିଷ ମହାନ୍ତି, ସରୋଜ ଲେଙ୍କା, ନଚିକେତା ମହାପାତ୍ର, ପ୍ରବୋଧ ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ କଂଗ୍ରେସ ନେତୃବୃନ୍ଦ।

# ଟ୍ରେଲର ଧକ୍କାରେ ଯୁବତୀ ମୃତ

ରାଉରକେଲା,୬।୬(ଦିନେଶ ମିଶ୍ର): ବ୍ରାହ୍ମଣୀତରଙ୍ଗ ଥାନା ବେଦବ୍ୟାସ ଛକରେ ଶୁକ୍ରବାର ମଧ୍ୟାହ୍ନ ସାଢେ ୧୨ଟାରେ ଟ୍ରେଲର ଧକ୍କାରେ ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବର୍ଷା ମୁଣ୍ଡାରୀ(୨୩)। ଏ ନେଇ ପୋଲିସ ଏକ ମାମଲା (ନଂ.୧୨୬/୨୫) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ବର୍ଷା ଅନ୍ୟ ଜଣଙ୍କ ସହ ସ୍କୁଟିରେ ବେଦବ୍ୟାସ ମନ୍ଦିରରୁ ଫେରୁଥିବା ବେଳେ ଏକ ଟ୍ରେଲର ପଛପଟୁ ଧକ୍କା ଦେଇଥିଲା। ତାଙ୍କୁ ଆର୍‌ଜିଏଚ୍‌ରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଧାରଣା ନ ଦେବାକୁ ଶ୍ରମ ସଙ୍ଗଠନକୁ ଚିଠି

ରାଉରକେଲା,୬।୬(ଦିନେଶ ମିଶ୍ର)

ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଇଏସ୍‌ଆଇ ଡିସ୍‌ପେନସାରୀରେ ବୀମାଧାରୀଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ସୁନ୍ଦରଗଡ ଇଣ୍ଡଷ୍ଟ୍ରିଆଲ ମଜଦୁର ୟୁନିୟନ ପକ୍ଷରୁ ଆନ୍ଦୋଳନ, ବିକ୍ଷୋଭ ଓ ଧାରଣା ଦିଆଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏହାର ପ୍ରତିବାଦରେ ଆସନ୍ତା ୯ ତାରିଖରେ ଜେଲ୍‌ରୋଡ ସ୍ଥିତ ଇଏସ୍‌ଆଇ ମେଡିକାଲ ସମ୍ମୁଖରେ ଧାରଣା ଦିଆଯିବ ବୋଲି ୟୁନିୟନ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ଏ ନେଇ କାନବାହାଲସ୍ଥିତ ଯୁଗ୍ମ ନିର୍ଦ୍ଦେଶକ ଓ ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର କୃତାର୍ଥ ତାଣ୍ଡିଆଙ୍କୁ ସଙ୍ଗଠନର ସାଧାରଣ ସମ୍ପାଦକ ଜାହାଙ୍ଗୀର ଅଲ୍ଲୀ ପତ୍ର ପ୍ରଦାନ କରିଥିଲେ। ତେବେ ଏହି ଧାରଣା ନ ଦେବାକୁ ଯୁଗ୍ମ ନିର୍ଦ୍ଦେଶକ କୃତାର୍ଥ ତାଣ୍ଡିଆ ଶୁକ୍ରବାର ଚିଠି ନମ୍ବର-୭୧୩ରେ ଜାହାଙ୍ଗୀର ଅଲ୍ଲୀଙ୍କୁ ଜଣାଇଛନ୍ତି। ଇଏସ୍‌ଆଇ ହସ୍ପିଟାଲର ବିଭିନ୍ନ ସମସ୍ୟା ଓ ୟୁନିୟନର ଦାବି ନେଇ ରାଜ୍ୟ ସରକାରଙ୍କୁ ଅବଗତ କରାଇବା, ଓପିଏସ୍‌ସି ମାଧ୍ୟମରେ ରାଜ୍ୟର ବିଭିନ୍ନ ହସ୍ପିଟାଲ, ଡିସପେନସାରୀରେ ଆବଶ୍ୟକ ଥିବା ୮୭ ଜଣ ଡାକ୍ତରଙ୍କୁ ନିଯୁକ୍ତି ସହ ଇନ୍ସୁରାନ୍ସ ମେଡିକାଲ ଅଫିସର ଓ ସ୍ପେଶାଲିଷ୍ଟ ଡାକ୍ତରଙ୍କ ପାଇଁ ତୁରନ୍ତ ବିଜ୍ଞପ୍ତି ପ୍ରକାଶ କରାଯିବ ବୋଲି ଚିଠିରେ ଉଲ୍ଲେଖ ରହିଛି। ସେହିପରି ରୋଗୀମାନଙ୍କୁ ଉନ୍ନତ ଚିକିତ୍ସା ସେବା ପାଇଁ ଏକ ଯୁଗ୍ମ ନିରୀକ୍ଷଣ ରିପୋର୍ଟ ରାଜ୍ୟ ସରକାରଙ୍କ ପାଖକୁ ପଠାଯାଇଛି। ତେଣୁ ଧାରଣା ନ ଦେବା ପାଇଁ ତାଣ୍ଡିଆ ୟୁନିୟନକୁ ଅନୁରୋଧ କରିଛନ୍ତି। ତେବେ ଆସନ୍ତା ୭ ତାରିଖରେ କମିଟି ବୈଠକରେ ଏ ନେଇ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ସାଧାରଣ ସମ୍ପାଦକ ଅଲ୍ଲୀ ଜଣାଇଛନ୍ତି।




## ସଂକ୍ଷେପରେ

### କାର୍ଯ୍ୟରେ ଯୋଗଦେଲେ ବିଇଓ



**କୋଲାବିରା,୬।୬(ଚିନ୍ମୟ କୁମାର ବହିଦାର)**

କୋଲାବିରା ବ୍ଲକରେ ବିଇଓ ଭାବେ ପ୍ରକାଶ ସାହୁ କାର୍ଯ୍ୟରେ ଯୋଗଦେଇଛନ୍ତି। ଏହି ଅବସରରେ ବିଇଓଙ୍କ କାର୍ଯ୍ୟାଳୟରେ କର୍ମଚାରୀଙ୍କ ପକ୍ଷରୁ ଆୟୋଜିତ ସଭାରେ ବିଇଓ ସାହୁଙ୍କୁ ସ୍ୱାଗତ କରାଯାଇଛି। ଏହା ପୂର୍ବରୁ ସେ କେନ୍ଦୁଝର ଜିଲା ଚମ୍ପୁଆ ବ୍ଲକରେ ବିଇଓ ଭାବେ କାର୍ଯ୍ୟ କରୁଥିଲେ। ଏନେଇ ବିଇଓ ସାହୁ କହିଛନ୍ତି, ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ଶିକ୍ଷାଦାନ ପ୍ରତି ଶିକ୍ଷୟିତ୍ରୀ, ଶିକ୍ଷକ ଗୁରୁତ୍ୱ ଦିଅନ୍ତୁ। ଅଭିଭାବକ, ଶିକ୍ଷକ ଏବଂ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ଆଗେଇ ନେବା ପାଇଁ ସେ ସହଯୋଗ କାମନା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଏବିଇଓ ନିର୍ମଳା ଶତପଥୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ଅପରପକ୍ଷରେ କୋଲାବିରା ବିଇଓ ସତ୍ୟବ୍ରତ ସାହୁଙ୍କ ପଦୋନ୍ନତି ହେବା ପରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଭାବରେ ସମ୍ବଲପୁରକୁ ତାଙ୍କର ବଦଳି ହୋଇଛି।

### ଚାରାରୋପଣ କାର୍ଯ୍ୟକ୍ରମ

**ଦେବଗଡ଼,୬।୬(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା ସଦର ମହକୁମାସ୍ଥିତ ସରକାରୀ ପଲିଟେକ୍ନିକ୍ କଲେଜ ପରିସରରେ 'ଏକ ପେଡ୍ ମା କେ ନାମ'ସଂକଳ୍ପ ଆଧାରରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯୁବନେତା ସୌରଭ ଗୋଏଲଙ୍କ ନେତୃତ୍ୱରେ ଛାତ୍ରୀଛାତ୍ରମାନେ ୫୦ରୁ ଊର୍ଦ୍ଧ୍ୱ ବିଭିନ୍ନ ପ୍ରକାରର ଚାରାରୋପଣ କରିଥିଲେ। ଆଗାମୀ ଦିନରେ କୁରଡକୋଟ ଓ ପ୍ରଧାନପାଟ ସଂରକ୍ଷଣ ଜଙ୍ଗଲରେ ଔଷଧୀୟ ଗଛ ଲଗାଯାଇ ଯତ୍ନ ନେବା ଉପରେ ବିଚାର ବିମର୍ଷ କରାଯାଇଥିଲା।

### କେନ୍ଦ୍ର ସରକାରଙ୍କ ୧୧, ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ କାର୍ଯ୍ୟଶାଳା

**ଝାରସୁଗୁଡ଼ା,୬।୬(ଆଶିଷ ରଞ୍ଜନ ଦାଶ)**

କେନ୍ଦ୍ର ସରକାରଙ୍କ ୧୧ ବର୍ଷ ଓ ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଉପଲକ୍ଷେ ଝାରସୁଗୁଡ଼ା ସରବାହାଲସ୍ଥିତ ଭାଜପା କାର୍ଯ୍ୟାଳୟରେ ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଜିଲାସ୍ତରୀୟ କାର୍ଯ୍ୟଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି ରଘୁନନ୍ଦନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ, ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ, ସୁଧାଂଶୁ ଦୋରା, ଚକାନନ ସା, ପ୍ରମୋଦ ସେନାପତି, ପ୍ରେମସେନ ରାୟ, ରୀନା ପଟେଲଙ୍କ ସମେତ ଭାଜପା କର୍ମୀମାନେ ଯୋଗଦେଇଥିଲେ।

### ବିଶ୍ୱ ପରିବେଶ ଦିବସ ପାଳିତ

**କିର୍ମିରା,୬।୬(ସୁରେଶ ଜୟପୁରିଆ)**

ଝାରସୁଗୁଡ଼ା ବନଖଣ୍ଡ ବାଗଡ଼ିହି ବନାଞ୍ଚଳ ଅଧୀନରେ ଥିବା ଅନ୍ଧାରୀ ବନଦୁର୍ଗା ମନ୍ଦିର, କହଁଥାଁଠାରେ ଗୁରୁବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାଗଡ଼ିହି ବନାଞ୍ଚଳ ଅଧିକାରିଣୀ ବନ୍ଦନା ପଶାୟତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ଲାଷ୍ଟିକ ପ୍ରଦୂଷଣ ରୋକିବା ଉପରେ ଆଲୋକପାତ କରିଥିଲେ। ଅନ୍ଧାରୀ ପାହାଡ଼ର ସୁରକ୍ଷା ପାଇଁ ପ୍ରତିବର୍ଷ ବନଦୁର୍ଗା ପୂଜା ଅନୁଷ୍ଠିତ ହେଉଛି। ଏଥିରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେଉଥିବାବେଳେ ଅଧିକ ମାତ୍ରାରେ ପ୍ଲାଷ୍ଟିକ ବର୍ଜ୍ୟବସ୍ତୁ ପଡିରହୁଛି। ଏହାକୁ ଆଖିଆଗରେ ରଖି ବିଶ୍ୱ ପରିବେଶ ଦିବସରେ ସଫେଇ କାର୍ଯ୍ୟକ୍ରମ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପାକେଲଖୋଲ, ଡୁଡୁକାବାହାଲ, ବାବୁଛିପିଡ଼ିହି, ବାଙ୍କି ବରପାନ, ମା' ଅନ୍ଧାରୀ ମହାସଂଘର ସଦ୍ୟସ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବାଗଡ଼ିହି ଫରେଷ୍ଟର ମୁରାରୀ ପ୍ରସାଦ ସାହୁ, ଅମୀର ପଟେଲ, ଟିମ୍ ଲିଡ଼ର ଚୁଡାମଣି ବେହେରା ଏବଂ ସମସ୍ତ କାର୍ଯ୍ୟକର୍ତ୍ତା କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ଦେବଗଡ଼ ପୌରାଞ୍ଚଳରେ ସ୍ଥାପନ ହେବ ବରପୁତ୍ରଙ୍କ ପ୍ରତିମୂର୍ତ୍ତି

**ଦେବଗଡ଼,୬।୬(ଶଶାଙ୍କ ଶେଖର ଝାଙ୍କର)**



ଅଧିବେଶନରେ ଭାରପ୍ରାପ୍ତ ଅଧ୍ୟକ୍ଷ, କାଉନସିଲର ଓ ଅନ୍ୟମାନେ।

ଦେବଗଡ଼ ପୌରପରିଷଦର କାର୍ଯ୍ୟାଳୟରେ ୧୮ତମ ଅଧିବେଶନ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ୍ କୁମାର ଭୋଜଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପୂଜ୍ୟପୂଜା ଓ ଅସ୍ମିତାର ରକ୍ଷା ନିମନ୍ତେ ସହରର ମୁଖ୍ୟ ସ୍ଥାନରେ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ଅଟଳ ବିହାରୀ ବାଜପେୟୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡ. ଦେବେନ୍ଦ୍ର ନାଥ ପ୍ରଧାନ, ରାଜା ସାର୍ ବାସୁଦେବ ସୁଢୋଳଦେବ, ସ୍ୱାଧୀନତା ସଂଗ୍ରାମୀ ଦୟାନନ୍ଦ ଶତପଥୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ନିମନ୍ତେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଛି। ଏଥିସହ ସହରବାସୀ ଅନ୍ତେଷ୍ଟିକ୍ରିୟା ତଥା ଗାଧୋଇବା ନିମନ୍ତେ ପ୍ରଧାନପାଟ ନିକଟସ୍ଥ ଜଳକୁଣ୍ଡ, ଗୋହିରୀ ବନ୍ଧ ସଫା କରାଯିବ। ଉଠା ଦୋକାନୀଙ୍କ ଥଇଥାନ ପାଇଁ ଭେଣ୍ଡିଂଜୋନ୍ ନିର୍ମାଣ ସହିତ ବିବାଦୀୟ ଫୁଡ୍‌ପାର୍କ ନିର୍ମାଣ କାର୍ଯ୍ୟକୁ ପ୍ରତ୍ୟାହାର ପାଇଁ ପ୍ରସ୍ତାବ ଗୃହୀତ ହୋଇଛି। ଏଥିସହ କଳାପରିଷଦ ଗୃହ ପୁନଃନିର୍ମାଣ କରି ଲୋକାର୍ପଣ ପାଇଁ ନିଷ୍ପତି ହୋଇଛି। ଏହି ବୈଠକରେ ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ସୁଧୀର କପରଦାର, ବିଧାୟକଙ୍କ ପ୍ରତିନିଧି ମାନସ କୁମାର ପ୍ରଧାନ, ନିର୍ବାହୀ ଅଧିକାରୀ କୃପାସିନ୍ଧୁ ସ୍ୱାଇଁ, କାଉନସିଲର ସଂଯୁକ୍ତା ଆଚାର୍ଯ୍ୟ, ବାସନ୍ତୀ ମାଝୀ, ପିଙ୍କୁନ ଜତିନ, ପିଙ୍କିରାଣୀ ସାହୁ, ମଧୁସୂଦନ ବାଘ, କାର୍ତ୍ତିକ ମହାକୁଲ, ଇତିଶ୍ରୀ ମିଶ୍ର, ସରୋଜିନୀ ମୁଣ୍ଡା, ଧର୍ମେନ୍ଦ୍ର ଦେବତା ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଅଟୋ ଓଲଟି ଦମ୍ପତି ମୃତ

**ଦେବଗଡ଼,୬।୬(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଜିଲା କୁଣ୍ଢେଇଗୋଲା ଥାନା ଅନ୍ତର୍ଗତ ଅଶନପାଳ ଗ୍ରାମ ନିକଟ ରାଞ୍ଚି-ବିଜୟୱାଡା ରାସ୍ତାର ବୁଲାଣିରେ ଶୁକ୍ରବାର ଅପରାହ୍ନରେ ଏକ ଅଟୋ ଓଲଟି ପଡିବାରୁ ଦମ୍ପତିଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଏହି ଥାନା ଅଧୀନ ରଞ୍ଜଣା ଗ୍ରାମର ମଥୁରା ଶବର ଓ ତାଙ୍କ ସ୍ତ୍ରୀ ଚାଇନା ଶବର। ସୂଚନା ଅନୁଯାୟୀ, ମଥୁରା ଓ ଚାଇନା ଅସୁସ୍ଥ ଥିବାରୁ ଚିକିତ୍ସା ନିମନ୍ତେ ଶୁକ୍ରବାର ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସିଥିଲେ। ସେଠାରେ ସେମାନେ ଚିକିତ୍ସିତ ହୋଇ ଅପରାହ୍ନ ପ୍ରାୟ ୨ଟାରେ ଏକ ଅଟୋ (ନଂ.ଓଡି୨୮ଏ-୨୫୭୬)ରେ ଘରକୁ ଫେରୁଥିଲେ। ମାତ୍ର ଅଶନପାଳ ଗ୍ରାମ ନିକଟ ରାଞ୍ଚି-ବିଜୟୱାଡା ରାସ୍ତାର ବୁଲାଣିରେ ଅଟୋ ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ମଥୁରା ଓ ଚାଇନା ଗୁରୁତର ହୋଇଥିଲେ। ଚିକିତ୍ସା ଲାଗି ସେମାନଙ୍କୁ ଛତାବର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ସେଠାରେ ମଥୁରାଙ୍କୁ ମୃତ ଘୋଷଣା କରିଥିଲେ। ଚାଇନାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ଦୁର୍ଘଟଣା ପରେ ଅଟୋଚାଳକ ଫେରାର ହୋଇଯାଇଛନ୍ତି। କୁଣ୍ଢେଇଗୋଲା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଜବତ କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟର ଶବାଗାରରେ ଦମ୍ପତିଙ୍କ ମୃତଦେହ ରଖାଯାଇଛି। ଶନିବାର ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ। ଅନ୍ୟପକ୍ଷରେ ମୃତ ଦମ୍ପତିଙ୍କ ପରିବାର ଲୋକଙ୍କୁ ପ୍ରଶାସନ ପକ୍ଷରୁ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି।

# ଆନ୍ତଃ ସ୍କୁଲ କ୍ରିକେଟ ଟୁର୍ନାମେଣ୍ଟ, ଗ୍ରୀନ୍ କମ୍ବାଇନ୍ ଟିମ୍ ବିଜୟୀ



କାର୍ଯ୍ୟକ୍ରମରେ ଅତିଥି, ଖେଳାଳି ଓ ଅନ୍ୟମାନେ।

**ବ୍ରଜରାଜନଗର, ୬।୬ (ବିଜୟ ବରାଡ଼)**

ଓଡ଼ିଶା କ୍ରିକେଟ୍ ଆସୋସିଏଶନ ଆନୁକୂଲ୍ୟରେ ଝାରସୁଗୁଡ଼ା ଜିଲା ବ୍ରଜରାଜନଗରସ୍ଥିତ ଇଣ୍ଟିଗ୍ରିଟି ଖେଳପଡିଆରେ ଆୟୋଜିତ ଆନ୍ତଃ ସ୍କୁଲ କ୍ରିକେଟ୍ ଟୁର୍ନାମେଣ୍ଟର ସପ୍ତଦଶ ମ୍ୟାଚ୍ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଝାରସୁଗୁଡ଼ାର ବ୍ଲୁବେଲ୍ ପବ୍ଲିକ ସ୍କୁଲ ଓ ଗ୍ରୀନ୍ କମ୍ବାଇନ୍ ଟିମ୍ ମଧ୍ୟରେ ମ୍ୟାଚ୍ ହୋଇଥିଲା। ବ୍ଲୁ ବେଲ୍ ପବ୍ଲିକ ସ୍କୁଲ ଟିମ୍ ପ୍ରଥମେ ବ୍ୟାଟିଂ କରି ୨୧.୫ ଓଭରରେ ୧୦ଟି ଉଇକେଟ୍ ହରାଇ ୮୭ ରନ୍ ସଂଗ୍ରହ କରିଥିଲେ। ଦ୍ୱିତୀୟ ପାଳିରେ ଗ୍ରୀନ୍ କମ୍ବାଇନ୍ ଟିମ୍ ୧୭.୨ ଓଭରରେ ୪ ଉଇକେଟ୍ ହରାଇ ୮୮ ରନ୍ ସଂଗ୍ରହ କରିଥିଲା। ଗ୍ରୀନ୍ କମ୍ବାଇନ୍ ଟିମ୍‌ର ଦେବବ୍ରତ କୁମାର ଶର୍ମା ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ମହାନଦୀ କୋଇଲା କମ୍ପାନୀ ଇବ୍ ଭ୍ୟାଲି କ୍ଷେତ୍ରର ସିନିୟର୍ ମ୍ୟାନେଜର (ପର୍ସନାଲ) ଅଶୋକ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପ୍ରଜ୍ୱଳ କୁମାର ପଟେଲ, କମ୍ପାଉଣ୍ଡର ବେହେରା, ଅଶୋକ କୁମାର ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

# ବାର୍‌ହା ଶିକାର ଅଭିଯୋଗ: ୩ ଶିକାରୀ ଗିରଫ

**ଝାରସୁଗୁଡା,୬।୬(ଆଶିଷ ରଞ୍ଜନ ଦାଶ)**

ବାର୍‌ହା ଶିକାର ଅଭିଯୋଗରେ ୩ ଜଣ ଶିକାରୀଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ସେମାନେ ହେଲେ ବନବିଭାଗର ରାଜପୁର ସେକ୍ସନ ଅନ୍ତର୍ଗତ ତିଲେଇମାଲ ଗ୍ରାମର ଅନୀଲ ଖଡ଼ିଆ(୨୭), ଭରତ ଖଡ଼ିଆ(୨୪) ଓ ଅଶ୍ୱିନୀ ଖଡ଼ିଆ(୨୦)। ଘଟଣାସ୍ଥଳରୁ ବନବିଭାଗ ବାର୍‌ହା ମୁଣ୍ଡ, ୨ଟି କଟୁରି, କାଠଗଣ୍ଡି ଆଦି ଜବତ କରିଛି। ସୂଚନା ଅନୁସାରେ, ମଙ୍ଗଳବାର ଝାରସୁଗୁଡ଼ା ନିକ୍ରିମାଲ ଜଙ୍ଗଲରେ ଅଭିଯୁକ୍ତମାନେ ବାର୍‌ହା ଶିକାର କରିବା ପରେ ତିଲେଇମାଲ ଜଙ୍ଗଲରେ ଭାଗ ବଣ୍ଟା କରିଥିଲେ। ବ୍ରଜରାଜନଗର ବନାଞ୍ଚଳ ଅଧିକାରୀ ରିସନା ଜାମଡ଼ାଲିଆ ଖବର ପାଇବା ପରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରିଥିଲେ। ଅଭିଯୁକ୍ତମାନେ ବାର୍‌ହା ଶିକାର ନେଇ ସ୍ୱୀକାର କରିଥିଲେ ଓ ବନ ବିଭାଗ ଅଧିକାରୀଙ୍କୁ ମାଂସ କଟାଯାଇଥିବା ସ୍ଥାନକୁ ନେଇଥିଲେ। ସେଠାରେ ବାର୍‌ହା ମୁଣ୍ଡ, ହାଡ଼, ଲୋମ, ଅନ୍ତବୁଜୁଳା ଆଦି ପଡ଼ିଥିବା ବନ ବିଭାଗ ଦେଖିବାକୁ ପାଇଥିଲା।

# ଭଡ଼ା ନ ଦେବାରୁ ୨୧ ଦୋକାନ ସିଲ୍

**ବ୍ରଜରାଜନଗର, ୬।୬ (ବିଜୟ ବରାଡ଼)**

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ପୌରାଞ୍ଚଳରେ ବ୍ୟବସାୟୀମାନେ ଗୋଟିଏ ସ୍ଥାନରେ ବ୍ୟବସାୟ କରିବା ଉଦ୍ଦେଶ୍ୟରେ ପୌର ପରିଷଦ ପକ୍ଷରୁ ଭେଣ୍ଡିଂ ଜୋନ୍ ନିର୍ମାଣ କରାଯାଇଛି। ଏଥିସହ ଭେଣ୍ଡିଂ ଜୋନ୍‌ର ଦୋକାନ ଘରଗୁଡିକୁ ବ୍ୟବସାୟ ଉଦ୍ଦେଶ୍ୟରେ ଆବଣ୍ଟନ କରାଯାଇଥିଲା। ହେଲେ ବ୍ୟବସାୟୀ ଦୋକାନକୁ ଅନ୍ୟମାନଙ୍କୁ ଭଡ଼ା ଦେଇଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ଶୁକ୍ରବାର ପୌରପରିଷଦ ପକ୍ଷରୁ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁଙ୍କ ନିର୍ଦ୍ଦେଶକ୍ରମେ ଗାନ୍ଧୀଛକଠାରେ ଥିବା ଭେଣ୍ଡିଂ ଜୋନ୍‌ର ୨୧ଟି ଦୋକାନ ସିଲ୍ କରାଯାଇଛି। ଏହି ଦୋକାନଗୁଡ଼ିକ ପୌର ପରିଷଦଠାରୁ ନେବା ଦିନଠାରୁ ଖୋଲୁ ନ ଥିବା ଓ ଏଗ୍ରିମେଣ୍ଟ ଅନୁଯାୟୀ ମାସିକ ଭଡ଼ା ପଇଠ କରାଯାଉ ନ ଥିବାରୁ ଏଭଳି ପଦକ୍ଷେପ ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ପୌର ପରିଷଦ କର୍ମଚାରୀ କୃଷ୍ଣଚନ୍ଦ୍ର ସାହୁ, ରଞ୍ଜନ ମଲ୍ଲିକଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

# ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ତଦାରଖ କଲେ ବିଧାୟକ



ବିଧାୟକ ଟଙ୍କଧର ତ୍ରିପାଠୀ ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ତଦାରଖ କରୁଛନ୍ତି।

**ଝାରସୁଗୁଡା,୬।୬(ଆଶିଷ ରଞ୍ଜନ ଦାଶ)**

ଝାରସୁଗୁଡା ପୌରପରିଷଦ ୩ ନମ୍ବର ୱାର୍ଡ ଅଧୀନ ମାରୱାଡି ପଡାରେ ଥିବା ମହାଦେବ ପୋଖରୀର ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି। ବିଧାୟକ ଟଙ୍କଧର ତ୍ରିପାଠୀ ଶୁକ୍ରବାର ପୂର୍ବାହ୍ନରେ ସେଠାରେ ପହଞ୍ଚି ପୋଖରୀ ପୁନରୁଦ୍ଧାର କାର୍ଯ୍ୟ ତଦାରଖ କରିଥିଲେ। ଏହି କାର୍ଯ୍ୟକ୍ରମରେ ଟାଉନ୍ ମଣ୍ଡଳ ସଭାପତି ବିମଳେନ୍ଦୁ ଭୋଳ, ସୋନୁ ଥିରାନି, ଅତୁଲ ଶୁକ୍ଲା, ବିନୟ ମୋଦୀ, ସିଦ୍ଧାର୍ଥ ଅଗ୍ନି , ମୁକେଶ ଶା, ଶୈଳେଶ ତିୱାରୀ, ପ୍ରମୋଦ ତ୍ରିପାଠୀଙ୍କ ସମେତ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ।

# ଚାଳକ, ବିଦ୍ୟୁତ୍ ବିଭାଗ ନିର୍ବାହୀଯନ୍ତ୍ରୀଙ୍କ ନାଁରେ ମାମଲା

**ବିଦ୍ୟୁତ୍ ସଂସ୍ପର୍ଶରେ ବସ୍ ହେଲ୍‌ପର୍ ମୃତ୍ୟୁ ଘଟଣା**

**ଦେବଗଡ଼, ୬।୬(ଶଶାଙ୍କ ଶେଖର ଝାଙ୍କର)**

ରିଆମାଳ ଥାନା ଅଧୀନ ଗୁଣ୍ଡିଆପାଲି ଗ୍ରାମରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ମଙ୍ଗଳବାର ଜଣେ ବସ୍ ହେଲ୍‌ପର୍‌ଙ୍କ ମୃତ୍ୟୁ ଘଟିଥିଲା। ସେ ହେଲେ ତୁଳସିଟେଲା ଗ୍ରାମର ରିଙ୍କୁ ବେହେରା। ତେବେ ଏନେଇ ରିଙ୍କୁଙ୍କ ବାପା ଶୁକ୍ରବାର ରିଆମାଳ ଥାନାରେ ବସ୍ ଚାଳକ ଏବଂ ବିଦ୍ୟୁତ୍ ବିଭାଗ ନିର୍ବାହୀଯନ୍ତ୍ରୀଙ୍କ ନାଁରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୧୨୨/୨୫) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଙ୍ଗଳବାର ଦେବଗଡ଼ ଜିଲା ଗସ୍ତକରି ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଏକ ବସ୍‌ରେ ବନାକାଳ ଓ ଆଖପାଖ ଗ୍ରାମର ଏସ୍ଏଚ୍‌ଜି ମହିଳା ଆସିଥିଲେ। କାର୍ଯ୍ୟକ୍ରମ ସରିବା ପରେ ସେମାନଙ୍କୁ ନେଇ ଉକ୍ତ ବସ୍‌ରେ ଫେରୁଥିବାବେଳେ ଗୁଣ୍ଡିଆପାଲି ଗ୍ରାମ ଭିତରେ ବିଦ୍ୟୁତ୍ ତାର ଲାଗିଯାଇଥିଲା। ହେଲ୍‌ପର୍ ତଳକୁ ଓହ୍ଲାଇ ଦେଖିବାକୁ ଚେଷ୍ଟା କରୁଥିବାବେଳେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ଚିକିତ୍ସାଲାଗି ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ଦେବଗଡ଼ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ମାତ୍ର ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା ସହାୟତା ଘୋଷଣା ପରେ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

# ବାଲ୍ୟବିବାହ ମୁକ୍ତ ପାଇଁ ସଚେତନତା

**ଲଇକେରା,୬।୬ (ରଞ୍ଜନ କୁମାର ମେହେର)**

ଲଇକେରା ଥାନା ଅଧୀନ ଖୁଣ୍ଟାମାଲ ପଞ୍ଚାୟତ କୀର୍ତ୍ତନ ମଣ୍ଡପରେ ପୋଲିସ ପକ୍ଷରୁ ଶୁକ୍ରବାର ପୂର୍ବାହ୍ନରେ ବାଲ୍ୟବିବାହ ମୁକ୍ତ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥାନାଧିକାରୀ ଦିଲ୍ଲୀପ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ମଧୁସିକ୍ତା ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବାଲ୍ୟ ବିବାହର କୁ-ପରିଣତି ଓ ଆଇନଗତ ଦଣ୍ଡବିଧାନ ବ୍ୟବସ୍ଥା ଉପରେ ବୁଝାଇଥିଲେ। ଏଥିରେ ସ୍ଥାନୀୟ ସରପଞ୍ଚ ସବ୍ୟସାଚୀ ସାହୁ , ଭରତ ପାତ୍ର , ଗାନ୍ଧୀରାମ ବେହେରା, ସମିତି ସଭ୍ୟା ରସବତୀ କିଶାନ, ସିଏଚ୍‌ଓ ସିଲା ବାର୍ଲା ଉପସ୍ଥିତ ଥିଲେ। ଯଦି କିଏ ବାଲ୍ୟ ବିବାହ କରାଉଛି ତା'ହାଲେ ଆଇନ ଅନୁଯାୟୀ ଝିଅ, ପୁଅଙ୍କ ମାତାପିତା ଓ ବିବାହ କରାଉଥିବା ପଣ୍ଡିତ, ମଧ୍ୟସ୍ଥି ଦଣ୍ଡିତ ହେବେ। ନିଜ ଅଞ୍ଚଳକୁ ବାଲ୍ୟ ବିବାହ ମୁକ୍ତ କରିବା ପାଇଁ ଶପଥ ପାଠ କରାଯାଇଥିଲା। ଏହି ସଚେତନତା ଅଭିଯାନ ପର୍ଯ୍ୟାୟକ୍ରମେ ବାକି ଥିବା ପଞ୍ଚାୟତରେ କରାଯିବ ବୋଲି ଥାନାଧିକାରୀ ବେହେରା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଶତାଧିକ ମହିଳା, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ଏମ୍‌ବିକେ, ସିଆର୍‌ପି ଯୋଗଦେଇଥିଲେ। ଭରତ ପାତ୍ର ସଭା ପରିଚାଳନା କରିଥିଲେ।

# ନିଶାଦ୍ରବ୍ୟ ବିରୋଧରେ ସଚେତନତା ରଥ ଶୁଭାରମ୍ଭ

**ଦେବଗଡ଼,୬।୬(ଶଶାଙ୍କ ଶେଖର ଝାଙ୍କର)**

ଦେବଗଡ଼ ଅବକାରୀ ବିଭାଗ ଆନୁକୂଲ୍ୟରେ ନିଶାଦ୍ରବ୍ୟ ତଥା ଅପମିଶ୍ରିତ ବିଷାକ୍ତ ମାଦକଦ୍ରବ୍ୟ ବିରୋଧରେ ସଚେତନତା ଅଭିଯାନ ଆରମ୍ଭ ହୋଇଛି। ଏହି ଅବସରରେ ଶୁକ୍ରବାର ଦେବଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରୁ ଏକ ସଚେତନତା ରଥ ଶୁଭାରମ୍ଭ କରାଯାଇଛି। ଅବକାରୀ ଅଧୀକ୍ଷିକା ବାସନ୍ତୀପ୍ରଭା ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଓ ସମ୍ମାନିତ ଅତିଥି ଭାବେ ଉପଜିଲାପାଳ ପରୀକ୍ଷୀତ ସାହୁ ଯୋଗଦେଇ ପତାକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଏହି ସଚେତନତା ରଥ ଦେବଗଡ଼ ସହର ସମେତ ଜିଲାର ସମସ୍ତ ପଞ୍ଚାୟତକୁ ଯାଇ ଲୋକଙ୍କୁ ସଚେତନ କରିବ। ଏହି କାର୍ଯ୍ୟକ୍ରମରେ ଅବକାରୀ ବିଭାଗର ବହୁ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ।

# ୧୨ରୁ ଜିଲାସ୍ତରୀୟ ବିକାଶ ମେଳା

**ଦେବଗଡ଼,୬।୬(ଶଶାଙ୍କ ଶେଖର ଝାଙ୍କର)**

ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଜିଲାସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏନେଇ ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ବିଭିନ୍ନ ଫଳପ୍ରସୂ ପଦକ୍ଷେପ, ବିବିଧ ଯୋଜନାର ଉଦ୍ଦେଶ୍ୟ ଓ ପଦକ୍ଷେପ ସମ୍ପର୍କରେ ଲୋକଙ୍କୁ ଅବଗତ କରିବା ଉଦ୍ଦେଶ୍ୟରେ ଆସନ୍ତା ୧୨ରୁ ୧୮ ତାରିଖ ପର୍ଯ୍ୟନ୍ତ ପ୍ରଧାନପାଟ ବଡ଼ବଗିଚାଠାରେ ସାଧାରଣ ସଭା, ଜିଲାସ୍ତରୀୟ ବିକାଶ ମେଳା, ଗୋଷ୍ଠୀଗତ ଆଲୋଚନାଚକ୍ର, ସାଂସ୍କୃତିକ କାର୍ଯ୍ୟକ୍ରମ, ରଚନା ଓ ଚିତ୍ରାଙ୍କନ ପ୍ରତିଯୋଗିତା, ସେମିନାର ଆୟୋଜନ କରାଯିବ। ସେହିପରି ବ୍ଲକରେ ମଧ୍ୟ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ପାଇଁ ସ୍ଥିର କରାଯାଇଛି। ଏହି ବୈଠକରେ ଉପଜିଲାପାଳ ପରକ୍ଷିତ ସାହୁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ, ଡିପିସି ମିଶନ ଶକ୍ତି ଶିଶିର କୁମାର ଷଡ଼ଙ୍ଗୀ, ଜିଲା ଶ୍ରମ ଅଧିକାରିଣୀ ପଦ୍ମାବତୀ ମାରାଣ୍ଡି, ଜିଲା ମୁଖ୍ୟ କୃଷି ଅଧିକାରୀ ବୀରେନ କୁମାର ଛୁରିଆ, ଓର୍‌ମାସ୍‌ର ଡେପୁଟି ସିଓ ରବୀନ୍ଦ୍ର କୁମାର ପ୍ରଧାନ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସର୍ବେଶ୍ୱର ପାଣିଗ୍ରାହୀ, ଜିଲା ମଙ୍ଗଳ ଅଧିକାରୀ ଶିଶିର କୁମାର ପୁହାଣ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ଗ୍ରୀଷ୍ମକାଳୀନ ଫୁଟ୍‌ବଲ୍ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

**ଦେବଗଡ଼,୬।୬(ଶଶାଙ୍କ ଶେଖର ଝାଙ୍କର)**

ଓଡ଼ିଶା ଫୁଟ୍‌ବଲ୍ ଆସୋସିଏଶନ ଏବଂ ଜିଲା କ୍ରୀଡ଼ା ସଂସଦର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ଗତ ମେ' ୧୦ରୁ ଆରମ୍ଭ ହୋଇଥିବା ଗ୍ରୀଷ୍ମକାଳୀନ ଫୁଟ୍‌ବଲ୍ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଜିଲା କ୍ରୀଡ଼ା ସଂସଦ ସମ୍ପାଦକ ଧୀରେନ୍ଦ୍ର କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଦେବଗଡ଼ ପୌର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଜିତ୍ କୁମାର ଭୋଜ, ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲା ଆରକ୍ଷୀ ଅଧୀକ୍ଷକ ଧୀରଜ ଚୋପଦାର ଯୋଗଦେଇଥିଲେ।



କାର୍ଯ୍ୟକ୍ରମରେ ଅତିଥିଙ୍କ ଗହଣରେ ଖେଳାଳି।

ଅନ୍ୟମାନଙ୍କ ମଧ୍ୟରେ ଜିଲା କ୍ରୀଡ଼ା ସଂସଦ ଉପସଭାପତି ସତ୍ୟ ନାରାୟଣ ମିଶ୍ର, କୋଷାଧ୍ୟକ୍ଷ ପ୍ରଭାତ କୁମାର ପ୍ରଧାନ, ପ୍ରଦୀପ କୁମାର ବେହେରା, ସୁବାସ ଚନ୍ଦ୍ର ଭୋଇ, ରଞ୍ଜିତା ମିଶ୍ର, ସୁଧୀର କୁମାର ଦାସ, ସୁଶୀଳ କୁମାର କର, ପୂର୍ବତନ ଫୁଟ୍‌ବଲ୍ ଖେଳାଳି ପ୍ରଭାସ ଚନ୍ଦ୍ର ମିଶ୍ର, ରୁଦ୍ରମଣି ନାଏକ, ପ୍ରଫୁଲ୍ଲ କୁମାର ନାୟକ, ପ୍ରଦୀପ କୁମାର ମହାପାତ୍ର, ବିରଞ୍ଚି ନାରାୟଣ ଦାଶ, ଜିଲା କ୍ରୀଡ଼ା ଅଧିକାରୀ ତାପସ ମହନ୍ତ, ପ୍ରଶିକ୍ଷିକା ଶଙ୍ଖ ମାରାଣ୍ଡି, ରାଜୀବ କିଶାନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଷ୍ଟାଡିୟମ ପରିସରରେ ଅତିଥିମାନେ ବିଭିନ୍ନ ପ୍ରକାରର ଚାରାରୋପଣ କରିଥିଲେ।

# 'ଆର୍‌ଜି' ଗ୍ୟାଙ୍ଗର ୪ ଗିରଫ

**ବାଲେଶ୍ୱର,୬।୬(ବାଞ୍ଛାନିଧି ଦେ)**

### ଡକାୟତି ଯୋଜନା ବେଳେ ପୋଲିସ ଚଢ଼ାଉ



ଗିରଫ ଅଭିଯୁକ୍ତଙ୍କ ସହ ଜବତ ସାମଗ୍ରୀ।

### ୬ ଦେଶୀ ବନ୍ଧୁକ, ୯ ଗୁଳି ସହ ୬୦ହଜାର ଜବତ

ଆର୍କିଟେକ୍ଟ/କନସଲଟିଙ୍ଗ୍ ଇଞ୍ଜିନିୟର୍ସ/କଣ୍ଟ୍ରାକ୍ଟର (ଆଭ୍ୟନ୍ତରୀଣ ଫର୍ଣ୍ଣିସିଙ୍ଗ୍ କାର୍ଯ୍ୟ / ସିଭିଲ୍/ ଇଲେକ୍ଟ୍ରିକାଲ କାର୍ଯ୍ୟ)ମାନଙ୍କର ତାଲିକାଭୁକ୍ତିକରଣ ନିମନ୍ତେ ଜଉମୁଦଦିଆ ଟେଣ୍ଡର ଆହ୍ୱାନ ବିଜ୍ଞପ୍ତି
ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର ୧) କନସଲଟାଣ୍ଟ (ଆର୍କିଟେକ୍ଟସ୍), ୨) ଆଭ୍ୟନ୍ତରୀଣ ଫର୍ଣ୍ଣିସିଙ୍ଗ୍ କାର୍ଯ୍ୟ ନିମନ୍ତେ କଣ୍ଟ୍ରାକ୍ଟର, ୩) ଇଲେକ୍ଟ୍ରିକାଲ କାର୍ଯ୍ୟ ନିମନ୍ତେ କଣ୍ଟ୍ରାକ୍ଟରମାନଙ୍କର ତାଲିକାଭୁକ୍ତିକରଣ ପାଇଁ ଖ୍ୟାତି ସମ୍ପନ୍ନ (ପ୍ରତିଷ୍ଠିତ) ଭେଣ୍ଡର/କଣ୍ଟ୍ରାକ୍ଟରମାନଙ୍କ ଠାରୁ ଜଉମୁଦଦିଆ ଟେଣ୍ଡର ଆହ୍ୱାନ କରୁଅଛି। ଆବେଦନକାରୀମାନେ ଟେଣ୍ଡର କାଗଜପତ୍ର ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱରରୁ ସଂଗ୍ରହ କରିପାରିବେ କିମ୍ବା ବ୍ୟାଙ୍କର ୱେବସାଇଟ: www.iob.in ଅନ୍ତର୍ଗତ Tender page ରୁ ପାଇପାରିବେ। ଆବେଦନ ଫର୍ମ ସଂଗ୍ରହ / ଡାଉନଲୋଡ: ୦୭.୦୬.୨୦୨୫ ତାରିଖରୁ
ପୂରଣ ହୋଇଥିବା ଫର୍ମ ସହିତ ପ୍ରାମାଣିକ କାଗଜପତ୍ର ଦାଖଲ କରିବାର ଅନ୍ତିମ ତାରିଖ: ୦୯.୦୭.୨୦୨୫ ଅପରାହ୍ନ ୩.୦୦ ଘଟିକା ପର୍ଯ୍ୟନ୍ତ (ଦରଖାସ୍ତ ଦେୟ ସହିତ)। ଅନ୍ୟାନ୍ୟ ମାନଦଣ୍ଡ / ସର୍ତ୍ତାବଳୀ ଟେଣ୍ଡର କାଗଜପତ୍ରରେ ପ୍ରଦାନ କରାଯାଇଛି। ବ୍ୟାଙ୍କ କୌଣସି କାରଣନଦର୍ଶାଇ ଯେକୌଣସି କିମ୍ବା ସମସ୍ତ ଦରଖାସ୍ତକୁ ଗ୍ରହଣ କିମ୍ବା ବାତିଲ କରିବାର ଅଧିକାର ସଂରକ୍ଷିତ ରଖୁଅଛି। ଚୟନ ନିମନ୍ତେ ବ୍ୟାଙ୍କର ନିଷ୍ପତ୍ତି ହିଁ ଚୂଡାନ୍ତ ଅଟେ।
ତାରିଖ:୦୬.୦୬.୨୦୨୫ ମୁଖ୍ୟ କ୍ଷେତ୍ରୀୟ ପ୍ରବନ୍ଧକ

ଓଡ଼ିଶା ସରକାର
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
No. T-: ଏତଦ୍ଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଆସନ୍ତା ତା୦୯।୦୬।୨୦୨୫ରିଖ (ସୋମବାର) ଦିନ ଅନୁଷ୍ଠିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ପାଇଁ ଅନ୍‌ଲାଇନ ପଞ୍ଜୀକରଣ ତା୦୬।୦୬।୨୦୨୫ରିଖ ଦିବା ୧୧ ଘଟିକାଠାରୁ ଆରମ୍ଭ ହେବ। ଏଥିନିମନ୍ତେ, ଆଗ୍ରହୀ ଜନସାଧାରଣ ଜନଶୁଣାଣି ପୋର୍ଟାଲ (https://janasunani.odisha.gov.in/) ମାଧ୍ୟମରେ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ସାକ୍ଷାତ କରିବା ପାଇଁ ପଞ୍ଜୀକରଣ କରିପାରିବେ। ଜନସାଧାରଣ ପଞ୍ଜୀକରଣ ପ୍ରାପ୍ତି ସ୍ୱୀକାରପତ୍ର, ବ୍ୟକ୍ତିଗତ ପରିଚୟପତ୍ର ତଥା ନିଜର ଅଭିଯୋଗ ପତ୍ର ସହ ଦର୍ଶାଯାଇଥିବା ସ୍ଥାନରେ ନିର୍ଦ୍ଧାରିତ ସମୟରେ ଉପସ୍ଥିତ ରହି ନିଜର ଅଭିଯୋଗ ଜିଲ୍ଲାପାଳ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କୁ ଜଣାଇପାରିବେ। ଏତଦ୍ ଭିନ୍ନ, ଅଣପଞ୍ଜୀକୃତ ଆବେଦନକାରୀମାନଙ୍କର ଅଭିଯୋଗ ପତ୍ର ଗୁଡ଼ିକୁ ଯୁଗ୍ମ ଶୁଣାଣି ଶିବିରରେ ସିଧାସଳଖ ଗ୍ରହଣ କରାଯାଇପାରିବ।
ନିର୍ଦ୍ଦେଶକ
ସାଧାରଣ ଅଭିଯୋଗ-ତଥା-ସ୍ୱତନ୍ତ୍ର ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0138/2526

ଦ.ପୂ. ରେଳପଥ - ଟେଣ୍ଡର
ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡିଆର୍‌ଏମ୍/ଇଏନ୍‌ଜିଜି/ସିକେପି ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି: କ୍ର.ସଂ.; କାର୍ଯ୍ୟର ନାମ; ଟେଣ୍ଡର ବିଜ୍ଞପ୍ତି ନଂ.; ଟେଣ୍ଡର ମୂଲ୍ୟ; ଇଏମ୍‌ଡି; ଖୋଲାଯିବା ତାରିଖ: (୧); ସିକେପି-ସେଣ୍ଟ୍ରାଲ-୨୫-୨୬-୦୬; ଏଡିଇଏନ୍/ବିଏନ୍‌ଡିଏମ୍ ଅଧୀନରେ ବିଭିନ୍ନ ଷ୍ଟେଶନରେ ଷ୍ଟାଫ୍ କ୍ୱାର୍ଟର ପାଇଁ ଶୌଚାଳୟ, ରୋଷେଇଘର, ମେଜିଆ ଓ ସିୱର ଡ୍ରେନ୍‌ର ନବୀକରଣ। ₹୪,୨୪,୬୪,୧୧୫.୫୧; ₹୩,୬୨,୩୦୦.୦୦; ତା୨୪।୦୬।୨୦୨୫ରିଖ; (୨); ସିକେପି-ସେଣ୍ଟ୍ରାଲ-୨୫-୨୬-୦୭; ଟୁନିଆ, ଗୋଇଲକେରା, ମନୋହରପୁର, ଜରାଇକେଲା, ଭାଲୁଲତାଠାରେ ଷ୍ଟାଫ୍ କ୍ୱାର୍ଟର ଏବଂ କଲୋନୀ ରୋଡ୍ ଆପ୍ରୋଚ୍‌ଗୁଡ଼ିକର ନବୀକରଣ। ₹୪,୨୪,୬୪,୧୧୯.୪୪; ₹୩,୬୨,୩୦୦.୦୦; ତା୨୪।୦୬।୨୦୨୫ରିଖ; (୩); ସିକେପି-ସେଣ୍ଟ୍ରାଲ-୨୫-୨୬-୦୮; କିମି ୩୧୭/୨-୪ସ୍ଥିତ ଏଲସି ନଂ. ୧୭୩ଠାରେ ଆପ୍ରୋଚ୍/ପାର୍ଶ୍ୱବର୍ତ୍ତୀ ରାସ୍ତା ଉପରେ ଆଚ୍ଛାଦିତ ଶେଡ୍ ଓ ପାଣି ଜମାଟକୁ ଏଡ଼ାଇବା ପାଇଁ ସମ୍ପ୍ ୱେଲ୍ ଏବଂ ଡ୍ରେନ୍‌ର ବ୍ୟବସ୍ଥା କରିବା। ₹୨,୨୧,୯୦,୯୩୮.୨୧; ₹୨,୬୧,୦୦୦.୦୦; ତା୩୦।୦୬।୨୦୨୫ରିଖ; ଟେଣ୍ଡର ଫର୍ମ ମୂଲ୍ୟ: ₹୦ (କ୍ର.ସଂ. ୧ରୁ ୩ ପାଇଁ)। ଏହି ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ହେବନାହିଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର୍ ସାର୍ଟିଫିକେଟ୍ ରହିଥିବା ଓ ସେ ଆଇଆରଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ। ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ବନ୍ଧିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ। ଦ୍ରଷ୍ଟବ୍ୟ: ସମସ୍ତ ଟେଣ୍ଡରଦାତାଙ୍କୁ ବିନା ମୂଲ୍ୟରେ ଇ-ଟେଣ୍ଡର ଫର୍ମ ଜାରି କରାଯିବ। (କର୍ତ୍ତୃପକ୍ଷ- ରେଲ୍‌ୱେ ବୋର୍ଡର ପତ୍ର ସଂ. ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି, ତାରିଖ: ୧୬।୦୭।୨୦୨୦)। (PR-233)

"छत्तीसगढ़ शासन, वन एवं जलवायु परिवर्तन विभाग", धमतरी वनमंडल, धमतरी
काष्ठागार धमतरी का ई-ऑक्सन का संक्षिप्त विज्ञापन
सर्व साधारण को सूचनार्थ प्रकाशित किया जाता है, कि धमतरी वनमंडल धमतरी के अन्तर्गत धमतरी काष्ठागार में संग्रहित ईमारती काष्ठ, जलाऊ एवं बल्ली का ई-ऑक्सन द्वारा निर्वर्तन निम्मानुसार किया जावेगा। इच्छुक वोलीदारों से अनुरोध है, कि वे ई-ऑक्सन में भाग लेवें। ई-ऑक्सन की शर्ते एवं अन्य जानकारी कार्यालयीन दिवस व समय पर वनमंडल कार्यालय / वन काष्ठागार धमतरी से प्राप्त की जा सकती है।
नीलाम दिनांक - 12 जुन 2025
नीलाम समय - प्रातः 09.00 बजे से
नीलाम में प्रस्तावित वनोपज की अनुमानित मात्रा

| प्रजाति | नया वनोपज | | अविक्रित वनोपज | | योग वनोपज | |
|---|---|---|---|---|---|---|
| | लट्ठा घ.मी. | बल्ली / खुंटा नग में | लट्टा घ.मी. | बल्ली / खुंटा नग में | लट्टा घ.मी. | बल्ली / खुंटा नग में |
| 1 | 2 | 3 | 4 | 5 | 6 | 7 |
| सागौन | 3.496 | 5 | 196.932 | 4897 | 200.428 | 4902 |
| बीजा | 4.848 | - | 5.508 | - | 10.356 | - |
| शीशम | - | - | 0.116 | - | 0.116 | - |
| हल्दु / मुण्डी | 5.098 | 6 | 4.913 | - | 10.011 | 6 |
| साजा | 13.335 | 3 | 3.323 | 100 | 16.658 | 103 |
| घावड़ा | 18.842 | - | - | - | 18.842 | - |
| पापड़ा | 1.204 | - | 0.656 | - | 1.860 | - |
| नीलगिरी | 0.778 | - | 0.361 | - | 1.139 | - |
| अन्य | 107.944 | 423 | 7.465 | 1488 | 115.409 | 1911 |
| योग | **155.545** | **437** | **219.274** | **6485** | **374.819** | **6922** |

जलाऊ

| प्रजाति | काष्ठागार धमतरी | | केन्द्रीय उपभोक्ता डिपो कुरूद | केन्द्रीय उपभोक्ता डिपो श्यामतराई पुराना बांस | कुरूद डिपो में पुराना बांस विभिन्न साईज के दुकड़ो में (साईज 5.50 मीटर) |
|---|---|---|---|---|---|
| | नया | पुराना | नया | | |
| सागौन | 11 | 26 | - | - | - |
| अन्य | - | 20 | 87 | 1923 नग | 1000 नग |
| योग | 11 | 46 | 87 | 1923 नग | 1000 नग |

टीपः (1) क्रेताओं को ई-ऑक्सन के पूर्व एम.एस.टी.सी. ई-कार्मस पोर्टल में रजिस्ट्रेशन करना अनिवार्य हैं।
(2) क्रेताओं को ई-ऑक्सन के पूर्व क्रय लोंटों के अपसेट प्राईज मूल्य के 10 प्रतिशत की राशि अपने वॉलेट में रखना अनिवार्य है। सफल बोलीदार को एक सप्ताह के भीतर शेष 15 प्रतिशत ई.एम.डी. की राशि जमा करना अनिवार्य है।
(3) लॉट की थप्पी सूची एवं फोटो एम.एस.टी.सी. ई-कार्मस पोर्टल में अपने आईडी से लॉगइन करके देख सकते है।
(4) इ-ऑक्सन में लॉट क्रय के पश्चात् प्रथम क्रेता को 40 सेंकड का समय प्राप्त होगा उसी लॉट में अन्य क्रेताओं द्वारा 40 सेंकड के पूर्व क्रय करने पर 30 सेंकड का समय प्राप्त होगा।
फोन: 07722-238371, फैक्स: 07722-236137
G-252601361/2
स्वा./- वनमण्डलाधिकारी, धमतरी वनमंडल, धमतरी

କାନାରା ବ୍ୟାଙ୍କ Canara Bank
ଭାରତ ସରକାରଙ୍କ କର୍ତ୍ତୃତ୍ୱାଧୀନ | A Government of India Undertaking
ସିଣ୍ଡିକେଟ Syndicate
କ୍ଷେତ୍ରୀୟ କାର୍ଯ୍ୟାଳୟ, କଟକ, ଶ୍ରୀଜୀ କମ୍ପ୍ଲେକ୍ସ, ପ୍ଲଟ୍ ନଂ.: ୮୪୦/୮୫୮ ଏବଂ ୮୪୦/୮୫୯, କଟକ ଟାଉନ, ୟୁନିଟ୍ ନଂ.-୧୭, ମାଛୁଆ ବଜାର, କଟକ-୭୫୩୦୦୧
ଡିମାଣ୍ଡ ନୋଟିସ୍
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ସ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଅନ୍ତର୍ଗତ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍
ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ସ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ର ଧାରା ୧୩(୨) ଅନୁଯାୟୀ ସୁରକ୍ଷିତ ଋଣଦାତା ଭାବେ କାନାରା ବ୍ୟାଙ୍କ ଦ୍ୱାରା ଜାରିକରାଯାଇଥିବା ଡିମାଣ୍ଡ ନୋଟିସ୍ ଯାହା ଏହାର ଏସ୍‌ଏମ୍‌ଇ ଜଗତପୁର ଶାଖାର ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ନିମନ୍ତେ ତାହାର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।
ଆପଣ ନିମ୍ନଦର୍ଶିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନେ ଆମର ନିମ୍ନଦର୍ଶିତ ଶାଖା ସହ ଚୁକ୍ତିନାମା ଅନୁଯାୟୀ ନିମ୍ନ ସାରଣୀରେ ଦର୍ଶାଯାଇଥିବା ଋଣ ଏବଂ ତତ୍‌ପରବର୍ତ୍ତି ସୁଧ ପଇଠ କରିବାରେ ଅସମର୍ଥ ହୋଇଛନ୍ତି। ନିମ୍ନରେ ଦର୍ଶାଯାଇଥିବା ସାରଣୀରେ ଉଲ୍ଲେଖିତ ବକେୟା ଦେୟ ବାବଦ ରାଶି ପଇଠ କରିବା ନିମନ୍ତେ କଥିତ ଆଇନ୍ ଅନୁଯାୟୀ ବ୍ୟାଙ୍କ ପକ୍ଷରୁ ନୋଟିସ୍ ଜାରିକରାଯାଇଥିଲା। ଋଣ ପରିଶୋଧରେ ଅନିୟମିତତା ଯୋଗୁଁ ଆପଣଙ୍କ ଆକାଉଣ୍ଟ ଅଣକାର୍ଯ୍ୟକାରୀ ସମ୍ପତ୍ତିରେ ପରିଣତ ହୋଇଛି। ଏତଦ୍‌ଦ୍ୱାରା ଆପଣଙ୍କୁ ଜଣାଇ ଦିଆଯାଉଅଛି କି ଏହି ନୋଟିସ୍ ପ୍ରକାଶନର ୬୦ ଦିନ ମଧ୍ୟରେ ଆପଣ ସୁରକ୍ଷିତ ଋଣଦାତାଙ୍କ (ବ୍ୟାଙ୍କ) ନିକଟରେ ସମସ୍ତ ବକେୟା ଦେୟ (ଧାର୍ଯ୍ୟ ତାରିଖ ସୁଦ୍ଧା) ସହିତ ସେବାବଦ ଭବିଷ୍ୟତ ସୁଧ ପରିଶୋଧ କରିବେ ଅନ୍ୟଥା ଆମ୍ଭେ ଉପରୋକ୍ତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩(୪) ଏବଂ ଅନ୍ୟାନ୍ୟ ଧାରା ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବୁ। ଆପଣଙ୍କୁ ଜଣାଇ ଦିଆଯାଉଛି କି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟର ଧାରା ୧୩(୧୩) ନିୟମାବଳୀ ଅନୁସାରେ ଆପଣ ଏହି ନୋଟିସ୍ ପ୍ରାପ୍ତି ପରେ ବ୍ୟାଙ୍କର ଲିଖିତ ସହମତି ବିନା ନିମ୍ନ ବର୍ଣ୍ଣିତ ସୁରକ୍ଷିତ ସମ୍ପତ୍ତିକୁ ବିକ୍ରି କିମ୍ବା ଲିଜ୍ କିମ୍ବା ଅନ୍ୟ କୌଣସି ମାଧ୍ୟମରେ ହସ୍ତାନ୍ତରିତ କରିପାରିବେ ନାହିଁ। କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ-୨୦୦୨ ପ୍ରଦତ୍ତ କୌଣସି ବ୍ୟବସ୍ଥାରେ ହସ୍ତକ୍ଷେପ / ବାଧା ପହଞ୍ଚାଇବା ଅପରାଧ ଅଟେ। ଉପରୋକ୍ତ ଜାରି ନୋଟିସ୍‌ଟି କଥିତ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ କିମ୍ବା ବଳବତ୍ତର ଥିବା ଅନ୍ୟ କୌଣସି ଆଇନ ଅନୁଯାୟୀ ଏହା ଆମ୍ଭ ବ୍ୟାଙ୍କର କୌଣସି ଅଧିକାରକୁ ପ୍ରତିହତ କରିବ ନାହିଁ। ଏହି ନୋଟିସ୍ ଅନୁସାରେ ଦାବୀ କରାଯାଇଥିବା ରାଶି ପରିଶୋଧ କରି ସମସ୍ତ ପ୍ରକାର ଅସୁବିଧାକୁ ପରିହାର କରନ୍ତୁ ଅନ୍ୟଥା ପରିବର୍ତ୍ତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଆପଣ ସେବାବଦ ସମସ୍ତ ଖର୍ଚ୍ଚ ଓ ଫଳାଫଳ ନିମନ୍ତେ ଦାୟୀ ରହିବେ। ଉପଧାରା (୨)ରେ ଧାର୍ଯ୍ୟ ସମୟସୀମା ମଧ୍ୟରେ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନେ ବକେୟା ରାଶି ସମ୍ପୂର୍ଣ୍ଣ ଭାବେ ପୈଠ ନକଲେ ସୁରକ୍ଷିତ ଋଣଦାତା ସୁରକ୍ଷିତ ଋଣରାଶି ଆଦାୟ କରିବା ନିମନ୍ତେ ନିମ୍ନଲିଖିତ ପଦକ୍ଷେପ ମଧ୍ୟରୁ ଗୋଟିଏ କିମ୍ବା ଅଧିକ ଗ୍ରହଣ କରିପାରନ୍ତି। କ) ସୁରକ୍ଷିତ ଋଣରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ସୁରକ୍ଷିତ ସମ୍ପତ୍ତି ଦଖଲ କରିବା ସହିତ ସୁରକ୍ଷିତ ସମ୍ପତ୍ତିକୁ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ କରି ହସ୍ତାନ୍ତରିତ କରିବା ଅଧିକାର ରଖିଛନ୍ତି। ଖ) ସୁରକ୍ଷିତ ଋଣରାଶି ଆଦାୟ ନିମନ୍ତେ ଋଣଗ୍ରହୀତାଙ୍କ ବ୍ୟବସାୟ ପରିଚାଳନାକୁ ଟେକଓଭର କରିବା ସହିତ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ କରିବା ଅଧିକାର ରହିଛି। ଉଲ୍ଲେଖଯୋଗ୍ୟ କି, ଋଣଗ୍ରହୀତାଙ୍କ ବ୍ୟବସାୟର ଅଧିକାଂଶ ଭାଗ ଋଣ ପାଇଁ ବନ୍ଧକ ଥିଲେ ଲିଜ୍, ଆସାଇନ୍‌ମେଣ୍ଟ କିମ୍ବା ବିକ୍ରୟ ମାଧ୍ୟମରେ ହସ୍ତାନ୍ତରିତ ଅଧିକାର ପ୍ରୟୋଗ କରାଯାଇପାରିବ।

| ଏସ୍‌ଏମ୍‌ଇ ଜଗତପୁର ଶାଖା / ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | (କ) ଋଣ/ମଞ୍ଜୁରି ଋଣ (ଖ) ଏନ୍‌ପିଏ / ଋଣ ପରିଶୋଧ ନୋଟିସ୍ ତାରିଖ (ଗ) ଡିମାଣ୍ଡ ନୋଟସ୍ ତାରିଖ | ନିର୍ଦ୍ଧାରିତ ତାରିଖ ପର୍ଯ୍ୟନ୍ତ ମୋଟ ବକେୟା ପରିମାଣ | ବ୍ୟାଙ୍କରେ ବନ୍ଧକ ଥିବା ସମ୍ପତ୍ତି ଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ରମେଶ ପ୍ରଧାନ, ପିତା: ସ୍ୱ ଭରତ ପ୍ରଧାନ / ସହ-ଋଣଗ୍ରହୀତା: ଶ୍ରୀ ପ୍ରଶାନ୍ତ ପ୍ରଧାନ, ପିତା: ରମେଶ ପ୍ରଧାନ, ଉଭୟଙ୍କ ଠିକଣା- ସା: ଗୋପାଳପୁର, ପୋ: ଚଷାପଡା, ଥାନା: ଚୌଦ୍ୱାର, କଟକ, ପିନ୍-୭୫୪୦୨୭ / ଆକାଉଣ୍ଟ ନଂ.: ୩୯୬୯୬୦୫୦୦୦୦୦୫ | (କ) ଟ.୯,୭୫,୦୦୦/- (କାନାରା ମର୍ଟଗେଜ) (ଖ) ୨୯.୦୫.୨୦୨୫ (ଗ) ୦୫.୦୬.୨୦୨୫ | ୦୫.୦୬.୨୦୨୫ ସୁଦ୍ଧା ଟ.୨,୪୧,୨୧୫.୪୬ ଯୁକ୍ତ ସୁଧ ଏବଂ ସେବାବଦ ଖର୍ଚ୍ଚ | ଶ୍ରୀ ରମେଶ ପ୍ରଧାନଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାକି କଟକ, ଥାନା: ଚୌଦ୍ୱାର, ତହସିଲ: ଟାଙ୍ଗି-ଚୌଦ୍ୱାର, ଏସ୍‌ଆରଓ: ଜଗତପୁର, ଥାନା ନଂ. ୪୨, ତହସିଲ ନଂ. ୫୫, ମୌଜା: ଗୋପାଳପୁର ରେ ଅବସ୍ଥିତ, ଓଡ଼ିଶା ସରକାର ଖେୱଟ୍ ନଂ.: ୧, ମ୍ୟୁଟେସନ୍ / ପରିବର୍ତ୍ତୀତ ଖାତା ନଂ.: ୬୫, ସ୍ଥିତିବାନ ପ୍ଲଟ୍ ନଂ.: ୨୩୮, କିସମ: ଘରବାରି, କ୍ଷେତ୍ର: ଏକର୦.୨୩୦ ଡିସିମିଲି, ଏହାର |
| | ଚାରିପାର୍ଶ୍ୱରେ- ଉତ୍ତର: ଅନାବାଦି ପ୍ଲଟ୍ ନଂ. ୨୧୩ ଉପରେ ପଞ୍ଚାୟତ ରାସ୍ତା ବିଦ୍ୟମାନ, ଦକ୍ଷିଣ: ପ୍ଲଟ୍ ନଂ. ୨୪୯ (ଭୀମ ନାୟକ ଏବଂ ଅନ୍ୟମାନେ), ପୂର୍ବ: ପ୍ଲଟ୍ ନଂ. ୨୩୯, ପଶ୍ଚିମ: ପ୍ଲଟ୍ ନଂ. ୨୩୭ | | |

ତାରିଖ : ୦୬.୦୬.୨୦୨୫
ସ୍ଥାନ : କଟକ
କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ

**ସଂକ୍ଷେପରେ**

## ପାଇପ୍ ଫାଟି ଜଳ ନଷ୍ଟ, ମରାମତି ଦାବି



**ଖଡ଼ିଆଳ,୬।୬ (ସୁଜିତ କୁମାର ପ୍ରଧାନ):** ନୂଆପଡ଼ା ଜିଲା ଖଡ଼ିଆଳ ଲାଲସାହେବ ପଡ଼ାସ୍ଥିତ କଲ୍ୟାଣ ମଣ୍ଡପ ଠାରେ ପାନୀୟ ଜଳ ଯୋଗାଣ ପାଇପ୍ ଫାଟି ବ୍ୟାପକ ଜଳ ନଷ୍ଟ ହେଉଛି। ଏହାଦ୍ୱାରା ପାନୀୟ ଜଳରେ ଦୂଷିତ ଜଳ ମିଶ୍ରଣ ହେବା ସହ ଯାତାୟାତ ବାଧାପ୍ରାପ୍ତ ହେଉଛି। ଏହାକୁ ତୁରନ୍ତ ମରାମତି ପାଇଁ ସ୍ଥାନୀୟ ଲୋକେ ଦାବିକରିଛନ୍ତି। ଏ ନେଇ ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ତୁରନ୍ତ ମରାମତି ହେବ ବୋଲି କହିଥିଲେ।

## ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

**ଭାଗନେଲେ ୨୫ ମହିଳା ଗୋଷ୍ଠୀ**

**ନର୍ଲା,୬।୬ (ସନ୍ତୋଷ ପାତ୍ର):** ନର୍ଲା ବ୍ଲକ ମିଶନ ଶକ୍ତି ଭବନଠାରେ ଶୁକ୍ରବାର ବ୍ଲକ ସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେଇଥିଲା। ଏଥିରେ ମୁଖ୍ୟ ଚୟନକର୍ତ୍ତା ଭାବେ ନର୍ଲା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିପିନ ବିହାରୀ ଦୀପ, ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ଅଞ୍ଜଳି ପଟ୍ଟନାୟକ, ବ୍ଲକ ସଂଯୋଜିକା ମିଶନ ଶକ୍ତି ସବିତା ସେଠି, ବ୍ଲକ ସଂଯୋଜକ ଓଏଲ୍ଏମ୍ ସନତ କୁମାର ସାହୁ ଚୟନ କର୍ତ୍ତା ଭାବେ ମଞ୍ଚାସୀନ ଥିଲେ। ଏହି ପ୍ରତିଯୋଗିତାରେ ବ୍ଲକ୍‌ର ପ୍ରାୟ ୨୫ ସ୍ୱୟଂ ସହାୟିକା ଗୋଷ୍ଠୀ ଅଂଶଗ୍ରହଣ କରିଥିଲେ। ବାଙ୍କେଲ ଗ୍ରାମର ମା' ଗଜଲକ୍ଷ୍ମୀ ଗୋଷ୍ଠୀ ପ୍ରଥମ ଓ ସର୍ଗିଗୁଡ଼ା ଗ୍ରାମର ଶିବଶକ୍ତି ଗୋଷ୍ଠୀ ଦ୍ୱିତୀୟ ସ୍ଥାନ ହାସଲ କରି ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ ହୋଇଥିଲେ। କାର୍ଯ୍ୟକ୍ରମରେ ନର୍ଲା ମେଡିକାଲ ଓ ଅଗ୍ନିଶମ ବିଭାଗର କର୍ମଚାରୀ ଉପସ୍ଥିତ ରହିଥିଲେ।

# ସଚେତନତା ଆଗରେ ଭାରିପଡୁଛି ଅନ୍ଧବିଶ୍ୱାସ

**ଗୁଣିଗାରେଡି ସନ୍ଦେହରେ ବଳି ପଡୁଛି ନିରୀହ ଜୀବନ**

ଭବାନୀପାଟଣା,୬।୬(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲାରେ ଏମିତି କିଛି ଅଞ୍ଚଳ ଅଛି ଯେଉଁଠି ଆଜି ବି ଲୋକେ ଗୁଣିଗାରେଡି ଉପରେ ବିଶ୍ୱାସ କରୁଛନ୍ତି। ଏପରିକି ଏହି ଅନ୍ଧ ବିଶ୍ୱାସ ନିରୀହ ଲୋକଙ୍କ ଜୀବନ ମଧ୍ୟ ନେଇଯାଉଛି। ଅନ୍ଧବିଶ୍ୱାସ ରୋକିବାକୁ ବିଭିନ୍ନ ସମୟରେ ସଚେତନତା କରାଯାଉଥିବା ସତ୍ତ୍ୱେ ଭାରି ପଡୁଛି ଅନ୍ଧ ବିଶ୍ୱାସ। ଗୁଣି ଗାରେଡି ସନ୍ଦେହରେ ଗତ ମେ ମାସରେ ଜିଲାରେ ୨ ନିରୀହ ଲୋକଙ୍କ ଜୀବନ ଯାଇଛି। ମେ ୧୭ରେ ଜୁନାଗଡ଼ ଥାନା ଛୋରିଆଗଡ଼ ଗ୍ରାମରେ ଗୁଣି ଗାରେଡ଼ି ସନ୍ଦେହରେ ବଡ଼ଭାଇର ଟାଙ୍ଗିଆ ଚୋଟରେ ସାନ ଭାଇଙ୍କ ଜୀବନ ଯାଇଥିଲା। ସାନ ଭାଇ ସୁବଳ ବାଗ (୪୫)ଙ୍କୁ ବଡ଼ ଭାଇ ଗୋପୀ ବାଗ(୪୯)



ଦେପୁର ହତ୍ୟା ଘଟଣାରେ ପୋଲିସ ଓ ସାଇଣ୍ଟିଫିକ ଟିମ୍‌ର ତଦନ୍ତ।

ହତ୍ୟା ଅଭିଯୋଗରେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏବେ ସେ ବିଚାର ବିଭାଗୀୟ ହାଜତରେ ରହିଛନ୍ତି। ସେହିପରି ଏହାର ଦିନକ ପରେ ଅର୍ଥାତ୍ ମେ ୧୮ରେ କଲମପୁର ଥାନା ଦେପୁର ଗାଁରେ ରୂପସିଂ ମାଝୀ(୬୫)ଙ୍କୁ ଗୁଣିଗାରେଡି ସନ୍ଦେହରେ ଉକ୍ତ ଗାଁର ଲିଙ୍ଗରାଜ ମାଝୀ(୨୨) ମୁଣ୍ଡ ଓ ଗଣ୍ଡିକୁ ଅଲଗା କରି ପୋଖରୀର ଫୋପାଡି ଦେଇଥିଲେ। ଘଟଣାର ୧୦ଦିନ ପରେ ପୋଲିସ ଅଭିଯୁକ୍ତ ଲିଙ୍ଗରାଜଙ୍କୁ ଗୋଆରୁ ଗିରଫ କରିଥିଲା। ପଚରାଉଚୁରା ପରେ ସେ ରୂପସିଂଙ୍କ ହତ୍ୟାକାରୀ ବୋଲି ପୋଲିସ ଆଗରେ ସ୍ୱୀକାର କରିଥିଲେ। ହତ୍ୟାକାରୀ ଯୁବକଙ୍କ ମା'ବାପା ଦୁଇବର୍ଷ ହେଲା ସ୍ୱାସ୍ଥ୍ୟଜନିତ ସମସ୍ୟା ଯୋଗୁ ଶଯ୍ୟାଶାୟୀ ଅଛନ୍ତି। ରୂପସିଂ ଗୁଣିଗାରେଡି କରି ତାଙ୍କ ମା'ବାପାଙ୍କୁ ଏମିତି କରିଛି ଭାବି ତାଙ୍କୁ ଜୀବନରୁ ମାରିଦେବାକୁ ନିଷ୍ପତ୍ତି ନେଇଥିଲେ। ପ୍ରସ୍ତୁତି ଅନୁଯାୟୀ ଗାଁର ପଞ୍ଚାୟତ ଗୃହଠାରେ ବୃଦ୍ଧଙ୍କୁ ହତ୍ୟା କରିଥିଲେ। ପରେ ମୁଣ୍ଡ ଓ ଗଣ୍ଡିକୁ ଅଲଗା କରି ମୃତଦେହକୁ କାନ୍ଧରେ ବୋହି ଗାଁ ପୋଖରୀରେ ପୋତିଦେଇ ଫେରାର ହୋଇଯାଇଥିଲେ। ସେହିପରି ଅକ୍ଟୋବର ୨୦୨୩ରେ ଗୁଣିଗାରେଡ଼ି ସନ୍ଦେହରେ ଜୁନାଗଡ଼ ଥାନା ଶଙ୍କରପଲା ଗ୍ରାମରେ ଟ୍ରିପଲ ମର୍ଡର ହୋଇଥିଲା। ଏଥିରେ ଜଣେ ବୃଦ୍ଧ, ମହିଳା ଓ ୨ ବର୍ଷର ଶିଶୁଙ୍କୁ ସମ୍ପର୍କୀୟ ପୁତୁରା ମହେନ୍ଦ୍ର ମାଝୀ ହତ୍ୟା କରିଥିଲେ। ସେତେବେଳେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଆଧୁନିକ ଯୁଗରେ ମଧ୍ୟ ଗୁଣିଗାରେଡି ଭଳି ଅନ୍ଧ ବିଶ୍ୱାସରୁ ନିରୀହ ଲୋକଙ୍କ ଜୀବନ ଯିବା ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଛି। ଜିଲା ପ୍ରଶାସନ ଏ ଦିଗରେ ସଚେତନତା ସୃଷ୍ଟି କରିବା ଆବଶ୍ୟକତା ରହିଛି ବୋଲି ସାଧାରଣରେ ମତପ୍ରକାଶ ପାଇଛି।



ଅତିଥିଙ୍କ ସହ ପ୍ରଶଂସାପତ୍ର ପାଇଥିବା ମହିଳାମାନେ।

## ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା

ଥୁଆମୂଳ ରାମପୁର, ୬।୬ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ମିଶନ ଶକ୍ତି ଭବନ ପରିସରରେ ଶୁକ୍ରବାର ସୁଭଦ୍ରା ଶକ୍ତି କାର୍ଯ୍ୟକ୍ରମରେ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୫ଟି ଏସ୍ଏଚ୍‌ଜି ଭାଗ ନେଇଥିଲେ। ମିଶନ ଶକ୍ତି ବ୍ଲକ ସଂଯୋଜକ ପ୍ରତାପ ନାଏକ ଓ ସହ ସଂଯୋଜକ ଦିବ୍ୟ ରଞ୍ଜନ ନାଏକ ପରିଚାଳନା କରିଥିଲେ। ବିଡ଼ିଓ ଧ୍ରୁବ ଚରଣ ମୁଦୁଲି ଓ ଅତିରିକ୍ତ ତହସିଲଦାର ଦେବାଶିଷ କରକରିଆ ଏହାକୁ ଉଦ୍‌ଘାଟନ କରିଥିଲେ। ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାରେ ବ୍ଲକ ସମନ୍ୱିତ ଶିଶୁ ବିକାଶ ଅଧିକାରିଣୀ ମଧୁମାଲା ବାଗ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁନାରାମ ସରେନ, ଡବ୍ଲ୍ୟୁଇଓ ଶୁଭଜିତ ସ୍ୱାଇଁଙ୍କ ସମେତ ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀମାନେ ମାଣ୍ଡିଆ ପିଠା, କାକର, ଆରିସା, ପୋଡ଼ ପିଠା ଭଳି ଅନେକ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରିଥିଲେ। ପରେ ବିଚାରକମଣ୍ଡଳୀ ଖାଦ୍ୟ ଚାଖି ମାନ ନିର୍ଦ୍ଧାରଣ କରିଥିଲେ। କେରପାଇ କାଚେଲେଖା ଗ୍ରାମର ମା' ଅନ୍ନପୂର୍ଣ୍ଣା ଗୋଷ୍ଠୀ ପ୍ରଥମ, ଥୁଆମୂଳ ରାମପୁର ଜଗେସପଦରର ମା' ବଞ୍ଜାରି ଗୋଷ୍ଠୀ ଦ୍ୱିତୀୟ ଓ ଗୋପାଳପୁର ମା' ତାରିଣୀ ଗୋଷ୍ଠୀ ତୃତୀୟ ସ୍ଥାନ ଅଧିକାର କରିଥିଲା। ସମସ୍ତ ଗୋଷ୍ଠୀର ମହିଳାମାନଙ୍କୁ ବିଡ଼ିଓ ମୁଦୁଲି ପ୍ରଶଂସାପତ୍ର ପ୍ରଦାନ କରିଥିଲେ।

## ରାସ୍ତା ବିଗାଡୁଛି ଲୁହାଚକ ଲଗା ଟ୍ରାକ୍ଟର

ନୂଆପଡ଼ା,୬।୬ (ମକାରୁ ବେମାଲ)



ରାସ୍ତାରେ ଯାଉଥିବା ଏକ ଲୁହାଚକ ଲଗା ଟ୍ରାକ୍ଟର।

କେନ୍ଦ୍ର ତଥା ରାଜ୍ୟ ସରକାର ଗମନାଗମନ ପାଇଁ ବିଭିନ୍ନ ଯୋଜନାରେ ଟଙ୍କା ଖର୍ଚ୍ଚକରି ସଡ଼କ ପଥ ନିର୍ମାଣ କରୁଛନ୍ତି। ଗ୍ରାମାଞ୍ଚଳରେ ମଧ୍ୟ ପକ୍କା ରାସ୍ତା ନିର୍ମାଣ କରୁଛନ୍ତି। ହେଲେ ଲୁହାଚକ ଲଗା ଟ୍ରାକ୍ଟର ଏହାକୁ ବିଗାଡୁଛି। ନୂଆପଡ଼ା ଜିଲାରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଜିଲାର ସହର ଓ ଗ୍ରାମାଞ୍ଚଳରେ ୯୦% ରାସ୍ତା ପକ୍କା ହୋଇଗଲାଣି। ଯେଉଁଠି କଚ୍ଚା ରାସ୍ତା ଥିଲା ତାହା ପିଚୁ ହୋଇଛି। ଏପରି କି ଗୁରୁତ୍ୱକୁ ଦେଖି ଅଧିକାଂଶ ରାସ୍ତା ୨ଲେନ୍ ବିଶିଷ୍ଟ ହୋଇଛି। ଫଳରେ ଯାନବାହନ ଚଳାଚଳ ସୁଗମ ହୋଇପାରୁଛି। ହେଲେ ଲୁହାଚକ ଲଗା ଟ୍ରାକ୍ଟର ଏସବୁ ରାସ୍ତାକୁ ଖରାପ କରୁଥିବା ଦେଖାଯାଉଛି। ପ୍ରଶାସନିକ ସ୍ତରରେ ଅଙ୍କୁଶ ଲଗାଯାଉ ନ ଥିବାରୁ ଏସବୁ ଯାନ ବହୁଳ ବ୍ୟବହାର ଚାଲିଛି। ଦଣ୍ଡବିଧାନ ବ୍ୟବସ୍ଥା କରାଗଲେ ଏ ପ୍ରକାର ଯାନ ଚଳାଚଳ କମିବା ସହ ରାସ୍ତା ସୁରକ୍ଷିତ ରହିପାରନ୍ତା ବୋଲି ଜନସାଧାରଣ ମତପ୍ରକାଶ ପାଉଛି। ଏ ସଂକ୍ରାନ୍ତରେ ଜଣେ ଅଧିକାରୀ ତାଙ୍କ ନାମ ଗୋପନ ରଖି କହିଛନ୍ତି, ସରକାର ବିଭିନ୍ନ ଯୋଜନାରେ ଟଙ୍କା ଖର୍ଚ୍ଚ କରି ଆମ ପାଇଁ ରାସ୍ତା ନିର୍ମାଣ କରୁଛନ୍ତି। ତାହାର ରକ୍ଷଣାବେକ୍ଷଣ କରିବା ଆମର ଦାୟିତ୍ୱ। ସରକାର ଟଙ୍କା ଖର୍ଚ୍ଚ କରୁଛନ୍ତି। ଆମେ ସମସ୍ତେ ମିଶି ରାସ୍ତାର ସୁରକ୍ଷା ଦେବା ଉଚିତ।

## ଜିଲା ଅବକାରୀ ବିଭାଗର ସମୀକ୍ଷା ବୈଠକ

ନୂଆପଡ଼ା,୬।୬ (ମକାରୁ ବେମାଲ)

ନୂଆପଡ଼ା ଜିଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅବକାରୀ ବିଭାଗର ମାସିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଭାଗର ରାଜସ୍ୱ ଆଦାୟ, ପ୍ରବର୍ତ୍ତନ କାର୍ଯ୍ୟକଳାପ ଓ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ଉପରେ ଆଲୋଚନା କରାଯାଇଥିଲା। ବିଦ୍ୟାଳୟ, ଜନବସତି ଅଞ୍ଚଳରେ ଚୋରା କୁଟିଆ ମଦ ବିକ୍ରୟ କେନ୍ଦ୍ର ତୁରନ୍ତ ବନ୍ଦକରିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆଗାମୀ ଦିନରେ କିଭଳି ଚୋରା ମଦ, ଗଞ୍ଜେଇ, ନିଶା କାରବାର ଉପରେ ରୋକ ଲାଗିପାରିବ ତା' ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନ, ଅବକାରୀ ନିରୀକ୍ଷକ ହୀରାବତି ମାଝୀ, ସୁରେଶ ଚନ୍ଦ୍ର ତାଣ୍ଡି, ସୋମନାଥ ବାଗ, ଅବକାରୀ ଉପ ନିରୀକ୍ଷକ ସଚଳା ପାଢ଼ୀ, ଅଲେଖ ପୁଟେଲ, ସିଦ୍ଧାନ୍ତ ପାତ୍ର, ମଙ୍ଗଳ ଛତ୍ରିଆ ପ୍ରମୁଖ ଉପସ୍ଥିତ ଥିଲେ। ଜିଲାରେ ବିଷାକ୍ତ ମଦ ସମ୍ପୂର୍ଣ୍ଣ ବନ୍ଦ ଏବଂ ତଜ୍ଜନିତ ଯେମିତି ଗୋଟିଏ ବି ମୃତ୍ୟୁ ନ ହୁଏ ସେଥିପ୍ରତି ସଚେତନ ରହିବାକୁ ଜିଲାପାଳ ଆହ୍ୱାନ ଦେଇଛନ୍ତି।

## ତମାଖୁ ବର୍ଜନ ଦିବସରେ ସଚେତନତା

ନୂଆପଡ଼ା,୬।୬(ମକାରୁ ବେମାଲ)

ନୂଆପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୁରୁବାର ତମାଖୁ ବର୍ଜନ ଦିବସ ଅବସରରେ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ମନୋଜ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ନୂଆପଡ଼ା ଜିଲାପାଳ ମଧୁସୂଦନ ଦାଶ ଶିବିରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଜିଲାରେ ତମାଖୁ ବିକ୍ରି ଓ ତା'ର ବିଜ୍ଞାପନ ପାଇଁ ପ୍ରଣୀତ ନୂତନ କୌଶଳର ପର୍ଦ୍ଦାଫାଶ କରିବା, ତମାଖୁ ବର୍ଜନ ପାଇଁ ସଚେତନତା ସୃଷ୍ଟି କରିବା ସହ ପୀଡ଼ିତଙ୍କୁ ଚିକିତ୍ସା ସେବା ଯୋଗାଇବା ଶିବିରର ମୂଳଲକ୍ଷ୍ୟ ରହିଥିଲା। ତମାଖୁ ଅଭ୍ୟାସ ଛାଡ଼ି ସୁସ୍ଥ ଜୀବନଧାରାକୁ ଫେରାଇଆଣିବା ପାଇଁ ଜିଲାପାଳ ଡାକ୍ତର ଓ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀଙ୍କୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ତମାଖୁ ଆମ ସ୍ୱାସ୍ଥ୍ୟ ପ୍ରତି ବିପଜ୍ଜନକ ସଚେତନତା ପ୍ରଚାର ପତ୍ର ଉନ୍ମୋଚନ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଡିପିଏମ୍ ସତ୍ୟନାରାୟଣ ତ୍ରିପାଠୀ, ଏଡିପିଡିଓ କିଶୋର ଚନ୍ଦ୍ର ପଟେଲ ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗୀୟ କର୍ମଚାରୀ ମମତା ମାଝି, କନକ ବର୍ଦ୍ଧନ ସାହୁ, ଶରତ କୁମାର ବେଜୋ, ସୁପ୍ରତି ପାତ୍ର, ଶରତ କୁମାର ନାୟକ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।



ସଚେତନତା ପ୍ରଚାରପତ୍ର ଉନ୍ମୋଚନ କରୁଛନ୍ତି ଅତିଥି।

## ଜିଲାପାଳଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ ଜନମନ ସମୀକ୍ଷା

ଲାଞ୍ଜିଗଡ଼,୬।୬(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରସ୍ଥିତ ବ୍ଲକ ସମ୍ମିଳନୀ କକ୍ଷରେ ଶୁକ୍ରବାର କଳାହାଣ୍ଡି ଜିଲାପାଳ ସଚିନ ପାୱାର ପ୍ରକାଶଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ ଜନମନ ଯୋଜନାକୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ଆଦିମ ଜନଜାତି ଗୋଷ୍ଠୀଙ୍କ ପାଇଁ ଆବାସ ଗୃହ ଯୋଗାଇବା ଓ ଏହାର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀଙ୍କୁ ନେଇ ସମୀକ୍ଷା କରାଯାଇଥିଲା। ଏଥିରେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀଙ୍କ ସମେତ ଅଧିକ୍ଷଣ ଯନ୍ତ୍ରୀ ରାସ୍ତା ଓ କୋଠାବାଡି ବିଭାଗ, ଅଧିକ୍ଷଣ ଯନ୍ତ୍ରୀ ଗ୍ରାମ୍ୟ ଉନ୍ନୟନ ବିଭାଗ, ଅଧିକ୍ଷଣ ଯନ୍ତ୍ରୀ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ, ଅଧିକ୍ଷଣ ଯନ୍ତ୍ରୀ ବିଦ୍ୟୁତ ବିଭାଗ, ଜିଲା ଶିକ୍ଷାଧିକାରୀ, ପ୍ରକଳ୍ପ ନିର୍ଦ୍ଦେଶକ ଜଳବିଭାଜିକା ବିଭାଗ, ଜିଲା ସମାଜ ମଙ୍ଗଳ ଅଧିକାରୀ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ବ୍ଲକ ପ୍ରଶାସନ ତରଫରୁ ଲାଞ୍ଜିଗଡ ବିଡିଓ ଶଶାଙ୍କ ପାତ୍ରଙ୍କ ସହିତ ଅନ୍ୟ ବିଭାଗର ଅଧିକାରୀ ଓ କର୍ମଚାରୀ ଏହି ବୈଠକରେ ସାମିଲ ହୋଇଥିଲେ।




ବୈଠକରେ ଉପସ୍ଥିତ ଅଧିକାରୀମାନେ।

## ଭରୁଆମୁଣ୍ଡାରେ ଆମ ପୋଲିସ ସମିତି ବୈଠକ



ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀ।

ସିନାପାଲି,୬।୬(ମନଫୁଲ ମେହେର)

ସିନାପାଲି ଥାନା ଭରୁଆମୁଣ୍ଡା ପଞ୍ଚାୟତଠାରେ ସିନାପାଲି ଥାନା ଆନୁକୂଲ୍ୟରେ ଶୁକ୍ରବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସିନାପାଲି ଥାନାଧିକାରୀ ରଶ୍ମିତା ପ୍ରଧାନ, ସିନାପାଲି ବନାଞ୍ଚଳ ଅଧିକରୀ କାମେଶ୍ୱର ତାଣ୍ଡି, ସ୍ଥାନୀୟ ସରପଞ୍ଚ ବିରଞ୍ଚି ଜଗତ, ପୋଲିସ ଅଧିକାରୀ ପ୍ରଭାକର ନାୟକ, ଖଗେଶ୍ୱର ମାଝି, ଅନିତା ଜାନୀ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପୋଲିସ ପ୍ରଶାସନ ସହ ସାଧାରଣ ଜନତାଙ୍କ ସମ୍ପର୍କ କିପରି ଦୃଢ଼ ହୋଇପାରିବ ସେ ନେଇ ଲୋକଙ୍କୁ ପରାମର୍ଶ ଦିଆଯାଇଥିଲା। ଏହାସହ ଯାନବାହନ ଚଳାଚଳ, ଆପରାଧିକ କାର୍ଯ୍ୟକଳାପ, ନିଶା ନିବାରଣ, ବାଲ୍ୟ ବିବାହ, ଅନ୍ଧ ବିଶ୍ୱାସ ଦୂରୀକରଣ ପ୍ରଭୃତି ଉପରେ ଲୋକଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ଜନପ୍ରତିନିଧି, ବୁଦ୍ଧିଜୀବୀ, ମିଶନ ଶକ୍ତି ମହିଳା, ଅଙ୍ଗନୱାଡି, ଆଶା କାର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

## ଫେରାର ଥିବା ଟ୍ରକ୍ ଓ ଚାଳକଙ୍କୁ ଧରିଲା ପୋଲିସ

ଭବାନୀପାଟଣା,୬।୬(ଉତ୍ତମ କୁମାର ଦାଶ)

**ବାଇକ୍ ସହ ପୋଲିସ ଏଏସ୍ଆଇ ଜଳିଯିବା ଘଟଣା**

କଳାହାଣ୍ଡି ଜିଲା ଜୁନାଗଡ଼-ଭବାନୀପାଟଣା ୨୬ନଂ. ଜାତୀୟ ରାଜପଥର ବନମାଳୀପୁର ଛକରେ ଗତ ରବିବାର ବାଇକ୍ ସହ ଜଣେ ପୋଲିସ ଏଏସ୍ଆଇଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ ହୋଇଥିଲା। ମୃତ ପୋଲିସ ଏଏସ୍ଆଇଙ୍କ ନାମ ପବିତ୍ର ଗୋଲାପୀ(୪୩) ଓ ତାଙ୍କ ଘର କୋରାପୁଟ ଜିଲା ବୋରିଗୁମା ଥାନା ସାନଦୁବଲି ଗ୍ରାମରେ। ଅଟକି ରହିଥିବା ଟ୍ରକ୍‌ରେ ପିଟିହୋଇ ଏଏସ୍ଆଇ ଗୋଲାପୀଙ୍କ ମୃତ୍ୟୁ ହୋଇଥିବା ପୋଲିସଠାରୁ ସୂଚନା ମିଳିଥିଲା। ତେବେ ଟ୍ରକ୍‌ଟି ଘଟଣା ପରେ ସେଠାରୁ ଫେରାର ହୋଇଯାଇଥିଲା। ଘଟଣାର ୫ଦିନ ପରେ ଗୁରୁବାର ରାତିରେ କଟକ ଜିଲା ଟାଙ୍ଗୀଠାରେ ଉକ୍ତ ଟ୍ରକ୍ ଓ ଚାଳକଙ୍କୁ ପୋଲିସ ଧରିବାରେ ସକ୍ଷମ ହୋଇଛି। ଶୁକ୍ରବାର ସକାଳେ ପୋଲିସ ଜୁନାଗଡ଼ ଥାନାକୁ ଟ୍ରକ୍ ଆଣିବା ସହ ଚାଳକ ଦେବଗଡ଼ ଜିଲା ଅରକାପୋଲ ଗ୍ରାମର ମିଟୁ ମାଝୀଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ପୋଲିସ ସୂଚନା ଅନୁଯାୟୀ, ଅନୁଗୋଳରୁ ଏହି ଟ୍ରକ୍ (ନଂ.ଓ ୩୫ଏଚ-୩୦୬୯) ସିମେଣ୍ଟ ବୋଝେଇ କରି କଳାହାଣ୍ଡି ଜିଲା ନର୍ଲାକୁ ଆସିଥିଲା। ସେଠାରୁ ସିମେଣ୍ଟ ଖାଲି କରି ଉକ୍ତ ରାତିରେ ନବରଙ୍ଗପୁର ଜିଲା ମଇଦଲପୁରକୁ ମକା ଆଣିବା ପାଇଁ ଯିବାର ଥିଲା। ହେଲେ ବନମାଳୀପୁର ଛକରେ ଚାଳକ ମିଟୁଙ୍କୁ ଶୌଚ ଲାଗିବାରୁ ରାସ୍ତା କଡରେ ଟ୍ରକ୍ ରଖି ଚାଲିଯାଇଥିଲେ। ଶୌଚ ସାରି ଫେରିବା ପରେ ବାଇକ୍ ସହ ଚାଳକ ଟ୍ରକ୍ ତଳେ ଜଳି ଯାଉଥିବା ଦେଖିବାକୁ ପାଇଥିଲେ। ହେଲେ ଉଦ୍ଧାର କରିବା ପରିବର୍ତ୍ତେ ମିଟୁ ଭୟଭୀତ ହୋଇ ଘଟଣାସ୍ଥଳରୁ ଟ୍ରକ୍ ଧରି ଫେରାର ହୋଇଯାଇଥିଲେ। ଏହି ସମୟରେ ଗୋଟିଏ କାର୍ ଓ ବୋଲେରୋ ଉକ୍ତ ରାସ୍ତା ଦେଇ ଯାଉଥିଲା ବୋଲି ମିଟୁ କହିଥିବା ଜୁନାଗଡ଼ ଆଇଆଇସି ଶେଷଦେବ ବେହେରା ପ୍ରକାଶ କରିଛନ୍ତି।




ପୋଲିସ ଅଟକ ରଖିଥିବା ଟ୍ରକ୍।

## ବିକଶିତ କୃଷି ସଂକଳ୍ପ ଅଭିଯାନ

କର୍ଲାମୁଣ୍ଡା,୬।୬ (ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ୍ ରେଙ୍ଗାଲି ଓ ଗଜବାହାଲଠାରେ କୃଷି ବିଭାଗ ପକ୍ଷରୁ ଶୁକ୍ରବାର ବିକଶିତ କୃଷି ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ରେଙ୍ଗାଲିଠାରେ ଆୟୋଜିତ ସଭାରେ ଆତ୍ମା ଅଧକ୍ଷ ଗୌର କିଶୋର ରଣା, ରିଞ୍ଜା ସରପଞ୍ଚ ପୂର୍ଣ୍ଣମୀ ମାଝୀ, ସମିତି ସଭ୍ୟ ଆନନ୍ଦ ନାଗ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କୃଷି ବୈଜ୍ଞାନିକ ବିନୋଦ ଜେନା ଓ ସ୍ୱରାଜ ମେହେର, ବ୍ଲକ କୃଷି ଅଧିକାରୀ ଜିତେନ୍ଦ୍ର କୁମାର ସିଂ, ଏଏଓ କୁମାର ଚିରଞ୍ଜୀବ, ଇଫ୍‌କୋ କର୍ମଚାରୀ ମାନସ ଟକରିଆ ପ୍ରମୁଖ ଯୋଗଦେଇ ଚାଷୀଙ୍କୁ ଖରିଫ ଫସଲର ସଦ୍ୟତମ ପ୍ରଯୁକ୍ତି ସୂଚନା, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଆଧାରିତ ଫସଲ ଚୟନ, ଅଧିକରୁ ଅଧିକ ଚାଷୀଙ୍କ ନିକଟରେ ସରକାରୀ ଯୋଜନାର ଲାଭ ପହଞ୍ଚାଇବା ଆଦି ବିଷୟରେ ଆଲୋଚନା କରିଥିଲେ। ଶ୍ରୀଅନ୍ନ ଅଭିଯାନର ଅତିରିକ୍ତ ବ୍ଲକ୍ କାର୍ଯ୍ୟକ୍ରମ ସଂଯୋଜକ ପ୍ରଦୀପ କୁମାର ସାହୁ ସଂଯୋଜନା କରିଥିଲେ। ସେହିପରି ଗଜବାହାଲ ପଞ୍ଚାୟତ ସଭାଗୃହଠାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଗଜବାହାଲ ସରପଞ୍ଚ ଅରବିନ୍ଦ ଗହୀର ଅତିଥି ଭାବେ ଯୋଗଦେଇଥିଲେ। ଜିଲା ତଥା ବ୍ଲକସ୍ତରୀୟ ଅଧିକାରୀ ଯୋଗଦେଇ କୃଷକମାନଙ୍କୁ ଚାଷ ସମ୍ବନ୍ଧରେ ଆବଶ୍ୟକ ପରାମର୍ଶ ଦେଇଥିଲେ। ଏଥିରେ ଶ୍ରୀଅନ୍ନ ଅଭିଯାନର ବ୍ଲକ୍ ସଂଯୋଜକ ଜଗଦୀଶ ପ୍ରସାଦ ରଣା ସଂଯୋଜନା କରିଥିଲେ।



ରେଙ୍ଗାଲିଠାରେ ଆୟୋଜିତ ସଭାରେ ଅତିଥିମାନେ।

## ଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଞ୍ଚୁନି ଯୋଜନା

କଲମପୁର, ୬।୬(ଗଣେଶରାମ ବାଗ)

**ଅସହାୟ ଅବସ୍ଥାରେ ଦିନ କାଟୁଛନ୍ତି ତ୍ରିନାଥ**

ସରକାର ଗରିବଗୁରୁବାଙ୍କ ପାଇଁ ମାଳମାଳ ଯୋଜନା ପ୍ରଣୟନ କରିଛନ୍ତି। ହେଲେ ପ୍ରକୃତ ହିତାଧିକାରୀଙ୍କ ପାଖରେ ଏହି ଯୋଜନା ପହଞ୍ଚିପାରୁ ନାହିଁ। ଫଳରେ ଅସହାୟ ଅବସ୍ଥାରେ ଦିନ କାଟୁଛନ୍ତି କଳାହାଣ୍ଡି ଜିଲା କଲମପୁର ବ୍ଲକ ବିଜମରା ପଞ୍ଚାୟତ ଦୋଲକିବନ୍ଧ ଚଞ୍ଚରାପଡାର ବୃଦ୍ଧ ତ୍ରିନାଥ ବାଣୁଆଁ। ତ୍ରିନାଥଙ୍କ ବୟସ ୭୦ରୁ ଅଧିକ ହେବ। ଆଖିକୁ ଦେଖାଯାଉ ନାହିଁ କି କାନକୁ ଶୁଣାଯାଉ ନାହିଁ। ପଡ଼ୋଶୀଙ୍କ କହିବା ଅନୁସାରେ ଦୀର୍ଘ ୩୫ବର୍ଷ ତଳେ ତ୍ରିନାଥ ଜୁନାଗଡ ବ୍ଲକ ମାଟିଗାଁରୁ ଆସି ଏଠାରେ ବିବାହ କରିବା ସହିତ ନିଜସ୍ୱ ଉଦ୍ୟମରେ ଏକ କୁଡ଼ିଆ କରି ରହିଆସୁଛନ୍ତି। ପରିବାର କହିଲେ ସ୍ତ୍ରୀ ଓ ଏକମାତ୍ର ଝିଅ। ସ୍ତ୍ରୀଙ୍କ ଦେହାନ୍ତ ପରେ ଝିଅ ସସ୍ମିତାଙ୍କ ସହ ରହିଆସୁଥିଲେ। ଝିଅ ସାମାନ୍ୟ ମାନସିକ ଅନଗ୍ରସର ହେତୁ ନବରଙ୍ଗପୁର ଅଞ୍ଚଳର ଜଣେ ଯୁବକଙ୍କୁ ବିବାହ ଦେଇ ନିଜ ଘରେ ରଖିଲେ। ଝିଅ ଓ ଜ୍ୱାଇଁଙ୍କ ଔରସରୁ ଦୁଇ ସନ୍ତାନ ଜନ୍ମ ହୋଇ ଆରପାରିକୁ ଚାଲିଗଲେ। ଏବେ ତ୍ରିନାଥଙ୍କ ସହ ଝିଅ ଓ ଜ୍ୱାଇଁ ସେହି ଭଙ୍ଗାଦଦରା ଘରେ ରହୁଛନ୍ତି। ସେମାନଙ୍କ ପାଖରେ ଆଧାରକାର୍ଡ କି ଭୋଟର କାର୍ଡ ନାହିଁ। ଫଳରେ ଆବାସ ଘର, ଭତ୍ତା ସବୁଥିରୁ ବଞ୍ଚିତ ରହିଛନ୍ତି। ଏପରି କି ରାଶନ କାର୍ଡ ମଧ୍ୟ ନ ଥିବାରୁ ଚାଉଳ ଗଣ୍ଡିଏ ମଧ୍ୟ ପାଇ ପାରୁ ନାହାନ୍ତି। ପଞ୍ଚାୟତ ଅଫିସ ଦୟା ଦେଖାଇ ମାସକୁ ୫କେଜି ଚାଉଳ ଦେଉଥିଲେ ବି ସେଥିରେ ଚଳିବା କଷ୍ଟକର ହୋଇପଡ଼ିଛି। ସେମାନଙ୍କ ଅବସ୍ଥା ଦେଖି ସାହି ପଡିଶା ଲୋକେ କେବେ କେମିତି ରନ୍ଧା ଖାଦ୍ୟ ଦେଇଥାନ୍ତି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏ ନେଇ କଲମପୁର ବିଡିଓ ବିଜୟ ମାଣ୍ଡାଙ୍ଗିଙ୍କୁ ପଚାରିବାରୁ ଏ ସମ୍ପର୍କରେ ଖବର ପାଇ ନ ଥିଲି। ମୋ ନଜରକୁ ଆସିଥିବାରୁ ଖୁବ୍‌ଶୀଘ୍ର ଏହାର ସମାଧାନ କରାଯିବ ବୋଲି ସେ କହିଛନ୍ତି।



ଭଙ୍ଗା କୁଡିଆରେ ତ୍ରିନାଥ।

## ସଂକ୍ଷେପରେ

### ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକ ମୃତ

**ବୌଦ୍ଧ,୬।୬(ଅଜିତ କୁମାର ବାରିକ):** ବୌଦ୍ଧ ସହରସ୍ଥିତ ବୁଢ଼ୁପାଲି ପାଡ଼ାସାହିଠାରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଶୁକ୍ରବାର ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଓମ୍ ନାଏକ(୨୦)। ବୌଦ୍ଧ ସହର ସାନମାଳିସାହିର ଓମ୍ ବୁଢ଼ୁପାଲି ପାଡ଼ାସାହିକୁ ତାଙ୍କ ମାମୁଙ୍କ ସହିତ କାମ କରିବାକୁ ଯାଇଥିଲେ। ସେଠାରେ କାର୍ଯ୍ୟରତ ସମୟରେ କୌଣସି କାରଣରୁ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ବୌଦ୍ଧ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ନିର୍ମାଣାଧୀନ ଶିଡ଼ିଘରର କାନ୍ଥ ଭୁଶୁଡ଼ି ଦମ୍ପତି ଗୁରୁତର

**ବଘିଆପଡ଼ା,୬।୬(ଶ୍ରୀକାନ୍ତ ସାହୁ):** ବୌଦ୍ଧ ଥାନା ବଘିଆପଡ଼ା ଗ୍ରାମରେ ଶୁକ୍ରବାର ନିର୍ମାଣାଧୀନ ଶିଡ଼ିଘରର କାନ୍ଥ ଭୁଶୁଡ଼ି ପଡ଼ିବାରୁ ସ୍ୱାମୀ ସ୍ତ୍ରୀ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ଗ୍ରାମର ସନତ ପ୍ରଧାନ ଓ ତାଙ୍କ ପତ୍ନୀ ମଞ୍ଜୁଲତା ପ୍ରଧାନ। ସନତ ଓ ମଞ୍ଜୁଲତା ନିଜ ନିର୍ମାଣାଧୀନ ଘରର ଶିଡ଼ି କାନ୍ଥରେ ପାଣି ଦେଉଥିବା ବେଳେ ଗୁରୁବାର ଇଟା ଯୋଡ଼ା ଯାଇଥିବା କାନ୍ଥ ଭୁଶୁଡ଼ି ପଡ଼ିଥିଲା। ଫଳରେ ଦମ୍ପତିଙ୍କ ଉପରେ ପଡିବାରୁ ଉଭୟେ ଗୁରୁତର ଆହତ ହୋଇଥିଲେ। ପରିବାର ଓ ଗ୍ରାମବାସୀ ଦମ୍ପତିଙ୍କୁ ଉଦ୍ଧାର କରି ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ମଞ୍ଜୁଲତାଙ୍କ ଗୋଡ଼ ଭାଙ୍ଗି ଯାଇଥିବା ବେଳେ ସନତ ମଧ୍ୟ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି।

### କଫ୍ ସିରଫ ଜବତ, ୩ ଗିରଫ

**ଝାରବନ୍ଧ,୬।୬(ଦେବେନ୍ଦ୍ର ସାହୁ):** ଝାରବନ୍ଧ ଥାନା ପୋଲିସ କଫ୍ ସିରପ ବିକ୍ରି କରିବା ଅଭିଯୋଗରେ ୩ ଯୁବକଙ୍କୁ ଶୁକ୍ରବାର ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଝାରବନ୍ଧର ସହଦେବ ବାଗ (୩୧), ପ୍ରିୟମ ପ୍ରଧାନ (୨୮) ଓ ସନଦାଦର ଗ୍ରାମର କୋଶଲ ଚନ୍ଦ୍ର ସାହୁ। ଅଭିଯୁକ୍ତମାନଙ୍କଠାରୁ କଫ ସିରପ, ନିଶା ବଟିକା, ଅପମିଶ୍ରଣ ପାଇଁ ବ୍ୟବହୃତ ଜାର ଏବଂ ଗୋଟିଏ ଚାରିଚକିଆ ଯାନ, ଗୋଟିଏ ଦୁଇ ଚକିଆ ଯାନ, ମୋବାଇଲ ଓ ନଗଦ ୮୩୪୦ ଟଙ୍କା ଜବତ ହୋଇଛି । ଏ ନେଇ ଝାରବନ୍ଧ ଥାନା ପୋଲିସ ନଂ. ୬୦/୨୫ରେ ମାମଲା ରୁଜୁ କରିଥିବା ଥାନା ଅଧିକାରୀ କେ. ସମାରିୟା ସୂଚନା ଦେଇଛନ୍ତି। ଥାନା ଅଧିକାରୀ ସମାରିୟାଙ୍କ ସୂଚନା ଅନୁସାରେ, ଗତ ପାଞ୍ଚ ତାରିଖ ରାତିରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଏଏସ୍ଆଇ କୌଶିକ ସାହୁ ଝାରବନ୍ଧ ନିକଟସ୍ଥ ଢୁଙ୍ଗୁରିଠାରେ ଅଭିଯୁକ୍ତମାନେ କଫ ସିରପ ବିକ୍ରୟ କରୁଥିବା ସୂଚନା ପାଇ ଚଢ଼ାଉ କରିଥିଲେ।

### ନିଖୋଜ ଯୁବକଙ୍କ ମୃତଦେହ ଜବତ
#### ହତ୍ୟା ଅଭିଯୋଗରେ ୨ ଅଟକ

**ପଦ୍ମପୁର,୬।୬(ପ୍ରଦୀପ୍ତ ଦାଶ):** ପଦ୍ମପୁର ଉପଖଣ୍ଡ ବୁଡେନ ଥାନା ସର୍ଗିପାଲି ଗାଁର ପିଣ୍ଟୁ ମାଝୀ(୨୨) ଗତ ବୁଧବାରଠାରୁ ନିଖୋଜ ଥିଲେ। ଶୁକ୍ରବାର ପୋଲିସ ପିଣ୍ଟୁଙ୍କ ମୃତଦେହ ଜବତ କରିଛି। ମୃତକଙ୍କ ପରିବାର ଲୋକେ ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଥିବା ବେଳେ ପୋଲିସ ସନ୍ଦେହରେ ୨ ଜଣଙ୍କୁ ଅଟକ ତଦନ୍ତ ଚଳାଇଛି। ଏ ନେଇ ବୁଡେନ ଥାନାରେ ନଂ.୪୨/୨୫ରେ ମାମଲା ରୁଜୁ ହୋଇଛି। ଅନ୍ୟପଟେ ଏହି ଘଟଣାକୁ ନେଇ ସର୍ଗିପାଲି ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ଗ୍ରାମବାସୀ ଦହିତାଠାରେ ପଦ୍ମପୁର ପାଟନାଗଡ ରାସ୍ତା କିଛି ସମୟ ପାଇଁ ବନ୍ଦ କରିଥିଲେ। ପୋଲିସ ବୁଝାଶୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

### ଆଶା, ଗାଁ କଲ୍ୟାଣ ସମିତିର ଜିଲାସ୍ତରୀୟ କର୍ମଶାଳା

**ବୌଦ୍ଧ,୬।୬(ଅଜିତ କୁମାର ବାରିକ) :** ଜିଲା ସ୍ୱାସ୍ଥ୍ୟ ସମିତି ପକ୍ଷରୁ ଟାଉନହଲଠାରେ ଶୁକ୍ରବାର ଆଶା, ଗାଁ କଲ୍ୟାଣ ସମିତି ଓ ମହିଳା ଆରୋଗ୍ୟ ସମିତିର ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସୁବ୍ରତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବରେ ବୌଦ୍ଧ ବିଧାୟକ ସରୋଜ କୁମାର ପ୍ରଧାନ, ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପଧାନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ମଦନମୋହନ ପ୍ରଧାନ, ଡ. ସଂଘମିତ୍ରା ପଣ୍ଡା, ଡ. କିଶୋର ଚନ୍ଦ୍ର ପଟ୍ଟନାୟକ, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ଯୋଗ ଦେଇଥିଲେ। ଉତ୍କୃଷ୍ଟ ସେବା ପାଇଁ ଅତିଥିମାନଙ୍କ ଦ୍ୱାରା ଆଶା ଓ ଗାଁ କଲ୍ୟାଣ ସମିତିମାନଙ୍କୁ ପୁରସ୍କୃତ କରାଯାଇଥିଲା।

# ଉଠାଦୋକାନୀଙ୍କୁ ଉଚ୍ଛେଦ, ଥିଲାବାଲାଙ୍କୁ ନା

**ବରଗଡ଼,୬।୬(ପ୍ରେମାନନ୍ଦ ଖମାରୀ)**



ଉଚ୍ଛେଦ ପ୍ରତିବାଦରେ ରାସ୍ତାରୋକୋ କରିଥିବା ମହିଳା ଓ ପୋଲିସ ମୁହାଁମୁହିଁ ହୋଇଛନ୍ତି।

- ଉଚ୍ଛେଦକୁ ନେଇ ଉତ୍ତେଜନା
- ରାସ୍ତାରୋକୋ କଲେ ମହିଳା
- ପୋଲିସ ସହ ମୁହାଁମୁହିଁ

ଜବରଦଖଲ ଉଚ୍ଛେଦ ପ୍ରକ୍ରିୟାକୁ ନେଇ ବରଗଡ଼ ସବୁବେଳେ ଚର୍ଚ୍ଚାର ବିଷୟ ହୋଇ ପଡୁଛି। କେବଳ ଡାକବାଜି ଯନ୍ତ୍ରରେ ସୂଚନା ଦେଇ ଏଠାରେ ଗରୀବ ଲୋକଙ୍କୁ ଉଚ୍ଛେଦ କରାଯାଉଛି। ମାତ୍ର ଥିଲାବାଲାଙ୍କ ଜବରଦଖଲକୁ ବିଭାଗୀୟ ଅଧିକାରୀଙ୍କ ହାତ ପାଉ ନାହିଁ। ଏଭଳିସ୍ଥଳେ ସ୍ଥାନୀୟ ଜନ ପ୍ରତିନିଧିମାନେ ମଧ୍ୟ ନୀରବ ରହିଛନ୍ତି। ଜବରଦଖଲ ଉଚ୍ଛେଦରେ ଜିଲା ପ୍ରଶାସନ ଏବଂ ଜନ ପ୍ରତିନିଧିଙ୍କ ସେଭଳି ଆଭିମୁଖ୍ୟ ସାଧାରଣରେ ଆଲୋଚନାର ବିଷୟ ହୋଇଛି। ଗରୀବଙ୍କୁ ଉଚ୍ଛେଦ ଏବଂ ଥିଲାବାଲାଙ୍କୁ ଅନୁକମ୍ପା ଅଭିଯୋଗ କରି ଉତ୍ତେଜନାମୂଳକ ପରିସ୍ଥିତି ମଧ୍ୟ ଉପୁଜୁଛି। ଶୁକ୍ରବାର ବରଗଡ଼-ଭେଡ଼େନ ରାସ୍ତାରେ ଉଠାଦୋକାନୀଙ୍କୁ ଉଚ୍ଛେଦ ନେଇ ଏଭଳି ପରିସ୍ଥିତି ଉପୁଜିଥିଲା। ଜଣେ ମହିଳା ଠେଲା ଦୋକାନୀ ସୀମା କୁମ୍ଭାରଙ୍କ ଅନୁପସ୍ଥିତିରେ ବୋଲଡୋଜର ଲଗାଇ ବିଭିନ୍ନ ସାମଗ୍ରୀ ରହିଥିବା ଠେଲା ଦୋକାନକୁ ଉଠାଇ ଦିଆଯାଇଥିଲା। ଏପରିକି ତାଙ୍କ ଠେଲାକୁ ଭଙ୍ଗାରୁଜା କରାଯିବା ସହିତ ସେଥିରେ ରହିଥିବା ସାମଗ୍ରୀକୁ ନଷ୍ଟ କରି ଦିଆଯାଇଛି ବୋଲି ସୀମା ଅଭିଯୋଗ କରିଛନ୍ତି। ଏଭଳି ଅଭିଯୋଗ କରି ସେ ରାସ୍ତା ଉପରେ ବିଭିନ୍ନ ସାମଗ୍ରୀ ରଖି ରାସ୍ତାରୋକୋ କରିଥିଲେ। ପୋଲିସ ସେଠାକୁ ପହଞ୍ଚି ତାଙ୍କୁ ବୁଝାଶୁଝା କରି ରାସ୍ତାରୁ ଉଠାଇଥିଲା। ଅନ୍ୟପଟେ ଏଭଳି ଉଚ୍ଛେଦକୁ ନେଇ ସମ୍ପୃକ୍ତ ମହିଳା ପୋଲିସ ଏବଂ ସ୍ଥାନୀୟ ଲୋକଙ୍କ ଉପସ୍ଥିତିରେ ଶାସକ ଭାଜପା ସରକାର ଉପରେ ତୀବ୍ର ବର୍ଷିଥିଲେ ଏବଂ ତାଙ୍କ ଅସନ୍ତୋଷ ବ୍ୟକ୍ତ କରିବା ସହିତ କ୍ଷତିପୂରଣ ଦାବି କରିଥିଲେ।

ବୁଧବାର ପୌର ପ୍ରଶାସନ ଡାକବାଜି ଯନ୍ତ୍ରରେ ଉଚ୍ଛେଦ ନେଇ ସୂଚନା ଦେଇଥିଲା। ଜବରଦଖଲରେ ରହିଥିବା ଦୋକାନ ଗୁଡ଼ିକୁ ଖାଲି କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ତେବେ କେତେକ ଠେଲା ଦୋକାନୀ ସେମାନଙ୍କ ଦୋକାନକୁ ଖାଲି କରି ନେଇଥିଲେ। ଅନ୍ୟପଟେ ସେ ଏକାକୀ ଥିବାରୁ ସ୍ଥାନୀୟ ଆନନ୍ଦ ମଣ୍ଡପ ପାଖରେ କେନାଲ ହିଡ଼ ପାର୍ଶ୍ୱରେ ରହିଥିବା ନିଜ ଦୋକାନକୁ ଖାଲି କରି ପାରି ନଥିଲେ। ଦୋକାନ ଖାଲି କରିବା ପାଇଁ ସେ ପଡ଼ାର କିଛି ଲୋକଙ୍କୁ ଡାକିବାକୁ ଯାଇଥିଲେ ଏବଂ ସେ ଲୋକ ଧରି ଫେରିବା ବେଳକୁ ତାଙ୍କ ଠେଲା ଦୋକାନ ଏବଂ ଦୋକାନରେ ରହିଥିବା ବିଭିନ୍ନ ସାମଗ୍ରୀକୁ ବୋଲଡୋଜର ଲଗାଇ ଭାଙ୍ଗି ଦିଆଯିବା ସହିତ ଦୋକାନ ଭିତରେ ରହିଥିବା ଏକ ମୋବାଇଲ ମଧ୍ୟ ଚୋରି ହୋଇଛି ବୋଲି ସୀମା ଅଭିଯୋଗ କରିଛନ୍ତି। ସେହିପରି ଏହି ରାସ୍ତାକୁ ଆହୁରି ଲୋକ ଜବରଦଖଲ କରିଥିବାବେଳେ ଲେଙ୍ଗୁ ମିଶ୍ର ଛକରୁ ଜୀରାବ୍ରିଜ ରାସ୍ତା ଜବରଦଖଲ ଉଚ୍ଛେଦ ପାଇଁ ଦୀର୍ଘଦିନରୁ ଦାବି ହୋଇ ଆସୁଛି। ମାତ୍ର ଧନୀଲୋକ ଥିବା ଯୋଗୁ ସେଠାରେ ଜବରଦଖଲ ଉଚ୍ଛେଦ କରାଯାଉ ନାହିଁ ଏବଂ କେବଳ ଗରିବ ଲୋକଙ୍କୁ ଉଚ୍ଛେଦରେ ଟାର୍ଗେଟ୍ କରାଯାଉଛି ବୋଲି ସୀମା ଅଭିଯୋଗ କରି ଶାସକ ଭାଜପା ସରକାରକୁ କଡ଼ା ସମାଲୋଚନା କରିଛନ୍ତି।

ତେବେ ଥିଲାବାଲାଙ୍କୁ ମାଫ୍ କରି ଗରିବଙ୍କୁ ଉଚ୍ଛେଦ ଏଠାରେ ନୂଆଁ ନୁହେଁ। ଗତ ଧନୁଯାତ୍ରା ମହୋତ୍ସବର ଅବ୍ୟବହିତ ପୂର୍ବରୁ ଜୀରାନଦୀ କୂଳ ପାଖରେ ରହିଥିବା ଅମ୍ବାପାଲିର ଜଣେ ଗରିବ ବୃଦ୍ଧାଙ୍କ ଘରକୁ ଉଚ୍ଛେଦ କରିବାକୁ ପୌର ପ୍ରଶାସନ ପୂରାଦମ୍‌ରେ ଲାଗି ପଡ଼ିଥିଲା। ବୋଲଡ଼ୋଜର ଲଗାଇ ଘରର କିଛି ଅଂଶକୁ ଭଙ୍ଗା ବି ଯାଇଥିଲା। କିନ୍ତୁ ସମ୍ପୃକ୍ତ ବୃଦ୍ଧା ବୋଲଡ଼ୋଜର ଉପରକୁ ଚଢ଼ିଯାଇ ଥିବାବେଳେ ପଡ଼ାବାସୀ ଦୃଢ଼ ବିରୋଧ କରିବାରୁ ଶେଷରେ ପୋଲିସ, ପୌର ପ୍ରଶାସନକୁ ନିରାଶରେ ଫେରିବାକୁ ପଡ଼ିଥିଲା। ସେହିପରି ସ୍ଥାନୀୟ ଭିଏସ୍ଏସ୍ ନଗର(ବାନ୍ଧୁଟିକ୍ରା) ଛକ ନିକଟରେ ଦୋକାନ କରିଥିବା ଜଣେ ଦୋକାନୀ କୁମ୍ଭମେଳା ପାଇଁ ପ୍ରୟାଗରାଜ ଯାଇଥିଲେ। ମାତ୍ର ସେଠାରୁ ଫେରିବା ପରେ ତାଙ୍କ ଦୋକାନକୁ ପୌର ପ୍ରଶାସନ ଉଚ୍ଛେଦ କରି ଦେଇଥିବା ଜାଣି ସେ ମଧ୍ୟ ସେତେବେଳେ ରାସ୍ତାକୁ ଓହ୍ଲାଇଥିଲେ। ଅନ୍ୟପଟେ ବରଗଡ଼ ଲେଙ୍ଗୁ ମିଶ୍ର ଛକରୁ ପୁରୁଣା ଜୀରାବ୍ରିଜ ରାସ୍ତା ଜବରଦଖଲ ଉଚ୍ଛେଦ ସହରବାସୀଙ୍କ ଦୀର୍ଘଦିନର ଦାବି ହୋଇ ରହି ଆସିଛି। ଏଥିପାଇଁ ଆନ୍ଦୋଳନ ତୀବ୍ର ହୋଇଥିବାବେଳେ ଉଚ୍ଛେଦ ମାମଲା ଉଚ୍ଚ ନ୍ୟାୟାଳୟକୁ ପହଞ୍ଚିଛି। ଉଚ୍ଛେଦ ସପକ୍ଷରେ ଉଚ୍ଚ ନ୍ୟାୟାଳୟ ୨ଥର ରାୟ ଶୁଣାଇ ସାରିଛନ୍ତି। ମାତ୍ର ରାୟ ପ୍ରକାଶ ପାଇବା ପରେ ଉଚ୍ଛେଦ ନେଇ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା ଯୋଗୁ ଉଚ୍ଛେଦ ବିରୋଧରେ ପୁଣି ପ୍ରଭାବିତ ଲୋକେ ଉଚ୍ଚ ନ୍ୟାୟାଳୟକୁ ଯିବାର ସୁଯୋଗ ପାଉଛନ୍ତି ଏବଂ ମାମଲା ସେଠାରେ ପୁଣି ବିଚାରାଧିନ ରହି ଦିନ ଗଡ଼ି ଚାଲୁଛି ବୋଲି ଲୋକଙ୍କ ମଧ୍ୟ ଆଲୋଚନା ଜୋର୍ ଧରିଛି।

## ଅତାବିରା ଦୁର୍ଗାପୂଜା ରାମଲୀଳା ପାଇଁ ରାବଣ ବରଣ



**ଅତାବିରା,୬।୬(ଯୁଧିଷ୍ଠିର ମହାପାତ୍ର)**

ଅତାବିରାଠାରେ ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜା ପାଇଁ ବୁଧବାର ମଧ୍ୟାହ୍ନରେ ରାବଣ ବରଣ କରାଯାଇଛି। ଆସନ୍ତା ସେପ୍ଟେମ୍ବର ୨୧ରୁ ଅକ୍ଟୋବର ୨ଯାଏ ହେବାକୁ ଥିବା ଦୁର୍ଗାପୂଜାର ରାମଲୀଳା କାର୍ଯ୍ୟକ୍ରମରେ ରାବଣ ଭୂମିକାରେ ଅଭିନୟ ପାଇଁ ଅଭିନେତା ସୁଶୀଲ କୁମାର ମେହେରଙ୍କୁ ବରଣ କରାଯାଇଛି। ସ୍ଥାନୀୟ ଦୁର୍ଗାମନ୍ଦିରରେ ମା’ ଦୁର୍ଗାଙ୍କଠାରେ ଯଥାରୀତି ପୂଜାପାଠ କରିବା ପରେ ମା’ଙ୍କ ପୁଷ୍ପମାଲ୍ୟ ଓ ଉପଢୌକନ ଦେଇ ସୁଶୀଲ କୁମାର ମେହେରଙ୍କୁ କମିଟିର ପୂର୍ବତନ ସଭାପତି ଦୈତାରି ପ୍ରଧାନ ରାବଣ ଭାବେ ବରଣ କରିଥିଲେ। ଏଥିରେ ଦୁର୍ଗାପୂଜା କମିଟିର ସଭାପତି ସୁରେନ୍ଦ୍ର ସ୍ୱାଇଁ, ସୁଶାନ୍ତ ଅଗ୍ରୱାଲ, ଧୀରଜ ସାହୁ, ଉନ୍ନୀ ନାୟାର, ପପୁନ ପ୍ରଧାନ, ଅଶୋକ ପ୍ରଧାନ, ରାଜେଶ ପ୍ରଧାନ, ପାର୍ଥସାରଥି ପଣ୍ଡା, ହୃଷୀ ଭୋଇ, ବିକି ସାହୁ, ଅମୃତ ପ୍ରଧାନ, ମହମ୍ମଦ ପପୁ, କେଶବ ପ୍ରଧାନ, ଦଶରଥ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।



କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଶିକ୍ଷକ ତାଲିମ ଶିବିର।

# କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଗୁରୁକୁଳ-୨୦୨୫ ଉଦ୍‌ଘାଟିତ

**ବରଗଡ଼,୬।୬(ପ୍ରେମାନନ୍ଦ ଖମାରୀ)**

ବରଗଡ଼ କ୍ରିଷ୍ଣା ବିକାଶ ଗ୍ରୁପରେ ଗୁରୁବାର ଶିକ୍ଷକ ତାଲିମ ଶିବିର ଗୁରୁକୁଳ-୨୦୨୫ ଉଦ୍‌ଘାଟିତ ହୋଇଯାଇଛି। ଶିବିରରେ କ୍ରୀଷ୍ଣା ବିକାଶ ଅନ୍ତର୍ଗତ ବିକାଶ ଆବାସିକ ବିଦ୍ୟାଳୟ (ସିନିୟର ସେକେଣ୍ଡାରୀ) ଏବଂ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୦୦ରୁ ଊର୍ଦ୍ଧ୍ୱ ଶିକ୍ଷୟିତ୍ରୀ, ଶିକ୍ଷକ ଯୋଗଦାନ କରିଛନ୍ତି । ଶିବିରରେ ସର୍ବଭାରତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା ପ୍ରଶିକ୍ଷକ ଟି. ସାଇନାଥ (ଗଣିତ ବିଶାରଦ ଆଇ.ଆଇ.ଟି., ଧାନବାଦ), ଶ୍ରୀନିବାସ ରାଓ (ରସାୟନ ବିଜ୍ଞାନ ବିଶାରଦ, ନାରାୟଣ ଇନ୍ସ୍ଟିଚ୍ୟୁଟ, ମାଧୋପୁର, ହାଇଦ୍ରାବାଦ), ମନୋଜ ଝା (ପଦାର୍ଥ ବିଜ୍ଞାନ ବିଶାରଦ, ଭିଲାଇ) ଓ ଦିଲ୍ଲିପ ତିୱାରୀ (ରସାୟନ ବିଜ୍ଞାନ ବିଶାରଦ, ଭିଲାଇ) ପ୍ରମୁଖ ଯୋଗଦେଇ ଶିକ୍ଷାଦାନ ପ୍ରଣାଳୀରେ ପରିବର୍ତ୍ତଶୀଳତା ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ । ଭାରତର ୪ଜଣ ସୁନାମଧନ୍ୟ ଲେଖକ ଏବଂ ବିଶାରଦ ବିକାଶ ଗୁପ୍ତା (ଗଣିତ), ଅନୁରାଗ ମିଶ୍ର (ପଦାର୍ଥ ବିଜ୍ଞାନ), ସଦାବ ଅନସାରୀ(ବାୟୋଲୋଜି), ଡ.ରିତେଶ ପାଣ୍ଡେ (ରସାୟନ ବିଜ୍ଞାନ) ପ୍ରମୁଖ ଭର୍ଚୁଆଲ ସେସନ ମାଧ୍ୟମରେ ଯୋଗଦାନ କରି ୪ଟି ବିଷୟରେ ପ୍ରବେଶିକା ପରୀକ୍ଷା ଗୁଡ଼ିକରେ ଛାତ୍ରୀଛାତ୍ରମାନେ ଶୀର୍ଷ ସ୍ଥାନରେ ପହଞ୍ଚିବା ପାଇଁ ଉନ୍ନତମାନର ଶିକ୍ଷାଦାନ ପ୍ରଣାଳୀ ଉପରେ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କୁ ତାଲିମ ପ୍ରଦାନ କରିଥିଲେ। କ୍ରୀଷ୍ଣା ବିକାଶ ଗ୍ରୁପର ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା ଶିବିରର ୩ପର୍ଯ୍ୟାୟରୁ ୨ଟି ପର୍ଯ୍ୟାୟରେ ଇଣ୍ଟିଗ୍ରେଟେଡ ଏକାଡେମିକ୍ସ ପ୍ରୋଗ୍ରାମ (ଆଇ.ଏ.ପି.) ଏବଂ ଗୋଟିଏ ପର୍ଯ୍ୟାୟରେ ସି.ୟୁ.ଇ.ଟି. ଓ ଅନ୍ୟାନ୍ୟ ପ୍ରବେଶିକା ପରୀକ୍ଷା ଉପରେ ତାଲିମ ପ୍ରଦାନ କରିଥିଲେ। ବରଗଡ଼ ବିକାଶ ଆବାସିକ ବିଦ୍ୟାଳୟର କାର୍ଯ୍ୟକାରୀ ଅଧ୍ୟକ୍ଷ ଶିଶିର ପ୍ରସାଦ ରାଉଳ ମଧ୍ୟ ତାଲିମ ପ୍ରଦାନ କରିଥିଲେ। ବରଗଡ଼ ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ବିକାଶ ଆବାସିକ ବିଦ୍ୟାଳୟର ଅଧ୍ୟକ୍ଷ ଚିତରଞ୍ଜନ ପତି ଅତିଥିଗଣଙ୍କ ବିଷୟରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଏଚ.ଆର୍. ହେଡ ଅଶ୍ୱିନୀ ନାୟକଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ସମ୍ପାଦିତ ହୋଇଥିଲା। ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଦୀପ କୁମାର ସାହୁ, ଏଚ୍.ଆର୍. ମ୍ୟାନେଜର୍ କିରନ କୁମାର୍ ଆଚାର୍ଯ୍ୟ, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଏଡ୍ମିନିଷ୍ଟ୍ରେଟିଭ ଅଫିସର୍ ଏସ୍.କାନ୍ତା ରାଓ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। କ୍ରିଷ୍ଣା ବିକାଶ ଗ୍ରୁପର ଚେୟାରମେନ ଦାଶରୀ ମୂରଲୀ କ୍ରିଷ୍ଣା, ମ୍ୟାନେଜିଂ ଡାଇରେକ୍ଟର ବିବେକ ଦାଶରୀ କାର୍ଯ୍ୟକ୍ରମର କୋର୍ କମିଟିର ସଦସ୍ୟମାନଙ୍କୁ କାର୍ଯ୍ୟକ୍ରମର ସଫଳ ରୂପାୟନ ଦେବା ପାଇଁ ଧନ୍ୟବାଦ ଜ୍ଞାପନ କରିଥିଲେ। ସମାରୋହରେ ବିକାଶ ଫାଷ୍ଟେପର ଅଧ୍ୟକ୍ଷା ପୁଷ୍ପଲତା ମହାପାତ୍ର ଓ ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ (ଏକାଡେମିକ୍ସ). ଡଃ ମନୋଜ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ଜଗବନ୍ଧୁ ଦାଶ ସ୍ନାତକ ମହାବିଦ୍ୟାଳୟକୁ ପ୍ରକୃତିମିତ୍ର ପୁରସ୍କାର

**ବରପାଲି,୬।୬(ଚିତ୍ତରଞ୍ଜନ ସାହୁ)**

ବରପାଲିସ୍ଥିତ ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟକୁ ଗୁରୁବାର ପ୍ରକୃତିମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ବିଶ୍ୱ ପରିବେଶ ଦିବସ ଅବସରରେ କୃଷି ଶିକ୍ଷା ସଦନ ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆ ଉକ୍ତ ମହାବିଦ୍ୟାଳୟର ପ୍ରତିଷ୍ଠାତା ଅନ୍ତର୍ଯାମୀ ପଣ୍ଡାଙ୍କୁ ପୁରସ୍କୃତ କରିଥିଲେ।




ପୁରସ୍କୃତ କରାଯାଉଛି।

ମହାବିଦ୍ୟାଳୟରେ ଚାରାରୋପଣ, ବୃକ୍ଷର ଯତ୍ନ, ସଚେତନତା କାର୍ଯ୍ୟକ୍ରମ, ପରିବେଶ ଆଲୋଚନାଚକ୍ର ଓ ମହାବିଦ୍ୟାଳୟରେ ସବୁଜ ବଳୟ ତିଆରି କରିପାରୁଥିବାରୁ ଅଞ୍ଚଳ ପାଇଁ ସୁନାମ ଅର୍ଜନ କରିପାରିଛି। ଏହି ଅନୁଷ୍ଠାନକୁ ସରକାରଙ୍କ ପକ୍ଷରୁ ପ୍ରକୃତିମିତ୍ର ପୁରସ୍କାର ମିଳିଥିବାରୁ ମହାବିଦ୍ୟାଳୟର ଅଧ୍ୟାପକ ଅଧ୍ୟାପିକା, ଛାତ୍ରୀ ସମୂହ ଅଭିଭାବକ ତଥା ଅଞ୍ଚଳବାସୀଙ୍କ ପାଇଁ ଖୁସିର ଲହରି ଖେଳାଇଦେଇଛି ।

# ନୃସିଂହନାଥ ମନ୍ଦିର ପରିସରରେ ସାମୂହିକ ସଫେଇ



ସଫେଇ କରାଯାଉଛି।

**ପାଇକମାଲ,୬।୬(ବଢ଼ ଶତପଥୀ)**

ଓଡ଼ିଶାର ପ୍ରସିଦ୍ଧ ତୀର୍ଥକ୍ଷେତ୍ରମାନଙ୍କ ମଧ୍ୟରୁ ନୃସିଂହନାଥ ମନ୍ଦିର ଅନ୍ୟତମ। ଏଠାରେ ଦୈନିକ ହଜାର ହଜାର ଭକ୍ତଙ୍କ ସମାଗମକୁ ଆଖିଆଗରେ ରଖି ପ୍ରଶାସନ ତରଫରୁ ପ୍ରତି ମାସରେ ଥରେ ମେଗା ସଫେଇ କରାଯିବା ପାଇଁ ସ୍ଥିର କରାଯାଇଛି। ଏ ନେଇ ଶୁକ୍ରବାର ଏକ ମେଗା ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବରଗଡ଼ ଜିଲାପାଳ ଆଦିତ୍ୟ ଗୋୟଲଙ୍କ ନିର୍ଦ୍ଦେଶକ୍ରମେ ପଦ୍ମପୁର ଅତିରିକ୍ତ ଜିଲାପାଳ ଚଭନ କୁନାଲ ମୋତିରାମଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମନ୍ଦିର ଟ୍ରଷ୍ଟି ଦେବାଶିଷ ସିଂହା, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ, ପାଇକମାଲ ସାମ୍ବାଦିକ ସଂଘ, ଦିବ୍ୟଶକ୍ତି ମହିଳା ସଂଗଠନ, ହେପି ପାଇକମାଲ ଯୁବ ସଙ୍ଗଠନ, ମନ୍ଦିର ପରିସରରେ ଥିବା ସମସ୍ତ ଦୋକାନୀ, ମନ୍ଦିରର ସମସ୍ତ କର୍ମଚାରୀ ପ୍ରମୁଖ ମିଳିମିଶି ନୃସିଂହନାଥ ମନ୍ଦିର ପାପନାଶିନୀ ଝରଣା, ଚାଲଧାରଠାରୁ ଆରମ୍ଭ କରି ମା’ ସମ୍ବଲେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ସକାଳ ପ୍ରାୟ ୮ଟା ୪୫ରୁ ୧୧ଟା ୪୫ ପର୍ଯ୍ୟନ୍ତ ସଫା କରିଥିଲେ। ଜିଲାପାଳ ତଥା ଉପଜିଲାପାଳ ନିଜେ ଉପସ୍ଥିତ ରହି ସଫେଇ କାମରେ ସହଯୋଗ କରିଥିବାରୁ ଅନ୍ୟମାନେ ଉତ୍ସାହିତ ହୋଇ ସଫେଇ କରିଥିଲେ। ଏହି ସଫେଇ କାମ ପ୍ରତିମାସ ଶେଷ ମଙ୍ଗଳବାର କରାଯିବାକୁ ପ୍ରସ୍ତାବ ନିଆଯାଇଥିଲା।

# ସରେଇକେଲାରେ ମଦ ବନ୍ଦ ନିଷ୍ପତ୍ତି

**ପଦ୍ମପୁର,୬।୬(ପ୍ରଦୀପ୍ତ ଦାଶ)**

ପଦ୍ମପୁର ଉପଖଣ୍ଡ ଅନ୍ତର୍ଗତ ସରେଇକେଲା ଗ୍ରାମରେ ସମ୍ପୂର୍ଣ୍ଣ ମଦ ବନ୍ଦ ନେଇ ଗ୍ରାମବାସୀ ନିଷ୍ପତ୍ତି ନେଇଛନ୍ତି। ମଦର ବ୍ୟାପକତା ଯୋଗୁ ଗ୍ରାମର ଅନେକ ପରିବାରର ଆର୍ଥିକ ସ୍ଥିତି ଦୟନୀୟ ହୋଇ ପଡ଼ିଛି। ଏହା ସହ ପାରିବାରିକ ଗଣ୍ଡଗୋଳ, ଅଶାନ୍ତି ସୃଷ୍ଟି ହେଉଥିଲା। ସମସ୍ତ ପରିସ୍ଥିତିକୁ ଦୃଷ୍ଟିରେ ରଖି ଗ୍ରାମବାସୀ ଗତ ୨୭ ତାରିଖରେ ବୈଠକ କରି ଗାଁରେ ମଦକୁ ସମ୍ପୂର୍ଣ୍ଣ ବନ୍ଦ କରି ଏକ ନିଶାମୁକ୍ତ ସୁସ୍ଥ ସମାଜ ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ନିଶାମୁକ୍ତି ଅଭିଯାନକୁ ସଫଳ କରିବାକୁ ପୋଲିସ, ଅବକାରୀ ବିଭାଗ, ପ୍ରଶାସନର ସହଯୋଗ ଆବଶ୍ୟକ। ଏ ନେଇ ଶୁକ୍ରବାର ଉପଜିଲାପାଳ ପଦ୍ମପୁର, ଜଗଦଲପୁର ଥାନା, ଉପଖଣ୍ଡ ଅବକାରୀ ଅଧିକାରୀ, ଉପଖଣ୍ଡ ପୋଲିସ ଅଧିକାରୀଙ୍କୁ ଆଇନଗତ ସହାୟତା ପ୍ରଦାନ ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମବାସୀ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଗ୍ରାମବାସୀଙ୍କ ତରଫରୁ ଟିକିନୁ ବରିହା, ରାଧେଶ୍ୟାମ ପ୍ରଧାନ, ଅରୁଣ ପ୍ରଧାନ, ଭୀଷ୍ମଦେବ ବେହେରା, ବେଦପ୍ରକାଶ ପଟେଲ, ରାମ ବାରିକ, ଭୀଷ୍ମ ନାଏକ, ହାରାଧନ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।



ପଦ୍ମପୁର ଉପଜିଲାପାଳଙ୍କୁ ଦାବିପତ୍ର ଦେଉଛନ୍ତି।

# ୨୫ ଛାତ୍ରୀଛାତ୍ର ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ୧୦ ତାଲିକାରେ

**ବରଗଡ଼,୬।୬(ପ୍ରେମାନନ୍ଦ ଖମାରୀ)**

ଚଳିତବର୍ଷର ବିସିଏ ଷଷ୍ଠ ସେମିଷ୍ଟର-୨୦୨୫ ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ବରଗଡ଼ସ୍ଥିତ ବିକାଶ ସ୍କୁଲ ଅଫ୍ ବିଜ୍‌ନେସ୍ ମ୍ୟାନେଜମେଣ୍ଟ କଲେଜର ବିସିଏ ବିଭାଗର ୨୫ଜଣ ଛାତ୍ରୀଛାତ୍ର ବିଶ୍ୱବିଦ୍ୟାଳୟର ଶ୍ରେଷ୍ଠ ଦଶ ତାଲିକାରେ ସ୍ଥାନ ପାଇଛନ୍ତି। ଉକ୍ତ ଶିକ୍ଷାନୁଷ୍ଠାନର ଭୂପେଶ ପାଣିଗ୍ରାହୀ ଏବଂ ସ୍ୱସ୍ତି ଦାଶ ୧୦ ଏସ୍‌ଜିପିଏ ସହିତ ପ୍ରଥମ ର୍ୟାଙ୍କ ରଖିଛନ୍ତି। ସେହିପରି ଆକାଂକ୍ଷା ଗିରି, ଦେବ ପ୍ରସନ୍ନ ନାୟକ, ବିକାଶ ବହିଦାର, ଶିବମ୍ ସାହୁ ୯.୭୫ ଏସ୍‌ଜିପିଏ ରଖି ଦ୍ୱିତୀୟ ଏବଂ ସ୍ୱାଗତ ପ୍ରଧାନ ୯.୫ ଏସ୍‌ଜିପିଏ ରଖି ତୃତୀୟ ସ୍ଥାନରେ ରହିଛନ୍ତି। ଅନ୍ୟ ଛାତ୍ରୀଛାତ୍ର ମଧ୍ୟ ଚତୁର୍ଥରୁ ଦଶମ ସ୍ଥାନ ମଧ୍ୟରେ ଅଛନ୍ତି। ଛାତ୍ରୀଛାତ୍ରଙ୍କ ଏଭଳି ସଫଳତାରେ ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁସନ୍ସର ଚେୟାରମ୍ୟାନ ଡି. ନାଗେଶ୍ୱର ରାଓ, ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ଡ. କ୍ଷୀରୋଦ କୁମାର ପ୍ରଧାନ, ଉପାଧ୍ୟକ୍ଷ ଦୀପକ କୁମାର ନାୟକ ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଛାତ୍ରୀଛାତ୍ରଙ୍କ ଏଭଳି କୃତିତ୍ୱ ନେଇ ସେ ଖୁସି ପ୍ରକଟ କରିବା ସହିତ ବିଜିନେସ୍ ମ୍ୟାନେଜମେଣ୍ଟ କଲେଜର ଉଚ୍ଚମାନର ଶିକ୍ଷା ବ୍ୟବସ୍ଥାକୁ ପ୍ରଶଂସା କରିଛନ୍ତି। ଏହି ଅନନ୍ୟ ସଫଳତାରେ ଅନୁଷ୍ଠାନର ଅଧ୍ୟକ୍ଷ ଡ. ପ୍ରଧାନ ସମସ୍ତ କୃତୀ ଛାତ୍ରୀଛାତ୍ର, ଅଧ୍ୟାପିକା, ଅଧ୍ୟାପକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

**ବିସିଏ ସେମିଷ୍ଟର ପରୀକ୍ଷାରେ ବିକାଶର ସଫଳତା**



ଭୂପେଶ ପାଣିଗ୍ରାହୀ



ସ୍ୱସ୍ତି ଦାଶ



ଆକାଂକ୍ଷା ଗିରି



ଦେବ ପ୍ରସନ୍ନ ନାୟକ



ବିକାଶ ବହିଦାର



ଶିବମ ସାହୁ



ସ୍ୱାଗତ ପ୍ରଧାନ

# ପାରମ୍ପରିକ ଖାଦ୍ୟରେ ମହକିଲା ପରିବେଶ


ହେମଗିର


କୁଆଁରମୁଣ୍ଡା


କୁତ୍ରା



ସବ୍‌ଡେଗା


ରାଜଗାଙ୍ଗପୁର

ହେମଗିର,୬।୬(ଚୈତନ୍ୟ ପଟେଲ)

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ୍ ସ୍ଥିତ କଲ୍ୟାଣ ମଣ୍ଡପଠାରେ ଶୁକ୍ରବାର ସୁଭଦ୍ରା ଶକ୍ତି ତରଫରୁ ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ହେମଗିର ବିଡିଓ ରୀନା ନାଏକ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ପ୍ରତିଯୋଗିତାରେ ହେମଗିର ବ୍ଲକ୍‌ର ୧୯ଟି ପଞ୍ଚାୟତର ୨୬ଟି ଏସ୍‌ଏଚ୍‌ଜି ଗ୍ରୁପ୍ ଭାଗନେଇ ଆରିଶାପିଠା, ମଣ୍ଡାପିଠା, ପୋଡ଼ପିଠା, ଦହିବରା, ଉପମା, ଏଣ୍ଡୁରି ପିଠା ଆଦି ବିଭିନ୍ନ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରିଥିଲେ। ଏହି ଅବସରରେ ଜିଲା ପରିଷଦ ସଭ୍ୟା ମହିମା ସେଠ, ସମିତି ସଭ୍ୟା ମାନସୀ ଦଜି, ସିଡିପିଓ ଦିବ୍ୟ ରୋଷିତା ଲାକ୍ରା,ଏଇ ଚିନ୍ମୟ ମିଶ୍ର,ବିପିସି ପ୍ରତାପ ଚନ୍ଦ୍ର ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ ଲଇକେରାର ନାରାୟଣୀ ଏସ୍‌ଏଚ୍‌ଜି ଗ୍ରୁପ୍ ଓ ଦ୍ୱିତୀୟ ସ୍ଥାନ ଗଡ଼ ତୁମୁଲିଆର ଗାୟତ୍ରୀ ଏସ୍‌ଏଚ୍‌ଜି ଗ୍ରୁପ୍। କୃତିତ୍ୱ ଲାଭ କରିଥିବା ୨ ଏସ୍‌ଏଚ୍‌ଜି ଗ୍ରୁପ୍ ଜିଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

ବଡ଼ଗାଁ, (ଅଶୋକ ଷଡ଼ଙ୍ଗୀ): ବଡ଼ଗାଁ ହାଇସ୍କୁଲ ପରିସରରେ ଆୟୋଜିତ ପ୍ରତିଯୋଗିତାରେ ଜିଲାପାଳ ମନୋଜ ସତ୍ୟବାନ୍ ମହାଜନ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ନୂତନ ଶୈଳୀରେ ପାରମ୍ପରିକ ଖାଦ୍ୟ ପ୍ରତି ଆଗ୍ରହ ବଢ଼ାଇବା ପାଇଁ ଏହି ପ୍ରତିଯୋଗିତା ଆୟୋଜିତ କରାଯାଉଥିବା ସେ କହିଥିଲେ। ଅନ୍ୟତମ ଅତିଥିଭାବେ ପ୍ରବେଶନର ଆଇଏଏସ୍ ଫାବି ରସିଦ, ଜିଲା କାର୍ଯ୍ୟନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ବ୍ଲକ ଅଧ୍ୟକ୍ଷା ଦୁଲାରୀ ସୋରେଙ୍ଗ ପ୍ରମୁଖ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଡିପିଏମ୍ ସାମୁଏଲ ଟପ୍ପୋ ପରିଚାଳନା କରିଥିଲେ। ଏହାର ପରିଚାଳନାରେ ଡିପିସି ପ୍ରଶାନ୍ତ ମଲ୍ଲିକ, ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବଡ଼ଗାଁ ବିଡିଓ ଦାୟିତ୍ୱରେ ଥିବା ସୁନୀଲ ବାର୍ଲା, ଜିପିଓ ଆଶୁତୋଷ ମିଶ୍ର, ସିଡିପିଓ ସୁଜାତା ବେଗ୍ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ। ବଡ଼ଗାଁ ବ୍ଲକ ଅଞ୍ଚଳର ୧୫ଟି ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ବିଭିନ୍ନ ପାରମ୍ପରିକ ଖାଦ୍ୟ ପ୍ରଦର୍ଶିତ କରିଥିଲେ। ପ୍ରତିଯୋଗିତାରେ ବଡ଼ଗାଁର ମା' ସରସ୍ୱତୀ ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରଥମ, ସାହାଜବାହାଲ ଗ୍ରାମର ସାଇଶ୍ରୀ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱିତୀୟ ହୋଇଥିଲା। ଜିଲାସ୍ତରୀୟ ପ୍ରତିଯୋଗିତାରେ ଭାଗନେବା ପାଇଁ ଉଭୟ ଏସ୍‌ଏଚ୍‌ଜି ଯୋଗ୍ୟ ବିବେଚିତ ହୋଇଛନ୍ତି। ଖାଦ୍ୟ ପ୍ରତିଯୋଗିତା ଆୟୋଜନ ଓ ପରିଚାଳନାରେ ବଡ଼ଗାଁ ଆଇସିଡିଏସ୍ ଓ ବ୍ଲକ କାର୍ଯ୍ୟାଳୟର କର୍ମଚାରୀମାନେ ସହଯୋଗ କରିଥିଲେ।

କୁତ୍ରା,(ଦେବାଶିଷ ସାହୁ): କୁତ୍ରା ପଞ୍ଚାୟତସ୍ଥିତ କଲ୍ୟାଣ ମଣ୍ଡପଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ମନୋଜ ସତ୍ୟବାନ ମହାଜନ ଯୋଗଦେଇ ଫିତାକାଟି ଉଦ୍‌ଘାଟନ କରିଥିଲେ। ପରେ ପ୍ରତିଯୋଗିତାରେ ଭାଗନେଇଥିବା ମହିଳାମାନଙ୍କ ପାଖକୁ ଯାଇ କ'ଣ ସବୁ ତିଆରି କରିଛନ୍ତି ପଚାରି ବୁଝିବା ସହ ଦେଖିଥିଲେ। ଏହି ଅବସରରେ ତାଙ୍କ ସହ ସିଡିଓ ସୁରଞ୍ଜନ ସାହୁ, ତାଲିମ ନେଉଥିବା ଆଇଏସ୍ ଅଧିକାରିଣୀ ଫାବି ରସିଦ, ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ପଧାନ, ବିଡିଓ ଯୁଗଳ କିଶୋର ବିଶ୍ୱାଳ, ସରପଞ୍ଚ ଭୁବନ କୁଜୁରଙ୍କ ସମେତ ବହୁ ସରକାରୀ ଅଧିକାରୀ ଉପସ୍ଥିତ ଥିଲେ। ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାରେ ୨୨ ଟି ସ୍ୱୟଂସହାୟକ ଗୋଷ୍ଠୀର ମହିଳା ଭାଗ ନେଇଥିଲେ। କୁତ୍ରାର ପଦ୍ମାବତୀ ସ୍ୱୟଂସହାୟକ ଗୋଷ୍ଠୀ ପ୍ରଥମ, ଲକ୍ଷ୍ମୀପ୍ରିୟା ସ୍ୱୟଂସହାୟକ ଗୋଷ୍ଠୀ ଝିରପାଣି ଦ୍ୱିତୀୟ ହୋଇଥିଲା। ଏହି ଅବସରରେ ଜିଲାପାଳ କୁତ୍ରା ବ୍ଲକ୍‌ର ଖୁରାପାଲି ଓ ବିରିଙ୍ଗାଟୋଲିର ଜଳଯୋଗାଣ ପ୍ରକଳ୍ପ ପରିଦର୍ଶନ କରିଥିଲେ।

କୁଆଁରମୁଣ୍ଡା,(ମହେନ୍ଦ୍ର କୁମାର ସାହୁ): ଚାଇନିଜ ଫୁଡ ଭଳି ବିଦେଶୀ ଖାଦ୍ୟକୁ ପରିହାର କରି ସ୍ୱଦେଶୀ ପାରମ୍ପରିକ ଖାଦ୍ୟ ପ୍ରସ୍ତୁତ କରି ତାହାର ଚାହିଦା କିଭଳି ବୃଦ୍ଧି କରାଯାଇପାରିବ ଶୁକ୍ରବାର କୁଆଁରମୁଣ୍ଡା ହରିହର ହାଇସ୍କୁଲରେ ବ୍ଲକସ୍ତରୀୟ ସୁଭଦ୍ରା ଶକ୍ତି ଖାଦ୍ୟ ପ୍ରତିଯୋଗିତାରେ ଅତିଥିଭାବେ ଯୋଗଦେଇ କୁଆଁରମୁଣ୍ଡା ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର ମତବ୍ୟକ୍ତ କରିଛନ୍ତି। ଏହି ପ୍ରତିଯୋଗିତାରେ ବ୍ଲକର ୯ଟି ସ୍ୱୟଂ ସହାୟିକା ଗୋଷ୍ଠୀ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ କୁଆଁରମୁଣ୍ଡା ଭାଲୁଡୁମେରର ସର୍ବ ମଙ୍ଗଳା ଏସଏଚଜି ପ୍ରଥମ ସ୍ଥାନ ହାସଲ କରି ମାନପତ୍ର ସହ ୫ ହଜାର ଟଙ୍କା, ବରଟୋଲିର ସୋନିଆ ଗ୍ରୁପ ୨ୟ ସ୍ଥାନରେ ରହି ମାନପତ୍ର ସହ ୪ ହଜାର ଟଙ୍କା ପୁରସ୍କାର ପାଇଛନ୍ତି। କୃତିତ୍ୱ ହାସଲ କରିଥିବା ଗ୍ରୁପକୁ ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁରଙ୍କ ସହ ଉପସ୍ଥିତ ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତି କେରକେଟା, ବୀରମିତ୍ରପୁର ବିଧାୟକ ରୋହିତ ଜୋସେଫ ତିର୍କୀ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ସୁନୀତା ଅହିର, ସରପଞ୍ଚ ରାଜେଶ ହାସଦା,ଏବିଇଓ ତପସିନୀ ମହାନନ୍ଦିଆ, ବିଏଲସି ରଶ୍ମିତା ବେହେରା ପ୍ରମୁଖ ପୁରସ୍କୃତ କରିଥିଲେ। ପ୍ରତିଯୋଗିତାର ବିଚାରକଭାବେ ଡ. ସୀମା ତିଗ୍ଗା, ତପସିନୀ ବେସନ ଓ ସୀମା ସୁଜାତା ତିର୍କୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ବିଡ଼ିଓ ଜଗଦୀଶ ଚନ୍ଦ୍ର ମହାନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ବେଳେ ଦେବେନ୍ଦ୍ର ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ । ଏବିଡ଼ିଓ ପ୍ରଶାନ୍ତ ଜେନାଙ୍କ ତତ୍ତ୍ୱାବଧାନରେ ବ୍ଲକର କର୍ମଚାରୀମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୁଚାରୁରୂପେ ସଞ୍ଚାଳନ କରିଥିଲେ।

## ସୁଭଦ୍ରା ଶକ୍ତି ଖାଦ୍ୟ ପ୍ରତିଯୋଗିତା

ସବ୍‌ଡେଗା,(ଅନନ୍ତ ପଟେଲ ): ସବ୍‌ଡେଗା ନେତାଜୀ କ୍ଲବ ପରିସରରେ ବ୍ଲକ ପ୍ରଶାସନ ତରଫରୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଶ୍ୱନାଥ ସାହୁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତଳସରା ବିଧାୟକ ତଥା ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପାରମ୍ପରିକ ଖାଦ୍ୟର ଉପାଦେୟତା ତଥା ଉପକାରିତା ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ବିଧାୟକ ପ୍ରତିନିଧି ଗୁଲସନ ବରୁଆ, ସବ୍‌ଡେଗା ସରପଞ୍ଚ ଗଣେଶ ପ୍ରଧାନ, ହମୀରପୁର ସରପଞ୍ଚ ଦୀପାଞ୍ଜଳି ଭୋଇ, ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ମୁକ୍ତେଶରୀ ପଟେଲ, ସମନ୍ୱିତ ଶିଶୁ ପ୍ରକଳ୍ପ ଅଧିକାରୀ ସୁଶୀଲା ରଥ ପ୍ରମୁଖ ଯୋଗଦେଇଥିଲେ। ସବ୍‌ଡେଗା ବ୍ଲକ୍‌ର ବିଭିନ୍ନ ଗ୍ରାମପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟମାନେ ଉପସ୍ଥିତ ଥିଲେ। ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତାରେ ବ୍ଲକ୍‌ରୁ ମୋଟ ୧୨ଟି ସ୍ୱୟଂ ସହାୟକ ଦଳ ଅଂଶ ଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ବସୁନ୍ଧରା ସ୍ୱୟଂ ସହାୟକ ଦଳ ଯମୁନା ପ୍ରଥମ, ଆଦର୍ଶ ସ୍ୱୟଂ ସହାୟକ ଦଳ, କରମଡ଼ିହି ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସବ୍‌ଡେଗା ବ୍ଲକ୍ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ଯୋଗଦାନକରି ପ୍ରଥମ ପୁରସ୍କାର ୫୦୦୦ ଓ ଦ୍ୱିତୀୟ ପୁରସ୍କାର ୪୦୦୦ ଟଙ୍କାର ଚେକ୍ ପ୍ରଦାନ କରି ପୁରସ୍କୃତ କରିଥିଲେ। ସମସ୍ତ ଅଂଶ ଗ୍ରହଣକାରୀ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ଶିକ୍ଷକ ଅର୍ଜୁନ ରୋହିଦାସ ମଞ୍ଚ ପରିଚାଳନା କରିଥିବା ବେଳେ ଏବିଡିଓ ଶଶିଭୂଷଣ ଲାକ୍ରା ଧନ୍ୟବାଦ ଅର୍ପଣ କରିଥିଲେ ।

**ରାଜଗାଙ୍ଗପୁର,(ଅଶୋକ ପାଣି):** ରାଜଗାଙ୍ଗପୁର ବ୍ଲକରେ ଅନୁଷ୍ଠିତ ପ୍ରତିଯୋଗିତାରେ ୨୦ ପଞ୍ଚାୟତର ୧୯ ଏସଏଚଜି ଦଳ ଭାଗନେଇ ବିଭିନ୍ନ ପାରମ୍ପରିକ ପିଠାପଣା କରି ନିଜ ନିଜର ଷ୍ଟଲ ଲଗାଇଥିଲେ। ରାଜଗାଙ୍ଗପୁର ବିଡିଓ ଅକ୍ଷୟ ବାଘ, ତହସିଲଦାର ଜଗବନ୍ଧୁ ମଲ୍ଲିକ, ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର ଜ୍ୟୋତି କୁଜୁର, ସିଡିପିଓ କାମିନି ମାଝି, ପ୍ରତ୍ୟୁଷ ଆଚାର୍ଯ୍ୟ, ବିନୋଦ ଲାକ୍ରାଙ୍କ ସହ ଅନ୍ୟମାନେ ଉପସ୍ଥିତ ରହିଥିଲେ। ଏହି ପ୍ରତିଯୋଗିତାରେ ସାହାରା ଏସଏଚଜି ଦଳ ଚୁଙ୍ଗିମାଟି ପ୍ରଥମ ସ୍ଥାନ ଅଧିକାର କରି ୫୦୦୦ ଟଙ୍କା ଓ ପ୍ରୀତି ଏସଏଚଜି ଦଳ କେଶରାମାଲ ଦ୍ୱିତୀୟ ସ୍ଥାନ ଅଧିକାର କରି ୪୦୦୦ ଟଙ୍କାରେ ପୁରସ୍କୃତ ହୋଇଥିଲେ।

# ବିଶ୍ୱ ପରିବେଶ ଦିବସ ପାଳିତ

ବଡ଼ଗାଁ, ୬।୬(ଅଶୋକ ଷଡ଼ଙ୍ଗୀ)

ବଡ଼ଗାଁ ବ୍ଲକ ବଡ଼ଖମନ ଗ୍ରାମର କାଂଶବାହାଲ ପଡ଼ାରେ ଗୁରୁବାର ସାମାଜିକ ସେବା ସଦନ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଯୋଗଦେଇ ଚାରା ରୋପଣ କରିବା ସହିତ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ଉପରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥିଭାବେ ଜିଲା କୃଷି ଅଧିକାରୀ ଲାଲବିହାରୀ ମଲ୍ଲିକ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଲକ୍ଷ୍ମୀପ୍ରିୟା ପ୍ରଧାନ, ଉପବାଚସ୍ପତିଙ୍କ ପ୍ରତିନିଧି ଅମୀର ନାଏକ, ବଡ଼ଗାଁ କୃଷି ଅଧିକାରୀ ରିତୁରାଣୀ କାଲୋ, ଅବସରପ୍ରାପ୍ତ କୃଷି ଅଧିକାରୀ ପ୍ରଫୁଲ୍ଲ ନାଏକ, ସାମାଜିକ ସେବା ସଦନର ସଂପାଦିକା ବେରୁଣିକା ଡୁଙ୍ଗ୍‌ଡୁଙ୍ଗ ପ୍ରମୁଖ କର୍ମକର୍ତ୍ତା ଯୋଗଦେଇ ଜଳବାୟୁ ପରିବର୍ତ୍ତନ, ପରିବେଶ ସୁରକ୍ଷା, ପ୍ଲାଷ୍ଟିକ୍ ନିବାରଣ, ଜୈବିକ ସାରରେ ସ୍ଥାୟୀ କୃଷି, ପାରମ୍ପରିକ ଚାଷ ପଦ୍ଧତି ଓ ସାମୁଦାୟିକ ଭାଗୀଦାରି ବିଷୟରେ ଆଲୋଚନା ହୋଇଥିଲା। ଗ୍ରାମସ୍ତରରେ ପରିବେଶ ଅନୁକୂଳ କାର୍ଯ୍ୟର ଗୁରୁତ୍ୱକୁ ଉଲ୍ଲେଖ କରି, ଫଳ ଗଛ ରୋପଣରେ ଉତ୍କୃଷ୍ଟ କାମ କରିଥିବା କୃଷକଙ୍କୁ ସମ୍ମାନିତ କରାଯାଇଥିଲା। ସ୍ଥାନୀୟ ଗ୍ରାମବାସୀ, କୃଷକ, ସାମାଜିକ କର୍ମୀମାନେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ପରିବେଶ ସୁରକ୍ଷା ପ୍ରତି ସଙ୍କଳ୍ପବଦ୍ଧ ହେବାକୁ ନିଷ୍ପତ୍ତି ନେଇଥିଲେ। କାର୍ଯ୍ୟକ୍ରମର ସଞ୍ଚାଳନା ଜନ ଟୀର୍କି ଏବଂ ମନୀଷା କୁଜୁର କରିଥିଲେ। ଶେଷରେ ଏଲେକ୍ସଜାଣ୍ଡର କେର୍କେଟା ଧନ୍ୟବାଦ ଜଣାଇ ସମସ୍ତଙ୍କୁ ଭବିଷ୍ୟତରେ ପରିବେଶ ସୁରକ୍ଷା ପ୍ରତି ସଚେତନ ଓ କ୍ରିୟାଶୀଳ ରହିବା ପାଇଁ ପ୍ରେରିତ କରିଥିଲେ। ବଡ଼ଗାଁ ବ୍ଲକର ବିଭିନ୍ନ ଗ୍ରାମରେ ବ୍ଲକ ପ୍ରଶାସନ ପକ୍ଷରୁ ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


ଉପବାଚସ୍ପତି ଚାରା ରୋପଣ କରୁଛନ୍ତି।

# କଳିକା କେନ୍ଦ୍ର ସେବିକାଙ୍କ ତାଲିମ ଶିବିର ଉଦ୍‌ଯାପିତ

ସୁନ୍ଦରଗଡ,୬।୬(ଜୟ ନାରାୟଣ ମେଣ୍ଡୁଲି)

ଜିଲା ସମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ କଳିକା କେନ୍ଦ୍ର ସେବିକାଙ୍କ ତ୍ରିଦିବସୀୟ ତାଲିମ ଶିବିର ଶୁକ୍ରବାର ଶେଷ ହୋଇଛି। ଶ୍ରମଜୀବୀ ମହିଳାଙ୍କ ଶିଶୁର ଯତ୍ନ ନେବାପାଇଁ କଳିକା କେନ୍ଦ୍ର ବା କ୍ରେଚ ସେଣ୍ଟର ଆରମ୍ଭ କରାଯାଇଛି। ୬ମାସରୁ ୩ ବର୍ଷ ବୟସ ଶିଶୁ ଏଠାରେ ରହିବେ। ମା'ମାନେ ଏଠାରେ ତାଙ୍କର ପିଲାଙ୍କୁ ପ୍ରତି ଦିନ ୭ଘଣ୍ଟା ପର୍ଯ୍ୟନ୍ତ ଛାଡି ନିଜ କର୍ମ କ୍ଷେତ୍ରକୁ ଯାଇପାରିବେ। ଏହି କଳିକା କେନ୍ଦ୍ରକୁ ଛାଡୁଥିବା ପିଲାମାନଙ୍କୁ ଏକ ସୁରକ୍ଷିତ ଏବଂ ଏକ ନିରାପଦ ପରିବେଶ ଯୋଗାଇଦିଆଯାଏ। ଯାହା ସେମାନଙ୍କ ଶାରୀରିକ ଓ ମାନସିକ ବିକାଶ ପାଇଁ ସହାୟକ ହୋଇଥାଏ। ଜିଲା ଖଣିଜ ପାଣ୍ଠି ଓ ଓମବାଡ଼ିସିର ସହାୟତାରେ ତଥା ଜିଲା ସମାଜ ମଙ୍ଗଳ ବିଭାଗର ତତ୍ତ୍ୱାବଧାନରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକ ଦ୍ୱାରା ହେମଗିର, ଲେଫ୍ରିପଡ଼ା, ଟାଙ୍ଗରପାଲି, ସୁନ୍ଦରଗଡ, ସବ୍‌ଡେଗା ଓ ବାଲିଶଙ୍କରା ବ୍ଲକରେ ୧୮୨ ଟି କଳିକା କେନ୍ଦ୍ର ପରିଚାଳିତ ହେବାକୁ ଅଛି। ଏହି ପରିପ୍ରେକ୍ଷୀରେ ପ୍ରଥମ ପର୍ଯ୍ୟାୟରେ ଆମ କଳିକା କେନ୍ଦ୍ର ସେବିକାଙ୍କ ପାଇଁ ତିନିଦିନିଆ ଦକ୍ଷତାବୃଦ୍ଧି ପ୍ରଶିକ୍ଷଣ ଶିବିର ସଫଳତାର ସହିତ ଆଞ୍ଚଳିକ ସାଧନ କେନ୍ଦ୍ର, ମହୁଲପାଲିଠାରେ ଆୟୋଜନ କରାଯାଇଛି। ତାଲିମ କାର୍ଯ୍ୟକ୍ରମରେ କଳିକା କେନ୍ଦ୍ରର ଆବଶ୍ୟକତା, ଉଦ୍ଦେଶ୍ୟ, ସେବିକାଙ୍କ ଦାୟିତ୍ୱ, ଶିଶୁ ବିକାଶର ସ୍ତମ୍ଭ ପୋଷଣ, କଳିକା କେନ୍ଦ୍ରର ବିଭିନ୍ନ ସେବା, ପୋଷଣ ଅନୁପୂରକ, ସ୍ୱାସ୍ଥ୍ୟ ଯାଞ୍ଚ ପ୍ରୋଟୋକଲ, ପ୍ରାରମ୍ଭିକ ଶିଶୁ ଦେଖାଶୁଣା ଓ ବିକାଶ ଏବଂ ଅଭ୍ୟାସ ଓ ରେକର୍ଡ ରଖିବା ପ୍ରକ୍ରିୟା ବିଷୟରେ ତାଲିମ ପ୍ରଦାନ କରାଯାଇଥିଲା। ଏଥିସହିତ ସ୍ୱଚ୍ଛତା, ଖେଳ ଆଧାରିତ ଶିକ୍ଷା ଓ ସମୁଦାୟ ଭାଗିଦାରୀ ବିଷୟରେ ଉତ୍ତମ ପ୍ରଥାଗୁଡ଼ିକୁ ଜଣିବାର ସୁଯୋଗ ମଧ୍ୟ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ପ୍ରଶିକ୍ଷାର୍ଥୀ ଭାବେ କାର୍ଯ୍ୟକ୍ରମ ସଂଯୋଜିକା ସଞ୍ଜୁ ପଟେଲ, ତୃପ୍ତିମୟୀ ବେହେରା, କ୍ରେଚ ମ୍ୟାନେଜର ଶିଲ୍ପା ସରେଂଗ , ଆର୍ଟିଲିନା ସରେଂଗ ତଥା କ୍ରେଚ ସୁପରଭାଇଜର ସଂଯୁକ୍ତା ବାରିକ, ଧରିତ୍ରୀ କାଲୋ ଓ ମିନୁ ବୁଢା ଯୋଗଦାନ କରିଥିଲେ। ବିଭାଗୀୟ ଅତିଥିଙ୍କ ମଧ୍ୟରେ ପ୍ରଥମ ଦିବସରେ ଖୁଣ୍ଟଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ସଂଗୀତା ନାଏକ, ଦ୍ୱିତୀୟ ଦିବସରେ ଓମବାଡିସିର ଜୀବନ ଜୀବିକା ବିଶେଷଜ୍ଞ ପୁରୋହିତ ପ୍ରଭାସ ଗିରି, ଜିଲା ସଂଯୋଜକ ସତ୍ୟଜିତ ଭୋଳ ତଥା ତୃତୀୟ ଦିବସରେ ଟାଙ୍ଗରପାଲି ଫାୟାର ଷ୍ଟେସନ ଅଧିକାରୀ ଜୀବଧନ କୁମୁରା ଯୋଗ ଦେଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ ୪ ତାରିଖଠାରୁ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।


ମହିଳାମାନଙ୍କୁ ତାଲିମ ଦିଆଯାଉଛି।

## ଭାଜପାର ଜିଲା ସ୍ତରୀୟ କର୍ମଶାଳା

ସୁନ୍ଦରଗଡ,୬।୬(ଜୟ ନାରାୟଣ ମେଣ୍ଡୁଲି)

କେନ୍ଦ୍ର ସରକାରଙ୍କ ୧୧ବର୍ଷ ଓ ରାଜ୍ୟ ସରକାରଙ୍କ ୧ବର୍ଷ ପୂର୍ତ୍ତି ଅବସରରେ ଶୁକ୍ରବାର ଭାଜପାର ଏକ ଜିଲା ସ୍ତରୀୟ କର୍ମଶାଳା ଆୟୋଜିତ ହୋଇଥିଲା। ଭାଜପା ସୁନ୍ଦରଗଡ ସାଙ୍ଗଠନିକ ଜିଲା ସଭାପତି ଗିରିଶ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସାଧାରଣ ସମ୍ପାଦକ ସୀମାଞ୍ଚଳ ଖଟେଇ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ବିଧାୟିକା କୁସୁମ ଟେଟେ, ପୌରାଧ୍ୟକ୍ଷା ତନୟା ମିଶ୍ର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନରସିଂହ ମିଞ୍ଜ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଖଟେଇ କେନ୍ଦ୍ର ସରକାରଙ୍କ ୧୧ବର୍ଷ ଓ ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଅବସରରେ ଚଳିତ ମାସ ୮ରୁ ୩୦ ତାରିଖ ପର୍ଯ୍ୟନ୍ତ ଜିଲା ସ୍ତରୀୟ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଜିଲା ଓ ମଣ୍ଡଳ ସ୍ତରରେ ବ୍ୟାପକ ଭାବେ ସମସ୍ତ କାର୍ଯ୍ୟକ୍ରମକୁ ସୂଚାରୁରୂପେ ସମ୍ପାଦନ କରିବାକୁ ଉପସ୍ଥିତ ନେତୃବୃନ୍ଦଙ୍କୁ ପରାମର୍ଶ ଦେଇଥିଲେ। ରାଜ୍ୟ ଯୁବ ମୋର୍ଚ୍ଚା ସଦସ୍ୟ ରୂପେଶ ପଟେଲ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଦୀନେଶ କର, ସୁରେନ୍ଦ୍ର ଭିତ୍ରିଆ, ସୁରେଶ ପଟେଲ, ସୁରେନ୍ଦ୍ର ସ୍ୱର୍ଣ୍ଣକାର, ସତ୍ୟବାନ ବିଶି, ଗୁଲସନ ବରୁଆ, ସୁଖଲାଲ ମୁଣ୍ଡା, ଅମିୟ ପଟ୍ଟନାୟକ, ରବିଚନ୍ଦ୍ର ପଟେଲ, ଶକୁନ୍ତଳା କାଲୋ, ସୁଶୀଲ ନନ୍ଦ, ରମେଶ ହାଜରା, ସଞ୍ଜିତ ସାହୁ, ଦଲରସା ଗୁଡିଆ, ପରିକ୍ଷିତ ସାହୁ, ଆଶିଷ ପଟେଲ ପ୍ରମୁଖଙ୍କ ସମେତ ବିଭିନ୍ନ ମଣ୍ଡଳ ଓ ଜିଲା ସ୍ତରୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ସମ୍ବିଧାନ ସୁରକ୍ଷା ପ୍ରତ୍ୟେକ ନାଗରିକଙ୍କ ନୈତିକ ଦାୟିତ୍ୱ

### ଜିଲା କଂଗ୍ରେସର ସମ୍ବିଧାନ ବଞ୍ଚାଅ ସମାବେଶ

ସୁନ୍ଦରଗଡ,୬।୬(ଜୟ ନାରାୟଣ ମେଣ୍ଡୁଲି)

ସମ୍ବିଧାନ ହେଉଛି ଦେଶର ଗଣତନ୍ତ୍ର ଓ ଗଣତାନ୍ତ୍ରିକ ବ୍ୟବସ୍ଥାର ପ୍ରମୁଖ ଅଙ୍ଗ। ମାତ୍ର ବର୍ତ୍ତମାନ ଆମ ଦେଶରେ ରାଜନୈତିକ ଫାଇଦା ହାସଲ ପାଇଁ ସମ୍ବିଧାନକୁ ଦୁର୍ବଳ କରିବାକୁ ଚକ୍ରାନ୍ତ ଚାଲିଛି ବୋଲି କଂଗ୍ରେସ ପକ୍ଷରୁ ଆୟୋଜିତ ସମ୍ବିଧାନ ବଞ୍ଚାଓ ସମାବେଶରେ ଯୋଗଦେଇ ଦଳୀୟ ନେତୃବୃନ୍ଦ ଅଭିଯୋଗ କରିଛନ୍ତି। ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାର ସୁନ୍ଦରଗଡ ଜିଲା କଂଗ୍ରେସ କମିଟି ତରଫରୁ ସ୍ଥାନୀୟ ବିକାଶ ଭବନଠାରେ ସମ୍ବିଧାନ ବଞ୍ଚାଓ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଜିଲା ସଂଯୋଜକ ନିର୍ମଳ କୁମାର ନାଏକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ପ୍ରଦେଶ କଂଗ୍ରେସ କମିଟି ତରଫରୁ ସୁନ୍ଦରଗଡ ଜିଲା ଦାୟିତ୍ୱରେ ଥିବା ପୂର୍ବତନ ବିଧାୟକ ତଥା ପିସିସିର ଉପସଭାପତି ସନ୍ତୋଷ ସିଂ ସାଲୁଜା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ରାଜଗାଙ୍ଗପୁର ବିଧାୟକ ତଥା ପିସିସିର ଉପସଭାପତି ଡାକ୍ତର. ସି. ଏସ. ରାଜେନ ଏକ୍କା, ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବାଚସ୍ପତି ଓ ପୂର୍ବତନ ମନ୍ତ୍ରୀ କିଶୋର ଚନ୍ଦ୍ର ପଟେଲ, ଲକ୍ଷ୍ମୀପୁର (କୋରାପୁଟ) ର ବିଧାୟକ ତଥା ପିସିସିର ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ସିଂ, ଅନିମା ମିଞ୍ଜ, ବରିଷ୍ଠ ଆଡ଼ଭୋକେଟ ଓ କଂଗ୍ରେସ ନେତା ନିମାଇଁ ଚରଣ ନାଏକ, ପୂର୍ବତନ ପିସିସିର ସାଧାରଣ ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀ, ପୂର୍ବତନ ଜିଲା ସଭାପତି ବେଣୁମାଧବ ତ୍ରିପାଠୀ, ପୂର୍ବତନ ବିଧାୟକ ରେମିଶ କେରକେଟ୍ଟା, ଆଲବର୍ଟ କିଣ୍ଡୋ, ଗୋପାଳ ଦାସ, ଦେବେନ୍ଦ୍ର ଭିତିରିଆ ଓ ସୁଧାରାଣୀ ରାଉଡିଆ ପ୍ରମୁଖ ମଞ୍ଚାସିନ ଥିଲେ। ସେମାନେ କହିଛନ୍ତି, ସମ୍ବିଧାନ ଯୋଗୁ ଦେଶର ନାଗରିକ ତାର ନାଗରିକ ଅଧିକାରକୁ ଜାହିର କରିବ ଏବଂ କୌଣସି ପରିସ୍ଥିତିରେ ନାଗରିକ ଅଧିକାରକୁ ଛିନ୍ନକରାଯାଇ ପାରିବ ନାହିଁ। ବର୍ତ୍ତମାନ ଭାରତ ବର୍ଷର ଗଣତନ୍ତ୍ର ଓ ଗଣତାନ୍ତ୍ରିକ ବ୍ୟବସ୍ଥା ଗୁଡିକ ଦୁର୍ବଳ ହେବାକୁ ବସିଲାଣି। ଏଭଳି ସ୍ଥିତିରେ ସମ୍ବିଧାନର ସୁରକ୍ଷା ପାଇଁ ପ୍ରତ୍ୟେକ ନାଗରିକଙ୍କ ନୈତିକ ଦାୟିତ୍ୱ ରହିଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ସଂସଦ ଠାରୁ ସଡକ ପର୍ଯ୍ୟନ୍ତ ଲଢ଼େଇ ଜାରି ରଖିଛନ୍ତି। ଆମକୁ ଲଢ଼େଇ କରିବାକୁ ପଡିବ ଓ ସମ୍ବିଧାନ ବଞ୍ଚିଲେ ଦେଶ ବଞ୍ଚିବ ବୋଲି ନେତବୃନ୍ଦ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଅପରେଶନ ସିନ୍ଦୁରରେ ଲଢ଼େଇ କରି ଆହତ ହୋଇଥିବା ସୁନ୍ଦରଗଡ ଲେଫ୍ରିପଡା ବ୍ଲକ ହରସମରା ଗ୍ରାମର ମନୋହର ଖାଲକୋଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଜିଲା ସଭାପତି ଅଜିତ ପ୍ରସାଦ ଧନ୍ୟବାଦ ଦେଇଥିଲେ।


ସମ୍ବିଧାନ ବଞ୍ଚାଓ ସମାବେଶରେ ମଞ୍ଚାସୀନ ଅତିଥି।

## ସୁନ୍ଦରଗଡ଼ର ୭ ଶିକ୍ଷାନୁଷ୍ଠାନକୁ ପ୍ରକୃତି ମିତ୍ର ପୁରସ୍କାର

ସୁନ୍ଦରଗଡ,୬।୬(ଜୟ ନାରାୟଣ ମେଣ୍ଡୁଲି) : ବିଶ୍ୱ ପରିବେଶ ଦିବସ ଅବସରରେ ସୁନ୍ଦରଗଡର ୭ଟି ଅନୁଷ୍ଠାନକୁ ମିଳିଛି ପ୍ରକୃତି ମିତ୍ର ପୁରସ୍କାର। ଗୁରୁବାର ରାଜ୍ୟ ସ୍ତରୀୟ ବିଶ୍ୱ ପରିବେଶ ଦିବସ ଓ ପ୍ରକୃତି ମିତ୍ର ପୁରସ୍କାର ବିତରଣ ଉତ୍ସବ ଭୁବନେଶ୍ୱର ସ୍ଥିତ ଓୟୁଏଟି ପରିସରରେ ଆୟୋଜିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସମ୍ମାନିତ ଅତିଥିଭାବେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ଖୁଣ୍ଟିଆ ଯୋଗଦେଇ ଓଡ଼ିଶାର ବିଭିନ୍ନ ଜିଲାର ୧୮୫ଟି ଅନୁଷ୍ଠାନକୁ ପ୍ରକୃତି ମିତ୍ର ପୁରସ୍କାର ବିତରଣ କରିଥିଲେ। ସୁନ୍ଦରଗଡ ଜିଲାର ଲେଫ୍ରିପଡା ବ୍ଲକର ଝୁରିମାଲ ସରକାରୀ ପ୍ରାଥମିକ ବିଦ୍ୟାଳୟ, ବଣେଇ ବ୍ଲକର ବଣେଇଗଡ କଲେଜ, କୁତ୍ରା ବ୍ଲକର କଟଙ୍ଗ ଶାନ୍ତଦେବୀ ଉଚ୍ଚ ବିଦ୍ୟାଳୟ, ହେମଗିରି ବ୍ଲକର କେନ୍ଦୁଡିହି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ରାଜଗାଙ୍ଗପୁର ବ୍ଲକର କେଶରାମାଲ ଉଚ୍ଚ ବିଦ୍ୟାଳୟ, ଲାଠିକଟା ବ୍ଲକର ଅସୁରଛାପଲ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ସଦର ବ୍ଲକର ଲେଡିମଙ୍ଗ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟକୁ ଏହି ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକମାନେ ଯୋଗଦେଇ ଏହି ପୁରସ୍କାର ଗ୍ରହଣ କରିଥିଲେ। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ଉପସ୍ଥିତ ରହି ବିଶ୍ୱ ପରିବେଶ ଦିବସ ବିଷୟରେ ଆଲୋକପାତ କରିଥିଲେ।



# ଭିସୁଟ୍ ପରିସରକୁ ପ୍ଲାଷ୍ଟିକ୍‌ମୁକ୍ତ କରିବାକୁ ଆହ୍ୱାନ



ଭିସୁଟ୍‌ରେ ଆୟୋଜିତ ବିଶ୍ୱ ପରିବେଶ ଦିବସ ପାଳନ ଉତ୍ସବରେ ଉପସ୍ଥିତ ଅତିଥି ଓ ଅଂଶଗ୍ରହଣକାରୀ।

**ସମ୍ବଲପୁର, ୬।୬(ପ୍ରମୋଦ ବହିଦାର)**

ବୁର୍ଲା ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱ ବିଦ୍ୟାଳୟ(ଭିସୁଟ୍)ରେ ଶୁକ୍ରବାର ପ୍ରଥମ ଥର ପାଇଁ ବିଶ୍ୱ ପରିବେଶ ଦିବସ-୨୦୨୫ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଭିସୁଟ୍ କୁଳପତି ପ୍ରଫେସର ଦୀପକ କୁମାର ସାହୁ 'ପ୍ଲାଷ୍ଟିକ୍ ପ୍ରଦୂଷଣ ସମାପ୍ତ କରିବା' ଚଳିତବର୍ଷର ଶୀର୍ଷକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ପରିବେଶ ସନ୍ତୁଳନ ବଜାୟ ରଖିବା ଦିଗରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ଜାଗ୍ରତ ଲକ୍ଷ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଭିସୁଟ୍ କୁଳପତି ପ୍ରଫେସର ସାହୁ ନିଜ ଅଭିଭାଷଣରେ ସମଗ୍ର ଭିସୁଟ୍ କ୍ୟାମ୍ପସକୁ ପ୍ଲାଷ୍ଟିକ ମୁକ୍ତ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସେ ଭିସୁଟ୍ ଅଧ୍ୟାପକ ଓ ଗବେଷକମାନଙ୍କୁ ଗବେଷଣା ମାଧ୍ୟମରେ ପ୍ଲାଷ୍ଟିକ୍ ପ୍ରଦୂଷଣ ମୁକ୍ତ ଉତ୍ପାଦ ବିକାଶ କରିବା ସହିତ ପ୍ଲାଷ୍ଟିକ ପ୍ରଦୂଷଣର ମୁକାବିଲା ପାଇଁ ପରିବେଶ ଅନୁକୂଳ ବିକଳ୍ପ ଅନୁସନ୍ଧାନ କରିବାକୁ ପରାମର୍ଶ ଦେଇଥିଲେ।

ଏଥିରେ ଅନ୍ୟମାନଙ୍କ ମଧ୍ୟରେ କୁଳସଚିବ ପ୍ରଦୀପ କୁମାର ଡାଙ୍ଗ, ଛାତ୍ର କଲ୍ୟାଣ ଡିନ୍ ପ୍ରଫେସର ରାକେଶ

### ଭିସୁଟ୍‌ରେ ପ୍ରଥମ ଥର ପାଇଁ ବିଶ୍ୱପରିବେଶ ଦିବସ

ରୋଶନ ଦାସ, ପିଆଇସି, ଉଦ୍ୟାନ କୃଷି ଡ. ପାଣ୍ଡବ ପାତ୍ରୋ, ବିଜୟ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇ ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକ୍‌ର ବ୍ୟବହାର ହ୍ରାସ କରି ପ୍ଲାଷ୍ଟିକ ପ୍ରଦୂଷଣରେ ରୋକ ଲଗାଇବାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସେହିପରି କାର୍ଯ୍ୟକ୍ରମରେ ସମସ୍ତ ଅଂଶଗ୍ରହଣକାରୀ ଦୈନନ୍ଦିନ ଜୀବନରେ ପ୍ଲାଷ୍ଟିକ୍ ବ୍ୟବହାରରୁ ନିବୃତ୍ତ ରହି ଏକ ସବୁଜ ଓ ସହାବସ୍ଥାନ ଉପଯୋଗୀ ଅନୁକୂଳ ପରିବେଶ ସୃଷ୍ଟି ପାଇଁ ଶପଥ ନେଇଥିଲେ। ଏହି ଅବସରରେ ଭିସୁଟ୍ କ୍ୟାମ୍ପସରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଭିସୁଟ୍‌ର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, ଫ୍ୟାକଲ୍ଟି ମେମ୍ବର, କର୍ମଚାରୀ ଓ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ।

# ନିଃଶୁଳ୍କ କିକ୍ ବକ୍ସିଂ ପ୍ରଶିକ୍ଷଣ ଆରମ୍ଭ



କିକ ବକ୍ସିଂ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନୀ ଅବସରରେ ଅତିଥିଙ୍କ ଗହଣରେ ପ୍ରଶିକ୍ଷାର୍ଥୀ।

**ସମ୍ବଲପୁର,୬।୬(ଭବାନୀ ଶଙ୍କର ଭୋଇ)**

ଜେଲଛକ ନିକଟସ୍ଥ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ସମ୍ବଲପୁର କିକ୍ ବକ୍ସିଂ ଆସୋସିଏସନ ପକ୍ଷରୁ ପନ୍ଦର ଦିନିଆ ନିଶୁଳ୍କ କିକ୍ ବକ୍ସିଂ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଜିଲା କିକ୍ ବକ୍ସିଂ ଆସୋସିଏସନ (ୱାକୋ ଓଡିଶା)ର ସମ୍ବଲପୁର ସଭାପତି ଉତ୍ପଳ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲା ଓକିଲ ସଂଘର ପୂର୍ବତନ ସଭାପତି ଡ. ପ୍ରମୋଦ ରଥ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଜାତୀୟ ସ୍ତରର ମାନ୍ୟତାପ୍ରାପ୍ତ କିକ୍ ବକ୍ସିଂ ରେଫରି ସୁବ୍ରତ ପ୍ରଧାନ ଏଥିରେ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସ୍ଥାନୀୟ ବସ୍ତି ଅଞ୍ଚଳର ପନ୍ଦର ବର୍ଷରୁ କମ ବୟସର ଛାତ୍ରୀଛାତ୍ରଙ୍କୁ ମାଗଣାରେ କିକ୍ ବକ୍ସିଂ ପ୍ରଶିକ୍ଷଣ ପ୍ରଦାନ କରାଯିବ। ପନ୍ଦର ଦିନ ପରେ ଯେଉଁ ଛାତ୍ରୀଛାତ୍ରମାନେ ଦକ୍ଷତା ପ୍ରଦର୍ଶନ କରିବେ ସେମାନଙ୍କୁ ଆଗକୁ ମଧ୍ୟ ପ୍ରଶିକ୍ଷଣ ବ୍ୟବସ୍ଥା କରାଯିବ ବୋଲି ଆସୋସିଏସନର ସମ୍ବଲପୁର ସଭାପତି ଦାସ କହିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଡ. ରଥ ବସ୍ତିର ପିଲାଙ୍କୁ ନେଇ ଏଭଳି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରିବା ନେଇ ପ୍ରଶଂସା କରିଥିଲେ। ଏହାସହ ଏଥିରେ ଯୋଗ ଦେଇଥିବା ପ୍ରଶିକ୍ଷାର୍ଥୀମାନେ ପ୍ରଶିକ୍ଷଣ ନେଇ ଆଗକୁ ଏହି ଆତ୍ମରକ୍ଷା କଳାକୁ ଉପଯୋଗ କରନ୍ତୁ ବୋଲି କହିଥିଲେ। ଏହି ଅବସରରେ ସମ୍ବଲପୁରୀ ଡେରା ପରିସରରେ ପ୍ରଶିକ୍ଷଣ ପାଇଁ ବ୍ୟବସ୍ଥା କରାଇ ଥିବାରୁ ପ୍ରଶିକ୍ଷକ ସୁବ୍ରତ ପ୍ରଧାନ ପଶ୍ଚିମାଞ୍ଚଳ ଏକତା ମଞ୍ଚକୁ ଧନ୍ୟବାଦ ଦେଇଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନରେ ସର୍ମିଲ ସାହୁ, ଶିବାଂଶି ତ୍ରୀପାଠୀ, ଶ୍ରୀୟାଂଶୀ ତ୍ରିପାଠୀ, ସଂସ୍କାର ବାଗ, ସୁଭମ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ

**ସମ୍ବଲପୁର,୬।୬(ବି.ଶଙ୍କର)**

ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ଼ (ଟିପିଡବ୍ଲ୍ୟୁଓଡିଏଲ) ପକ୍ଷରୁ ବିଶ୍ୱ ପରିବେଶ ଦିବସ -୨୦୨୫ ବୁର୍ଲାଠାରେ ଥିବା କମ୍ପାନୀର ପ୍ରଯୁକ୍ତିବିଦ୍ୟା କେନ୍ଦ୍ରରେ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ କମ୍ପାନୀର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଏବଂ ସାମାଜିକ କର୍ମୀ, ପରିବେଶ ସୁରକ୍ଷା କର୍ମୀମାନେ ଏକତ୍ରିତ ହୋଇଥିଲେ। ସମସ୍ତେ ପରିବେଶ ଦିବସ ପ୍ରତିଜ୍ଞା କରିଥିଲେ। ଏହାପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମ ମାଧ୍ୟମରେ ଟିପିଡବ୍ଲ୍ୟୁଓଡିଏଲ ପରିବେଶଗତ ଦାୟିତ୍ୱ ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦିଷ୍ଟ କରିଥିଲା। ଅଂଶଗ୍ରହଣକାରୀମାନେ ମିଳିତ ହୋଇ ସ୍ୱଚ୍ଛତା ଅଭିଯାନରେ ଅଂଶଗ୍ରହଣ କରିଥିଲେ। ପରେ ବୁର୍ଲାଠାରେ ଥିବା କମ୍ପାନୀର ପ୍ରଯୁକ୍ତିବିଦ୍ୟା କେନ୍ଦ୍ରରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ମୋଟ ୮୦ଟି ବିଭିନ୍ନ ପ୍ରକାରର ବୃକ୍ଷ ରୋପଣ କରାଯାଇଥିଲା । ଯାହା ଜୈବ ବିବିଧତା ଏବଂ ଏକ ସବୁଜ, ସୁସ୍ଥ ଭବିଷ୍ୟତ ପାଇଁ ଅବଦାନ ରହିଛି। ଏହି କାର୍ଯ୍ୟକ୍ରମର ପ୍ରମୁଖ ଆକର୍ଷଣ ଥିଲା ଜୈବିକ କୃଷକ ବଜାର । ଯେଉଁଠାରେ ସ୍ଥାନୀୟ ଚାଷୀମାନେ ତାଜା, ରାସାୟନିକ ମୁକ୍ତ ଉତ୍ପାଦ ପ୍ରଦର୍ଶନ ଏବଂ ବିକ୍ରୟ କରିଥିଲେ। ଏହା କେବଳ ଜୈବିକ କୃଷିକୁ ସମର୍ଥନ କରି ନ ଥିଲା ବରଂ ଉପସ୍ଥିତ ଲୋକଙ୍କ ମଧ୍ୟରେ ସୁସ୍ଥ, ସ୍ଥାୟୀ ଖାଦ୍ୟ ପସନ୍ଦକୁ ମଧ୍ୟ ଉତ୍ସାହିତ କରିଥିଲା ।



ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସରେ ସାମୂହିକ କାର୍ଯ୍ୟକ୍ରମ।





ଓଡ଼ିଶା ସାଂସ୍କୃତିକ ସମାଜ ଆୟୋଜିତ ବିଶ୍ୱ ପରିବେଶ ଦିବସରେ ଅତିଥିଙ୍କ ସହ ପୁରସ୍କୃତ ଛାତ୍ରୀଛାତ୍ର।

# ଓଡ଼ିଶା ସାଂସ୍କୃତିକ ସମାଜରେ ବିଶ୍ୱ ପରିବେଶ ଦିବସ

**ସମ୍ବଲପୁର,୬।୬(ବି.ଶଙ୍କର)**

### ଅତିଥିଙ୍କ ଦ୍ୱାରା ଛାତ୍ରୀଛାତ୍ର ପୁରସ୍କୃତ

ଓଡିଶା ସାଂସ୍କୃତିକ ସମାଜ ପକ୍ଷରୁ ବିଶ୍ୱ ପରିବେଶ ଦିବସ ଗୁରୁବାର ରାତି ୯ଟାରେ ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ପରେଶ ଦାନୀଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ସଭାରେ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ କୁମାର ସାହୁ ମୁଖ୍ୟ ଅତିଥି ଏବଂ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପରିବେଶ ବିଜ୍ଞାନ ବିଭାଗର ପୂର୍ବତନ ମୁଖ୍ୟ ପ୍ରଫେସର ସଞ୍ଜିତ କୁମାର ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ବର୍ତ୍ତମାନ ପରିବେଶ ପାଇଁ ସୋଲାର ଶକ୍ତି ଦ୍ୱାରା ପରିବେଶ ପ୍ରଦୂଷଣରୁ ରକ୍ଷା କରିପାରିବ । ଏଥିସହ ପ୍ଲାଷ୍ଟିକ୍‌ର ବ୍ୟବହାର ଶେଷ କରିବା ଉପରେ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ଗୁରୁତ୍ୱାରୋପ କରିଥିଲେ। ସମ୍ପାଦକ ଦୀନବନ୍ଧୁ ପଣ୍ଡା ଓଡ଼ିଶା ସାଂସ୍କୃତିକ ସମାଜର ଆଭିମୁଖ୍ୟ ଉପରେ ଆଲୋକପାତ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପରିବେଶ ସୁରକ୍ଷା ସମିତି ଆବାହକ ଦିଲୀପ କୁମାର ବଘାର ପରିବେଶ ସଚେତନତା ନେଇ ଓଡ଼ିଶା ସାଂସ୍କୃତିକ ସମାଜ ବର୍ଷସାରା କାର୍ଯ୍ୟକ୍ରମ କରିଥାଏ ବୋଲି ସୂଚିତ କରିଥିଲେ। ଏହି ଅବସରରେ ବିଶିଷ୍ଟ ପରିବେଶପ୍ରେମୀ ସୁବର୍ଣ୍ଣପୁର ଜିଲା ତରଭା ନିବାସୀ ଗିରିଧାରୀ ଭୋଇଙ୍କୁ ପରିବେଶ ସମ୍ମାନ - ୨୦୨୫ ପ୍ରଦାନ କରାଯାଇଥିଲା। ମାନପତ୍ର ପାଠ କରିଥିଲେ ଡ.ସତ୍ୟନାରାୟଣ ଠାକୁର। ପରିବେଶ ଶୀର୍ଷକ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଉପସଭାପତି ପ୍ରଶାନ୍ତ କୁମାର ପାଢ଼ୀଯୋଷୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଖିଳ ରଞ୍ଜନ ପଟ୍ଟନାୟକ, ତାପସ କୁମାର ଦାସ, କୈଳାଶ ଚନ୍ଦ୍ର ମିସ୍ତ୍ରୀ, ରାମାନୁଜ ପଣ୍ଡା, ପଲଟୁ ଅଗ୍ରୱାଲ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ଭିସୁଟ୍ ଅଧ୍ୟାପକଙ୍କ ନାମରେ ଗବେଷଣା ନକଲ ଅଭିଯୋଗ

**ସମ୍ବଲପୁର,୬।୬(ଭବାନୀ ଶଙ୍କର ଭୋଇ)**

- ଗବେଷଣା ନିବନ୍ଧ ପ୍ରକାଶନରୁ ହଟିଲା
- ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ:କୁଳପତି

ଭିସୁଟ ବୁର୍ଲାରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଥିବା ଜଣେ ପ୍ରଫେସରଙ୍କ ନାମରେ ଗୁରୁତର ଅଭିଯୋଗ ସାମନାକୁ ଆସିଛି। ପ୍ରଫେସରଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ଗବେଷଣା ନିବନ୍ଧଗୁଡିକ ଅନ୍ୟ ଗବେଷକଙ୍କ ପ୍ରକାଶିତ ନିବନ୍ଧରୁ ଚୋରି ତଥ୍ୟ ଉପରେ ଆଧାରିତ ହୋଇଥିବା ନେଇ ଅଭିଯୋଗ ହୋଇଛି। ଏହାକୁ ନେଇ ପାଠକମାନେ କରିଥିବା ଅଭିଯୋଗ ଆଧାରରେ ପ୍ରକାଶିତ ଅନ୍ତରାଷ୍ଟ୍ରୀୟ ଜର୍ଣ୍ଣାଲଗୁଡିକରୁ ସମ୍ପୃକ୍ତ ନିବନ୍ଧଗୁଡ଼ିକୁ ବାଦ୍ ଦିଆଯିବା ଭଳି ଘଟଣା ସାମନାକୁ ଆସିଛି। ଅଧ୍ୟାପକମାନଙ୍କ ପଦୋନ୍ନତି ପାଇଁ ଗବେଷଣା ନିବନ୍ଧ ପ୍ରକାଶନ ଏକ ଆଧାର ହୋଇଥାଏ। ସମ୍ପୃକ୍ତ ପ୍ରଫେସର ଏଭଳି ଚୋରି ନିବନ୍ଧ ପ୍ରକାଶନ କରି ପଦୋନ୍ନତି ପାଇବା ଘଟଣା ଜଣାପଡ଼ିବା ପରେ ଭିସୁଟ ଭଳି ପ୍ରତିଷ୍ଠିତ ଶିକ୍ଷା କେନ୍ଦ୍ରର ସମ୍ମାନ ହାନି ହେଉଥିବା ଅଭିଯୋଗ ହୋଇଛି। ଅଧ୍ୟାପକମାନଙ୍କ କର୍ତ୍ତବ୍ୟ ହେଉଛି ସଚ୍ଚୋଟତା ବଜାୟ ରଖିବା ଏବଂ ତ୍ରୁଟି ହେଲେ ଠିକ ମାର୍ଗ ଦେଖାଇବା। ହେଲେ ଭିସୁଟରେ ଅଧ୍ୟାପକ ହିଁ ଅନ୍ୟ ଗବେଷକଙ୍କ ନିବନ୍ଧ ଚୋରି କରିବା ଭଳି ଗୁରୁତର ଅଭିଯୋଗର ଶିକାର ହେବା ଚିନ୍ତାର କାରଣ ହୋଇଛି। ଅନ୍ତରାଷ୍ଟ୍ରୀୟ ଜର୍ଣ୍ଣାଲ ଗୁଡିକରେ ଗବେଷକଙ୍କ ନାମ ସହିତ ସେ କାର୍ଯ୍ୟ କରୁଥିବା ଶିକ୍ଷାନୁଷ୍ଠାନର ନାମ ଜଡିତ ରହିଥାଏ। ଗବେଷଣା ନିବନ୍ଧ ଉପରେ ପାଠକମାନଙ୍କ ପ୍ରତିକ୍ରିୟା ପରେ ଜର୍ଣ୍ଣାଲର ସମ୍ପାଦକଙ୍କ ପକ୍ଷରୁ ଅଭିଯୋଗ ଉପରେ ସମ୍ପୃକ୍ତ ଗବେଷକଙ୍କ ସ୍ପଷ୍ଟିକରଣ ମଗାଯାଇଥିଲା। ହେଲେ ସନ୍ତୋଷଜନକ ଉତ୍ତର ନ ମିଳିବାରୁ ଗବେଷଣା ପ୍ରବନ୍ଧ ହଟାଇ ଦିଆଗଲା। ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ ଦାଖଲ କରାଯାଇଥିବା ଲିଖିତ ଅଭିଯୋଗ ସତ୍ତ୍ୱେ, ବିଶ୍ୱବିଦ୍ୟାଳୟ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ମଧ୍ୟ ଅଭିଯୋଗ ହେଉଛି। ଏସଂକ୍ରାନ୍ତରେ ଭିସୁଟର କୁଳପତି ପ୍ରଫେସର ଦିପକ କୁମାର ସାହୁ କହିଛନ୍ତି, ମିଳିଥିବା ଅଭିଯୋଗକୁ ନେଇ ବିଶ୍ୱ ବିଦ୍ୟାଳୟ ପକ୍ଷରୁ ତଦନ୍ତ କରାଯାଉଛି। ତାଙ୍କର ଗବେଷଣା ନିବନ୍ଧର ପ୍ରମାଣିକତା ଉପରେ ରିପୋର୍ଟ ମିଳିବା ପରେ ଯଦି କିଛି ନିୟମ ବିରୋଧ ହୋଇଥିବ ତେବେ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ପ୍ଲାଷ୍ଟିକମୁକ୍ତ ସହ ସବୁଜ ବଳୟ ସୃଷ୍ଟି ପାଇଁ ସଚେତନତା

**କୁଚିଣ୍ଡା, ୬।୬(ବିରଞ୍ଚି ଦର୍ଜୀ)**

### ପ୍ରଶାସନ ପକ୍ଷରୁ ବିଶ୍ୱ ପରିବେଶ ଦିବସ

ସମ୍ବଲପୁର ଜିଲା କୁଚିଣ୍ଡା ଉପଖଣ୍ଡ ପ୍ରଶାସନ ପକ୍ଷରୁ ଗୁରୁବାର ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି। ଡେପୁଟି କଲେକ୍ଟର ସରିତା ଓରାମଙ୍କ ନେତୃତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ କୁଚିଣ୍ଡା ଉପଖଣ୍ଡକୁ ଆବର୍ଜନା ଓ ପ୍ଲାଷ୍ଟିକମୁକ୍ତ କରି ପର୍ଯ୍ୟାପ୍ତ ପରିମାଣରେ ଗଛ ଲଗାଇ ପରିବେଶକୁ ସ୍ୱଚ୍ଛ ରଖିବା ଉଦ୍ଦେଶ୍ୟରେ ସଚେତନ କରାଯାଇଥିଲା। ଏହି ଅବସରରେ ଉପଜିଲାପାଳ କାର୍ଯ୍ୟାଳୟ ପରିସରରେ ପଡିଥିବା ପ୍ଲାଷ୍ଟିକ ଓ ଅଳିଆ ଆବର୍ଜନା ଆଦିକୁ ସଫେଇ କରିବା ସହ ପ୍ଲାକାର୍ଡ ଧରି ଲୋକଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆସିଷ୍ଟାଣ୍ଟ କଲେକ୍ଟର ଲୋଚନ ଶବର, ରମେଶ ସାହୁ, ସାଗର ପ୍ରଧାନ, ଷ୍ଟେନୋ ଗୌରୀଶଙ୍କର ମିଶ୍ର, ସେକ୍ସନ ଅଫିସର ଅରୁଣ ଓରାମ, ସ୍ୱାଗତିକା ସାହୁ, ପ୍ରତାପ କିଷାନ, ମମତା ନାୟକ, ଶୁଭମ ସାହୁ, ଆଶୁତୋଷ ପାତ୍ର, ଦିପେଶ ପଟେଲ, ଇତିଶ୍ରୀ ସାହୁ, ଅମ୍ରିତା ରାଉତ, ରଞ୍ଜୟ ଚୌଧୁରୀ, ତ୍ରିଲୋକ ପଟେଲ, କୃପାସିନ୍ଧୁ ପ୍ରଧାନ, ଜିକନ ମହାପାତ୍ର, ତାପସ ରଞ୍ଜନ ମହାପାତ୍ର ପ୍ରମୁଖ ସାମିଲ ହୋଇଥିଲେ।

# ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ୍ ପକ୍ଷରୁ ପରିବେଶ ସପ୍ତାହ

**ସମ୍ବଲପୁର,୬।୬(ବି.ଶଙ୍କର)**

ଜେଏସ୍‌ଡବ୍ଲ୍ୟୁ ବିପିଏସଏଲ ପକ୍ଷରୁ ପରିବେଶ ସପ୍ତାହ ଗତ ମେ ୨୮ରୁ ୫ ତାରିଖ ପର୍ଯ୍ୟନ୍ତ କମ୍ପାନୀ ପରିସରରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସିଓଓ ଉମେଶ ରାୟ , ସିନିୟର ଭିପି – ଅପରେସନ୍ସ ପ୍ରକାଶ ସପ୍ରା, ଭିପି ମୁଖ୍ୟ ଏଚଆର ଜେପି ସିଂହ ଏବଂ ଅନ୍ୟାନ୍ୟ ବରିଷ୍ଠ କାର୍ଯ୍ୟନିର୍ବାହୀ ଏବଂ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ସପ୍ତାହ ବ୍ୟାପି ଚିତ୍ରାଙ୍କନ, ସ୍ଲୋଗାନ, କେସଷ୍ଟଡି ଏବଂ କୁଇଜ୍ ପ୍ରତିଯୋଗିତା ହୋଇଥିଲା। ଏହି କ୍ରମରେ ଜୁନ ୪ରେ ଆକାଂଶା ଲେଡିଜ୍ କ୍ଲବର ସଭାନେତ୍ରୀ ନୀଲମ ସିଂହଙ୍କ ନେତୃତ୍ୱରେ ଗ୍ରୀନାଥନ୍ ପଦଯାତ୍ରା ହୋଇଥିଲା । ଏଥିରେ ପ୍ଲାଷ୍ଟିକ୍ ପ୍ରଦୂଷଣକୁ ପରାସ୍ତ କରନ୍ତୁ ବାର୍ତ୍ତାକୁ ପ୍ରଚାର କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଜେଏସ୍‌ଏସ୍‌ଏ ସ୍କୁଲରେ ବୃକ୍ଷରୋପଣ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ସେହିପରି ଜୁନ୍ ୫ରେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଡାକ୍ତର ସତ୍ୟନାରାୟଣ ନନ୍ଦ ଓ ନୀଲମ ସିଂହ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ କୃତିମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାୟ ୨ହଜାର ବାଳିକା, ବାଳକ, ମହିଳା ଓ ପୁରୁଷ ଅଂଶଗ୍ରହଣ କରିଥିଲେ। ସମସ୍ତେ ପରିବେଶ ସୁରକ୍ଷା ନେଇ ଶପଥ ପାଠ କରିଥିଲେ। ବରିଷ୍ଠ ପରିଚାଳନାଙ୍କ ମାର୍ଗଦର୍ଶନରେ ପରିବେଶ ପରିଚାଳନା, ପ୍ରଶାସନ, ଟାଉନସିପ୍, ଉଦ୍ୟାନ କୃଷି ଏବଂ ସିଏସ୍‌ଆର ଦଳଗୁଡ଼ିକର ପ୍ରୟାସ ଯୋଗୁଁ ସପ୍ତାହ ବ୍ୟାପି ହୋଇଥିବା କାର୍ଯ୍ୟକ୍ରମ ଶତପ୍ରତିଶତ ସଫଳତା ହାସଲ ହୋଇଥିଲା।





ଜେଏସ୍‌ଡବ୍ଲ୍ୟୁ ବିପିଏସ୍‌ଏଲ ଆୟୋଜିତ ପରିବେଶ ସପ୍ତାହରେ ମଞ୍ଚାସୀନ ଅତିଥି ଓ ବକ୍ତାମାନେ ଶପଥ ପାଠ କରୁଛନ୍ତି।

# ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରସ୍ତୁତିକୁ ଗୁରୁତ୍ୱ

**ସମ୍ବଲପୁର,୬।୬(ପ୍ରମୋଦ ବହିଦାର)**

ଜିଲାରେ ସମ୍ଭାବ୍ୟ ବିପର୍ଯ୍ୟୟର ମୁକାବିଲା ପାଇଁ ପ୍ରସ୍ତୁତିକୁ ବିଶେଷ ଗୁରୁତ୍ୱ ଦେବାକୁ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଆହ୍ୱାନ ଦେଇଛନ୍ତି। ଜିଲାପରିଷଦ ସମ୍ମିଳନୀ କକ୍ଷରେ ଶୁକ୍ରବାର ପୂର୍ବାହ୍ନରେ ଜିଲାପାଳ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକରେ ଉପଯୁକ୍ତ ପ୍ରସ୍ତୁତି ଓ ତ୍ରୁଟିବିହୀନ ପରିଚାଳନା ଦ୍ୱାରା ଯେକୌଣସି ବିପର୍ଯ୍ୟୟର ମୁକାବିଲା କରାଯାଇ ପାରିବ ବୋଲି କହିଥିଲେ। ବର୍ଷାଋତୁରେ ସମ୍ଭାବ୍ୟ ବାତ୍ୟା ଓ ବନ୍ୟାର ମୁକାବିଲା ପାଇଁ ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ସଜାଗ ଓ ପ୍ରସ୍ତୁତ ରହିବା ପାଇଁ ସେ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହିପରିପ୍ରେକ୍ଷୀରେ ସେ ନଦୀବନ୍ଧ ସୁଦୃଢ଼ୀକରଣ, ଘେରୀବନ୍ଧର ସୁରକ୍ଷା, ସମ୍ବେଦନଶୀଳ ଆଭ୍ୟନ୍ତରୀଣ ଅଞ୍ଚଳରେ ଶୁଖିଲା ଖାଦ୍ୟ, ଶୁଦ୍ଧ ପାନୀୟ ଜଳ ଯୋଗାଣ, ଡ୍ରେନ ସଫେଇ ପ୍ରତି ସେ ବିଶେଷ ଗୁରୁତ୍ୱାରୋପ କରିଥିଲେ। ସେହିପରି ବର୍ଷା ପରିମାଣ ରେକର୍ଡ କରିବା, ପାଣିପାଗ ସୂଚନା ଅନୁଯାଇ ସତର୍କତା ମୂଳକ ପଦକ୍ଷେପ ଓ ଯନ୍ତ୍ରଚାଳିତ ଡଙ୍ଗାକୁ ପ୍ରସ୍ତୁତ ରଖିବାକୁ ସେ ପରାମର୍ଶ ଦେଇଥିଲେ।

ଏହି ଅବସରରେ ଜିଲାପାଳ ଉପସ୍ଥିତ ଜିଲାସ୍ତରୀୟ ଅଧିକାରୀ ତଥା ବିଭିନ୍ନ ସାମାଜିକ ଅନୁଷ୍ଠାନର ପ୍ରତିନିଧିମାନଙ୍କ ପରାମର୍ଶ ଗ୍ରହଣ କରି ସେମାନଙ୍କ ସହିତ ବିପର୍ଯ୍ୟୟ ପରିଚାଳନା ଜନିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହାବ୍ୟତିତ ବିପର୍ଯ୍ୟୟର ମୁକାବିଲା ଜନିତ ପ୍ରସ୍ତୁତି ପାଇଁ ମକଡ୍ରିଲ ଓ ଆବଶ୍ୟକ ସ୍ଥଳରେ କ୍ଷୟକ୍ଷତି ନିର୍ଦ୍ଧାରଣ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ସେହିପରି ବନ୍ୟା ନିୟନ୍ତ୍ରଣ କକ୍ଷ ଖୋଲା ରହିବା, ପୂର୍ବରୁ ଘାଇ ହୋଇଥିବା ନଦୀ ଓ କେନାଲ ବନ୍ଧ ମରାମତି, ପାଣିପାଗ ସୂଚନା ପାଇଁ ବେତାର ଷ୍ଟେସନର କାର୍ଯ୍ୟକ୍ଷମ, ଟେଲି ଯୋଗାଯୋଗ, ଜିଲାରେ ଥିବା ବିଭିନ୍ନ ବନ୍ୟା ଓ ବାତ୍ୟା ଆଶ୍ରୟ ସ୍ଥଳିଗୁଡ଼ିକୁ ଆଗୁଆ ପ୍ରସ୍ତୁତ କରି ଏଠାରେ ଆବଶ୍ୟକ ସାମଗ୍ରୀ, ପଲିଥିନ ସିଟ୍, ଟେଣ୍ଟ ରଖିବାକୁ ଆଲୋଚନା ହୋଇଥିଲା। ବନ୍ୟା ଅଞ୍ଚଳରେ ସ୍ୱାସ୍ଥ୍ୟ ସୁରକ୍ଷା, ଗୋରୁଗାଈଙ୍କ ପାଇଁ ଗୋଖାଦ୍ୟ ମହଜୁଦ ରଖିବା, ସ୍କୁଲ୍ ଗୃହ, କମ୍ୟୁନିଟି ହଲ, ଅଙ୍ଗନୱାଡି କେନ୍ଦ୍ର ଭଳି ଅସ୍ଥାୟୀ ଆଶ୍ରୟସ୍ଥଳୀ ଗୁଡିକକୁ ମଧ୍ୟ ଆଗୁଆ ପ୍ରସ୍ତୁତ ରଖିବାକୁ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲାପରିଷଦ ଅଧ୍ୟକ୍ଷା କୁମୁଦିନୀ ନାଏକ, ଅତିରିକ୍ତ ଜିଲାପାଳ ଅଶୋକ କୁମାର ଭୋଇ, ସୁଧାଂଶୁ ଶେଖର ଭୋଇ, ଜିଲାପରିଷଦ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ମହାନଗର ନିଗମ ଆୟୁକ୍ତ ବେଦଭୂଷଣ, ଶିକ୍ଷାନବୀଶ ଶୁଭ୍ରା ପଣ୍ଡା, ଫଣିଭୂଷଣ ମିଶ୍ର, ଅନୀଲ ବେହେରା, ଫଣିନ୍ଦ୍ର ପଟ୍ଟନାୟକ ପ୍ରମୁଖଙ୍କ ସହିତ ଜିଲାର ବିଭିନ୍ନ ବିଭାଗର ଅଧିକାରୀ ଓ ସାମାଜିକ ଅନୁଷ୍ଠାନର ପ୍ରତିନିଧିମାନେ ଉପସ୍ଥିତ ଥିଲେ।





ଜିଲା ପରିଷଦ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ବିପର୍ଯ୍ୟୟ ପରିଚାଳନା କମିଟି ବୈଠକରେ ମଞ୍ଚାସୀନ ଅଧିକାରୀ।

### ସମ୍ବଲପୁରରେ ଜିଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ




# ଗାଁରୁ ବାସନ୍ଦ ବ୍ୟକ୍ତିଙ୍କୁ ଠେଙ୍ଗାରେ ପିଟି ହତ୍ୟା

ପାଲଲହଡ଼ା,୬।୬ (ଦିବ୍ୟଜ୍ୟୋତି ଦାଶ)

ଗାଁରୁ ବାସନ୍ଦ ହୋଇଥିବା ଜଣେ ବ୍ୟକ୍ତିଙ୍କୁ ଠେଙ୍ଗାରେ ପିଟି ହତ୍ୟା କରାଯାଇଛି। ରଜ ଦୋଳି କାଠକୁ ନେଇ ବଚସାରୁ ଅନୁଗୋଳ ଜିଲା ପାଲଲହଡ଼ା ଥାନା ବାନ୍ଧଭୂଇଁ ପଞ୍ଚାୟତ ଭୀମକାଣ୍ଡ ଗାଁରେ ଗୁରୁବାର ରାତିରେ ଘଟିଛି ଏହି ଘଟଣା। ଏଥିରେ ଜଣେ ୧୩ ବର୍ଷର ନାବାଳକ ଓ ଅନ୍ୟ ଜଣେ ଯୁବକଙ୍କ ସମ୍ପୃକ୍ତି ଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଭୀମକାଣ୍ଡ ଗ୍ରାମର ନକୁଳ ପ୍ରଧାନ(୫୫)ଙ୍କ ବୋହୂ ବର୍ଷେ ତଳେ ଅନ୍ୟ ଜଣେ ଯୁବକଙ୍କ ସହ ପଳାଇ ଯାଇଥିଲେ। ଏହି ଘଟଣାକୁ ନେଇ ନକୁଳଙ୍କ ପରିବାରକୁ ଜାତିଭାଇମାନେ ସମାଜରୁ ବାସନ୍ଦ କରିଥିଲେ। ତେବେ ରଜ ଦୋଳି ନିର୍ମାଣ ପାଇଁ କାଠ କାମ ଚାଲିଥିବା ବେଳେ ଗାଁର ଯୁବକ ଜିତୁ ପ୍ରଧାନ (୨୩ ) ଏବଂ ଜଣେ ୧୩ ବର୍ଷୀୟ ନବମ ଶ୍ରେଣୀ ଛାତ୍ରଙ୍କ ସହ ନକୁଳଙ୍କ ବଚସା ହୋଇଥିଲା। ୨ ଅଭିଯୁକ୍ତ ଭସ୍ମ ହୋଇଯିବେ ବୋଲି ନକୁଳ ଅଭିଶାପ ଦେଇଥିଲେ। ଏଥିରେ ପ୍ରତିଶୋଧ ପରାୟଣ ହୋଇ ଅଭିଯୁକ୍ତ ଜିତୁ ଏବଂ ସମ୍ପୃକ୍ତ ନାବାଳକ ରାତି ପ୍ରାୟ ୧୦ଟାରେ ଠେଙ୍ଗାରେ ପିଟି ପିଟି ନକୁଳଙ୍କୁ ହତ୍ୟା କରିଥିଲେ। ମୃତଦେହକୁ ଘର ସମ୍ମୁଖ ଆମ୍ବ ଗଛ ନିକଟରେ ଫିଙ୍ଗି ଦୁହେଁ ଫେରାର ହୋଇଯାଇଥିଲେ। ନକୁଳଙ୍କ ପୁଅ ଲୋଚନ ପ୍ରଧାନ ଶୁକ୍ରବାର ଘଟଣା ସମ୍ପର୍କରେ ପୋଲିସକୁ ଖବର ଦେଇଥିଲେ। ପାଲଲହଡ଼ା ଉପଖଣ୍ଡ ପୋଲିସ ଅଧିକାରୀ କୈଳାସ ଚନ୍ଦ୍ର ସେଠୀ, ଥାନା ଆଇଆଇସି ପ୍ରଦୀପ କୁମାର ମହନ୍ତ ସଦଳବଳ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ ଜାରି ରଖିଛନ୍ତି। ଏ ସଂକ୍ରାନ୍ତରେ ଥାନାରେ ୨୧୭/୨୫ରେ ଏକ ମାମଲା ରୁଜୁ କରାଯାଇଛି। ଫେରାର ଥିବା ୨ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ପୋଲିସ ଉଦ୍ୟମ ଚଳାଇଛି।

# ୨ ଭଉଣୀଙ୍କୁ ଅପହରଣ, ଗଣବଳାତ୍କାର

ଗୋପାଳପୁର,୬।୬
(ନବୀନ ରାଜ ଆଚାରୀ)

ବ୍ରହ୍ମପୁର ପୋଲିସ ଜିଲା ଅଧୀନ ଗୋଳନ୍ଥରା ଥାନା ଅଞ୍ଚଳର ଏକ ଗ୍ରାମରୁ ଦୁଇ ନାବାଳିକା (ଉଭୟ ସମ୍ପର୍କୀୟ ଭଉଣୀ)ଙ୍କୁ ପ୍ରଲୋଭନ ଦେଖାଇ ୪ଜଣ ଯୁବକ ଅପହରଣ କରି ଦୁଇ ଦିନ ଧରି ଗଣବଳାତ୍କାର କରିଥିବା ଗୁରୁବାର ରାତିରେ ଗୋଳନ୍ଥରା ଥାନାରେ ଅଭିଯୋଗ ହୋଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ବ୍ରହ୍ମପୁର ଏସ୍‌ପି ସର୍ବଣା ବିବେକ ଏମ୍ ଏହାକୁ ଗୁରୁତର ସହ ନେଇ ଗୋଳନ୍ଥରା ଥାନା ପରିଦର୍ଶନ କରି ବ୍ରହ୍ମପୁର ସଦର ଏସ୍‌ଡିପିଓ ଏବଂ ଥାନା ଅଧିକାରୀଙ୍କ ସହ ଆଲୋଚନା କରିବା ସହ ସ୍ପଟ୍ ଭିଜିଟ୍ କରି ଫେରିଛନ୍ତି। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଏକ ଟିମ୍ ଗଠନ କରାଯାଇଛି।

ଗତ ୧ ତାରିଖରେ ଗଞ୍ଜାମ ଥାନା ଅଞ୍ଚଳର ଏହି ନାବାଳିକା ଦୁଇ ଭଉଣୀ ମା'ଙ୍କ ସହ ଗୋଳନ୍ଥରା ଥାନା ଅଧୀନ ଏକ ଗ୍ରାମରେ ଥିବା ମାମୁଘରକୁ ବୁଲିବାକୁ ଆସିଥିଲେ। ଉଭୟଙ୍କୁ ଗତ ମଙ୍ଗଳବାର ସେହି ଗ୍ରାମର ୪ ଜଣ ଯୁବକ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଡାକିନେଇଥିଲେ। ଅଭିଯୁକ୍ତମାନେ ଦୁଇ ନାବାଳିକାଙ୍କୁ ଗ୍ରାମର ବିଭିନ୍ନ ସ୍ଥାନରେ ରଖି ବାରମ୍ବାର ବଳାତ୍କାର କରିଥିଲେ। ଯୁବକମାନେ ଘଟଣା ସମ୍ପର୍କରେ କାହାକୁ ନ କହିବା ପାଇଁ ସେମାନଙ୍କୁ ଧମକଚମକ ଦେଇ ସେମାନଙ୍କୁ ନେଇ ଅନ୍ୟ ଏକ ଗାଁ ନିକଟରେ ଛାଡ଼ି ପଳାଇଥିଲେ। ପରଦିନ ପୁଣି ସେମାନେ ନାବାଳିକା ଦୁହିଁଙ୍କୁ ଡାକିଥିଲେ ମଧ୍ୟ ଉଭୟେ ଆସି ନ ଥିଲେ। ଅସୁସ୍ଥ ଅନୁଭବ କରି ଦୁଇ ନାବାଳିକା ଚାଲିପାରୁ ନ ଥିବା ଦେଖି ପରିବାର ଲୋକେ ଉଭୟଙ୍କୁ ପଚାରଥିଲେ। ପରେ ଦୁହେଁ ଘଟଣା ସମ୍ପର୍କରେ କହିଥିଲେ। ଗ୍ରାମରେ ଏହି ଖବର ପ୍ରଚାର ହେବା ପରେ ଭଦ୍ରଲୋକଙ୍କ ଉପସ୍ଥିତିରେ ପୀଡ଼ିତା ପରିବାର ଲୋକେ, ୪ ଅଭିଯୁକ୍ତ ଓ ସେମାନଙ୍କ ପରିବାର ଲୋକଙ୍କୁ ନେଇ ଏକ ବୈଠକ ହୋଇଥିଲା। ବୈଠକରେ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରାଯାଇଥିଲା। ଫଳରେ ଏନେଇ କୌଣସି ସମାଧାନ ହୋଇପାରି ନ ଥିଲା। ଏ ନେଇ ପୀଡିତାଙ୍କ ମା'ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ନଂ. ୨୪୦/୨୫ରେ ପୋଲିସ ଏକ ବଳାତ୍କାର ମାମଲା ରୁଜୁ କରିଛି। ଗିରଫ ଭୟରେ ଅଭିଯୁକ୍ତମାନେ ଆନ୍ଧ୍ରପ୍ରଦେଶ ଫେରାର ହୋଇଯାଇଥିବା ଜଣାପଡ଼ିଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ବ୍ରହ୍ମପୁର ଏସ୍‌ପିଙ୍କ ନିର୍ଦ୍ଦେଶରେ ଗୋଳନ୍ଥରା ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କ ନେତୃତ୍ୱରେ ଗଠିତ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଶୁକ୍ରବାର ଗ୍ରାମରେ ପୁଣି ଏକ ବୈଠକ କରି ବଳାତ୍କାର କରିଥିବା ଯୁବକଙ୍କ ପରିବାର ଲୋକେ ଘଟଣାକୁ ରଫାଦଫା କରିଦେବାକୁ ପୀଡିତାଙ୍କ ପରିବାର ଉପରେ ଚାପ ପକାଉଥିବା ଅଭିଯୋଗ ହୋଇଛି। ଅପରାହ୍ନରେ ପୋଲିସ ଦୁଇ ନାବାଳିକାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲରେ ଡାକ୍ତରୀ ମାଇନା କରିବା ପରେ ଶିଶୁ ମଙ୍ଗଳ କମିଟି ନିକଟରେ ହାଜର କରିଛି।

# ସିଏମ୍‌ଓ ଅଫିସ୍ ନାଁରେ ଅଧୀକ୍ଷଣ ଯନ୍ତ୍ରୀଙ୍କଠାରୁ ୨ଲକ୍ଷ ଟଙ୍କା

ଭୁବନେଶ୍ୱର,୬।୬(ସତ୍ୟଜିତ୍ ରାଉତ)

## ଅଭିଯୁକ୍ତଙ୍କୁ ଗିରଫ କଲା ଏୟାରଫିଲ୍ଡ ପୋଲିସ

ନିଜକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟର ଜଣେ କର୍ମଚାରୀ ପରିଚୟ ଦେଇ ଜଣେ ଉଚ୍ଚପଦସ୍ଥ ସରକାରୀ ଅଧିକାରୀଙ୍କଠାରୁ ୨ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୁକ୍ତଙ୍କୁ ଏୟାରଫିଲ୍ଡ ଥାନା ପୋଲିସ ଗିରଫ କରିଛି। ସେ ହେଲେ ଏହି ଥାନା ଅନ୍ତର୍ଗତ ଭୀମଟାଙ୍ଗିରେ ରହୁଥିବା ଜାନକୀବଲ୍ଲଭ ମହାପାତ୍ର। ଠକେଇର ଶିକାର ଅଧିକାରୀ ହେଉଛନ୍ତି ଅନୁଗୋଳ (ରାସ୍ତା ଓ ଗୃହ) ବିଭାଜନର ଅଧିକ୍ଷଣ ଯନ୍ତ୍ରୀ ପ୍ରତାପ କୁମାର ହରିପାଲ। ତାଙ୍କ ଏତଲା ଆଧାରରେ ପୋଲିସ ବିଏନ୍ଏସ୍ ଦଫା ୨୯୬ (ବି), ୩୦୮(୪), ୩୦୮(୫), ୩୫୧(୨)ରେ ମାମଲା (ନଂ.୨୦୧/୨୦୨୫) ରୁଜୁ କରି ପଦକ୍ଷେପ ଗ୍ରହଣ କରିଛି। ତେବେ ଗିରଫ ଅଭିଯୁକ୍ତ ଜାନକୀବଲ୍ଲଭଙ୍କୁ କୋର୍ଟ ଚାଲାଣ ପରେ ତାଙ୍କ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ମାମଲା ଅନୁଯାୟୀ, ଅଭିଯୋଗକାରୀ ହରିପାଲଙ୍କୁ ଜାନକୀ ଗତ ମାସେ ହେବ ମୋବାଇଲ ନଂ.୯୪୩୭୧୧୨୩୭୯ରୁ ବାରମ୍ବାର କଲ୍ କରିଥିଲେ। ଜାନକୀ ସିଏମ୍‌ଓ ଅଫିସରେ କାମ କରୁଥିବା ପରିଚୟ ଦେଇ ହରିପାଲଙ୍କୁ ୨ ଲକ୍ଷ ଟଙ୍କା ମାଗିଥିଲେ। ଟଙ୍କା ନ ପାଇଲେ ମାଲକାନଗିରିକୁ ବଦଳି କରିଦେବେ ବୋଲି ଧମକ ଦେଇଥିଲେ। ଫଳରେ ହରିପାଲ ଭୟଭୀତ ହୋଇପଡିଥିଲେ। ଶେଷରେ ଜାନକୀଙ୍କ ଭିମଟାଙ୍ଗୀସ୍ଥିତ ବାସଭବନକୁ ଯାଇ ତାଙ୍କୁ ୨ ଲକ୍ଷ ଟଙ୍କା ଦେଇଥିଲେ। ହେଲେ ଏହା ପରେ ବି ଜାନକୀ ପୁଣି ଟଙ୍କା ଦାବି କରିଥିଲେ। ଗତ ଜୁନ ୨ରେ ହରିପାଲଙ୍କୁ କଲ୍ କରି ଆଉ ୫ ଲକ୍ଷ ଟଙ୍କା ମାଗିଥିଲେ। ଏଥିରେ ହରିପାଲ କୁଣ୍ଠାବୋଧ କରିବାରୁ ସେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ସମସ୍ୟାରେ ପକାଇ ଦେବାକୁ ଧମକ ଦେଇଥିଲେ। ଏପରିକି ହତ୍ୟା ଧମକ ଦେବା ସହ ସିଧା ଭୀମଟାଙ୍ଗିକୁ ଆସି ୫ ଲକ୍ଷ ଟଙ୍କା ଦେବାକୁ କହିଥିଲେ। ଏନେଇ ହରିପାଲ ଏୟାରଫିଲ୍ଡ ଥାନାରେ ଏତଲା ଦେଇଥିଲେ। ତେବେ ଯନ୍ତ୍ରୀ ଜଣକ ଜାନକୀଙ୍କ କୌଣସି ପରିଚୟପତ୍ର ଯାଞ୍ଚ ନ କରି ୨ ଲକ୍ଷ ଟଙ୍କା ଦେଇଦେବା ଘଟଣା ଚର୍ଚ୍ଚା ସୃଷ୍ଟି କରିଛି। ଗତ ମଙ୍ଗଳବାର ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ ମଧ୍ୟ ଶୁକ୍ରବାର ଘଟଣା ସାମ୍ନାକୁ ଆସିଛି।

# ବୋହୂଙ୍କୁ ଜାଳିଦେଲେ

ଭୋଗରାଇ, ୬।୬(ପ୍ରଦୀପ ଦାସ)

## ଅର୍ଦ୍ଧଦଗ୍ଧ ଅବସ୍ଥାରେ ବାଲେଶ୍ୱର ସ୍ଥାନାନ୍ତର

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ନିମାତପୁର ଗ୍ରାମରେ ଶୁକ୍ରବାର ସକାଳ ୭ଟାରେ ଜଣେ ମହିଳା ଶୋଇଥିବା ବେଳେ ତାଙ୍କ ଶାଶୁ ଓ ଶଶୁର ମିଶି କିରୋସିନ ଢାଳି ନିଆଁ ଲଗାଇଦେଇଛନ୍ତି। ତାଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର କରାଯାଇ ଜଳେଶ୍ୱରପୁର ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ବାଲେଶ୍ୱର ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଶାଶୁ, ଶ୍ୱଶୁରଙ୍କୁ ଥାନାରେ ଅଟକ ରଖି ପୋଲିସ ପଚରାଉଚୁରା କରୁଛି।

ଭୋଗରାଇର ଆରୁହାବୃତ୍ତି – ୧ ଗାଁର ଖଗେନ୍ଦ୍ର ସିଂହଙ୍କ ଝିଅ ସୀତାରାଣୀଙ୍କୁ ନିମାତପୁର ଗାଁର ଗୌରାଙ୍ଗ ଗିରିଙ୍କ ପୁଅ ଚନ୍ଦନ ୨୦୨୧ରେ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ସମସ୍ତ ଯାନି ଯୌତୁକ ଦିଆଯାଇଥିଲା। ବିବାହର କିଛି ବର୍ଷ ପରେ ସ୍ୱାମୀ, ଶାଶୁ, ଶଶୁର ଅଧିକ ଯୌତୁକ ଦାବି କରି ସୀତାରାଣୀଙ୍କୁ ମାଡ଼ ମାରିବା ସହ ଛାଡ଼ପତ୍ର ପାଇଁ ଧମକ ଦେଉଥିଲେ। ଏନେଇ ଗାଁରେ ବାରମ୍ବାର ବିଚାର ହୋଇ ସମାଧାନ ଉଦ୍ୟମ ହୋଇଥିଲା। ଶାଶୁଘର ଲୋକେ ବୋହୂକୁ ଶାରୀରିକ ଓ ମାନସିକ ନିର୍ଯାତନାରୁ ନିବୃତ୍ତ ହେଉ ନଥିଲେ । ୩ମାସ ପୂର୍ବେ ଶାଶୁ ଘର ଲୋକେ ସୀତାରାଣୀଙ୍କୁ ମାଡମାରି ଘରୁ ବାହାର କରି ଦେଇଥିଲେ। ସୀତାରାଣୀ ଏକମାତ୍ର ପୁଅଙ୍କୁ ଧରି ବାପାଙ୍କ ଘରେ ରହୁଥିବାର ଅଭିଯୋଗ ହୋଇଛି। ସ୍ୱାଇଁର କଥା ମାନି ମେ' ୪ତାରିଖରେ ବାପା ଖଗେନ୍ଦ୍ର ନିମାତପୁରରେ ଛାଡି ଆସିଥିଲେ ବୋଲି ଅଭିଯୋଗରେ ଉଲ୍ଲେଖ ରହିଛି। ମାତ୍ର ଶୁକ୍ରବାର ସକାଳେ ଝିଅ ଜଳେଶ୍ୱରପୁର ହସ୍ପିଟାଲରେ ଅର୍ଦ୍ଧ ଦଗ୍ଧ ଅବସ୍ଥାରେ ଚିକିତ୍ସିତ ହେଉଥିବା ବାପଘର ଲୋକେ ଖବର ପାଇଥିଲେ। ଶାଶୁ ରୁକ୍ମିଣୀ ଓ ଶୁଶୁର ଗୌରାଙ୍ଗ ଝିଅକୁ କିରୋସିନ ଢାଳି ନିଆଁ ଲଗାଇ ମାରିଦେବାକୁ ଉଦ୍ୟମ କରିଥିବା ସୀତାରାଣୀଙ୍କ ମା' ପୁଷ୍ପଲତା ଅଭିଯୋଗ ଆଣିଛନ୍ତି। ଜାଇଁ ଚନ୍ଦନଙ୍କ କଥା ଅନୁଯାୟୀ ମା' ବାପା ଏଭଳି କାଣ୍ଡ ଭିଆଇଥିବା ପୁଷ୍ପଲତା ଲିଖିତ ଅଭିଯୋଗ କରିଛନ୍ତି । ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ କରୁଛି।

# ପୋଲିସ ସୂଚନାଦାତା ସନ୍ଦେହରେ ଯୁବକଙ୍କୁ ଅପହରଣ

## ନିସ୍ତୁକ ମାଡ଼ ମାରିଲେ ଚୋରା କୋଇଲା ଚାଲାଣକାରୀ

ଭଦ୍ରକ/ବାସୁଦେବପୁର, ୬।୬(ସନାତନ ରାଉତ/କାଳିପଦ ରାୟ)



ଅପହରଣକାରୀଙ୍କ ମାଡ଼ରେ ଆହତ ପ୍ରତାପ ନାୟକଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ନିଆଯାଉଛି।

କୋଇଲା ଚୋରା ଚାଲାଣ ନେଇ ପୋଲିସକୁ ସୂଚନା ଦେଉଥିବା ସନ୍ଦେହରେ ଯୁବକଙ୍କୁ ଅପହରଣ କରାଯାଇଥିଲା। ତାଙ୍କୁ ନିସ୍ତୁକ ମାଡ଼ ମରାଯିବା ସହ ୭ ଘଣ୍ଟା ଧରି ଅକଥନୀୟ ନିର୍ଯାତନା ଦିଆଯିବାପରେ କୋଇଲା ଚୋରା ଚାଲାଣକାରୀମାନେ ଛାଡ଼ିଛନ୍ତି। ଭଦ୍ରକ ଜିଲା ସଦର ବ୍ଲକ ସାବରଙ୍ଗ ଥାନା ଅଞ୍ଚଳରେ ଗୁରୁବାର ଭୋର୍ ସମୟରେ ଏହି ଘଟଣା ଘଟିଥିବା ବେଳେ ଅପହରଣର ଶିକାର ପରିବିନ୍ଧା ମାରପୁର ଅଞ୍ଚଳର ପ୍ରତାପ ନାୟକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି।

ପ୍ରତାପଙ୍କ କହିବା ଅନୁଯାୟୀ, କେତେଜଣ କୋଇଲା ଚାଲାଣକାରୀ ଓ ତାଙ୍କ ସହଯୋଗୀ ଗୁରୁବାର ଭୋର୍ ସମୟରେ ତାଙ୍କୁ ବନ୍ଧୁକ ଦେଖାଇ ଇଚ୍ଛାପୁର ବଜାରରୁ ଅପହରଣ କରିନେଇଥିଲେ। ଏକ ବୋଲେରୋରେ ତାଙ୍କୁ ନେଇଯାଉଥିବା ବେଳେ ହଳଦୀଡିହ ବାଇପାସ୍ ପରେ ତାଙ୍କ ମୁହଁରେ କଳାଗାମୁଛା ଗୁଡ଼ାଇ ନିସ୍ତୁକ ମାଡ଼ ମାରିଥିଲେ। ୩ଟି ଚାରିଚକିଆ ଓ ୨ଟି ବାଇକ୍‌ରେ ୧୪ରୁ ଊର୍ଦ୍ଧ୍ୱ ଅପହରଣକାରୀ ତାଙ୍କୁ ପ୍ରଥମେ ମୟୂରଭଞ୍ଜ ଜିଲାର ଠାକୁରମୁଣ୍ଡା, ପରେ ବାଲେଶ୍ୱର ଜିଲାର ନୀଳଗିରି ପଞ୍ଚଲିଙ୍ଗେଶ୍ୱର ଜଙ୍ଗଲକୁ ନେଇ ନିସ୍ତୁକ ମାଡ଼ ମାରିଥିଲେ। ତେବେ ଅପହରଣ ବିଷୟରେ ଜାଣିବା ପରେ ପ୍ରତାପଙ୍କ ସ୍ତ୍ରୀ କନକଲତା ସାବରଙ୍ଗ ଥାନାରେ ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ପୋଲିସ ଗୁରୁତ୍ୱ ଦେଇ ନ ଥିଲା। ଶେଷରେ କନକଲତା ପୂର୍ବାଞ୍ଚଳ ଡିଆଇଜି ଡ. ସତ୍ୟଜିତ୍ ନାୟକଙ୍କ ନିକଟରେ ଅଭିଯୋଗ କରିବା ପରେ ସେ ବାଲେଶ୍ୱର ଅତିରିକ୍ତ ଏସ୍‌ପି ଆଲୋକ ରଞ୍ଜନ ରାୟ ଓ ଅନ୍ୟ ଜଣେ ଅଫିସରଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିଲେ। ଅପହରଣର ୭ ଘଣ୍ଟା ପରେ ଅପହରଣକାରୀମାନେ ପ୍ରତାପଙ୍କୁ ଭଦ୍ରକ ରାଣୀତାଲ ନିକଟରେ ଛାଡ଼ି ଫେରାର ହୋଇଯାଇଥିଲେ। ଅତିରିକ୍ତ ଏସ୍‌ପି ରାୟଙ୍କ ନେତୃତ୍ୱରେ ତାଙ୍କୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଉଛି। ୪ ଦିନ ପୂର୍ବରୁ ତାଙ୍କ ସ୍ୱାମୀଙ୍କୁ ଜିଅନ୍ତା ଜାଳିଦେବାକୁ ଧମକ ଦିଆଯାଇଥିଲା ବୋଲି କନକଲତା ଅଭିଯୋଗରେ ଦର୍ଶାଇଛନ୍ତି। ବିଭିନ୍ନ ସମୟରେ କୋଇଲା ଚୋରାଚାଲାଣ ସମ୍ପର୍କରେ ପୋଲିସକୁ ସୂଚନା ଦେଉଥିବା ସନ୍ଦେହ କରି ତାଙ୍କୁ ଅପହରଣ ଓ ଆକ୍ରମଣ କରାଯାଇଥିବା ପ୍ରତାପ କହିଛନ୍ତି। ଏନେଇ ସାବରଙ୍ଗ ଥାନାରେ ଏକ ମାମଲା(ନଂ.୧୨୫/୨୫) ରୁଜୁ କରାଯାଇଛି। ଅପହରଣରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବା ସହ ମାମଲାର ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚକୁ ଦାୟିତ୍ୱ ଦିଆଯିବ ବୋଲି ବାଲେଶ୍ୱର ଅତିରିକ୍ତ ଏସ୍‌ପି କହିଛନ୍ତି।


## ODISHA PUBLIC SERVICE COMMISSION, CUTTACK

### NOTICE

No. 3833/P.S.C., Dt. 05.06.2025
(2PE-01-25/26, DR-I)

**No.D-96** : It is for information of all **16(01-w)** provisionally qualified candidates for recruitment to the posts of **Lecturer in Electronics & Telecommunication Engineering under OTE & TS cadre**, pursuant to **Advt. No. 01 of 2023-24** that, Document Verification & Personality Test for the said post will be held on **24.06.2025**, in the Office of the Commission, at 19, Dr. P.K. Parija Road, Cuttack-753001 as per the programme mentioned below:-

| Sl. No. | Roll No. of Candidates | Date of Document Verification & Personality Test | Time of Reporting by the Candidates | Time of Document Verification | Time of Personality Test |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1. | 100757, 200801, 304388, 304463, 304474, 304482, 304510, 304511, 304577 = **09 Candidates** | 24.06.2025 | 8.00 A.M. | 8.30 A.M. | 10.30 A.M. |
| 2 | 304592, 304650, 304676, 401168, 401225, 501072, 501085 = **07 Candidates** | | 12.00 P.M. | 12.30 P.M. | 2.30 P.M. |

The candidates are required to produce following original documents along with a set of self- attested photocopies of all Certificates/Documents at the time of document verification failing which their candidature will be rejected.

1. **Hard copy** of Online Application Form duly signed in.
2. **Attestation Form** and **Bio-data Form**. (To be downloaded from the website of the Commission)
3. **H.S.C. Or equivalent Certificate** in support of declaration of age.
4. **Intermediate/+2/Diploma Examination Certificate** issued by the concerned Board/ Council.
5. **B.E. / B.Tech.** Degree Certificate in **Electronics & Telecommunication Engineering** from a recognized University.
6. **M.E./ M.Tech.** Degree Certificate in **Electronics & Telecommunication Engineering** from a recognized University, wherever applicable.
7. **Marksheets** of the above examinations passed **(HSC to M.E./M.Tech. Degree)**.
8. Conversion Certificate wherever applicable.
9. **Odia Test Pass Certificate** (M.E. School Standard).
10. **SC/ST Caste Certificate** in support of claim as SC/ST issued by the Competent Authority within the closing date of submission of Online Application, wherever applicable.
11. **SEBC** Certificate issued by the Competent Authority within the last 03 (three) years by the closing date of submission of application, wherever applicable.
12. **Discharge Certificate** in case of Ex-Servicemen issued by the Commanding Officer of the Unit last served. Also, Ex-Servicemen Candidates must furnish an Affidavit regarding not being appointed against any Civil Post (Format of Affidavit is enclosed as Annexure-I to this Notice).
13. **Permanent Disability Certificate** (indicating percentage of Permanent Disability i.e 40% or more) issued by the concerned Medical Board, wherever applicable.
14. Sports Identity Card/Certificate issued by the Director of Sports, Odisha, wherever applicable.
15. If a candidate claims to possess qualification, equivalent to the prescribed qualification, the rule/authority (with number & date) under which it is so treated, must be furnished along with the hard copy of the Online Application.
16. **Four recent Passport Size Photographs (unsigned and unattested)**, which has been uploaded with Online Application Form.
17. **No Objection Certificate** (in case of in-service candidates), wherever applicable.
18. **Document in support of Identity**. (Aadhaar/ DL/ Pan Card/ Voter ID card).
19. Any other document as mentioned in Para-10 of Advt. No. 01 of 2023-24.

**NOTE :-** THE CANIDATES ARE INFORMED THAT, TEACHING ABILITY IS A PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.

**OIPR-12002/11/0238/2526** **Sd./- Secretary**

## ODISHA PUBLIC SERVICE COMMISSION, CUTTACK

### NOTICE

No. 3827/P.S.C., Dt. 05.06.2025
(2PE-02-25/26, DR-I)

**No.D-95** : It is for information of all **05** provisionally qualified candidates for recruitment to the posts of **Lecturer in Electrical Engineering under OTE & TS cadre**, pursuant to **Advt. No. 01 of 2023-24** that, Document Verification & Personality Test for the said post will be held on **23.06.2025**, in the Office of the Commission, at 19, Dr. P.K. Parija Road, Cuttack-753001 as per the programme mentioned below:-

| Sl. No. | Roll No. of Candidates | Date of Document Verification & Personality Test | Time of Reporting by the Candidates | Time of Document Verification | Time of Personality Test |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1. | 303430, 303670, 304085, 304115, 304212 = **05 Candidates** | 23.06.2025 | 8.00 A.M. | 8.30 A.M. | 10.30 A.M. |

The candidates are required to produce following original documents along with a set of self-attested photocopies of all Certificates/Documents at the time of document verification failing which their candidature will be rejected.

1. **Hard copy** of Online Application Form duly signed in.
2. **Attestation Form** and **Bio-data Form**. (To be downloaded from the website of the Commission)
3. **H.S.C. Or equivalent Certificate** in support of declaration of age.
4. **Intermediate/+2/Diploma Examination Certificate** issued by the concerned Board/ Council.
5. **B.E. / B.Tech.** Degree Certificate in **Electrical Engineering** from a recognized University.
6. **M.E./ M.Tech.** Degree Certificate in **Electrical Engineering** from a recognized University, wherever applicable.
7. **Marksheets** of the above examinations passed **(HSC to M.E./M.Tech. Degree)**.
8. Conversion Certificate wherever applicable.
9. **Odia Test Pass Certificate** (M.E. School Standard).
10. **SC/ST Caste Certificate** in support of claim as SC/ST issued by the Competent Authority within the closing date of submission of Online Application, wherever applicable.
11. **SEBC** Certificate issued by the Competent Authority within the last 03 (three) years by the closing date of submission of application, wherever applicable.
12. **Discharge Certificate** in case of Ex-Servicemen issued by the Commanding Officer of the Unit last served. Also, Ex-Servicemen Candidates must furnish an Affidavit regarding not being appointed against any Civil Post (Format of Affidavit is enclosed as Annexure-I to this Notice).
13. **Permanent Disability Certificate** (indicating percentage of Permanent Disability i.e 40% or more) issued by the concerned Medical Board, wherever applicable.
14. Sports Identity Card/Certificate issued by the Director of Sports, Odisha, wherever applicable.
15. If a candidate claims to possess qualification, equivalent to the prescribed qualification, the rule/ authority (with number & date) under which it is so treated, must be furnished along with the hard copy of the Online Application.
16. **Four recent Passport Size Photographs (unsigned and unattested)**, which has been uploaded with Online Application Form.
17. **No Objection Certificate** (in case of in-service candidates), wherever applicable.
18. **Document in support of Identity**. (Aadhaar/ DL/ Pan Card/ Voter ID card).
19. Any other document as mentioned in Para-10 of Advt. No. 01 of 2023-24.

**NOTE :-** THE CANIDATES ARE INFORMED THAT, TEACHING ABILITY IS A PART OF THE INTERVIEW. THEY ARE TO COME PREPARED TO PRESENT A TOPIC OF THEIR CHOICE WITHIN 8 TO 10 MINUTES BEFORE THE INTERVIEW BOARD. WHITE BOARD SHALL BE PROVIDED BY THE COMMISSION FOR THE PURPOSE.

**OIPR-12002/11/0237/2526** **Sd./- Secretary**

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER
## RURAL WORKS CIRCLE, KENDRAPARA-JAJPUR

No.O-251

AT-CHANDIKHOLE, PO-SUNGUDA, JAJPUR-754296, EMAIL-SERW_KPD@YAHOO.COM

Letter No.1772 — **1st Corrigendum Notice** — Date : 31.05.2025

1st Corrigendum to Bid Identification No. Tender Online RCK-09/25 invited this office Letter No.-1575 Dt. - 19.05.2025
The changes as detailed below are hereby made in the above N.I.T. :-

| Procurement Officer | Bid Identification No. | Availability of Tender online for bidding | | Last Date & Time of seeking tender Clarification | | Date & Time of opening of Tender | | | |
|---|---|---|---|---|---|---|---|---|---|
| | | | | | | Technical Bid | | Financial Bid | |
| | | Previously fixed on | Presently Modified | Previously fixed on | Presently Modified | Previously fixed on | Presently Modified | Previously fixed on | Presently Modified |
| Chief Construction Engineer, R.W. Circle, Kendrapara, Jajpur | Tender Online RCK-09/25 | From 28.05.2025 at 11.00 A.M. to 11.06.2025 upto 05.00 P.M. | From 28.05.2025 at 05.00 P.M. to 21.06.2025 upto 05.00 P.M. | 11.06.2025 upto 02.00 P.M. | 21.06.2025 upto 02.00 P.M. | 12.06.2025 at 11.00 A.M. | 21.06.2025 at 11.00 A.M. | Will be intimated later | Will be intimated later |

**All other conditions of NIT remain unaltered.**

**Sd./- Chief Construction Engineer**
**Rural Works Circle, Kendrapara-Jajpur**

**OIPR-25129/11/0049/2526**

## OFFICE OF THE DEPUTY DIRECTOR (P&S) D.P.M.U, NABARANGPUR

**No.X-06:**Applications are invited from Local Youths of the Nabarangpur District to be engaged as enumerator for conduct of field Work pertaining to 7th Minor Irrigation Census and 2nd Census of Water bodies under the supervision of the undersigned.

| Post | No.of Post | Remuneration (In Rs.) | Qualification(s) and Experience |
|---|---|---|---|
| **Enumerator** | **18** | a) Field Allowance @ Rs 900/- & Rs720/- per village for conduct of 7th MI Census and 2nd Census of Water bodies respectively<br>b) Patwari Allowance @Rs300/- per village for conduct of 7th MI Census<br>c) Charges for use of personal mobile devices @Rs750/- for conduct of 2nd Census of Water bodies<br>d) Allowance for attending Training @ Rs.165/- per day<br>e) No TA/DA for conduct of field Work | **[Essential:** Candidates must have passed the 10+2 exam conducted by CHSE, CBSE, ICSE or diploma in Engineering from a recognized institution of the government Candidates must read, write and speak with Odia & English Language. Candidate must have basic Computer Skill. Should have smart phone (Android 10.0 above with access to internet connection RAM should be minimum 6 GB, ROM should be minimum 128 GB, Battery should be minimum 5000 MaH.<br>**Desirable:** Preference will be given to the candidates having experience in conducting data collection by using Digital App of any Govt./Non-Govt. Educational/ Banking Institutions. |

**How to Apply:** The candidates will apply for the post of enumerator through Speed Post/Registered Post or by dropping the application in the Box available in the **O/o the Deputy Director, DPMU, Nabarangpur- 764059.** The detailed advertisement is available at District website **https://nabarangpur.odisha.gov.in.** The Application after due date will not be considered. The starting date of submission of the application **05.06.2025** and date of Closing of receipt of application is **11.06.2025.** The candidates should submit their application duly filled in along with self-attested Photo, copies of the educational qualification, experience, if any within the stipulated dateline. All terms & condition is available in DPMU, Nabarangpur Office interested candidate may collect the same.

OIPR-21039/11/0002/2526 **Sd./- Deputy Director (P&S), D.P.M.U., Nabarangpur**

## ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ
( ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)

Lifeline of Odisha

## ODISHA POWER TRANSMISSION CORPORATION LIMITED
(A Government of Odisha Undertaking)

No.CAD-677

Regd. Office: OPTCL Tech Tower, Janpath, Saheed Nagar, Bhubaneswar-751007

### NOTICE INVITING TENDER

| Sl. No. | Tender Notice No: | Tender Description: |
|---|---|---|
| 1 | 04/BBS/2025-26 | Hiring of commercial registered 7 seater AC Bolero or equivalent on monthly hire basis under EHT (O&M) Circle Bhubaneswar. |
| 2 | 04/2025-26 | Servicing & repairing of Industrial AC installed in Bay kiosk of Grid S/S Bamra and control room AC of Grid S/S Kuarmunda under EHT (O&M) Division, Rajgangpur. |
| 3 | 05/BBSR-DIV/2025-26 | Replacement of Single Suspension Insulator Strings with Double Suspension Insulator Strings of 132kV Chandaka-Nimapara line over different road crossing, parks and canal under EHT (O&M) Division, Bhubaneswar. |
| 4 | 01/2025-26 | Supply of 13 nos. Multi-Function Meter (MFM) Elite 440-446 SECURE make for different Telecom Sections under Telecom Division, Jeypore. |
| 5 | CHP-01/2025-26 | Procurement of Hardware fittings, Clamp and connectors suitable for ACSR twin Zebra conductor for bus Augmentation work of 132/33kV Grid S/S Kharag Prasad under EHT (O&M) Division, Dhenkanal under EHT (O&M) Circle, Chainpal. |

For more details please visit OPTCL's website: **www.optcl.co.in.** FIPR-18/2025-26

OIPR-04011/11/0174/2526 /optcl.odisha /optcl_odisha

# ଗଫ୍-ସାବାଲେଙ୍କା ଫାଇନାଲ ଆଜି

**ଫ୍ରେଞ୍ଚ୍ ଓପନ ଟେନିସ୍**

ପ୍ୟାରିସ୍, ୬।୬(ଏପି)

ବିଶ୍ୱର ଦୁଇ ଶ୍ରେଷ୍ଠ ମହିଳା ଖେଳାଳି ବେଲାରୁଷ୍‌ର ଆରିନା ସାବାଲେଙ୍କା ଓ ଆମେରିକାର କୋକୋ ଗଫ୍‌ଙ୍କ ମଧ୍ୟରେ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ଫାଇନାଲ ଶନିବାର ଅନୁଷ୍ଠିତ ହେବ। ସାବାଲେଙ୍କା ସମ୍ପ୍ରତି ବିଶ୍ୱର ନମ୍ବର ୱାନ୍ ଥିବାବେଳେ ଗଫ୍ ଡବ୍ଲ୍ୟୁଟିଏ ର୍ୟାଙ୍କିଙ୍ଗ୍‌ର ୨ ନମ୍ବର ସ୍ଥାନରେ ଅଛନ୍ତି।


କୋକୋ ଗଫ୍


ଆରିନା ସାବାଲେଙ୍କା

୨୦୨୨ରେ ୧୮ ବର୍ଷ ବୟସରେ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଫାଇନାଲ ହାରିଥିବା ୨୧ ବର୍ଷୀୟ ଗଫ୍ ଏଥର ସାବାଲେଙ୍କାଙ୍କ ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ। ୩ ବର୍ଷ ପୂର୍ବେ ସେ ରୋଲାଣ୍ଡ-ଗାରୋସରେ ପଦାର୍ପଣ କରିଥିଲେ। ସେମିଫାଇନାଲରେ ଏହି ଆମେରିକୀୟ ଖେଳାଳି ୱାଇଲ୍ଡ କାର୍ଡ ଏଣ୍ଟ୍ରି ପାଇଥିବା ୩୬୧ ର୍ୟାଙ୍କ୍‌ପ୍ରାପ୍ତ ଖେଳାଳି ଲୋଇସ ବୋଇସନଙ୍କୁ ୬-୧, ୬-୧ରେ ପରାସ୍ତ କରିଥିଲେ। ଇତିମଧ୍ୟରେ ଗଫ୍ ଜଣେ ଗ୍ରାଣ୍ଡସ୍ଲାମ ଚାମ୍ପିୟନ ହୋଇଯାଇଛନ୍ତି। ୨୦୨୩ରେ ସେ ୟୁଏସ୍ ଓପନ ଟାଇଟଲ ଜିତିଥିଲେ। ସଂଯୋଗ ବଶତଃ ସେ ସେହି ଫାଇନାଲରେ ସାବାଲେଙ୍କାଙ୍କୁ ୨-୬, ୬-୩, ୬-୨ରେ ହରାଇଦେଇଥିଲେ। ତେବେ ନିକଟ ଅତୀତରେ ହୋଇଥିବା ମୁକାବିଲାରେ ଗଫ୍‌ଙ୍କୁ ସାବାଲେଙ୍କା ପରାସ୍ତ କରିଛନ୍ତି। ଏଥର ଫ୍ରେଞ୍ଚ୍ ଓପନ ସେମିଫାଇନାଲରେ ସାବାଲେଙ୍କା ଗତଥରର ଚାମ୍ପିୟନ ଇଗା ସ୍ୱିଟେକ୍‌ଙ୍କୁ ୭-୬ (୧), ୪-୬, ୬-୦ରେ ହରାଇ ଫାଇନାଲରେ ପହଞ୍ଚିଛନ୍ତି। ତେଣୁ ଆଗାମୀ ମୁକାବିଲା ରୋମାଞ୍ଚକ ଏବଂ ସଂଘର୍ଷପୂର୍ଣ୍ଣ ହେବା ଆଶା କରାଯାଉଛି।

## ଫାଇନାଲରେ ଅଲ୍‌କାରାଜ

ବିଶ୍ୱର ୨ ନମ୍ବର ଖେଳାଳି ସ୍ପେନର କାର୍ଲୋସ ଅଲକାରାଜ ଫ୍ରେଞ୍ଚ୍ ଓପନ ଗ୍ରାଣ୍ଡସ୍ଲାମ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ସେ ୮ମ ସିଡ୍ ଇଟାଲିର ଲୋରେଞ୍ଜୋ ମୁସେଟିଙ୍କଠାରୁ ୱାକଓଭର ପାଇ ଟାଇଟଲ ପର୍ଯ୍ୟାୟରେ ପହଞ୍ଚିଛନ୍ତି। ଆହତ ସମସ୍ୟା ଯୋଗୁ ମୁସେଟି ଓହରି ଯିବା ବେଳକୁ ଅଲକାରାଜ ୪-୬, ୭-୬ (୭/୩), ୬-୦, ୨-୦ରେ ଅଗ୍ରଣୀ ରହିଥିଲେ।

**ଇଣ୍ଡହୋଭେନ ଇଭେଣ୍ଟ**

# ଓହରିଲେ ବକ୍ସର ଇମାନେ ଖେଲିଫ

ଇଣ୍ଡହୋଭେନ (ନେଦରଲାଣ୍ଡ୍ସ), ୬।୬ (ଏପି): ଅଲିମ୍ପିକ ଚାମ୍ପିୟନ ଇମାନେ ଖେଲିଫ୍ ଇଣ୍ଡହୋଭେନ ବକ୍ସ କପ୍‌ରୁ ଓହରିଯାଇଛନ୍ତି। ୱାର୍ଲ୍ଡ ବକ୍ସିଂ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାରେ ଭାଗନେବାକୁଥିବା ସମସ୍ତ ବକ୍ସରଙ୍କ ଲାଗି ସେକ୍ସ ଟେଷ୍ଟ ବାଧ୍ୟତାମୂଳକ କରାଯାଇଥିବାରୁ ଖେଲିଫ୍ ଏହି ନିଷ୍ପତ୍ତି ନେଇଛନ୍ତି। ଆଲଜେରିଆର ଏହି ବକ୍ସର ଗତ ପ୍ୟାରିସ୍ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୬ ବର୍ଷୀୟା ଖେଲିଫ୍ ଇଣ୍ଡହୋଭେନ ଟୁର୍ନାମେଣ୍ଟରେ ତାଙ୍କ ଅନ୍ତର୍ଜାତୀୟ ପ୍ରତ୍ୟାବର୍ତ୍ତନ କରିବାକୁ ଚାହୁଁଥିଲେ। ସୂଚନାଯୋଗ୍ୟ, ଲିଙ୍ଗଗତ ଯୋଗ୍ୟତା ପ୍ରସଙ୍ଗ ନେଇ ଖେଲିଫ୍‌ଙ୍କୁ ୨୦୨୩ ବିଶ୍ୱ ଚାମ୍ପିୟନଶିପ୍ ବେଳେ ଏକ ସ୍ୱର୍ଣ୍ଣ ପଦକ ମୁକାବିଲା ପୂର୍ବରୁ ଅଯୋଗ୍ୟ ଘୋଷଣା କରାଯାଇଥିଲା। ଏହାଛଡ଼ା ପ୍ୟାରିସ୍ ଅଲିମ୍ପିକ୍ସ ବେଳେ ମଧ୍ୟ ତାଙ୍କୁ ନେଇ ଏକ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା।

# ଗୁକେଶ ଟାଇଟଲ ନିକଟତର

ଷ୍ଟାଭାଙ୍ଗର, ୬।୬(ପି.ଟି.)

ବିଶ୍ୱ ଚାମ୍ପିୟନ ଭାରତର ଡି. ଗୁକେଶ ଆଉ ଏକ ହର୍ଡଲ୍ସ ଅତିକ୍ରମ କରି ଚାଇନାର ୱେଇ ୟିଙ୍କୁ ହରାଇବା ସହ ନରୱେ ଚେସ୍ ଟାଇଟଲର ନିକଟତର ହୋଇଛନ୍ତି। ୧୦ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାର ୯ମ ରାଉଣ୍ଡରେ ପୂରା ୩ ପଏଣ୍ଟ ହାସଲ କରିଛନ୍ତି ଗୁକେଶ। ଫଳରେ ତାଙ୍କ ପଏଣ୍ଟ ସଂଖ୍ୟା ୧୪.୫ରେ ପହଞ୍ଚିଛି। ପୂର୍ବତନ ବିଶ୍ୱ ଚାମ୍ପିୟନ ନରୱେ ଷ୍ଟାର ମ୍ୟାଗ୍ନସ କାର୍ଲସେନ ୧୫ ପଏଣ୍ଟ ସହିତ ଟେବୁଲର ଶୀର୍ଷରେ ରହିଛନ୍ତି। ୬ ଖେଳାଳିବିଶିଷ୍ଟ ଡବଲ ରାଉଣ୍ଡ ରବିନ ଟୁର୍ନାମେଣ୍ଟର ୯ମ ରାଉଣ୍ଡରେ କାର୍ଲସେନ ଏକଦା ପରାସ୍ତ ହେବା ପୋଜିଶନରେ ଥିଲେ ମଧ୍ୟ ସଫଳ ପ୍ରତ୍ୟାବର୍ତ୍ତନ କରି ଆମେରିକା ଗ୍ରାଣ୍ଡମାଷ୍ଟର ଫାବିଆନୋ କାରୁଆନାଙ୍କୁ ହରାଇବାପରେ ଗୁକେଶଙ୍କଠାରୁ ୦.୫ ପଏଣ୍ଟ ଆଗରେ ରହିଛନ୍ତି। ୧୦ମ ତଥା ଅନ୍ତିମ ରାଉଣ୍ଡରେ ଗୁକେଶ ଆମେରିକାନ୍ ଗ୍ରାଣ୍ଡମାଷ୍ଟର ଫାବିଆନୋ କାରୁଆନାଙ୍କୁ ଭେଟିବେ। ଅନ୍ୟପକ୍ଷରେ କାର୍ଲସେନ ଭାରତର ଅର୍ଜୁନ ଇରିଗାସିଙ୍କ ଚ୍ୟାଲେଞ୍ଜ୍‌ର ସମ୍ମୁଖୀନ ହେବେ। ପ୍ରତିଯୋଗିତାର ଚାମ୍ପିୟନଙ୍କୁ ୬୯,୦୦୦ ଆମେରିକୀୟ ଡଲାର ପୁରସ୍କାର ରାଶି ମିଳିବ। ଗତଥରର କାର୍ଲସେନ ଯଦି ଜିତନ୍ତି ତେବେ ଏହା ତାଙ୍କର ୭ମ ନରୱେ ଚେସ୍ ଟାଇଟଲ ହେବ। ଅନ୍ୟପକ୍ଷରେ ଦ୍ୱିତୀୟ ପଦାର୍ପଣରେ ଗୁକେଶ ପ୍ରଥମଥର ପାଇଁ ଚାମ୍ପିୟନ ହେବା ଆଶା ରଖିଛନ୍ତି।


ଡି. ଗୁକେଶ

**ନରୱେ ଚେସ୍**

ମହିଳା ବର୍ଗରେ ୨ଥର ରାପିଡ୍ ଚାମ୍ପିୟନ ଭାରତର କୋନେରୁ ହମ୍ପି ସୁବର୍ଣ୍ଣ ସୁଯୋଗ ହାତଛଡ଼ା କରି ଚାଇନାର ଲେଇ ଟିଙ୍ଗଜିଙ୍କଠାରୁ ହାରିଯାଇଛନ୍ତି। ପୂର୍ବ ରାଉଣ୍ଡ ସୁଦ୍ଧା ଲିଡର ଥିବା ହମ୍ପି ଏବେ ୧୩.୫ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନକୁ ଖସିଛନ୍ତି। ୩୫ ବର୍ଷୀୟା ୟୁକ୍ରେନ୍ ଗ୍ରାଣ୍ଡମାଷ୍ଟର ଆନା ମୁଝଚୁକ୍ ୧୫.୫ ପଏଣ୍ଟ ସହ ଅଗ୍ରଣୀ ରହିଛନ୍ତି। ହମ୍ପି ଶେଷ ରାଉଣ୍ଡରେ ଚାଇନିଜ୍ ୱାର୍ଲ୍ଡ ଚାମ୍ପିୟନ ଜୁ ୱେନ୍‌ଜୁନ୍‌ଙ୍କୁ ଭେଟିବେ। ଅନ୍ୟପକ୍ଷରେ ମୁଝଚୁକ୍ ଓ ଭାରତର ଆର୍. ବୈଶାଳୀଙ୍କ ମଧ୍ୟରେ ମୁକାବିଲା ହେବ।

# ରୋନାଲ୍‌ଡୋଙ୍କ ରେକର୍ଡ

ୱାଶିଂଟନ, ୬।୬(ଏପି)

ପର୍ତ୍ତୁଗାଲ୍‌ର ଏଭରଗ୍ରୀନ ଷ୍ଟାର ଫୁଟ୍‌ବଲର କ୍ରିଷ୍ଟିଆନୋ ରୋନାଲ୍‌ଡୋ ୪୦ ବର୍ଷ ବୟସରେ ପଦାର୍ପଣ କରିସାରିଲେଣି। ତଥାପି ସେ ରେକର୍ଡ ପ୍ରତିଷ୍ଠା କରିବାରେ ଲାଗିଛନ୍ତି। ନେଶନ୍ସ ଲିଗ୍ ସେମିଫାଇନାଲରେ ପର୍ତ୍ତୁଗାଲ ୨-୧ରେ ଜର୍ମାନୀକୁ ପରାସ୍ତ କରିଛି। ରୋନାଲ୍‌ଡୋ ଏଥିରେ ବିଜୟସୂଚକ ଗୋଲ ସ୍କୋର କରିଛନ୍ତି। ଦଳ ରବିବାର ଫାଇନାଲରେ ସ୍ପେନ୍‌କୁ ଭେଟିବ। ପର୍ତ୍ତୁଗାଲ ପକ୍ଷରୁ ରୋନାଲ୍‌ଡୋଙ୍କର ଏହା ଥିଲା ୧୩୭ତମ ଗୋଲ୍। ଏଥିସହ ଅନ୍ତର୍ଜାତୀୟ ପୁରୁଷ ଫୁଟ୍‌ବଲରେ ସର୍ବାଧିକ ଗୋଲସ୍କୋରର ଭାବେ ସେ ଯେଉଁ ରେକର୍ଡ କରିଛନ୍ତି ତାହାର ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି।


କ୍ରିଷ୍ଟିଆନୋ ରୋନାଲ୍‌ଡୋ

୨୦୨୧ ସେପ୍ଟେମ୍ବରରେ ତାଙ୍କୁ ଯେତେବେଳେ ୩୬ ବର୍ଷ ବୟସ ହୋଇଥିଲା ୟୁରୋପିଆନ ଲିଗ୍‌ରେ ସେ ଆୟର୍ଲାଣ୍ଡ ବିପକ୍ଷରେ ଦୁଇଟି ଗୋଲସ୍କୋର କରିଥିଲେ। ସେତେବେଳେ ପର୍ତ୍ତୁଗାଲ ତରଫରୁ ୧୮୦ ଗେମ୍‌ରେ ୧୧୧ ଗୋଲସ୍କୋର କରି ଇରାନର ଅଲି ଦାଇଙ୍କ ନାମରେ ଥିବା ରେକର୍ଡକୁ ସେ ଭଙ୍ଗ କରିଦେଇଥିଲେ। ରୋନାଲ୍‌ଡୋ ଏବେ ସୁଦ୍ଧା ଭଲ ପ୍ରଦର୍ଶନ ଜାରି ରଖିଛନ୍ତି। ଜୁନ୍ ୧୪ରୁ ଯୁକ୍ତରାଷ୍ଟ୍ର ଆମେରିକାରେ ଆରମ୍ଭ ହେବାକୁଥିବା କ୍ଲବ ବିଶ୍ୱକପ୍‌ରେ ମଧ୍ୟ ସେ ଅଂଶଗ୍ରହଣ କରିବେ। ଏଥିରେ ଭାଗନେଉଥିବା ୩୨ଟି ଦଳ ମଧ୍ୟରୁ ରୋନାଲ୍‌ଡୋ ଯେକୌଣସି କ୍ଲବ ତରଫରୁ ଖେଳିପାରିବେ। ଏଥିପାଇଁ ଟ୍ରାନ୍ସଫର ୱିଣ୍ଡୋ ସୃଷ୍ଟି କରାଯାଇଥିବା ଫିଫା ସଭାପତି ଜିଆନି ଇନ୍‌ଫାଣ୍ଟିନୋ ପ୍ରକାଶ କରିଛନ୍ତି। ସୂଚନା ଯେ, ରୋନାଲ୍‌ଡୋ ସାଉଦି ଟିମ୍ ଅଲ୍ ନାସର ତରଫରୁ ଖେଳୁଥିଲେ। ଜୁନ୍‌ରେ ତାଙ୍କ ଚୁକ୍ତି ମିଆଦ ଶେଷ ହେବ।


ମସ୍କୋ ଉଷୁ ଷ୍ଟାର ଇଣ୍ଟରନ୍ୟାଶନାଲ ପ୍ରତିଯୋଗିତାରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ଓଡ଼ିଶାର ପ୍ରେମ୍ ମୁଣ୍ଡା ୪୮ କେଜି ଏବଂ ରାଜକୁମାର ମୁଣ୍ଡା ୫୨ କେଜି ସିନିୟର ପୁରୁଷ ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

# ବିଶ୍ୱକପ୍ ଯୋଗ୍ୟତା ଲକ୍ଷ୍ୟରେ ଭାରତ

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ୟୁରୋପ ଚରଣ ଆଜିଠାରୁ**

ଆମଷ୍ଟେଲଭିନ, ୬।୬(ପି.ଟି.)

ଭାରତୀୟ ହକି ଦଳର ୟୁରୋପ ଚରଣ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଅଭିଯାନ ଶନିବାରଠାରୁ ଆରମ୍ଭ ହେବାକୁ ଯାଉଛି। ଏହି ପର୍ଯ୍ୟାୟରେ ଭାରତ ପ୍ରଥମ ମ୍ୟାଚ ନେଦରଲାଣ୍ଡ୍ସ ବିପକ୍ଷରେ ଖେଳିବ। ୟୁରୋପ ଚରଣ ପ୍ରତିଯୋଗିତାରୁ ଯଥାସମ୍ଭବ ଅଧିକ ପଏଣ୍ଟ ଅର୍ଜନକରି ଭାରତ ବିଶ୍ୱକପ୍ ପାଇଁ ସିଧାସଳଖ ଯୋଗ୍ୟତା ହାସଲ ଲକ୍ଷ୍ୟରେ ରହିଛି। ଆସନ୍ତା ବର୍ଷ ହକି ବିଶ୍ୱକପ୍‌କୁ ବେଲ୍‌ଜିୟମ ଓ ନେଦରଲାଣ୍ଡ୍ସ ମିଳିତଭାବେ ଆୟୋଜନ କରିବେ। ହରମନପ୍ରୀତ ସିଂଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଏବେ ୮ ମ୍ୟାଚ୍‌ରୁ ୧୫ ପଏଣ୍ଟ ସହିତ ପ୍ରୋ ଲିଗ୍ ଷ୍ଟାଣ୍ଡିଂର ୩ୟ ସ୍ଥାନରେ ଅଛନ୍ତି। ବେଲ୍‌ଜିୟମ ଓ ଇଂଲଣ୍ଡ ୧୬ ପଏଣ୍ଟ ଲେଖାଏ ପାଇ ପ୍ରଥମ ଦୁଇ ସ୍ଥାନରେ ରହିଛନ୍ତି। ୟୁରୋପ ଚରଣରେ ଯଦି ଭାରତ ଅଧିକରୁ ଅଧିକ ପଏଣ୍ଟ ହାସଲ କରିବ ତେବେ ଟେବୁଲର ଶୀର୍ଷରେ ରହି ସିଧାସଳଖ ବିଶ୍ୱକପ୍ ଯୋଗ୍ୟତା ପାଇପାରିବ।

ଚଳିତ ବର୍ଷ ପ୍ରାରମ୍ଭରେ ଭୁବନେଶ୍ୱରରେ ଅନୁଷ୍ଠିତ ପ୍ରୋ ଲିଗ୍‌ର ଘରୋଇ ଚରଣରେ ଭାରତ ୮ ମ୍ୟାଚ୍‌ରୁ ୫ଟିରେ ବିଜୟ ହାସଲ କରିଥିଲା। ୟୁରୋପ ଚରଣରେ ଭାରତ ୭ ଓ ୯ ତାରିଖରେ ନେଦରଲାଣ୍ଡ୍ସ ବିପକ୍ଷରେ କ୍ରମାଗତ ୨ଟି ମ୍ୟାଚ୍ ଖେଳିବ। ଏହାପରେ ଆର୍ଜେଣ୍ଟିନାକୁ ୧୧ ଓ ୧୨, ଅଷ୍ଟ୍ରେଲିଆକୁ ୧୪ ଓ ୧୫ ଏବଂ ବେଲ୍‌ଜିୟମକୁ ୨୧ ଓ ୨୨ ତାରିଖରେ ଭେଟିବ। ବେଲ୍‌ଜିୟମ ଘରୋଇ ପରିବେଶରେ ଏହାର ମ୍ୟାଚ୍ ଆଣ୍ଟୱେର୍ପଠାରେ ଖେଳିବ। ୟୁରୋପ ଚରଣ ପାଇଁ ତାରକା ଡ୍ରାଗ୍‌ଫ୍ଲିକର ହରମନପ୍ରୀତ ଭାରତୀୟ ଦଳର ଅଧିନାୟକ ଏବଂ ମିଡ୍‌ଫିଲ୍ଡ ସ୍ପେଶାଲିଷ୍ଟ ହାର୍ଦ୍ଦିକ ପାଣ୍ଡ୍ୟା ଉପଅଧିନାୟକ ମନୋନୀତ ହୋଇଛନ୍ତି। କ୍ରିଶନ ବାହାଦୁର ପାଠକ ଓ ସୂରଜ କରକେରା ଗୋଲକିପିଂ ଦାୟିତ୍ୱରେ ଥିବାବେଳେ ଅମିତ ରୋହିଦାସ, ହରମନପ୍ରୀତ ସିଂ, ଯୁଗରାଜ ସିଂ, ଜରମନପ୍ରୀତ ସିଂ, ସଞ୍ଜୟ ଓ ନିଲମ ସଞ୍ଜୀପ ଖେସ୍ ରକ୍ଷଣଭାଗ ସମ୍ଭାଳିବେ। ମିଡ୍‌ଫିଲ୍ଡରେ ପୂର୍ବତନ ଅଧିନାୟକ ମନପ୍ରୀତ ସିଂ, ହାର୍ଦ୍ଦିକ, ବିବେକ ସାଗର ପ୍ରସାଦ, ନୀଳକାନ୍ତ ଶର୍ମା, ଶମ୍‌ଶେର ସିଂ, ରାଜକୁମାର ପାଲ ଓ ରାଜିନ୍ଦର ସିଂ ରହିବେ ଏବଂ ଗୁର୍‌ଜାନ୍ତ ସିଂ, ଅଭିଷେକ, ଶୀଳାନନ୍ଦ ଲାକ୍ରା, ମନଦୀପ ସିଂ, ଲଳିତ କୁମାର ଉପାଧ୍ୟାୟ, ଦିଲପ୍ରୀତ ସିଂ ଓ ସୁଖଜିତ ସିଂ ଫରୱାର୍ଡ ଦାୟିତ୍ୱ ନିର୍ବାହ କରିବେ। ମୁଖ୍ୟ କୋଚ୍ କ୍ରେଗ୍ ଫୁଲ୍‌ଟନ ଯୁବ ଖେଳାଳିଙ୍କୁ ପରୀକ୍ଷା ନିରୀକ୍ଷା କରିବା ଅପେକ୍ଷା ଅଭିଜ୍ଞତାକୁ ଗୁରୁତ୍ୱ ଦେଇଛନ୍ତି। ''ବିଶ୍ୱକପ୍‌କୁ ସିଧାସଳଖ ଯୋଗ୍ୟତା ହାସଲ ସୁଯୋଗ ଥିବାରୁ ତାହାକୁ ଲକ୍ଷ୍ୟରେ ରଖି ଦଳ ଚୟନ କରାଯାଇଛି'' ବୋଲି ଫୁଲ୍‌ଟନ ପ୍ରକାଶ କରିଛନ୍ତି। ତେବେ ପେନାଲ୍ଟି କର୍ନର କନ୍‌ଭର୍ସନ ସମେତ ଅନେକ ଦୁର୍ବଳ ଏରିଆ ରହିଛି, ଯାହା ଉପରେ କାମ କରିବା ଆବଶ୍ୟକ ଅଛି ବୋଲି ସେ ସ୍ୱୀକାର କରିଛନ୍ତି।

# ୱାଲ୍ଟର ନ୍ୟୁଜିଲାଣ୍ଡର ମୁଖ୍ୟ କୋଚ୍

ୱେଲିଂଟନ, ୬।୬(ଏପି)

ନ୍ୟୁଜିଲାଣ୍ଡ ପୁରୁଷ କ୍ରିକେଟ୍ ଦଳର ସମସ୍ତ ତିନୋଟି ଫର୍ମାଟ୍‌ପାଇଁ ମୁଖ୍ୟ କୋଚ୍ ହୋଇଛନ୍ତି ରବ୍ ୱାଲ୍ଟର। ଗ୍ୟାରି ଷ୍ଟେଡ୍‌ଙ୍କ ସ୍ଥାନରେ ତାଙ୍କୁ ଏହି ନିଯୁକ୍ତି ମିଳିଛି। ୱାଲ୍ଟର ୨୦୨୩ ଜାନୁଆରୀରୁ ଚଳିତବର୍ଷ ଏପ୍ରିଲ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକା ଦିନିକିଆ ଓ ଟି୨୦ ଫର୍ମାଟ୍ କ୍ରିକେଟ ଦଳର କୋଚ୍ ରହିଥିଲେ। ଏହା ପୂର୍ବରୁ ସେ ନ୍ୟୁଜିଲାଣ୍ଡର ଓଟାଗୋ ପ୍ରୋଭିନ୍ସ ଏବଂ ସେଣ୍ଟ୍ରାଲ ଡିଷ୍ଟ୍ରିକ୍ଟସ ଆସୋସିଏଶନର ୫ ବର୍ଷ ଧରି କୋଚ୍ ରହିଥିଲେ। ୱାଲ୍ଟରଙ୍କ ତତ୍ତ୍ୱାବଧାନରେ ଦକ୍ଷିଣ ଆଫ୍ରିକା ୨୦୨୩ ବିଶ୍ୱକପ୍ ଏବଂ ଚଳିତବର୍ଷ ପ୍ରାରମ୍ଭରେ ଦିନିକିଆ ଫର୍ମାଟ ଚାମ୍ପିୟନ୍ସ ଟ୍ରଫିରେ ସେମିଫାଇନାଲ ଏବଂ ଗତବର୍ଷ ଟି୨୦ ବିଶ୍ୱକପ୍ ଫାଇନାଲରେ ପ୍ରବେଶ କରିଥିଲା। ଅନ୍ୟପକ୍ଷରେ ଷ୍ଟେଡ୍ ୨୦୧୮ରୁ ଚଳିତ ସପ୍ତାହ ପ୍ରାରମ୍ଭ ପର୍ଯ୍ୟନ୍ତ ନ୍ୟୁଜିଲାଣ୍ଡର ସମସ୍ତ ୩ଟି ଫର୍ମାଟ୍‌ର ମୁଖ୍ୟ କୋଚ୍ ଦାୟିତ୍ୱରେ ଥିଲେ। ସେତେବେଳେ ନ୍ୟୁଜିଲାଣ୍ଡ କ୍ରିକେଟ ତାଙ୍କୁ ବହିଷ୍କାର କରିବାକୁ ଚାହିଁଥିଲା।

# ବେଆଇନ ବେଟିଂ, ଗ୍ୟାମ୍ବଲିଂ: ୨ ଗିରଫ

ନୂଆଦିଲ୍ଲୀ, ୬।୬(ପି.ଟି.)

ଆଇପିଏଲ୍ ଓ ଟି୨୦ ବିଶ୍ୱକପ୍ ବେଳେ ବେଆଇନ ଅନ୍‌ଲାଇନ୍ ବେଟିଂ ଓ ଗ୍ୟାମ୍ବଲିଂ ଚାଲିଥିଲା। ଏଥିପାଇଁ ଧରପଗଡ଼ ଚାଲିଛି। ବେଆଇନ ଟଙ୍କା କାରବାର କରାଯାଉଥିବା ସନ୍ଦେହରେ ୭୬୬ ବ୍ୟାଙ୍କ ଆକାଉଣ୍ଟକୁ ବର୍ତ୍ତମାନ ପାଇଁ ଅଚଳ କରିଦିଆଯାଇଛି। ବେଟିଂ ରାକେଟ୍‌ର ଅଂଶବିଶେଷ ମନିଲଣ୍ଡରିଂ କାର୍ଯ୍ୟରେ ଲିପ୍ତ ଥିବା ଅଭିଯୋଗରେ ୨ଜଣଙ୍କୁ ଗିରଫ କରାଯାଇଥିବା ଏଜେନ୍ସି ତରଫରୁ ସୂଚନା ଦିଆଯାଇଛି। ଏହିସବୁ କାର୍ଯ୍ୟ ପଶ୍ଚିମବଙ୍ଗ, ଦିଲ୍ଲୀ, ବିହାର, ଉତ୍ତର ପ୍ରଦେଶ ଓ ଆସାମରେ ହୋଇଥିବା ଜଣାପଡ଼ିଛି। ଖବର ଅନୁସାରେ, ଇତିମଧ୍ୟରେ ୱେଷ୍ଟବେଙ୍ଗଲ ଗ୍ୟାମ୍ବଲିଂ ଓ ପ୍ରାଇଜ୍ କମ୍ପିଟିଶନ ଆକ୍ଟ, ୧୯୫୭ ଏବଂ ଭାରତୀୟ ପିଙ୍ଗଳ କୋଡ୍‌ର ବିଭିନ୍ନ ଧାରା ଅଧୀନରେ ପଶ୍ଚିମବଙ୍ଗ ଅନ୍ତର୍ଗତ ସିଲିଗୁଡ଼ି ପୋଲିସ ଥାନାରେ ମନି ଲଣ୍ଡରିଂ ମାମଲା ରୁଜୁ କରାଯାଇଛି।







Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ